

କୋରିଆ ଇଣ୍ଟରନ୍ୟାସନାଲ ସହ ଆଲୋଚନା | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ସାଉଥରେ ଡେବ୍ୟୁ କରିବେ ମୋନାଲିସା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୪୯ Vol. 22 No-149 29 AUGUST 2025 FRIDAY, BHUBANESWAR ଶୁକ୍ରବାର, ୨୯ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ବିହାରରେ ହାଇଆଲର୍ଟ

# ପଶିଗଲେ ୩ ପାକିସ୍ତାନୀ ଆତଙ୍କୀ





- ନେପାଳ ସୀମାଦେଇ ପ୍ରବେଶ ସୂଚନା
- ନାମ ସହ ଫଟୋ ଜାରିକଲା ପୋଲିସ
- ସୀମାନ୍ତରେ କଡ଼ା ସୁରକ୍ଷା, ଯାଞ୍ଚ କଡ଼ାକଡ଼ି
- ସୂଚନାଦାତାଙ୍କୁ ୫୦ହଜାର ଟଙ୍କାର ପୁରସ୍କାର

ନୂଆଦିଲ୍ଲୀ/ପାଟନା, ୨୮।୮: ବିହାରରେ ହାଇଆଲର୍ଟ। ପଶିଗଲେ ୩ ପାକିସ୍ତାନୀ ଆତଙ୍କବାଦୀ। ଏ ନେଇ ସୂଚନା ଦେଇଛନ୍ତି ବିହାର ମୋତିହାରି ଏସ୍‌ପି ସ୍ୱର୍ଣ୍ଣ ପ୍ରଭାତ। ସେ କହିଛନ୍ତି, ବିହାରରେ ୩ ଆତଙ୍କବାଦୀଙ୍କ ପ୍ରବେଶ ନେଇ ଗୁଇନ୍ଦା ସୂଚନା ମିଳିବା ପରେ ସାରା ରାଜ୍ୟରେ ହାଇଆଲର୍ଟ ଜାରି କରାଯାଇଛି। ଏହି ୩ ଆତଙ୍କବାଦୀମାନେ ନେପାଳ ଦେଇ ବିହାରରେ ପ୍ରବେଶ କରିଥିବା ସୂଚନା ମିଳିଛି। ଗୁଇନ୍ଦା ସୂଚନା ଆଧାରରେ ୩ ଆତଙ୍କବାଦୀଙ୍କ ଫଟୋ ସହ ସେମାନଙ୍କ ନାମ ମଧ୍ୟ ଜାରି କରାଯାଇଛି। ସେହି ତିନିଜଣ ଆତଙ୍କବାଦୀ ଜୈସ-ଏ-ମହମ୍ମଦ ଆତଙ୍କୀ ସଂଗଠନ ସହ ଜଡ଼ିତ ବୋଲି ସୂଚନା ମିଳିଛି। ଏ ସମସ୍ତେ ପାକିସ୍ତାନର ହୋଇଥିବାବେଳେ ହସନୈନୀ ଅଲ୍ଲୀଙ୍କ ଘର ରାୱଲପିଣ୍ଡି ବୋଲି ପୋଲିସ ସୂଚନା ଦେଇଛି। ସେହିପରି ଆଦିର ହୁସେଲ ବାହାବଲପୁରର ବାସିନ୍ଦା ହୋଇଥିବାବେଳେ ମହମ୍ମଦ ଉସ୍ମାନ ଉମରକୋଟର ବୋଲି ସୂଚନା ଦିଆଯାଇଛି। ସେମାନଙ୍କ ସଂପର୍କରେ ଯେଉଁମାନେ ସୂଚନା ଦେବେ ସେମାନଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ଏସ୍‌ପି କହିଛନ୍ତି ଯେ ସୀମାନ୍ତରେ • ପୃଷ୍ଠା ୫ ଦେଖନ୍ତୁ

## ଦିଲ୍ଲୀରେ ବୋମା ଧମକ

ନୂଆଦିଲ୍ଲୀ, ୨୮।୮: ନୂଆଦିଲ୍ଲୀରେ ସ୍କୁଲ ପରେ ଏବେ ୨୦ରୁ ଅଧିକ କଲେଜକୁ ବୋମା ଧମକ ମିଳିଛି। ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଏହି ସୂଚନା ମିଳିବା ପରେ ଆଲୋଡନ ସୃଷ୍ଟି ହୋଇଛି। ଚାଣକ୍ୟପୁରୀର ଯୀଶୁ ଏବଂ ମେରୀ କଲେଜ ସମେତ ୨୦ କଲେଜକୁ ଧମକପୂର୍ଣ୍ଣ ଇ-ମେଲ ମିଳିବା ପରେ ପୋଲିସର ବମ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କୌଣସି ବିସ୍ଫୋରକ ସାମଗ୍ରୀ ମିଳିନାହିଁ। ସୂଚନାଯୋଗ୍ୟ ଯେ ଗତ ୫ ଦିନରେ ୧୦୦ରୁ ଊର୍ଦ୍ଧ୍ୱ ସ୍କୁଲକୁ ବୋମା ଧମକ ଦିଆଯାଇଛି। ଫଳରେ ଏହାକୁ ନେଇ ବିଭିନ୍ନ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଧମକପୂର୍ଣ୍ଣ ଇ-ମେଲ ଟେର ରାଇଜର୍ସ-୧୧୧ ନାମକ ଏକ ଗ୍ରୁପ୍ ଦ୍ୱାରା ପଠାଯାଇଥିବା ସୂଚନା ମିଳିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଧରିବାରେ ସମର୍ଥ ହୋଇନାହିଁ ।



ରାଜ୍ୟ ଅତିଥିଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ

## ■ ଟ୍ରମ୍ପଙ୍କ ଟାରିଫ୍‌ର ପ୍ରଭାବ ■

# ୭୦୬ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ, ୨୮।୮: ଭାରତୀୟ ସେୟାର ବଜାର ଗୁରୁବାର ଲଗାତାର ଦ୍ୱିତୀୟ ଦିନରେ ବଡ଼ ହ୍ରାସ ସହ ବନ୍ଦ ହୋଇଛି। କାରବାର ଶେଷରେ ସେନସେକ୍ସ ପ୍ରାୟ ୭୦୫.୯୭ ଅଙ୍କ ବା ୦.୮୭ ପ୍ରତିଶତ ହ୍ରାସ ପାଇ ୮୦,୦୮୦.୫୭ ସ୍ତରରେ ବନ୍ଦ ହୋଇଛି। ଅନ୍ୟପକ୍ଷରେ ନିଫ୍‌ଟି ୨୧୧.୧୫ ଅଙ୍କ ଖସି ୨୪,୫୦୦ ତଳେ ବନ୍ଦ ହୋଇଛି। ଆମେରିକାର ଟାରିଫ କାର୍ଯ୍ୟକାରୀ ହେବାପରେ ବଜାରରେ ବିକ୍ରି ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ବିଦେଶୀ ନିବେଶକଙ୍କ ଲଗାତାର ବିକ୍ରି ମଧ୍ୟ ବଜାରର

**ନିବେଶକଙ୍କ କ୍ଷତି ୪.୨୫ ଲକ୍ଷ କୋଟି**

ସେଣ୍ଟିମେଣ୍ଟକୁ ଦୁର୍ବଳ କରିଛନ୍ତି। କଞ୍ଜ୍ୟୁମର ଡ୍ୟୁରେବଲକୁ ଛାଡ଼ି ପ୍ରାୟ ସମସ୍ତ ପ୍ରମୁଖ ସେକ୍ଟୋରାଲ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ନିଫ୍‌ଟି ଆଇଟି ଓ ନିଫ୍‌ଟି ରିୟଲିଟିରେ ଦେଖିବାକୁ ମିଳିଛି, ଯାହା ପ୍ରାୟ ୧.୫ ପ୍ରତିଶତ ଖସିଛି। ଅନ୍ୟପଟେ ନିଫ୍‌ଟି ପିଏସୟୁ ବ୍ୟାଙ୍କ, ଏଫଏମସିଜି ଓ ଫାର୍ମା ଇଣ୍ଡେକ୍ସ ୧ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ନିଫ୍‌ଟି ମିଡକ୍ୟାପ ୧୦୦ ଇଣ୍ଡେକ୍ସ ୧.୩ ପ୍ରତିଶତ ଓ ନିଫ୍‌ଟି ସ୍ମଲ କ୍ୟାପ୍ ୧୦୦ ଇଣ୍ଡେକ୍ସ ୧.୫ ପ୍ରତିଶତ ଖସି ବନ୍ଦ ହୋଇଛି। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ୪ ମାଓବାଦୀ ନିହତ

ଗଡ଼ଚିରୋଲି, ୨୮।୮: ମହାରାଷ୍ଟ୍ରର ଗଡ଼ଚିରୋଲି ଏବଂ ଛତିଶଗଡ଼ର ନାରାୟଣପୁର ସୀମାବର୍ତ୍ତୀ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୪ ମାଓବାଦୀ ନିପାତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ମହିଳା ରହିଛନ୍ତି। ଘଟଣାସ୍ଥଳରୁ ସୁରକ୍ଷାକର୍ମୀ ଗୋଟିଏ ଏସ୍‌ଏଲ୍‌ଆର, ଦୁଇଟି ଇନ୍‌ସାସ୍ ଓ ଗୋଟିଏ ୩୦୩ ବନ୍ଧୁକ ଜବତ କରିଛନ୍ତି।

### ବଜ୍ରପାତରେ ଗଲା ମହିଳାଙ୍କ ଜୀବନ

କାଶୀନଗର, ୨୮।୮ (ଭାସ୍କର ନ୍ୟୁଜ): କାଶୀନଗର ଥାନା ଅନ୍ତର୍ଗତ ଖାରଡା ଗ୍ରାମର ବାଲଗା ପାର୍ବତୀ ନାମକ ଜଣେ ମହିଳା ଗୁରୁବାର ବିଲରେ କାମ କରୁଥିବାବେଳେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

### ଦୁର୍ଘଟଣାରେ ୨ ନାବାଳକ ମୃତ

ବାରିପଦା, ୨୮।୮ (ଭାସ୍କର ନ୍ୟୁଜ): ଗୁରୁବାର ପୂର୍ବାହ୍ନରେ ବାରିପଦା ରଙ୍ଗାମାଟିଆଠାରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯିବା ଫଳରେ ୨ଜଣ ନାବାଳକଙ୍କର ମୃତ୍ୟୁ ହୋଇଛି। ଏହି ଦୁଇ ନାବାଳକ ଏକ ବାଇକରେ ଲୁଲୁଙ୍ଗ ଯିବାବେଳେ ଏହି ଅଘଟଣ ଘଟିଥିଲା। ପୋଲିସ ୨ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।


### ପୁଅର ମୁଥମାଡ଼ରେ ବାପ ମୃତ

କୁଚିଣ୍ଡା, ୨୮।୮ (ଭାସ୍କର ନ୍ୟୁଜ): ପାରିବାରିକ କଳହକୁ କେନ୍ଦ୍ରକରି କୁଚିଣ୍ଡା ଚାରଭାଟି ଗାଁରେ ପୁଅର ମୁଥମାଡ଼ରେ ବାପାର ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତକୁ ଅଟକ ରଖି ପଚରାଉଚୁରା କରୁଛି।

ସେନ୍‌ସେକ୍ସ: ୮୦,୦୮୦.୫୭
ସର୍ବାଧିକ: ୩୧.୨ ଡିଗ୍ରୀ
ସର୍ବନିମ୍ନ: ୨୭.୪ ଡିଗ୍ରୀ

**୨୮।୮।୨୦୨୫ ର ମତାମତ**

ଦିଲ୍ଲୀ ବୈଠକ ରାଜ୍ୟ କଂଗ୍ରେସକୁ ମଜବୁତ କରିବାରେ ସହାୟକ ହେବ କି?




**ଆଜିର ପ୍ରସଙ୍ଗ**

ବିହାରରେ ପଶିଥିବା ଆତଙ୍କବାଦୀଙ୍କୁ ଧରିବାକୁ ସୁରକ୍ଷାକର୍ମୀ ସମର୍ଥ ହେବେ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

# ୩ ସନ୍ତାନ ସପକ୍ଷରେ ଆରଏସ୍‌ଏସ୍ ମୁଖ୍ୟ



ମୁମ୍ବାଇ, ୨୮।୮: ପର୍ଯ୍ୟାପ୍ତ ଜନସଂଖ୍ୟା ପାଇଁ ପରିବାରରେ ୩ ଶିଶୁଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି ଆରଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ। ଜନସଂଖ୍ୟାରେ ସ୍ଥିରତା ଏବଂ ଜନ୍ମହାର ହ୍ରାସକୁ ରୋକିବା ପାଇଁ ଭାରତୀୟ ଅଭିଭାବକମାନଙ୍କର ୩ଟି ସନ୍ତାନ ରହିବା ଜରୁରି ବୋଲି ସେ କହିଛନ୍ତି। ଆରଏସଏସର ୧୦୦ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭାଗବତ କହିଛନ୍ତି ଯେ ଭାରତର ଜନସଂଖ୍ୟା ନୀତି ୨.୧ ପିଲାଙ୍କ କଥା କହୁଛି, ଯାହା ହାରାହାରି ଠିକ୍। କିନ୍ତୁ ଆପଣ କେବେ ବି ୦.୧ ପିଲା ଜନ୍ମ କରିପାରିବେ ନାହିଁ। ଗଣିତରେ ୨.୧ର ଅର୍ଥ ୨। କିନ୍ତୁ ଜନ୍ମକଥା ବିଚାରକୁ ନେଲେ ୨ ପରେ ୩ ଆସେ। ଏକଥା ମୋତେ ଡାକ୍ତର କହିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ଶ୍ରୀ ଭାଗବତ ଜୋର ଦେଇ କହିଛନ୍ତି ଯେ ୨.୧ ଜନ୍ମଦାତା ସମ୍ପ୍ରଦାୟ ଧିରେ ଧିରେ ବିଲୁପ୍ତ ହୋଇଯିବେ ଓ ୩ରୁ ଅଧିକ ଜନ୍ମହାରକୁ ବଳବତ୍ତର ରଖାଯିବା ଆବଶ୍ୟକ। ଠିକ୍ ବୟସରେ ବିବାହ କରିବା ଏବଂ ୩ ପିଲା ଜନ୍ମ କରିବା ସୁନିଶ୍ଚିତ କରିଥାଏ ଯେ ବାପା, ମାଆ ଓ ପିଲା ସମସ୍ତେ ସୁସ୍ଥ ରହିବେ। ଜନସଂଖ୍ୟା ବୃଦ୍ଧି ଆମପାଇଁ ବରଦାନ ହୋଇପାରେ, କିନ୍ତୁ ଏହା ଗୋଟିଏ ବୋଝରେ ମଧ୍ୟ ପରିଣତ ହେବାର ଆଶଙ୍କା ରହିଛି। ଆମକୁ ସମସ୍ତଙ୍କ ପେଟ ପୂରାଇବାକୁ ପଡ଼ିବ। ଏଥିପାଇଁ ଜନସଂଖ୍ୟା ନୀତି ରହିଛି। ପରିବାରରେ ୩ଟି ସନ୍ତାନ ରହିବା ଦରକାର। ଏହାଠାରୁ ଅଧିକ ନୁହେଁ। ଏହାଦ୍ୱାରା ଜନସଂଖ୍ୟା ନିୟନ୍ତ୍ରଣରେ ରହିପାରିବ ବୋଲି ସେ କହିଛନ୍ତି। ସେମାନଙ୍କ ଲାଳନପାଳନ କିପରି ଠିକ୍‌ଭାବେ କରିହେବ ତାକୁ ମଧ୍ୟ ନିଶ୍ଚିତ କରିବାକୁ ପଡ଼ିବ ବୋଲି ଭାଗବତ କହିଥିଲେ।

## ଆଜିଠୁ ଦୁଇ ଦିନିଆ ଏସ୍‌ସି/ଏସ୍‌ଟି ଜାତୀୟ ସମ୍ମିଳନୀ

# ଯୋଗଦେବେ ଲୋକସଭା ବାଚସ୍ପତି, ରାଜ୍ୟସଭା ଉପାଧ୍ୟକ୍ଷ



ଭୁବନେଶ୍ୱର, ୨୮।୮ (ଭାସ୍କର ନ୍ୟୁଜ): ଶୁକ୍ରବାର ଓଡ଼ିଶା ଗସ୍ତରେ ଆସୁଛନ୍ତି ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ। ଅନୁସୂଚୀତ ଜାତି ଓ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀରେ ଉଭୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଲୋକସେବା ଭବନ କନଭେନସନରେ ଏହି ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ୧୯୯୪ ପରେ ପ୍ରଥମ ଥରପାଇଁ ଓଡ଼ିଶାରେ କୌଣସି ସଂସଦୀୟ କମିଟିର ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା କମିଟିର ଜଣେ ଅଧ୍ୟକ୍ଷ, ୫ଜଣ ସଦସ୍ୟ ଏବଂ ୪ଜଣ ବିଧାୟକ ଏଥିରେ ଯୋଗଦେବେ । ସେହିପରି ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ସଂସଦୀୟ କମିଟିର ୩୦ଜଣ ସଦସ୍ୟ ମଧ୍ୟ ସାମିଲ ହେବେ। ଏହାକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିବେ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ଯୋଗ ଦେବେ । ସାରା ଦେଶରୁ ୨୪୦ରୁ ଅଧିକ ଜନପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀର ବିଷୟବସ୍ତୁ ହେଉଛି- ଆଦିବାସୀ ବିକାଶରେ ସଂସଦୀୟ କମିଟିର ଭୂମିକା। ଯାହା ସଂପର୍କରେ ସମ୍ମିଳନୀରେ ଆଲୋଚନା କରାଯିବ। ଉଦ୍‌ଯାପନୀ • ପୃଷ୍ଠା ୫ ଦେଖନ୍ତୁ

## ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

# ରାଜ୍ୟବାସୀଙ୍କ ଶୁଭ ମନାସିଲେ ରାଜ୍ୟପାଳ



ନୂଆଁଖାଇ ପାଳିଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୮ (ବ୍ୟୁରୋ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ନିଜ ସୋସିଆଲ ମିଡିଆ 'ଏକ୍ସ'ରେ ସେ ଲେଖିଛନ୍ତି, ସମସ୍ତଙ୍କୁ ନୂଆଁଖାଇର ହାର୍ଦ୍ଦିକ ଅଭିନନ୍ଦନ। ଏହି ଲୋକପ୍ରିୟ ପର୍ବ କୃଷକମାନଙ୍କ ପ୍ରତି ଆମର ଗଭୀର କୃତଜ୍ଞତାକୁ ସ୍ମରଣ କରାଏ। ଯେଉଁମାନଙ୍କ କଠିନ ପରିଶ୍ରମ ଆମ ସମସ୍ତଙ୍କର ଭରଣପୋଷଣ କରେ। ପ୍ରତିଟି ଘରେ ଉତ୍ତମ ସ୍ୱାସ୍ଥ୍ୟ, ସମୃଦ୍ଧି ଓ ଖୁସି ବିରାଜମାନ କରୁ ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ନୂଆଁଖାଇ ଜୁହାର ଜଣାଇଛନ୍ତି ମୋଦୀ। ସେହିପରି କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଦେଶବାସୀ ବିଶେଷକରି ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ କହିଛନ୍ତି, କୃଷିପ୍ରତି • ପୃଷ୍ଠା ୫ ଦେଖନ୍ତୁ

## କୋଠା ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୧୫

ମୁମ୍ବାଇ, ୨୮।୮: ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ଘଟିଥିବା ହୃଦୟ ବିଦାରକ ଘଟଣାରେ ମୃତ୍ୟୁସଂଖ୍ୟା ୧୫ ଛୁଇଁଛି। ଏକ ବେଆଇନ ୪ ମହଲା କୋଠା ଭୁଶୁଡ଼ି ପଡ଼ିବାରୁ ମା-ଝିଅଙ୍କ ସମେତ ୧୫ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏନଡିଆରଏଫ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ୨୦୧୨ ମସିହାରେ ନିର୍ମିତ ଏହି ବିଲଡିଂର ପଛଭାଗ ହଠାତ୍ ଭୁଶୁଡ଼ି ପଡ଼ିବାରୁ ଏହି ଅଘଟଣ ଘଟିଛି। ଦୁର୍ଘଟଣା ପରେ ପୋଲିସ କୋଠା ନିର୍ମାଣକାରୀକୁ ଗିରଫ କରିଛି। ଭାସାଇ-ବିରାର ମ୍ୟୁନିସିପାଲ କର୍ପୋରେସନର ଅଭିଯୋଗ ଉପରେ ଏହି ପଦକ୍ଷେପ ପୋଲିସ ଗ୍ରହଣ କରିଛି। ଏନଡିଆରଏଫର ଦୁଇଟି ଟିମ୍ ଉଦ୍ଧାର କାର୍ଯ୍ୟ ସହ ରିଲିଫରେ ମୁତୟନ ଅଛନ୍ତି। ପାଲଘର ଜିଲ୍ଲାପାଳ କହିଛନ୍ତି ଯେ ଭଗ୍ନାବଶେଷ ତଳେ ଅଧିକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଥିବାରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି।

## ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮।୮ (ଭାସ୍କର ନ୍ୟୁଜ): ଓଡ଼ିଶାର ମହାନ୍ କୃଷିଭିତ୍ତିକ ଗଣ ପର୍ବ ନୂଆଁଖାଇର ଶୁଭ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆମର୍ ମହାନ୍ ସଂସ୍କୃତି ଆଉର୍ ପରମ୍ପରା ର ବାର୍ତ୍ତା ବାହକ୍ ଆଏ ଇ ନୂଆଁଖାଇ ତିହାର୍ । ପରିବାର ସଦସ୍ୟ ମାନେ ଦେଶ୍ ବିଦେଶର ଯେନୁ ଭି ଥିଲେ ଇ ତିହାର୍ ଲାଗି ନିଜର୍ ନିଜର୍ ଗାଁ କେ ଘର୍ କେ ଫିର୍ଶନ। ପରିବାର୍‌ର ସଭେ ଏକ୍ ହେଇ କରି ମିଶିକରି ନୂଆଁ ଖାଏସନ୍ । ମୁନୁଷ୍ ମୁନୁଷ୍ ଭିତରେ ସ୍ନେହ, ପ୍ରେମ୍, ଶ୍ରଦ୍ଧା, ସମ୍ମାନ୍ ର ଆଦାନ୍ ପ୍ରଦାନ୍ ଆର୍ ଭାଇଚାରା କେ ନେଇ କରି ଆଇସି ଆମର୍ ଇ ପରବ୍ ନୂଆଁଖାଇ । ଆମର୍ ପରମ୍ପରା ରେ ନୂଆଁଖାଇ ର ଯେତ୍‌କି ମହତ୍ତ୍ୱ ଅଛେ ସେତ୍ କି ମହତ୍ତ୍ୱ ନୂଆଁଖାଇ ଭେଟଘାଟ୍‌ର ଭି ଅଛେ । ନୂଆଁ ଖାଇ ସାର୍ଲା ପରେ ସଭେ ସବ୍‌କୁ ଭେଟ୍ ହେବାର, ବଡ୍ ମାନଙ୍କୁ ନୂଆଁଖାଇ ଜୁହାର କର୍ବାର, ସମକର୍ ଭିତରେ ଭାବ୍ ପ୍ରେମ୍‌ର ଆଦାନ୍ ପ୍ରଦାନ୍ କର୍ବାର୍ ଆର୍ ନାଚ୍ ଗୀତ୍ ଖାନା ପିନା ମୌଜ ମଜ୍ଲିସ କର୍ବାର ଇ ନୂଆଁଖାଇ ଭେଟଘାଟ୍‌ର ଗୁଟେ ନିଆରା ପରମ୍ପରା ଆଏ । ୨୦୩୬ ତକ୍ ବିକଶିତ ଓଡ଼ିଶା ଆଉ ୨୦୪୭ ତକ୍ ବିକ୍‌ଶିତ୍ ଭାରତ ଗଠନ୍ ଲାଗି ସମସ୍ତେ ନିଜର୍ ନିଜର୍ ଦାୟିତ୍ୱ ଗ୍ରହଣ କରି ନିଜର୍ ନିଜର୍ କର୍ତ୍ତବ୍ୟ ପାଳନ୍ କରୁନ୍ ବୋଲି ଆଜି ଇ ଶୁଭ୍ ଦିନ୍ ରେ ଛାତ୍ର ଛାତ୍ରୀ ଯୁବକ୍ ଯୁବତୀ ଶ୍ରମିକ୍ କିଶାନ୍ ଜୱାନ୍ ସମ୍‌କୁ ଅନୁରୋଧ୍ କରୁଛେଁ । ନୂଆଁଖାଇ ସମସ୍ତଙ୍କର ଜୀବନ ରେ ନୂଆଁ ଆଶା ସଞ୍ଚାରିତ କରୁ । ମାଁ ସମଲେଇ, ମହାପ୍ରଭୂ ଶ୍ରୀଜଗନ୍ନାଥ୍ ସମସ୍ତଙ୍କର୍ ଜୀବନ ଥି ହସ୍ ଖୁସି ସୁଖ୍ ଶାନ୍ତି ଉନ୍ନତି ପ୍ରଗତି ସଫଳତା ଭରି ଦେଉଁନ୍ ବୋଲି ପ୍ରାର୍ଥନା କରୁଛେଁ ।

## ଜଳବାୟୁ ପରିବର୍ତ୍ତନର କୁପ୍ରଭାବ

# ତୀବ୍ର ହେଉଛି ମୌସୁମୀ ବିପର୍ଯ୍ୟୟ

ନୂଆଦିଲ୍ଲୀ, ୨୮।୮: ଜଳବାୟୁ ପରିବର୍ତ୍ତନର କୁ ପ୍ରଭାବ ଏବେ ସାରା ବିଶ୍ୱ ଅନୁଭବ କରୁଛି । ଜଳବାୟୁ ପରିବର୍ତ୍ତନ ସହରୀକରଣ, ଶିଳ୍ପାୟନ ଓ ଜଙ୍ଗଲକ୍ଷୟ ବିପର୍ଯ୍ୟୟକୁ ପ୍ରଳୟଙ୍କରୀ କରୁଛି। ଜଳବାୟୁ ପରିବର୍ତ୍ତନ ମଧ୍ୟ ଅସ୍ୱାଭାବିକ ବର୍ଷାର ମୁଖ୍ୟ କାରଣ ପାଲଟିଛି। ସମ୍ପ୍ରତି ଜଳବାୟୁ ପରିବର୍ତ୍ତନର ସାଂଘାତିକ ପ୍ରଭାବ ଭାରତ, ଚୀନ୍ ଓ ପାକିସ୍ତାନରେ ଦେଖିବାକୁ ମିଳିଛି। ମାତ୍ରାଧିକ ବର୍ଷା ଓ ଏହାର ତୀବ୍ରତା ଯୋଗୁ ବନ୍ୟା ଓ ଭୂସ୍ଖଳନ ଜନଜୀବନକୁ ବିପର୍ଯ୍ୟସ୍ତ କରି ପକାଉଛି। ବର୍ଷାଋତୁରେ ବନ୍ୟା ସାଧାରଣ ହେଲେ ମଧ୍ୟ ଚଳିତବର୍ଷର ବର୍ଷାର ତୀବ୍ରତା ଚିନ୍ତାଜନକ ଓ ଏହାର କାରଣ ଅନୁସନ୍ଧାନ ସାପେକ୍ଷ ବୋଲି




ପରିବେଶ ବିଜ୍ଞାନୀ ମତ ରଖିଛନ୍ତି। ଜାମ୍ମୁ ଓ କାଶ୍ମୀରରେ ପ୍ରବଳ ବର୍ଷା ଯୋଗୁ ଦୁଇଦିନ ମଧ୍ୟରେ ଅତି କମ୍‌ରେ ୪୦ଜଣଙ୍କ ଜୀବନ ଯାଇଛି। ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡରେ ଶତାଧିକ ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ମାର୍ଗକୁ ବନ୍ଦ ରଖାଯାଇଛି। ହିମାଚଳ ପ୍ରଦେଶରେ ଚଳିତ ମୌସୁମୀ ଋତୁରେ ମୃତ୍ୟୁସଂଖ୍ୟା ୩୦୦ ଡେଇଁ ଯାଇଛି। ଏବେ ଜାମ୍ମୁକାଶ୍ମୀରରେ ପ୍ରକୃତିର ତାଣ୍ଡବ ଜାରି ରହିଛି। ତାୱି, ଚେନାବ ଓ ଝେଲମ ନଦୀ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ନୂଆଖାଇ ଅଟେ ଏମିତିକା ପର୍ବ
ଭେଟାଭେଟି ପାଇଁ ଦିଏ ସୁଯୋଗ,
ବରଷକେ ଥରେ ଆସେ ଏହି ଦିନ
ପଶ୍ଚିମ ଓଡିଶା ପାଲଟେ ସ୍ୱର୍ଗ ।
ରଙ୍ଗବେରଙ୍ଗ,
ନୂଆ ପୋଷାକରେ ପଶ୍ଚିମ ଓଡିଶା
ସାରା ପରିବାର ଦିଅନ୍ତି ସଙ୍ଗ ।



ଆଳି, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ବହୁ ଆଡମ୍ବରରେ ପାଳିତ ହେଉଛି ଗଣେଶ ପୂଜା। ଅଗ୍ରପୂଜ୍ୟ ଗଜାନନଙ୍କ ଆରାଧନା ଆଳି ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବହୁ ଆଡମ୍ବରରେ ଧୁମଧାମରେ ପାଳିତ ହେଉଛି। ସିଦ୍ଧି ଓ ବୁଦ୍ଧିର ଦେବତା ଶ୍ରୀ ଗଣେଶଙ୍କୁ ଆବାହନ ଯଥା ବିଧି ଅନୁଯାୟୀ ପୂଜା କରାଯାଇଛି। ଆଳି ବ୍ଲକରେ ପ୍ରାୟ ସମସ୍ତ କ୍ଲବ, ସ୍କୁଲ, କଲେଜ ଠାରୁ ଆରମ୍ଭ କରି ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନରେ ମଧ ଗଣେଶ ପୂଜା ପାଳିତ ହୋଇ ଯାଇଛି। ସେଥିମଧ୍ୟରୁ ସାନମଙ୍ଗ ପଞ୍ଚାୟତର ଠାକୁରସାହି ସ୍ଥିତ ଗଣେଶ ପୂଜା କମିଟି ଦୀର୍ଘ ୩୦ବର୍ଷ ହେବ ଲଗାତାର ଏକ ନିଆରା ଢଙ୍ଗରେ ସୁନୀଲ ଓଝାଙ୍କ ନେତୃତ୍ୱରେ ଗଣେଶ ପୂଜା ପାଳନ କରିଆସୁଅଛି। ଉକ୍ତ ଅନୁଷ୍ଠାନରେ ତିନିଦିନ ଧରି ଶ୍ରୀଗଣେଶଙ୍କ ପୂଜା କରାଯାଏ। ପ୍ରତିବର୍ଷ କିଛି ଅଲଗା କୌଶଳ ବ୍ୟବହାର କରି ମୂର୍ତ୍ତି ତିଆରି କରାଯାଏ। ଯେମିତି ଚଳିତ ବର୍ଷ ହିମାଳୟରେ ବୃଷଭଙ୍କ ପିଠିରେ ଗଣପତି ବସିଥିବା ମୂର୍ତ୍ତିକୁ ଆଖପାଖ ଅଞ୍ଚଳର ଲୋକେ ଦେଖିବାକୁ ଆସିଥିଲେ। ସେହିପରି ପ୍ରଗତି ସ୍ପୋର୍ଟି କ୍ଲବ ବେଣ୍ଡା, ନୂଆଗାଁ, ଦେମାଳ, ମୂଳସାହି, ବଳଭଦ୍ରପୁର, ମାଳପଟଣା, ଲୋକାପଡ଼ା, ଗୌଡ଼ପାଟଣା, କଳସପୁର, କୃଷ୍ଣପୁରପାଟଣା, ନିଆଳ ଆଦି ଅଞ୍ଚଳରେ ବହୁ ଧୂମଧାମରେ ଗଣେଶ ପୂଜା ପାଳିତ ହୋଇଯାଇଛି। ସୁନ୍ଦର ମୂର୍ତ୍ତି ସାଙ୍ଗକୁ ଆକର୍ଷଣିୟ ତୋରଣ ଚଳିତ ବର୍ଷର ପୂଜା ମାହୋଲକୁ ଆଉ ଟିକେ ରଙ୍ଗୀନ କରିଛି।

# କେନ୍ଦୁଝର ସହରରେ ନିଷିଦ୍ଧ ପଲିଥିନ ଚଢାଉ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଆଜି କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢାଉ କରି ୧୫କିଲୋ ନିଷିଦ୍ଧ ପ୍ଲାଷ୍ଟିକ (ଏସୟୁପି) ଜବତ୍ କରାଯାଇ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ଲାଷ୍ଟିକ ଜରି, ପ୍ଲାଷ୍ଟିକ କ୍ୟାରି ବ୍ୟାଗ, ଚାମଚ, ଗ୍ଲାସ, କପ, ଥର୍ମୋକୁଲ ପ୍ଲେଟ ଆଦି ଜବତ୍ କରାଯିବା ସହ ପୁର୍ନବାର ବିକ୍ରୀ ଏବଂ ବ୍ୟବହାର କଲେ ଦୋକାନୀ ମାନଙ୍କର ଟ୍ରେଡ ଲାଇସେନ୍ସ ବାତିଲ କରାଯିବ ବୋଲି କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସୂଚନା ଦେଇଛନ୍ତି। ଚଢଉ ବେଳେ ବହୁ ଦୋକାନୀ କଲିକତାରୁ ଏହି ନିଷିଦ୍ଧ ପ୍ଲାଷ୍ଟିକ ଏବଂ ଥର୍ମୋକୁଲ ସାମଗ୍ରୀ ଆଣୁଥିବା କହିଛନ୍ତି। ଆଗାମୀ ଦିନରେ ପୌରପାଳିକା ପକ୍ଷରୁ ଏକ ସ୍କ୍ୱାର୍ଡ ଗଠନ କରାଯାଇ ଗୁପ୍ତ ସୂଚନା ଆଧାରେ ଗୋଦାମ ଘର,ହୋଲସେଲ ବ୍ୟବସାୟ କରୁଥିବା ସ୍ଥାନରେ ଚଢଉ କରାଯିବ। ପୂର୍ବରୁ ଗତ କିଛିମାସ ତଳେ ଚଢାଉ କରାଯାଇ ବ୍ୟାପକ ପରିମାଣ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଜବତ ପରେ ମଧ ନିଷିଦ୍ଧ ପଲିଥିନ କାରବାର ପୂର୍ବପରି ଚାଲିଛି। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବିକ୍ରୀ ଏବଂ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ଥିଲେ ମଧ ଲୁଚା ଛପାରେ ଏହାର କାରବାର ହେଉଛି। ଏହାକୁ ରୋକିବା ପାଇଁ ନିୟମିତ ଚଢାଉ ହେଉଥିଲେ ହେଁ କେତେକ ଅସାଧୁ ବ୍ୟବସାୟୀ ବିକ୍ରୀ କରି ଆସୁଛନ୍ତି। ଏହାକୁ ସମ୍ପୁର୍ଣ୍ଣ ବନ୍ଦ କରିବା ପାଇଁ ଆଗାମୀ ଦିନରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ମିଳିତ ଭାବେ ନିୟମିତ ଚଢାଉ କରାଯିବ ବୋଲି ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ କହିଛନ୍ତି।

# ଗଣେଶ ଚତୁର୍ଥୀ ପାଳିତ



କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ର ସଦର ମହକୁମା ଓ ସହରାଞ୍ଚଳରେ ଶ୍ରୀ ସିଦ୍ଧି ବିନାୟକଙ୍କ ପୂଜାର୍ଚ୍ଚନା ୨୭ ଅଗଷ୍ଟ ଠାରୁ ଆରମ୍ଭ ହୋଇ ଯାଇଛି। ପ୍ରତ୍ୟେକ ଗ୍ରାମରେ ବିଭିନ୍ନ ଗଣେଶ ପୂଜା କମିଟି ତରଫରୁ ଅତି ସୁନ୍ଦର ଆକର୍ଷଣୀୟ କାରୁକାର୍ଯ୍ୟ ସମ୍ପନ୍ନ ଶ୍ରୀ ଗଣେଶଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଉଅଛି। କେନ୍ଦ୍ରାପଡା ଗୁଲ ନଗର ପଞ୍ଚାୟତର ବିଭିନ୍ନ ପୂଜା ମଣ୍ଡପରେ ୧୨ଟି ସ୍ଥାନରେ ଗଣେଶ ପୂଜା ପାଳନ କରାଯାଉଛି। ଡେରାବିଶ ବ୍ଲକ ଅନ୍ତର୍ଗତ ଉଦୟନଗର ଠାରେ ମଧ ଆଦର୍ଶ ଯୁବକ ସଂଘ ପକ୍ଷରୁ ୧୨ଫୁଟ୍ ଉଚ୍ଚତାର ସୁନ୍ଦର ଗଣେଶ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଉଛି, ଯାହାର ସଭାପତି ଦିଲ୍ଲୀପ କୁମାର ଦାଶ ସମ୍ପୂର୍ଣ୍ଣ ପୂଜାର ଦାୟିତ୍ୱ ତୁଲାଉଛନ୍ତି। ଆସନ୍ତା ୦୫ ତାରିଖରେ ଭସାଣି ଉତ୍ସବ ପାଳନ ହେବାକୁ ଥିବା ବେଳେ ଅନେକ ସଧାରଣ ଲୋକମାନେ ବିଭିନ୍ନ ମେଢ଼ ବୁଲି ସାଜସଜ୍ଜାର ଆନନ୍ଦ ଉଠାଉଛନ୍ତି।

# ଦୁର୍ଘଟଣାରେ ଜଣେ ଗୁରୁତର

ଆଳି, (ଭାସ୍କର ନ୍ୟୁଜ୍): ଗୁରୁବାର ସନ୍ଧ୍ୟାରେ ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ଚଉବନ ମାଇଲ ଛକ ନିକଟରେ ଏକ ଲୁନା ଆଗକୁ ହଠାତ ମଇଁଷି ଆସିଯିବାରୁ ଲୁନା ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିବାରୁ ବାଇକ ଚାଳକ ଏବଂ ପତ୍ନୀ ତଳେ ପଡ଼ି ଯାଇ ଲୁନା ଚାଳକଙ୍କ ଛାତି, ଅଣ୍ଟା ଓ ଆଣ୍ଠୁ ଶକ୍ତ ଆଘାତ ଲାଗିଥିଲା। ସୂଚନା ମୁତାବକ ରାଜକନିକା ବ୍ଲକ ଶିକୁଡି ଗ୍ରାମର ସୁବାସ ଦ୍ୱିବେଦୀ (୫୬) ସନ୍ଧ୍ୟା ସମୟରେ ପଟ୍ଟାମୁଣ୍ଡାଇରୁ ନିଜ ଗାଁ ଶିକୁଡିକୁ ପତ୍ନୀଙ୍କ ସହ ଲୁନା ଯୋଗେ ଫେରୁଥିବା ସମୟରେ ଆଳିର ଦୁର୍ଘଟଣା ପ୍ରବଣ ଅଞ୍ଚଳ ଚଉବନ ମାଇଲ ଛକ ନିକଟରେ ହଠାତ ତାଙ୍କ ଗାଡି ଆଗକୁ ଏକ ମଇଁଷି ଆସିଯିବାରୁ ସେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ପ୍ରଥମେ ସ୍ଥାନୀୟ ଲୋକେ ତାଙ୍କୁ ଆଳି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ସେଠି ଡାକ୍ତର ସୁବାସ ଙ୍କର ପ୍ରାଥମିକ ଚିକିତ୍ସା କରାଇବା ପରେ ତାଙ୍କ ଛାତି ଓ ଅଣ୍ଟା ପାର୍ଶ୍ୱ ରେ ଅଧିକ ଯନ୍ତ୍ରଣା ହୋଇ ସ୍ୱାସ୍ଥ୍ୟସ୍ଥିତି ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରିଥିଲେ।

# ମାସ ମାସ ଧରି ଏଟିଏମ୍ ସେବା ବନ୍ଦ, ଗ୍ରାହକ ଅସନ୍ତୋଷ




ଭଦ୍ରକ, (ଭାସ୍କର ନ୍ୟୁଜ୍): ସରକାର ବିଭିନ୍ନ କାର୍ଯ୍ୟକ୍ରମକୁ ଅନ୍‌ଲାଇନ୍ ମାଧ୍ୟମରେ ସରଳ କରିବାକୁ ପ୍ରୟାସ କରୁଥିବା ବେଳେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ କାର୍ଯ୍ୟ ଅନ ଲାଇନ ମାଧ୍ୟମରେ ହେଉଛି। କିନ୍ତୁ ଏହାର ବ୍ୟତିକ୍ରମ ଦେଖା ଦେଇଛି ଭଦ୍ରକରେ। ସୂଚନାଯୋଗ୍ୟ ଯେ ଭଦ୍ରକ ପ୍ରଧାନ ଡାକଘର ଯାହାକି ଗ୍ରାହକ ମାନଙ୍କୁ ଦୀର୍ଘ ବର୍ଷଧରି ସେବା ଯୋଗାଇ ଆସୁଛି। ବିଡ଼ମ୍ବନାର ବିଷୟ ଏହି କି ଯେ କେତେବେଳେ ଏହି ପ୍ରଧାନ ଡାକଘରେ ସମୟ ସମୟରେ ଗ୍ରାହକ ସେବାରେ ବ୍ୟତିକ୍ରମ ଦେଖାଯାଉଛି। ସମୟ ସମୟରେ ଲିଙ୍କ ନଥିବା କାରଣରୁ ଗ୍ରାହକ ମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିବାର ଦେଖା ଯାଉଛି ଓ ସବୁଠାରୁ ବଡ଼କଥା ଯେ ଜିଲ୍ଲାର ପ୍ରଧାନ ଡାକଘରେ ଥିବା ଏକମାତ୍ର ଏଟିଏମ୍ ଦୀର୍ଘମାସ ଧରି ଅଚଳ ରହିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାହକ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇବାକୁ ପ୍ରତିଶୃତି ବଦ୍ଧ ଏହି ଡାକ ବିଭାଗୀୟ ଏଟିଏମ୍‌ଟି ଅଚଳ ଅବସ୍ଥାରେ ବନ୍ଦ ପଡ଼ିଥିବା ବେଳେ ଯେପରି ଜାଣିଶୁଣି ହାତବାନ୍ଧି ଚୁପ ରହିଥିବାର ଜଣାପଡୁଛି ବିଭାଗୀୟ କର୍ତୃପକ୍ଷ। ଅନ୍ୟପଟେ ଏଟିଏମ୍ ସେବାରୁ ବଞ୍ଚିତ ହେବାରୁ ଦେଖାଦେଇଛି ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ। ତେବେ ଖୁବ ଶୀଘ୍ର ତୃଟି ସଂଶୋଧନ କରି ସେବା ସ୍ୱାଭାବିକ କରିବାକୁ ଜନସାଧାରଣ ଦାବି କରିଛନ୍ତି।

# ୫ ବାଇକ୍ ସମେତ ସାଇକେଲ ଜବତ, ୩ ଗିରଫ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫ଟି ବାଇକ୍ ଓ ଗୋଟିଏ ସାଇକେଲ ଜବତ କରାଯିବା ସହିତ ୩ଜଣ ବାଇକ୍ ଚୋରଙ୍କୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି। ପ୍ରକାଶ ଯେ ଗତ ୧୮ ତାରିଖରେ ତିହିଡ଼ି ବଜାରରୁ ଭାଟପଡ଼ା ଗ୍ରାମର ସନ୍ତୋଷ ନାୟକଙ୍କର ଏକ ବାଇକ୍ ଚୋରି ହୋଇଯାଇଥିଲା। ସେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ପୁଲିସ ଭାଟପଡ଼ା ପଞ୍ଚାୟତ ଅଧୀନ ବଉଳପାଳ କେଳାସାହି ଗ୍ରାମର ସିପୁନ ଦାସ, ତାଳପଦା ପଞ୍ଚାୟତ ବୈକୁଣ୍ଠସାହି ଗ୍ରାମର ରାଜା ନାୟକ ଓ ବାଲେଶ୍ୱର ଜିଲା ସିଂଲା ଅଞ୍ଚଳର ମକର ମଣ୍ଡଳଙ୍କୁ ବାଇକ୍ ଚୋରି ଘଟଣାରେ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ୫ଟି ବାଇକ୍ ଓ ଗୋଟିଏ ସାଇକେଲ ଜବତ କରିଥିବା ଜଣାଯାଇଛି।

# ଅତ୍ୟଧିକ ଚିନି ସେବନ ଦାନ୍ତ ପାଇଁ ବିପଦ: ଡା. ସୋନିଆ ଦତ୍ତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ପ୍ରଖ୍ୟାତ ଡେଣ୍ଟାଲ୍ ବିଶେଷଜ୍ଞଡକ୍ଟର ସୋନିଆ ଦତ୍ତ (ଏମ୍‌ଡିଏସ୍, ପିଏଚ୍‌ଡି, ପ୍ରଫେସର, ପବ୍ଲିକ ହେଲ୍ଥ ଡେଣ୍ଟିଷ୍ଟ୍ରି) କହିଛନ୍ତି, ଚିନି ଆମର ଦୈନିକ ଖାଦ୍ୟର ଅବିଚ୍ଛିନ୍ନ ଅଂଶ ହେଲେ ମଧ୍ୟ, ଏହାର ଅତ୍ୟଧିକ ସେବନ ମୁଖ ସ୍ୱାସ୍ଥ୍ୟକୁ ଗୁରୁତର କ୍ଷତି କରେ। ପ୍ରାୟତଃ ଆମେ ଚିନିର କ୍ଷତିକାରକ ପ୍ରଭାବକୁ ଅଣଦେଖା କରୁ, କିନ୍ତୁ ଏହା ହେଉଛି ଦାନ୍ତ କ୍ଷୟ ଓ ଅନ୍ୟାନ୍ୟ ମୁଖ ରୋଗର ପ୍ରମୁଖ କାରଣ। ବାରମ୍ବାର ମିଠା ଓ ଚିକ୍କଣ ଖାଦ୍ୟ ଖାଇବା ଏହି ଆକ୍ରମଣକୁ ଆହୁରି ବଢ଼ାଇଥାଏ। ତେଣୁ ମିଠା ପଦାର୍ଥର ବାରମ୍ବାର ସେବନ ଦାନ୍ତ ଉପରେ ଏସିଡ୍ ଆକ୍ରମଣର ସମ୍ଭାବନା ବଢ଼ାଇଥାଏ ଏବଂ ଦାନ୍ତ ଖରାପ ହେବାକୁ ଲାଗେ। ଚିକ୍କଣ ଏବଂ ଚିନିଯୁକ୍ତ ଖାଦ୍ୟ ଦାନ୍ତରେ ଲାଗି ରହିଥାଏ ଏବଂ ଦାନ୍ତ କ୍ଷୟର କାରଣ ହୁଏ। ଡାବର ରେଡ୍ ପେଷ୍ଟ ପ୍ରାକୃତିକ ଉପାୟରେ ଦାନ୍ତକୁ ସୁରକ୍ଷା ଦିଏ। ଏହାର ଆୟୁର୍ବେଦିକ ଫର୍ମୁଲାରେ ଲବଙ୍ଗ, ଅଦା ଏବଂ ନିମ ଭଳି ଜୀବାଣୁ ପ୍ରତିରୋଧୀ (ଆଣ୍ଟି-ବ୍ୟାକ୍ଟେରିଆଲ୍) ଏବଂ ବାଧାନିବାରକ (ଆଣ୍ଟି-ଇନ୍ଫ୍ଲେମାଟ୍ରି) ଗୁଣ ଥିବା ପ୍ରାକୃତିକ ଉପାଦାନ ରହିଛି। ଏହି ଉପାଦାନଗୁଡ଼ିକ ଦାନ୍ତ କ୍ଷୟ କାରଣ ହେଉଥିବା ବ୍ୟାକ୍ଟେରିଆକୁ ଦୂର କରି ମୌଳିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରେ। ଚିକ୍କଣରୁ ଆପଣଙ୍କ ଦାନ୍ତକୁ ରକ୍ଷା କରିବା ପାଇଁ, ଖାଦ୍ୟପେୟରେ ପରିବର୍ତ୍ତନ କରନ୍ତୁ ଏବଂ ମୌଳିକ ପରିଚ୍ଛନ୍ନତାର ବିଶେଷ ଯତ୍ନ ନିଅନ୍ତୁ। ଚିକ୍କଣ ସେବନକୁ ସୀମିତ କରନ୍ତୁ ଏବଂ ବାରମ୍ବାର ଚିକ୍କଣଯୁକ୍ତ ଖାଦ୍ୟ ଏଡାନ୍ତୁ। ଏହା ବଦଳରେ, ଫଳ, ପନିପରିବା, ବାଦାମ ଭଳି ସୁସ୍ଥ ଖାଦ୍ୟ ବାଛନ୍ତୁ। ଆପଣଙ୍କ ଦାନ୍ତରୁ ପ୍ଲକ୍ ଏବଂ ପ୍ଲକ୍ ଦୂର କରିବା ପାଇଁ ଚିକ୍କଣଯୁକ୍ତ ଖାଦ୍ୟ ଖାଇବା ପରେ ବ୍ରଶ୍ କରନ୍ତୁ। ଏହା ସହିତ, ଚିକ୍କଣ ଏବଂ ଏସିଡ୍ ରୁ ଆପଣଙ୍କ ଦାନ୍ତକୁ ରକ୍ଷା କରିବା ପାଇଁ ପାଣିରେ କୁଳି କରନ୍ତୁ। ଏହା ସହିତ, ଆପଣଙ୍କୁ କେତେ ଚିକ୍କଣଯୁକ୍ତ ଖାଦ୍ୟ ଖାଇବା ଉଚିତ ତାହା ମନେ ରଖନ୍ତୁ। ପ୍ରତିଦିନ ବ୍ରଶ୍ କରି, ଦାନ୍ତକୁ ମଜବୁତ ଓ ସୁସ୍ଥ ରଖନ୍ତୁ ଏବଂ ନିର୍ଭୟରେ ନିଜ ପ୍ରିୟ ମିଠାର ଆନନ୍ଦ ଉଠାନ୍ତୁ।

# ପୀରହାଟରେ ସିପିଆଇର ଜନ ଅଧିକାର ସମାବେଶ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପୀରହାଟ ବଜାର ବାସନ୍ତୀ ପଡ଼ିଆ ଠାରେ ଗୁରୁବାର ଅପରାହ୍ଣରେ ସିପିଆଇ ପୀରହାଟ ଜୋନ କମିଟି ତତ୍ତ୍ୱାବଧାନରେ ସିପିଆଇର ଜନଅଧିକାର ସମାବେଶ ଓ ୨୩ ତମ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତିଙ୍କ ପୌରୋହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସହସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ତଥା ରାଜ୍ୟ ସମ୍ପାଦନା ମଣ୍ଡଳୀ ସଦସ୍ୟ ନାରାୟଣ ରେଡ୍ଡି, ବରେଣ୍ୟ ଅତିଥି ଭାବେ ରାଜ୍ୟ ସମ୍ପାଦନା ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ଉତ୍କଳ ମହିଳା ସମିତିର ସଭାନେତ୍ରୀ ଜିନ୍ନୟୀ ସାହାଣି, ରାଜ୍ୟ ମହିଳା ନେତ୍ରୀ ବନଲତା ଜେନା, ସମ୍ମାନିତ ଅତିଥି ଭାବେ ପୀରହାଟ ଜୋନ ସମ୍ପାଦକ ନାରାୟଣ ଚନ୍ଦ୍ର ତ୍ରିପାଠୀ, କୃଷକସଭା ଜିଲା ସମ୍ପାଦକ ହରିହର ବେହେରା, ବନ୍ତ ଜୋନ ସମ୍ପାଦକ ଗୋପବନ୍ଧୁ ସେଠୀ, ଜିଲା ସହସମ୍ପାଦକ ବିମ୍ବାଧର ବାରିକ, ଚାନ୍ଦବାଲି ଜୋନ ସମ୍ପାଦକ ଭାଗିରଥି ରାଉତ, ଏଆଇଏସଏଫ ଜିଲା ସମ୍ପାଦିକା ରୁଚିସ୍ମିତା ବାରିକ ପ୍ରମୁଖ ଯୋଗ ଦେଇ ସିପିଆଇ କୃଷକ, ଛାତ୍ର, ମହିଳା, ଶ୍ରମିକ ମାନଙ୍କ ସହିତ ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ଲଢ଼େଇ କରି ଆସୁଛି। କେନ୍ଦ୍ରର ଡବଲ ଇଂଜିନ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି। ସିପିଆଇର ସମସ୍ତ ସାଥୀମାନେ ଏକତାବଦ୍ଧ ହେଲେ ଆଗାମୀ ଦିନରେ ସରକାର ଗଢ଼ିବା ସହିତ ଲୋକ ମାନଙ୍କର କାମ କରିପାରିବ ବୋଲି କହିଥିଲେ। ଏହି ସମାବେଶରେ ଏଆଇଏସଫ ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡ଼ା, ଏଆଇଏସଫ ରାଜ୍ୟ ଉପସଭାପତି ମନୋରଂଜନ ରାଉତ, ଏଇଏସଏଫ ଭଦ୍ରକ ମହିଳା ମହାବିଦ୍ୟାଳ ୟୁନିଟ୍ ସମ୍ପାଦିକା ଶୁଭଲକ୍ଷ୍ମୀ ସାହୁ, ମତୋ କଲେଜ ୟୁନିଟ୍‌ର ସଭାପତି ବର୍ଣ୍ଣି ପରିଡ଼ା, ଗୁରୁପଦ ପୂଜା, ଟିଲୋ ସରପ[illegible] ସଂଗ୍ରାମ ଜେନା, ସମିତି ସଭ୍ୟ କଲିମୁଲ୍ଲା ଖାଁ, ସିପିଆଇ ନେତା ରମେଶ ଜେନା, ଅନନ୍ତ ମହାନ୍ତି, ବାବାଜୀ ଜେନା, ରମାକାନ୍ତ ମହାପାତ୍ର, ଗୌରହରି ମିଶ୍ର, ଖଗେଶ୍ୱର ବଳ ପ୍ରମୁଖଙ୍କ ସହିତ ବିଭିନ୍ନ ବ୍ଲକରୁ ବହୁ ନେତା ଯୋଗ ଦେଇଥିଲେ। ପୀରହାଟ ଜୋନ ପକ୍ଷରୁ ରବିନ୍ଦ୍ର ବାରିକ, ସନାତନ ଦାସ, ନିରଂଜନ ମହାନ୍ତି, କୃତିବାସ ଜେନା, ଶରତ ବେହେରା, ସୁରେନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭା ଶେଷରେ ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା। ପ୍ରଥମେ ଦଳ କାର୍ଯ୍ୟାଳୟ ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି କାନପୁର ପର୍ଯ୍ୟନ୍ତ ଯାଇ ପୁଣି ସଭାସ୍ଥଳକୁ ଫେରିଥିଲା।

# ସମୁଦ୍ରରେ ଡଙ୍ଗା ଓଲଟି ଜଣେ ମୃତ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ପୋଡମପେଟାରେ ଡ଼ଙ୍ଗା ବୁଡ଼ି ଜଣେ ମତ୍ସ୍ୟଜୀବୀ ନିଖୋଜ ଥିବାବେଳେ ଦୀର୍ଘ ୧୩ ଘଣ୍ଟା ପରେ ତାଙ୍କ ମୃତ ଦେହ ଉଦ୍ଧାର ହେଇଛି। ମୃତ ମତ୍ସ୍ୟଜୀବୀ ଜଣକ ହେଲେ ଗଂଜାମ ଥାନା ନୋଳିଆ ନୂଆଗାଁର ଏଙ୍ଗ. କାଲେୟା। ଘଟଣାରୁ ଜଣାପଡିଛି ଯେ ଆଜି ଭୋର ୪ଟାରୁ ନୋଳିଆ ନୂଆଗାଁର ଏଙ୍ଗ.କାଲେୟାଙ୍କ ସମେତ ୭ ଜଣ ମତ୍ସ୍ୟଜୀବୀ ମାଛ ମାରିବା ନିମନ୍ତେ ସମୁଦ୍ରକୁ ଯାଇଥିଲେ। ପୋଡମପେଟା ସମୁଦ୍ର ନିକଟରେ ମାଛ ମାରୁଥିବା ସମୟରେ ହଠାତ ଏକ ଉଚ୍ଚ ଲହଡ଼ି ଆସିଥିଲା। ଯାହାଫଳରେ ଡଙ୍ଗାଟି ଓଲଟିପଡିଥିଲା। ଡଙ୍ଗା ଓଲଟି ପଡ଼ିବାରୁ ୭ ଜଣ ଛିଟିକି ହୋଇ ସମୁଦ୍ରରେ ପଡ଼ି ଯାଇଥିଲେ। ୭ ଜଣଙ୍କ ମଧ୍ୟରୁ ୬ ଜଣ ପହଁରି ପହଁରି କୂଳକୁ ଆସିଥିବା ବେଳେ ଏଙ୍ଗ. କାଲେୟା ସମୁଦ୍ର କୂଳକୁ ଫେରିପାରି ନଥିଲେ। ଦୀର୍ଘ ସମୟ ଧରି ସ୍ଥାନୀୟ ମତ୍ସ୍ୟଜୀବୀ ମାନେ କାଲେୟାଙ୍କୁ ଖୋଜାଖୋଜି କରିବା ପରେ ନ ମିଳିବାରୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଛତ୍ରପୁର ଓ ଗଞ୍ଜାମର ଦୁଇଟି ଅଗ୍ନିଶମ ବିଭାଗର ଟିମ ସମୁଦ୍ରରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣ ନାୟକ ମଧ ସମୁଦ୍ର କୂଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟକୁ ଜୋରଦାର କରିବା ପାଇଁ ଜିଲ୍ଲାପାଳ ଓ ସିଏମଓଙ୍କ କାର୍ଯ୍ୟାଳୟକୁ ଜଣାଇଥିଲେ। ବିଧାୟକ ଜିଲ୍ଲାପଳଙ୍କୁ ଘଟଣାକୁ ନେଇ ଖବର ଦେବା ପରେ ଜିଲ୍ଲାପାଳ କୋଷ୍ଟ ଗାର୍ଡକୁ ଜଣାଇବା ପରେ କୋଷ୍ଟ ଗାର୍ଡର ଏକ ଜାହାଜ ଆସି ସମୁଦ୍ର କୂଳରୁ ପ୍ରାୟ ୩ କିଲୋମିଟର ଦୂର ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲା। ଏହାପରେ ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ରଙ୍କ ସହ ବହୁ ବରିଷ୍ଠ ଅଧିକାରୀ ମାନେ ସମୁଦ୍ର କୂଳରେ ପହଞ୍ଚିଥିଲେ। ତଥାପି ନିଖୋଜ କଲେୟାଙ୍କ କୌଣସି ପତ୍ତା ମିଳିପାରିନଥିବା ବେଳେ ଖୋଜାଖୋଜି ଜାରି ରହିଥିଲା। ଦୀର୍ଘ ୧୩ ଘଣ୍ଟା ପରେ ପ୍ରାୟଗି ନିକଟ ଅଳେଶ୍ୱର ବେଳାଭୂମି ନିକଟରେ ନିଖୋଜ କକ୍ଷଲେୟକ୍ଷଙ୍କ ମୃତ ଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ରମ୍ଭା ପୋଲିସ ଘଟଣା ସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରି ସବବ୍ୟବଚ୍ଛେଦ ନିମନ୍ତେ ଛତ୍ରପୁର ମେଡିକାଲକୁ ପଠେଇଛନ୍ତି। ରମ୍ଭା ପୋଲିସ ଘଟଣାର ତଦନ୍ତ କରୁଛି।


**MANAPPURAM FINANCE LTD.**

CIN : L65910KL1992PLC006623
Registered Office: W - 4/ 638A, Manappuram House,
P.O. Valapad, Thrissur - 680 567, Kerala, India

## ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 16.09.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି। ଆମେ ସେହି ଖଜିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ। ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ।

ବନ୍ଧକ ସୂଚୀ :

ଅନୁଗୁଳ, ଆଠମଲିକ, 138810700008385, 8483, 8484, 138810730009373, 9399, 9436, ବଅଁରପାଳ, 136160700021330, 1363, 1418, 1481, 136160730066856, 6936, 6945, 7269, 7272, 7445, ବାଇ ପାସ୍ ଛକ, ତାଳଚେର, 133420700038432, 8451, 8470, 8547, 8629, 133420700040079, 133420730036383, 6443, 6485, 6670, 6808, ସଙ୍କର ସିନେମା ରୋଡ୍, 110850700059298, 110850700062082, 2084, 2100, 2103, 2146, 2255, 2292, 110850730057773, 7774, 7775, 7779, 7782, 7785, 7847, 7849, 7925, 7980, 7981, 7983, 7990, 8006, 8010, 8011, 8014, 8058, 8094, 8150, 8174, 8191, ବଲାଙ୍ଗିର , ବଲାଙ୍ଗୀର, ଓଡ଼ିଶା, 127480700058863, 127480730021735, 1882, କଣ୍ଟାବାଞ୍ଜି, 137910730028835, ମେଡିକାଲ୍ କଲେଜ୍ ରୋଡ୍, ବଲାଙ୍ଗୀର, 138790730022724, ପଟ୍ଟନାଗଡ଼, 138760700004142, 4146, 4175, 4193, 4207, 4215, 4228, 4277, 138760730054732, 5217, 5947, 5993, 7909, 8287, 8767, ଟିଟ୍‌ଲାଗଡ଼, 137970700005462, 137970730023621, ବାଲେଶ୍ୱର, ଏଫ୍.ଏମ୍. କଲେଜ୍ ରୋଡ୍, ବାଲେଶ୍ୱର, 132010730032503, 2626, 2640, 2698, ଜଳେଶ୍ୱର, 134990700036693, 6711, 6756, 6805, 6832, 6834, 6846, 6857, 134990730050588, 0598, 0640, 0641, 0747, 0750, 0771, 0772, 0794, 0800, 1063, 1254, 1333, 1356, ଜାନୁଗଞ୍ଜ, ଓଡ଼ିଶା, 133310700025099, 5150, 5163, 5225, 133310730034964, 4965, 5090, 5168, ମୋତିଗଞ୍ଜ ବଜାର, ବାଲେଶ୍ୱର, 134530700032451, 2485, 2487, 134530730029647, 9690, 9735, 9748, 9850, 9896, ନୀଳଗିରି ସଦର, ଓଡ଼ିଶା, 126810700052878, 4752, 126810730050295, 0327, 0413, 0419, 0450, 0492, 0543, 0544, 0566, 0622, 0700, 0742, ପୋଲିସ ଲାଇନ ଛକ, 112340700076119, 6142, 6162, 6190, 6203, 6204, [illegible]

[illegible] ସମ୍ବଲପୁର, ଅଇଁଠାପଲ୍ଲୀ, ସମ୍ବଲପୁର, 129150700045650, 129150730032216, 2221, 2292, 2338, 2360, ଧନୁପାଲି, ସମ୍ବଲପୁର, 128210700042653, 6834, 7322, 128210730020772, 2883, 3042, 3082, 4752, ସୁନ୍ଦରଗଡ, ଫର୍ଟିଲାଇଜର ଟାଉନ ରାଉରକେଲା, 138260700011271, 138260730013310, 3365, କୋୟେଲ ନଗର, ଓଡ଼ିଶା, 123590700061394, 1457, 2631, 3502, 4367, 5522, 5627, 5914, 6390, 6464, 6519, 6535, 6553, 6586, 6587, 123590730047227, 7287, 9046, 123590730051479, 1509, 1547, 1557, 1564, 1677, 1692, 1720, 1722, 1791, 123590780000182, ରାଜଗାଙ୍ଗପୁର, ସୁନ୍ଦରଗଡ଼, 137590730029448, 9560, ରାଉରକେଲା, ଓଡ଼ିଶା, 122490700077191, 7885, 8059, 8077, 8438, 9831, 9862, 9866, 9880, 9896, 122490730043826, 5665, 5674, 5727, 5731, 5781, 5792, 5804, 5807, 5810, 5838, 5908, 5999, 6001, 6009, 6042, ସୁନ୍ଦରଗଡ଼ - ହସ୍ପିଟାଲ୍ ରୋଡ୍, 118860700062413, 118860730033345, 3352, 3405, 3464, 3525, 3577, 3598, ଭେଦବ୍ୟାସ, ରାଉରକେଲା, 139460700003392, 3420, 3435,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ। (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ। ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ। ଅଧିକ ଜାଣିବା ନିମନ୍ତେ ଦୟାକରି 7903654576 ନମ୍ବରକୁ ଯୋଗାଯୋଗ କରନ୍ତୁ।

ଅଧିକୃତ ଅଧିକାରୀ
ମଣପୁରମ୍ ଫାଇନାନ୍ସ ଲିମିଟେଡ ଉଦ୍ଦେଶ୍ୟରେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସେପ୍ଟେମ୍ବର ତୃତୀୟ ସପ୍ତାହରୁ ବିଏମସି ପକ୍ଷରୁ କୁକୁର ଗଣନା ଆରମ୍ଭ ହେବ। ବିଏମସି କମିଶନର ଚଂଚଳ ରାଣା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ବହୁତ ଦିନ ଆଗରୁ ଏକ ସର୍ଭେ ହୋଇଥିଲା। ପର୍ଟିକୁଲାର ଡାଟା ବା ତଥ୍ୟ ଜାଣିବା ପାଇଁ ଏବେ ପୁଣି ବିଏମସି କୁକୁର ଗଣନା କରିବ। ଗଣମାଧ୍ୟମରେ ବିଭିନ୍ନ ତଥ୍ୟ ଆସୁଛି, କିନ୍ତୁ ଏକ ବିଏମସି ତରଫରୁ ସୁନିଶ୍ଚିତ ତଥ୍ୟ ଦିଆଯିବ। ବିଭିନ୍ନ ମଡେଲ ହାତକୁ ନିଆଯାଇଛି। ପ୍ରତି ୱାର୍ଡ଼ କୁ ଯାଇ ଗଣନା କରିହେବ, ନଚେତ ସାଂପଲ ନେଇ ମଧ କରିହେବ। ଆମେ ପ୍ରତି ୱାର୍ଡ଼ରେ ଗଣନା କରିବୁ। ଗଣନାରେ ସ୍ୱଛସାଥୀ, ସଫେଇ କର୍ମୀ, ବିଏମସି ଅଧିକାରୀ ସାମିଲ ହେବେ। ଗଣନା ପୂର୍ବରୁ ବିଏମସି ପକ୍ଷରୁ ସମସ୍ତଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ୧୦ ଦିନ ମଧ୍ୟରେ ଭୁବନେଶ୍ୱରରେ ଗଣନା ଶେଷ ହେବ। ଭେଟେନାରୀ ଡାକ୍ତରଙ୍କ ପରାମର୍ଶରେ ପ୍ରତି ୱାର୍ଡରେ ଗଣନା ହେବ ବୋଲି କହିଛନ୍ତି ବିଏମସି କମିଶନର।

### ରାଜଭବନରେ ନୂଆଁଖାଇ ପାଳିତ

# ନୂଆଁଖାଇ ପର୍ବ ପାରିବାରିକ ବନ୍ଧନକୁ ମଜବୁତ କରିଥାଏ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଭବନରେ କୃଷିଭିତିକ ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି । ଗୁରୁବାର ପୂର୍ବାହ୍ନରେ ରାଜଭବନର ଅଭିଷେକ ହଲଠାରେ ଅନୁଷ୍ଠିତ ଏହି ପର୍ବରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ଇଷ୍ଟଦେବୀ ମା ସମଲେଶ୍ୱରୀଙ୍କର ପୂଜାର୍ଚ୍ଚନା କରି ନୂଆ ଧାନ ଓ ନବାନ୍ନ ଅର୍ପଣ କରିଥିଲେ ଏବଂ ରାଜ୍ୟବାସୀଙ୍କର ଶୁଭ ମନାସିଥିଲେ । ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଇଷ୍ଟଦେବୀଙ୍କର ଆଶୀର୍ବାଦ ପ୍ରାର୍ଥନା କରିଥିଲେ ଏବଂ ନବାନ୍ନ ଭକ୍ଷଣ କରିଥିଲେ । ନୂଆଁଖାଇ ପାଳନ କରି ରାଜ୍ୟପାଳ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ । ନୂଆଁଖାଇ ଏକ ପର୍ବ ଯାହା ଧରିତ୍ରୀ ମାତା ଓ ଆମର କୃଷକମାନଙ୍କ ପ୍ରତି କୃତଜ୍ଞତା ଜଣାଇବାର ଅବସର । ଏହି ପର୍ବ ପାରିବାରିକ ବନ୍ଧନକୁ ମଜବୁତ କରିବା ସହିତ ଲୋକଙ୍କୁ ଏକାଠି କରିଥାଏ ଏବଂ ସଦଭାବ ପ୍ରତିଷ୍ଠା କରିଥାଏ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ଏକ ବାର୍ତାରେ ରାଜ୍ୟପାଳ ଡ଼. କମ୍ଭମପାଟି କୃଷକ ଭାଇ ଭଉଣୀ ତଥା ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ସେମାନଙ୍କର ସୁଖ ସମୃଦ୍ଧି ଓ ଉତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ଏବଂ କୃଷି କ୍ଷେତ୍ରରେ ଓଡିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଇଛନ୍ତି ।



ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି ଲୋକସଭା ଏସ୍‌ସି/ଏସ୍‌ଟି ୱେଲଫେୟାର କମିଟି ଅଧକ୍ଷ ଫଗନ ସିଂ କୁଲସ୍ତେ ଓ ସଦସ୍ୟବୃନ୍ଦ ।

## କଟକ ମହାନଗର ନାଗରିକ ମହାସଭାର ନୂଆଖାଇ ପାଳିତ



କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ 'ନୂଆଖାଇ' ଉତ୍ସବ ପାଳିତ ହୋଇଯାଇଅଛି। ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୁରେନ୍ଦ୍ର ନାଥ ଛୋଟରାୟ ଶାନ୍ତିପାଠ ଓ ସଂଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କଟକ ମେୟର ସୁବାସ ଚନ୍ଦ୍ର ସିଂହ ମୁଖ୍ୟ ଅତିଥି ଓ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଖାଇ କେବଳ ପଶ୍ଚିମ ଓଡ଼ିଶାର କୃଷିଭିତିକ ପର୍ବ ନୁହେଁ,ଏହା ସଂପ୍ରୀତି ଓ ସଦ୍‌ଭାବନାର ପର୍ବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଲଗ୍ନ ଅନୁଯାୟୀ ନବାନ୍ନ ଲାଗି ହୋଇ ପ୍ରସାଦ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ସାହୁ, ବିଦ୍ୟୁତ ଲାଲା, ସମରେନ୍ଦ୍ର ଘୋଷ, ମାଧବ ମିଶ୍ର, ଅରୁଣା ସାମନ୍ତରାୟ, ଅଶ୍ୱିନୀ ସେଠୀ, ଡଃ ହେମନ୍ତ ପରିଡ଼ା, ବିଷ୍ଣୁମୋହନ ଦାସ ସାମନ୍ତ, ନିବାସ ଚନ୍ଦ୍ର ମିଶ୍ର, ଗୋପାଳ ଚନ୍ଦ୍ର ମିଶ୍ର, ଅଶୋକ ପଣ୍ଡା,ମୁକେଶ ସୋନୀ, ମିଳନ ବଡୁ, କିଶୋର ଚନ୍ଦ୍ର ଦାସ, ଲକ୍ଷ୍ମୀ ମିଶ୍ର,ଦୀପ୍ତି ରଞ୍ଜନ ପଣ୍ଡା, ଅରୁଣ ଅଗ୍ରୱାଲ, ଅଜୟ ଦାସ, ବାବୁଲା ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନୂଆଖାଇ ସଂପର୍କରେ ଆଲୋକପାତ କରିଥିଲେ। ଭୁବନାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲ।

## ଗଣେଶ ପୂଜା ମଣ୍ଡପ ଦର୍ଶନ କଲେ ସୋଫିଆ



କଟକ(ଭାସ୍କର ନ୍ୟୁଜ୍): ପବିତ୍ର ଗଣେଶ ପୂଜା ଅବସରରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ କଟକ ସହରର ବିଭିନ୍ନସାହିକ୍ଲବ, ପୂଜାପ୍ରତିଷ୍ଠାନ ଓ ଅନୁଷ୍ଠାନମାନଙ୍କ ତରଫରୁ ଅନୁଷ୍ଠିତ ପୂଜା ମଣ୍ଡପ ବୁଲି ଗଣେଶ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ସହରର ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ସାହି ମୁରବୀ ଓ କର୍ତ୍ତାମାନେ ବିଧାୟିକା ସୋଫିଆଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଦିନ ଦିପ୍ରହରେ ଘରୁ ଲୁଟ୍ ଘଟଣାରେ ଜଣେ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୋଲିସର ନିଦ ହଜାଇଥିବା କୁଖ୍ୟାତ ଚୋର ମନୋଜ କୁମାର ସିଂକୁ ଗିରଫ କରିଛି କମିଶନରେଟ ପୋଲିସ । ପୋଲିସ ତା ନିକଟରୁ ୨୦୦ ଗ୍ରାମ ସୁନା ଓ ଏକ ଲକ୍ଷ ନଗଦ ଟଙ୍କା, ସ୍କୁଟି ଓ ଚୋରିରେ ବ୍ୟବହୃତ ଏକ ଆଇରନ ରଡ଼ ଜବତ କରିଛି। ମନୋଜର ଘର ଖଜୁରୀପଦା ବୈଦେଶ୍ୱର ଅଞ୍ଚଳରେ। ସୂଚନା ଅନୁଯାୟୀ ଗତ ୧୪ ତାରିଖ ଦିନ ଭରତପୁର ଥାନା ଅଞ୍ଚଳରେ ଥିବା ଖଣ୍ଡଗିରି ବାରି ଅଂଚଳରୁ ମନୋଜ ଶୁଭଶ୍ରୀ ନାୟକଙ୍କ ଘର କବାଟ ତାଡି ଲୁଟ କରିଥିଲେ। ଏନେଇ ଶୁଭଶ୍ରୀ ଭରତପୁର ଥାନାରେ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏଥିରୁ ପୋଲିସ ଜାଣିବାକୁ ପାଇଥିଲା ଯେ ମନୋଜ ଅତି ଚତୁରତାର ସହ ନିଜ ସ୍କୁଟି ନମ୍ବର ପ୍ଲେଟକୁ ଲୁଚେଇ ଘଟଣାସ୍ଥଳକୁ ଆସି ଘରର କବାଟ ତାଡି ଲୁଟ କରି ଫେରାର ହୋଇଯାଇଥିଲା । ଏବଂ ଲୁଟ ସୁନା ଗହଣାକୁ ଏକ ସୁନା ଋଣ ସଂସ୍ଥାରେ ଲୋନ ପକାଇଥିଲା। ଏହି ଘଟଣା ଜଣା ପଡିବା ପରେ ପୋଲିସ ସୁନାକୁ ଜବତ କରିଛି ।

## ସେଚାଞ୍ଚଳ ବିକାଶ ପାଇଁ ୬କୋଟି ମଞ୍ଜୁରୀ

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟ ଜଳସେଚନ ବିଭାଗ ଅଧୀନରେ ରହିଥିବା ସେଚାଞ୍ଚଳ ଉନ୍ନୟନ ବିଭାଗ ପକ୍ଷରୁ କଟକ ଜିଲ୍ଲାର ୪ଟି ବ୍ଲକରେ ୧୭କିମି ବ୍ୟାପୀ କାଡ଼ାନାଳ ନିର୍ମାଣ କରାଯିବ । ଚଳିତ ଆର୍ଥିକବର୍ଷ ୨୦୨୫-୨୬ରେ ସରକାର ଏହି ବିଭାଗକୁ ୬କୋଟି ୧୨ଲକ୍ଷ ଟଙ୍କା ମୁର କରିଥିବାରୁ ବର୍ଷ ଶେଷ ସୁଦ୍ଧା ନାଳ ନିର୍ମାଣ କାର୍ଯ୍ୟର ଶେଷ ହେବାର ଯୋଜନା ରହିଛି । ଯାହାଫଳରେ ଜିଲ୍ଲାରେ ରହିଥିବା ମୁଖ୍ୟ ଓ ଶାଖା କେନାଲରୁ ବାହାରିଥିବା ଏହି ନାଳ ମାଧ୍ୟମରେ ଜିଲ୍ଲାର ଅଧିକ ୮୦୦ ହେକ୍ଟର ଚାଷଜମିକୁ ଉଭୟ ଖରିଫ ଓ ରବି ଋତୁରେ ପାଣି ମଡ଼ାଯାଇ ପାରିବ । ସୂଚନାଯୋଗ୍ୟ ଯେ, ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର କାଡ଼ାକୁ ୧୯୦.୪୯ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ଏହାଦ୍ୱାରା ୪୩ଟି ପ୍ରକଳ୍ପ ମାଧ୍ୟମରେ ଆଠଗଡ଼, ନରସିଂହପୁର ଓ ବାଙ୍କୀରେ ୨୪୯ ହେକ୍ଟର ଚାଷଜମିରେ ପାଣି ମଡ଼ାଯାଇ ପାରୁଛି । ପ୍ରସ୍ତାବିତ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ସାଲେପୁର, ମାହାଙ୍ଗା, ନରସିଂହପୁର ଓ ନିଶ୍ଚିତକୋଇଲିର ଚାଷୀଙ୍କ ୮୦୦ହେକ୍ଟର ଚାଷଜମିକୁ ପାଣି ଯୋଗାଇ ଦିଆଯାଇପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ନିଜକୁ ଜାଳିଦେଲେ ଆଇନଜୀବୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁବାର ରାତ୍ରିରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ଆଇନଜୀବୀ ନିଜ ଦେହରେ ପେଟ୍ରୋଲ ଢ଼ାଳି ଛାତ ଉପରେ ମୃତ୍ୟୁବରଣ କରିଛନ୍ତି । ଏ ସଂକ୍ରାନ୍ତରେ ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି । ଏଥିସହ ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ମୃତ ଆଇନଜୀବୀଙ୍କ ନାମ ଦୀପକ କୁମାର ସାହୁ ବୋଲି ଜଣାପଡ଼ିଛି । ତାଙ୍କ ଶରୀରର ସମସ୍ତ ଅଂଶ ପୋଡ଼ି ଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ।

## ଗୋରୁବୋଝେଇ ୪ ପିକ୍‌ଅପ୍ ଭଙ୍ଗାରୁଜା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରୁ କୋଲକାତାକୁ ୪ଟି ପିକ୍‌ଅପ୍ ଭ୍ୟାନ୍‌ରେ ଗୋଚାଲାଣ ହେଉଥିଲା । ତେବେ ସ୍ଥାନୀୟ ଲୋକେ ଏହା ଜାଣିପାରି ଘଟଣା ସ୍ଥଳରେ ୪ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଗାଡ଼ି ଭଙ୍ଗାରୁଜା କରିବାକୁ ଦେଖିବାକୁ ମିଳିଛି । ଏହିପରି ଏକ ଘଟଣା ଖଣ୍ଡଗିରି ଫ୍ଲାଏଓଭର ଉପରେ ଘଟିଥିବା ଜଣାପଡ଼ିଛି ।

## 'ନୂଆଁଖାଇ'ର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୃଷିଭିତିକ ଗଣପର୍ବ 'ନୂଆଁଖାଇ'ର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଆମ ରାଜ୍ୟର ମହାନ କୃଷିଭିତିକ ଗଣପର୍ବ 'ନୂଆଁଖାଇ' ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ନୂଆଁଖାଇ ଚାଷୀ, ଚାଷର ଉନ୍ନତି ଓ ସମୃଦ୍ଧିର କଥା କୁହେ ।

## ନୂଆଁଖାଇର ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୂଆଁଖାଇର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ନୂଆଁଖାଇ ଜୁହାର୍ । ନୂଆଁଖାଇ ଉଧେ ସମ୍‌କୁ ମୋର୍ ଗୁର୍ଦୁଟେ ଶୁଭେଚ୍ଛା ଆର୍ ଅଭିନନ୍ଦନ୍। ମା' ସମଲେଇଙ୍କର୍ ଆଶୀର୍ବାଦ୍ ସମ୍ କର୍ ଉପରେ ଥାଉ। ଜଏ ମା' ସମଲେଇ ।

### ଡୁଡ୍‌ନୁ ଫାଉଣ୍ଡେସନ୍ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ

# 'ହାରିବା ନୁହେଁ ଲଢି ଲଢି ଜିତବା ହିଁ ଜୀବନର ଲକ୍ଷ୍ୟ'





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମାନସିକ ଅନଗ୍ରସରତା ସତ୍ୱେ ସେମାନେ କୋଣସି ଥିରେ ଚେଷ୍ଟା ବଳରେ କମ୍ ନୁହନ୍ତି, ସବୁବେଳେ ସେମାନଙ୍କୁ ଭାଗବାନ ସହାୟ ହୁଅନ୍ତି। ସେମାନେ ସ୍ୱତନ୍ତ୍ର, ନିଷ୍କପଟ, ନିଷ୍ପାପ ତେଣୁ ସେମାନଙ୍କୁ ଜନସାଧାରଣରେ ସ୍ୱତନ୍ତ୍ର ଭାବେ ସ୍ନେହ ଶ୍ରଦ୍ଧା ଓ ସମ୍ମାନ କରିବା ଦରକାର ବୋଲି କାଯ୍ୟକ୍ରମରେ ବକ୍ତା ମାନେ ମତ ରଖିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ର ଅଡିଟୋରିୟମ ଠାରେ ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ସମ୍ମାନ ଏବଂ ୯୦ ପତିଶତ ମାନସିକ ଅନଗ୍ରସର ୨୦ ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ, ବିଶିଷ୍ଟ କବି ରକ୍ଷକ ନାୟକ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ଟ୍ରଷ୍ଟର ସଭାପତି ତଥା ଯୁବ ସାମ୍ବାଦିକ ଏସ୍ ରାଜିବ ଗୌରବ ଟ୍ରଷ୍ଟର ଆଭିମୁଖ୍ୟ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପାଞ୍ଚଜଣ ଭିନ୍ନକ୍ଷମ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଡୁଡ୍‌ନୁ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଥିଲା। ସେହିପରି ୧୧ ଗୋଟି ଅଗ୍ରଣୀ ସାମାଜିକ ଅନୁଷ୍ଠାନଙ୍କୁ 'ଡୁଡନୁ ପ୍ରେରଣା ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା । ଆୟୋଜିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ସାଂସଦ ସୁଲତା ଦେଓ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଏକାମ୍ର ବିଧାୟକ ବାବୁ ସିଂ , ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ସାମାଜିକ କର୍ମୀ ଅରୁନ୍ଧତୀ ଦେବୀ, ଏମ୍‌ସିଏଲ୍‌ର ନୋଡାଲ ଅଫିସର ଶିଶିର କୁମାର ନାୟକ, ସମାଜସେବୀ ରାଜଲକ୍ଷ୍ମୀ ପାତ୍ର, ନାରାୟଣ ଚନ୍ଦ୍ର ଓଝାଙ୍କ ସହିତ ବିଶେଷ ମୁହୂର୍ତ୍ତରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତ ପ୍ରମୁଖ ଯୋଗ ଦେଇଥିଲେ । ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷା ଡ଼ ବନ୍ଦନା ହରିଚନ୍ଦନ ଓ ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ହରିଚନ୍ଦନ ପରିଚାଳନା କରିଥିଲେ। ଜ୍ଞାନନନ୍ଦ ସାଗର ମଞ୍ଚ ସଂଯୋଜନା କରିଥିଲେ ।

## ସିଏମ୍‌ସିର ଯୋଜନା: ବୁଲା ଗୋରୁ ଓ କୁକୁର ମୁକ୍ତ ହେବ କଟକ

କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ (ସିଏମସି) ପକ୍ଷରୁ କଟକ ସହରକୁ ବୁଲା ଗୋରୁ ଓ କୁକୁର ମୁକ୍ତ କରାଯିବ। ଏଥି ନିମନ୍ତେ ଟାଙ୍ଗୀରେ ସ୍ୱତନ୍ତ୍ର କରିଡ଼ର ନିର୍ମାଣ ପାଇଁ ୨୫ଏକର ଜମି ଚିହ୍ନଟ ହୋଇଥିବା ଜଣାପଡ଼ିଛି । ଖୁବ୍ ଶିଘ୍ର ସମୀକ୍ଷା କରାଯାଇ ପ୍ରକଳ୍ପ ତ୍ୱରାନ୍ୱିତ କରାଯିବ ବୋଲି ସିଏମସି ପକ୍ଷରୁ ସୂଚନା ମିଳିଛି । ଫଳରେ ସହରରେ ବୁଲା ଗୋରୁ ଓ କୁକୁରଙ୍କୁ ନେଇ ଉପୁଜିଥିବା ସମସ୍ୟା ଦୂର ହୋଇପାରିବ। ସଂପ୍ରତି ସହରର ରାସ୍ତାରେ ମାଳ ମାଳ ଗୋରୁ ଓ ବୁଲା କୁକୁର ଦେଖିବାକୁ ମିଳୁଛି । ବିଭିନ୍ନ ସ୍ଥାନରେ ଗୋରୁଗାଈ ରାସ୍ତା ଅବରୋଧ କରି ରଖୁଛନ୍ତି । ଏହାଦ୍ୱାରା ଦୈନିକ ଲୋକେ ଦୁର୍ଘଟଣାର ଶିକାର ହୋଇ ଆହତ ହେଉଛନ୍ତି । ବିଶେଷ କରି ରାତି ସମୟରେ ରାସ୍ତାରେ ଗୋରୁଗାଈଙ୍କ ରାଜୁତି ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ଭାରିଯାନ ଧକ୍କାରେ ଗୋରୁମାନେ ମଧ୍ୟ ରାସ୍ତାରେ ଆହତ ହୋଇ ପଡୁଥିବା ପରିଲକ୍ଷିତ ହେଉଛି । ସହରରେ ବହୁ ଲୋକେ ଗୋପାଳନ କରୁଛନ୍ତ । ମାତ୍ର ଅଧିକାଂଶ ଲୋକ ଗୋରୁକୁ ଘରେ ନ ବାନ୍ଧି ଖୋଲାରେ ଛାଡ଼ି ଦେଉଛନ୍ତି । ସେମାନେ ସକାଳ ଓ ସନ୍ଧ୍ୟାରେ କ୍ଷୀର ଦୁହିଁ ସାରିବା ପରେ ବାହାରେ ଗାଈ ଓ ବାଛୁରୀ ଛାଡ଼ିଦେଉଥିବା ଅଭିଯୋଗ ହେଉଛି । ଫଳରେ ରାସ୍ତାରେ ଗୋରୁଗାଈ ବୁଲିବା ଦ୍ୱାରା ଦୁର୍ଘଟଣାର ମାତ୍ରା ବଢ଼ିବାରେ ଲାଗିଛି । କିଛି ମାସ ହେବ ସହରରେ ବୁଲା ଗୋରୁଙ୍କ ସଂଖ୍ୟା ବହୁ ଗୁଣ ବୃଦ୍ଧି ପାଇଥିବା ଦେଖା ଦେଇଛି । ରିଙ୍ଗବନ୍ଧ, ଦୋଳମୁଣ୍ଡେଇ, ବିଡ଼ାନାସୀ, ଛତ୍ରବଜାର, ନୂଆବଜାର, ତିନିଘରିଆ, ମହାନଦୀବିହାର, ଶିଖରପୁର, ଯୋବ୍ରା ଆଦି ବିଭିନ୍ନ ସ୍ଥାନରେ ମାଳ ମାଳ ଗୋରୁ ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳିଛି । ସିଏମସି ଅଧୀନରେ କାଂଆହୁଦା ରହିଥିଲେ ମଧ ଏହାର ସଠିକ୍ ଉପଯୋଗ ହୋଇପାରୁନାହିଁ । ଯାହାକୁ ନେଇ ସିଏମସି ନିକଟରେ ବହୁବାର ଅଭିଯୋଗ ହୋଇଆସୁଛି । ସେହିପରି ସହରରେ ବୁଲା କୁକୁରଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି । ପ୍ରତି ଛକରେ ଶତାଧିକ କୁକୁର ରାସ୍ତା ଉପରେ ବୁଲୁଛନ୍ତି । ରାତି ହେଲେ କୁକୁରଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପଡୁଛି ।ମହାନଗର ନିଗମର କୁକୁର ବନ୍ଧ୍ୟାକରଣ ଯୋଜନା ଏକ ପ୍ରକାର ବିଫଳ ହୋଇଥିବା ଚର୍ଚ୍ଚା ହେଉଛି । କିଛି ମାସ ହେବ ରାସ୍ତାଘାଟରେ କୁକୁର ଓ ବୁଲା ଗୋରୁଙ୍କୁ ନେଇ ସହରବାସୀ ଅତିଷ୍ଠ ହୋଇପଡ଼ିଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ସିଏମସି ପକ୍ଷରୁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି । ସ୍ୱତନ୍ତ୍ର କରିଡ଼ର ନିର୍ମାଣ କରାଯାଇ ବୁଲା ଗୋରୁ ଓ କୁକୁରଙ୍କୁ ନିୟନ୍ତ୍ରଣ କରିବାକୁ ସିଏମସି ପକ୍ଷରୁ ଏକ ବୃହତ ଯୋଜନା ପ୍ରସ୍ତୁତ କରାଯାଇଛି । ଟାଙ୍ଗୀ ଅଂଚଳରେ ଏହି କରିଡ଼ର ନିର୍ମାଣ ପାଇଁ ପ୍ରସ୍ତୁତ କରାଯାଇଛି । ଏକ ଘରୋଇ ସଂସ୍ଥା ସହଭାଗିତାରେ ଏହି କରିଡ଼ର ପରିଚାଳିତ ହେବ । ଏଥିଲାଗି ୨୫ଏକର ଜମିରେ ସ୍ୱତନ୍ତ୍ର କରିଡ଼ର ନିର୍ମାଣ ହେବ । ଯେଉଁଠି ଦଶ ଏକର ଜମିରେ ବୁଲା ଗାଈଗୋରୁଙ୍କୁ ରଖାଯିବ ଏବଂ ଆଉ ୧୦ ଏକର ଜମିରେ ସେମାନଙ୍କ ଲାଗି ଘାସ ଚାଷ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିବ । ଏହାଛଡ଼ା ୫ ଏକର ଜମିରେ କୁକୁରଙ୍କୁ ରଖାଯିବ । ଖାଦ୍ୟପେୟ ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଚିକିତ୍ସା ବ୍ୟବସ୍ଥା ସେଠାରେ ରହିବ । କୁକୁରଙ୍କୁ ନିୟମିତ ବ୍ୟବଧାନରେ ବନ୍ଧ୍ୟାକରଣ କରାଯିବାର ଯୋଜନା ରହିଛି ବୋଲି ସିଏମସି ପକ୍ଷରୁ କୁହାଯାଇଛି ।

## ଏମ୍ସରେ କାର୍ଯ୍ୟକାରୀ ହେଲା ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାନସିକ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏମ୍ସ ଭୁବନେଶ୍ୱର ମାନସିକ ରୋଗ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର ଆରମ୍ଭ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଲକ୍ଷ୍ୟ ହେଉଛି ଅତ୍ୟାଧୁନିକ, ନନ୍-ଇନଭେସିଭ ବ୍ରେନ୍ ଷ୍ଟିମୁଲେସନ୍ ଥେରାପୀ ଚିକିତ୍ସା ପ୍ରଦାନ କରି, ଔଷଧ ପ୍ରତିରୋଧୀ ଏବଂ ଚିକିତ୍ସା କରିବାକୁ କଷ୍ଟକର ମାନସିକ ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଏକ ନୂତନ ଆଶା ସଂଚାର କରିବା। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ବ୍ୟବସ୍ଥାକୁ ଉଦ୍ଘାଟନ କରିଥିଲେ। ଏହି ନ୍ୟୁରୋମଡ୍ୟୁଲେସନ୍ କେନ୍ଦ୍ରର ଶୁଭାରମ୍ଭ ଏମ୍ସ ଭୁବନେଶ୍ୱର ପାଇଁ ଏକ ବିଶେଷ ସଫଳତା। ଏହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ଲୋକଙ୍କ ପାଇଁ ସର୍ବଶେଷ ଏବଂ ପ୍ରଭାବଶାଳୀ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଆଣିଛି। ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏହି ବ୍ୟବସ୍ଥା ଏମ୍ସ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ସଫଳତାର ସହିତ ପ୍ରତିଫଳିତ କରିବା ନେଇ ମତବ୍ୟକ୍ତ କରିଥିଲେ ଡ. ବିଶ୍ୱାସ। ଉଦ୍‌ଘାଟନ ଉତ୍ସବରେ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀ ଏବଂ ଅଧ୍ୟାପକମାନଙ୍କ ସମେତ ଡିନ୍ ଡ. ପ୍ରଶାନ୍ତ ଆର. ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ମାନସିକ ରୋଗ ବିଭାଗ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର, ଡ. ଏସ୍ କେ ପାଢ଼ୀ, ଡ. ଦେବଦତ୍ତା ମହାପାତ୍ର, ଡ. ଶ୍ରୀ ମିଶ୍ର, ଡ. ଅର୍ପିତ ପରମାର, ଡ. ଅମ୍ବିକା ସୁଂଦାସ, ଭେଷଜ ବିଭାଗର ଡ. ଶ୍ରୀକାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସ୍‌ରେ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ଦାବି



କଟକ(ଭାସ୍କର ନ୍ୟୁଜ୍): ରେଭେନ୍ସା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଭାବେ ପରିଚିତ ମହାନଦୀ କ୍ୟାମ୍ପସରେ ପାଠ ପଢିବା ସହ ରହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନ ଥିବା ଯୋଗୁ ରାତି ଅଧରେ ଦେହ ଅସୁସ୍ଥ ହେଲେ ଏମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ବିଷୟକୁ ଗୁରୁତର ସହ ନେଇ ଏଠାରେ ତୁରନ୍ତ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ସହ ଆବଶ୍ୟକ ଷ୍ଟାଫ ନିଯୁକ୍ତି ପାଇଁ ଦାବି ହେଉଛି। ରେଭେନ୍ସା କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ଏଠାରେ ପୂର୍ବ ଅପେକ୍ଷା ଅଧିକ ବିଷୟରେ ପାଠ ପଢିବା ପାଇଁ ବିଭାଗ ଖୋଲାଗଲା ଫଳରେ ଏହି ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଲା । ଅପରପକ୍ଷରେ କଟକ ସହରର ମଧ୍ୟସ୍ଥଳ କେଲଜ ଛକ ଠାରେ ଥିବା ରେଭେନ୍ସା କଲେଜ କ୍ୟାମ୍ପସର ପରିସୀମା ଏଠାରେ ବୃଦ୍ଧି କରିବା ସମ୍ଭବପର ହେଲା ନାହିଁ । ତେଣୁ ସରକାର ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୨ୟ କ୍ୟାମ୍ପସ ବା ମହାନଦୀ କ୍ୟାମ୍ପସକୁ ନରାଜ ପାଖରେ ଥିବା ଜାତୀୟ ଆଇନ ବିଶ୍ୱ ବିଦ୍ୟାଳୟ ପାଖରେ ନିର୍ମାଣ କରିବା ପାଇଁ ଜମି ନେବା ସହ ବିଲଡିଂ ମଧ୍ୟ ତିଆରି କଲେ । ଏହାପରେ ଗତ ଦୁଇ ବର୍ଷ ତଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରେଭେନ୍ସା ମହାନଦୀ କ୍ୟାମ୍ପସର ଉଦଘାଟନ କଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଠାରେ ତରବରିଆ ଭାବେ ପାଠ ପଢା ସହ ହଷ୍ଟେଲ ବ୍ୟବସ୍ଥା କଲେ ମଧ୍ୟ ଆନୁଷଙ୍ଗିକ ସୁବିଧା ନ କରିଥିବାରୁ ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ଭାବେ ଏଠାରେ ରହି ପଢିବାକୁ ଅମଙ୍ଗ ହୋଇଥିଲେ । କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ମୌଳିକ ସୁବିଧା ଯଥା; ବ୍ୟାଙ୍କ, କ୍ୟାଣ୍ଟିନ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯିବ ବୋଲି ପ୍ରତିଶ୍ରୁତି ଦେବା ଫଳରେ ଛାତ୍ରଛାତ୍ରୀମାନେ ଏଠାରେ ଥିବା ହଷ୍ଟେଲରେ ରହିବାକୁ ରାଜି ହୋଇଥିଲେ । କିନ୍ତୁ ମହାନଦୀ କ୍ୟାମ୍ପସ କାର୍ଯ୍ୟକ୍ଷମ ହେବାରେ ଦୁଇବର୍ଷ ପୂରିବାକୁ ବସିଲାଣି, ହେଲେ ଆଜି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇପାରିନାହିଁ। ଅନେକ ସମୟରେ କୌଣସି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେଲେ ଏଠାରେ ରହି ପଢୁଥିବା ଛାତ୍ରଛାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏପରିକି ନିକଟରେ ଥିବା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରେଭେନ୍ସାର ଛାତ୍ରଛାତ୍ରୀ ନିର୍ଭର କରୁଛନ୍ତି । ଅନ୍ୟପକ୍ଷରେ ଅସୁସ୍ଥ ରୋଗୀଙ୍କୁ ନେବାକୁ କୌଣସି ଗାଡିର ସୁବିଧା ନାହିଁ । ଗୋଟିଏ ବ୍ୟାଟେରୀ ଗାଡ଼ିର ବ୍ୟବସ୍ଥା କରାଯାଇଥିବା ବେଳେ ତାହା କାମରେ ଲାଗି ପାରୁନଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି । ଏହି କ୍ୟାମ୍ପସ ପରିସରରେ ଥିବା ହଷ୍ଟେଲରେ ୧୬୦ରୁ ଅଧିକ ଛାତ୍ରଛାତ୍ରୀ ରହିଛନ୍ତି । ରାତି ସମୟରେ କାହାର ଦେହ ଖରାପ ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ କେହି ରହୁନାହାନ୍ତି। ଏପରିକି ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡିର ସୁବିଧା କରାଯାଇନାହିଁ। ୫୦୦ ଛାତ୍ରଛାତ୍ରୀ ପଢୁଥିବାବେଳେ କେବଳ ଗୋଟିଏ ବ୍ୟାଟେରୀ ଗାଡ଼ିର ବ୍ୟବସ୍ଥା କରାଯାଇଛି । ତାହା ପୁଣି କମ ସମୟ ଚାଲୁଥିବା ବେଳେ ଅଧିକାଂଶ ସମୟ ଅଚଳ ହୋଇ ପଡୁଛି । ଏବେ ବର୍ଷା ଦିନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅନାବନା ଗଛ, ଲଟା ,ବୁଦାରେ ଭର୍ତ୍ତି ହୋଇ ରହିଛି । ସାପ ଓ ଅନ୍ୟ ସରୀସୃପ ଜୀବଗୁଡିକର ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ଜୀବନ ପ୍ରତି ବିପଦ ଦେଖାଦେଉଛି । କିଛି ମାସ ପୂର୍ବେ କିଛି ଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ । ସେମାନଙ୍କୁ ପ୍ରାଥମିକ ଚିକିତ୍ସା ମିଳି ପାରିନଥିଲା । ଫଳରେ ଗାଡ଼ି ଭଡ଼ା କରି କିଛି ସହପାଠୀ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇଥିଲେ । ଏହାସତ୍ତ୍ୱେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ନାକ ମାନ୍ୟତା ପ୍ରାପ୍ତ ଏକ ପ୍ରତିଷ୍ଠିତ ସରକାରୀ ବିଶ୍ୱବିଦ୍ୟାଳୟ ହୋଇ ମଧ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମହାନଦୀ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ମୌଳିକ ସୁବିଧା ଉପଲବ୍ଧ ନ କରାଇବା ଘଟଣା ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ତେଣୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ସୁବିଧା କରିବାକୁ ଦାବି ହେଉଛି ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



## ଜଳବାୟୁ ପରିବର୍ତ୍ତନର ବିଷମୟ ଫଳ

# ଉତ୍ତର ଭାରତରେ ପ୍ରକୃତିର ତାଣ୍ଡବ

ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ଚଳିତ ମୌସୁମୀ ଋତୁରେ ବେଶ୍ ଅନୁଭୂତ ହେଉଛି। ଭାରତ, ପାକିସ୍ତାନ ଓ ଚୀନ୍ ସମେତ ସମଗ୍ର ଦକ୍ଷିଣ ଏସିଆ ରାଷ୍ଟ୍ରଗୁଡ଼ିକରେ ଏ ବର୍ଷ ବାରମ୍ବାର ପ୍ରକୃତିର ଉଗ୍ର ତାଣ୍ଡବ ଦେଖିବାକୁ ମିଳୁଛି। କେଉଁଠି ବାଦଲଫଟା ବର୍ଷା ଜଳ ପ୍ରଳୟ ସୃଷ୍ଟି କରୁଥିବା ବେଳେ ଅନ୍ୟ କେଉଁଠି ଭୂସ୍ଖଳନ ଯୋଗୁଁ ଜନଜୀବନ ବିପର୍ଯ୍ୟସ୍ତ ହେଉଛି। ଏଇ କିଛିଦିନ ମଧ୍ୟରେ ହିମାଳୟର ପାଦଦେଶରେ ଅବସ୍ଥିତ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ପଛକୁ ପଛ ଏକାଧିକବାର ବାଦଲଫଟା ବର୍ଷା ଯୋଗୁଁ ବନ୍ୟା ବିଭୀଷିକା ଏବଂ ଭୂସ୍ଖଳନ ନାହିଁ ନଥିବା କ୍ଷୟକ୍ଷତି ଘଟାଇଥିବା ବେଳେ ବର୍ତ୍ତମାନ ଜାମ୍ମୁ-କାଶ୍ମୀରରେ ଭୟଙ୍କର ବର୍ଷା ଓ ବନ୍ୟା ବିପ୍ଳାତ ଅତୀତର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ହିମାଳୟ ଉପତ୍ୟକାରେ ପାଣିପାଗରେ ଏଭଳି ଅସ୍ୱାଭାବିକତା ଓ ଅତ୍ୟଧିକ ବର୍ଷା ଯୋଗୁଁ ଗଙ୍ଗା ନଦୀର ଜଳସ୍ତର ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଉତ୍ତରପ୍ରଦେଶ ଓ ବିହାର ଆଦି ରାଜ୍ୟରେ ବନ୍ୟାର ପ୍ରକୋପ ଦେଖିବାକୁ ମିଳିଛି। ସେହିପରି ପାକିସ୍ତାନର ଉତ୍ତରାଞ୍ଚଳ ଓ ଚୀନ୍‌ରେ ଏବର୍ଷ ବନ୍ୟା ଯୋଗୁଁ ଅପରିସୀମ କ୍ଷୟକ୍ଷତି ଘଟିସାରିଲାଣି। ମିଳିଥିବା ସୂଚନା ଅନୁଯାୟୀ ଚୀନ୍‌ରେ ଗତ ଦୁଇମାସ ହେଲା ପ୍ରବଳ ବର୍ଷା ଲାଗି ରହିବା ଯୋଗୁଁ ୧ଲକ୍ଷ ୮୪ହଜାର କୋଟି ଟଙ୍କାର କ୍ଷତି ଘଟିଛି। ଚଳିତବର୍ଷ ବର୍ଷାର ପରିମାଣ ଏତେ ଅଧିକ ହୋଇଛି ଯେ ପାଣିପାଗ ବିଜ୍ଞାନୀମାନେ ଏଥିନେଇ ଆଶ୍ଚର୍ଯ୍ୟାନ୍ୱିତ ହୋଇଛନ୍ତି। ସେମାନଙ୍କ ମତରେ ତାପମାତ୍ରା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପାର୍ବତ୍ୟାଞ୍ଚଳରେ ବାଷ୍ପିକରଣରେ ବୃଦ୍ଧି ପରିଲକ୍ଷିତ ହେଉଛି। ବାଦଲ ଆବଶ୍ୟକତା ଠାରୁ ଅଧିକ ଆର୍ଦ୍ରତା ରହୁଥିବାରୁ ଅଳ୍ପ ସମୟ ମଧ୍ୟରେ ଅତ୍ୟଧିକ ବର୍ଷା ଖଣ୍ଡ ପ୍ରଳୟ ରଚାଉଛି। ଉତ୍ତର ଭାରତର ବ୍ୟାପକ ଅଞ୍ଚଳରେ ଲଗାତାର ୪ଦିନ ଧରି ପ୍ରବଳ ବର୍ଷା ହେବା କାରଣରୁ ସାଧାରଣ ଜୀବନଯାତ୍ରା ଗୁରୁତର ଭାବରେ ପ୍ରଭାବିତ ହେଉଛି। ଉତ୍ତର ଭାରତରେ ଚଳିତବର୍ଷ ସ୍ୱାଭାବିକ ପରିମାଣ ଠାରୁ ୨୧ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି।

ଗତ ୨୦୧୩ ମସିହା ପରେ ଏଥର ଉତ୍ତର ଭାରତରେ ସର୍ବାଧିକ ବର୍ଷା ହୋଇଥିବାର ଜଣାପଡିଛି। ୨୦୧୩ ମସିହା ମୌସୁମୀ ଋତୁରେ ଉତ୍ତରାଖଣ୍ଡର କେଦାରନାଥରେ ଅଚାନକ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଭୟଙ୍କର ଧ୍ୱଂସଲୀଳା ଘଟିଥିଲା। ଏହାର ବାରବର୍ଷ ପରେ ଏଥର ଜାମ୍ମୁ-କାଶ୍ମୀର, ପଞ୍ଜାବ, ହିମାଚଳ ପ୍ରଦେଶରେ ପ୍ରକୃତି ସମାନ ଧରଣର ତାଣ୍ଡବ ରଚାଇଛି। ସାଧାରଣତଃ କମ୍ ବର୍ଷା ହେଉଥିବା ଜାମ୍ମୁରେ ଏଥର ବୃଷ୍ଟିପାତ ୧୧୫ ବର୍ଷର ରେକର୍ଡ ଭାଙ୍ଗି ଦେଇଛି। ବୁଧବାର ସକାଳ ସାଢ଼େ ଆଠଟା ସୁଦ୍ଧା ୨୪ଘଣ୍ଟା ମଧ୍ୟରେ ଏଠାରେ ୩୮୦ ମିଲିମିଟର ବର୍ଷା ହେବା ସମସ୍ତଙ୍କୁ ଚକିତ କରିଛି। ପୂରା ଅଗଷ୍ଟ ମାସରେ ଜାମ୍ମୁରେ ହାରାହାରି ୪୦୩ ମିଲିମିଟର ବର୍ଷା ହେବାକୁ ଥିବା ସ୍ଥଳେ କେବଳ ୨୪ଘଣ୍ଟା ମଧ୍ୟରେ ଏତେ ଅଧିକ ପରିମାଣର ବର୍ଷା ରେକର୍ଡ କରାଯିବା ଏକ ଅସ୍ୱାଭାବିକ ଘଟଣା ରୂପେ ବିବେଚନା କରାଯାଉଛି। ସେହିପରି ପଞ୍ଜାବରେ ଲଗାଣ ବର୍ଷା ଯୋଗୁଁ ନଦୀଗୁଡ଼ିକର ଜଳପତ୍ତନ ଦ୍ରୁତଗତିରେ ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି। ଜାମ୍ମୁ-କାଶ୍ମୀରର ବନ୍ୟା ପ୍ରଭାବିତ ଅଞ୍ଚଳରୁ ୧୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଭାରତର ଏକ ପ୍ରଧାନ ଧାର୍ମିକ ଓ ଆଧ୍ୟାତ୍ମିକ ପୀଠ ବୈଷ୍ଣୋଦେବୀରେ ମଙ୍ଗଳବାର ଅତ୍ୟଧିକ ବର୍ଷା ଯୋଗୁଁ ଭୂସ୍ଖଳନ ହୋଇ ଏକ ବଡ଼ ଅଘଟଣ ଘଟିଯାଇଛି। ଏଥିରେ ତତ୍‌କ୍ଷଣାତ୍ ୧୫ଜଣ ପ୍ରାଣ ହରାଇଥିବା ବେଳେ ପରବର୍ତ୍ତୀ ସମୟରେ ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି ପାଇଛି। ଜାମ୍ମୁର କଟ୍‌ରାରୁ ବୈଷ୍ଣୋଦେବୀ ମନ୍ଦିର ପର୍ଯ୍ୟନ୍ତ ଯାଉଥିବା ରାସ୍ତାରେ ଥିବା ଇନ୍ଦ୍ରପ୍ରସ୍ଥ ହୋଟେଲ ନିକଟରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଛି। ଅନେକ ଲୋକ ଏବେ ବି ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ପ୍ରକୃତିର ପ୍ରକୋପକୁ ରୋକିବା ମଣିଷ ବା ବିଜ୍ଞାନ ଦ୍ୱାରା ଏଯାବତ୍ ସମ୍ଭବପର ହୋଇନାହିଁ। ଏଭଳି ତାଣ୍ଡବରୁ ନିଜକୁ ସୁରକ୍ଷିତ ରଖିବା ଦିଗରେ ଜନସଚେତନତାର ଜରୁରି ଆବଶ୍ୟକତା ରହିଛି।

# ଭାରତୀୟ ଇତିହାସ ପୃଷ୍ଠାରେ ଅଗଷ୍ଟ ମାସର ଗୁରୁତ୍ୱ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଅଗଷ୍ଟ ମାସ ଭାରତୀୟ ଇତିହାସ ଦୃଷ୍ଟିରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଅଗଷ୍ଟ ମାସରେ ଭାରତରେ ୩ଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା। କିନ୍ତୁ ଏ ତିନି ଘଟଣାକୁ ଜନ୍ମ ଦେଇଥିବା ଦୁର୍ଭାଗ୍ୟପୂର୍ଣ୍ଣ ୪ର୍ଥ ଘଟଣା ମଧ୍ୟ ଏହି ଅଗଷ୍ଟ ମାସରେ ଘଟିଥିଲା। ଏହି ୪ର୍ଥ ଘଟଣା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ ନାହିଁ ଯଦିଓ ସବୁର ମୂଳ ହେଉଛି ୪ର୍ଥ ଘଟଣା। ବ୍ୟବସାୟ ମାଧ୍ୟମରେ କୌଣସି ଦେଶ ଉପରେ କେମିତି କବ୍‌ଜା କରାଯାଏ ଏସବୁ କଥା ମଧ୍ୟ ଏହି ୪ର୍ଥ ଘଟଣାର ଆଧାରରେ ଅନୁଶୀଳନ କରାଯାଇପାରେ। ସେହି ଦିନଟି ଥିଲା ୧୬୦୮ ମସିହା ଅଗଷ୍ଟ ୨୪ ତାରିଖ। ଏହି ଦିନଟି ଭାରତ ପାଇଁ ଦୁର୍ଭାଗ୍ୟ ଏବଂ ଦୁର୍ଦ୍ଦଶାର ଦିନ ଭାବେ ସିଦ୍ଧ ହୋଇଥିଲା କାରଣ ଏହି ଦିନ ସୁରଟ ବନ୍ଦରରେ ହେକ୍ଟର ନାମକ ଜାହାଜ ପହଞ୍ଚିଥିଲା ଏବଂ ଜାହାଜରେ ଆସିଥିଲେ ୱିଲିୟମ ହକିନ୍ସ ନାମକ ଲୁଟେରା ଏବଂ ତାଙ୍କର କିଛି ସହଯୋଗୀ। ନିଜକୁ ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ୟବସାୟୀ ବୋଲି ପରିଚୟ ଦେଉଥିଲେ। ଏହି କମ୍ପାନୀ ଥିଲା ଲଣ୍ଡନରେ। ଲଣ୍ଡନର କିଛି ବ୍ୟବସାୟୀ ଏହି କମ୍ପାନୀ ସ୍ଥାପନ କରିଥିଲେ। ୱିଲିୟମ ହକିନ୍ସ ତାଙ୍କ ସହଯୋଗୀ ମାନଙ୍କ ସହ ବ୍ୟବସାୟୀ ଭାବେ ଆଗ୍ରା ଯାଇ ପହଞ୍ଚିଲେ ଓ ସେଠି ମୋଗଲ ଶାସକ ସଲିମ ଓରଫ ଜାହାଙ୍ଗୀରଙ୍କ ସହ ଭେଟ କରିଥିଲେ। ମୋଗଲ ସମ୍ରାଟ ସଲିମଙ୍କ ପ୍ରସଙ୍ଗରେ ଇତିହାସରେ ଯାହା ଉଲ୍ଲେଖ ରହିଛି ତାହା ହେଉଛି ସେ ୨୪ ଘଣ୍ଟା ମଦ୍ୟପାନ କରିବା ସହ ଅୟସରେ ବୁଡି ରହୁଥିଲେ। କୁହାଯାଏ ଯେ ସଲିମ ଇଷ୍ଟ ଇଣ୍ଡିଆ କମ୍ପାନୀର ଏହି ତଥାକଥିତ ବ୍ୟବସାୟୀ ମାନଙ୍କୁ ସ୍ୱାଗତ କରିଥିଲେ। ଲରି କୋଲିନ୍ସ ତାଙ୍କ ଦ୍ୱାରା ଲିଖିତ ପୁସ୍ତକରେ ସେ ଲେଖିଛନ୍ତି ଯେ ୱିଲିୟମ ହକିନ୍ସ ଏବଂ ତାଙ୍କର ସହଯୋଗୀ ମାନେ ସଲିମଙ୍କୁ ଆପ୍ୟାୟିତ କରି ଏପରିକି ପୁରସ୍କାର ପ୍ରଦାନ କରି ତାଙ୍କ ସହଯୋଗ ପାଇବାରେ ସକ୍ଷମ ହୋଇଥିଲେ।

ଲରି କୋଲିନ୍ସ ତାଙ୍କ ପୁସ୍ତକରେ ଲେଖିଛନ୍ତି ଯେ ସଲିମ ଇଷ୍ଟଇଣ୍ଡିଆ କମ୍ପାନୀର ବ୍ୟବସାୟୀ ମାନଙ୍କ ପାଇଁ ଭବ୍ୟ ସ୍ୱାଗତର ଆୟୋଜନ କରିଥିଲେ ଯାହା ଅଭୂତପୂର୍ବ ଥିଲା ଯେଉଁଥିରେ ହକିନ୍ସ ଏବଂ ତାଙ୍କ ସହଯୋଗୀ ମାନେ କୃତ୍ୟ କୃତ୍ୟ ହୋଇଯାଇଥିଲେ। ଏହାର ଅନ୍ୟ ଅର୍ଥ ହେଉଛି ସେ ସମୟରେ ଇଂରେଜମାନଙ୍କ ସାମାଜିକ ଏବଂ ଆର୍ଥିକ ସ୍ଥିତି ଏତେ ଭଲ ନଥିଲା। କଲିନ୍ସ ତାଙ୍କ ପୁସ୍ତକରେ ଇଂରେଜ ମାନଙ୍କ ଆର୍ଥିକ ସ୍ଥିତି ବାବଦରେ ବର୍ଣ୍ଣନା କରି ଲେଖିଛନ୍ତି ଯେ ଯେତେବେଳେ ୱିଲିୟମ ହକିନ୍ସ ଏବଂ ତାଙ୍କ ସହଯୋଗୀ ମାନେ ସଲିମଙ୍କୁ ଭେଟିଥିଲେ ସେତେବେଳେ ସଲିମ ଏତେ ଧନବାନ ଥିଲେ ଯେ ସଲିମଙ୍କ କୌଣସି ମାମୁଲି ସୁବେଦାରଙ୍କ ଆର୍ଥିକ ସ୍ଥିତି ତୁଳନାରେ ତତ୍କାଳୀନ ଇଂଲଣ୍ଡର ମହାରାଣୀଙ୍କ ସ୍ଥିତି ମଧ୍ୟ ନ୍ୟୁନ ଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ସଲିମଙ୍କ ଜଣେ ସୁବେଦାରଙ୍କ ଠାରୁ ଆର୍ଥିକ ସ୍ତରରେ ନ୍ୟୁନ ଥିବା ଇଂଲଣ୍ଡର ରାଣୀ ପରବର୍ତ୍ତୀ ସମୟରେ ଭାରତର ମହାରାଣୀ ପାଲଟି ଯାଇଥିଲେ। କିନ୍ତୁ ଛଳନା ଏବଂ ଷଡ଼ଯନ୍ତ୍ରରେ ହିଁ ଏକଥା ହୋଇପାରିଥିଲା। ବର୍ତ୍ତମାନର ଏହି ପିଢି ଏକଥା ଜାଣିବା ଆବଶ୍ୟକ ଯେ ଇଂରେଜ ମାନଙ୍କୁ ପରବର୍ତ୍ତୀ ସମୟରେ ଯେପରି ମହିମା ମଣ୍ଡନ କରାଯାଇଥିଲା ତାହା ସମ୍ପୂର୍ଣ୍ଣ ମନଗଢ଼ା କାହାଣୀ ଥିଲା। ଭାରତ ଉପରେ କବ୍‌ଜା କରିବା ପୂର୍ବରୁ ଇଂଲଣ୍ଡର କୃଷକମାନେ ଭାରତର କୃଷକମାନଙ୍କ ଠାରୁ ଦରିଦ୍ର ଥିଲେ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଇଂରେଜ ମାନେ ଭାରତ ଛାଡିବା ବେଳକୁ ଭାରତର କୃଷକ ମାନଙ୍କର ଅବସ୍ଥା ୧୬୦୦ ବେଳର ଇଂଲଣ୍ଡର କୃଷକ ମାନଙ୍କ ଅବସ୍ଥାରେ ପରିଣତ କରିଦେଇଥିଲେ। ସଲିମ ଇଷ୍ଟଇଣ୍ଡିଆ କମ୍ପାନୀକୁ ତାଙ୍କ ଶାସିତ ପ୍ରଦେଶରେ ବ୍ୟବସାୟ କରିବାକୁ ଅନୁମତି ଦେଇଥିଲେ। ଇଷ୍ଟଇଣ୍ଡିଆ କମ୍ପାନୀ ମସଲା, ଚିନି, ଚା' ଭଳି ବସ୍ତୁ ବିକ୍ରି କରି ଶତ ପ୍ରତିଶତ ଲାଭ କମାଉଥିଲେ। ଭାରତରେ ସେମାନଙ୍କ ବ୍ୟବସାୟ ସ୍ଥିର କରିବା ପରେ ସେମାନେ ଧୀରେ ଧୀରେ ଭାରତର ଶାସକ ପାଲଟିଥିଲେ। ଏହି ପ୍ରକାର ଅଗଷ୍ଟ ମାସରେ ହିଁ ଇଂରେଜ ମାନେ ତାଙ୍କ ଶାସନର ମଞ୍ଜି ବୁଣିଥିଲେ।

ଏହି ଇଂରେଜ ମାନଙ୍କୁ ଦେଶରୁ ତଡିବା ପାଇଁ ସବୁଠାରୁ ବଡ଼ ଆନ୍ଦୋଳନ 'ଭାରତ ଛାଡ଼ ଆନ୍ଦୋଳନ' ମଧ୍ୟ ଅଗଷ୍ଟ ମାସରେ ହିଁ ହୋଇଥିଲା ଯାହାକୁ ଅଗଷ୍ଟ କ୍ରାନ୍ତି ବୋଲି କୁହାଯାଏ। ୧୯୪୨ ମସିହା ଅଗଷ୍ଟ ୮ ତାରିଖଦିନ ଭାରତ ଛାଡ଼ ଆନ୍ଦୋଳନ ହୋଇଥିଲା। ସଂଯୋଗ ବଶତଃ ଅଗଷ୍ଟ ମାସରେ ଇଂରେଜ ମାନେ ଭାରତକୁ ଆସିଥିଲେ ଓ ସେଇ ଅଗଷ୍ଟ ମାସରେ ସେମାନଙ୍କୁ ଭାରତ ଛାଡି ଯିବା ପାଇଁ କୁହାଯାଇଥିଲା। ସେଇ ଅଗଷ୍ଟ ମାସର ୧୫ତାରିଖ ଦିନ ଇଂରେଜ ମାନେ ଭାରତରୁ ସବୁଦିନ ପାଇଁ ବିଦାୟ ନେଇଥିଲେ। ୧୯୪୨ ଅଗଷ୍ଟ କ୍ରାନ୍ତି ପରଠାରୁ ୧୯୪୭ଅଗଷ୍ଟ ୧୫ ପର୍ଯ୍ୟନ୍ତ ୫ବର୍ଷ ଏମିତି କ'ଣ ହେଲା ଯେ ଇଂରେଜମାନଙ୍କୁ ଭାରତ ଛାଡିବାକୁ ପଡିଥିଲା ୧୮୫୭ ପୂର୍ବରୁ ଭାରତରେ ବ୍ରିଟିଶ ସରକାରଙ୍କ ଶାସନ ନଥିଲା। ଇଷ୍ଟଇଣ୍ଡିଆ କମ୍ପାନୀ ବେଆଇନ୍ ଭାବେ ଭାରତ ଉପରେ କବ୍‌ଜା କରିଥିଲା। ଏହାକୁ ଭାରତର ଲୋକେ ଅସ୍ୱୀକାର କରିନଥିଲେ ଯାହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଏ। ୧୮୫୭ର ବିରୋଧ ପରେ ଇଂରେଜ ମାନେ ଏତେ ଭୟଭୀତ ହୋଇଯାଇଥିଲେ ଯେ ଇଷ୍ଟଇଣ୍ଡିଆ କମ୍ପାନୀ ଠାରୁ ଶାସନ ବ୍ୟବସ୍ଥା ରାଣୀ ଭିକ୍ଟୋରିଆ ନିଜ ହାତକୁ ନେଇ ଯାଇଥିଲେ। ଇଷ୍ଟ ଇଣ୍ଡିଆ କମ୍ପାନୀ ସହ ମରାଠା ଏବଂ ଶିଖ ରାଜାମାନଙ୍କର ଭୟଙ୍କର ଯୁଦ୍ଧ ହୋଇଥିଲା ଏବଂ ମୋଗଲ ଶାସନ ନାମକୁ ମାତ୍ର ରହିଯାଇଥିଲା। କିନ୍ତୁ ଇଂରେଜମାନେ ମୁସଲମାନଙ୍କୁ ଏମିତି ମିଛ ସତ କହି ପ୍ରବର୍ତ୍ତାଇବାରେ ସକ୍ଷମ ହୋଇଥିଲେ ଯେ ମୁସଲମାନ ମାନେ ମୁସଲିମ ଶାସନର କଥା ଉଠାଇବାରେ ଲାଗିଲେ। ଫଳରେ ଇଂରେଜମାନେ ଦେଶ ଛାଡିବା ବେଳେ ଦେଶକୁ ବିଭାଜିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହା ମଧ୍ୟ ଘଟିଥିଲା ଅଗଷ୍ଟ ମାସରେ। ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେବାର ପୂର୍ବଦିନ ଅର୍ଥାତ୍ ଅଗଷ୍ଟ ୧୪ ତାରିଖ ଦିନ ପାକିସ୍ଥାନ ଭାରତରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲା। ଏଣୁ ଭାରତର ଇତିହାସରେ ଅଗଷ୍ଟ ମାସର ଗୁରୁତ୍ୱ ଅଧିକ।

# ଅଗଷ୍ଟ ୨୯: ବ୍ୟକ୍ତିର ଅଧିକାର ଦିବସ

କବୀର କୁମାର ଜେନା
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ
କଟକ, ମୋ: ୮୯୧୭୩୭୭୯୮୭

ଆଜିର ଚତୁର୍ଦ୍ଦିଗକୁ ନିତିଦିନିଆ ଜୀବନକୁ ଯେ କେହି ବି ଦେଖିବ ମୌଳିକ ଜୀବନ ଠାରୁ କର୍ମମୟ ଜୀବନ, ଘରେ ବ୍ୟକ୍ତିଗତ ଜୀବନ ଠାରୁ ଆଧ୍ୟାତ୍ମିକ ଜୀବନ ସବୁକ୍ଷେତ୍ରରେ ବ୍ୟକ୍ତିର ଅଧିକାର ଓ ବ୍ୟକ୍ତି ସ୍ୱତନ୍ତ୍ରତା ହେଉଛି ମୂଳ ତେବେ ଅନେକ ଏହି ଦିଗଟି ସମ୍ପର୍କରେ ସେପରି ଜାଣି ନଥାନ୍ତି ଏବଂ ଜଣଙ୍କର ବ୍ୟକ୍ତି ଅଧିକାର ଯେ ଅତିବ ଗୁରୁତ୍ୱପୂର୍ଣ୍ଣ ତାହା ମଧ୍ୟ ସେମାନଙ୍କର ଭାବନା ଠାରୁ ବହୁତ ଦୂରରେ। ବ୍ୟକ୍ତି ଅଧିକାର ସଂପର୍କରେ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ ବ୍ରିଟିସ ଚିକିତ୍ସକ ଓ ଦାର୍ଶନିକ ଜନ୍ ଲକ୍। ସେ ଉଦାରବାଦର ଜନକ ଭାବେ ସୁପରିଚିତ। ତାଙ୍କ ସମ୍ମାନାର୍ଥେ, ତାଙ୍କ ଜନ୍ମ ଦିବସ ୨୯ ଅଗଷ୍ଟକୁ ବ୍ୟକ୍ତି ଅଧିକାର ଦିବସ ଭାବେ ପାଳନ କରାଯାଉଛି। ଲକ୍ କହିଛନ୍ତି ମାନବିକ ବା ନାଗରିକ ଅଧିକାର ବ୍ୟକ୍ତିର ନିଜସ୍ୱ। ସମାଜରୁ ମିଳୁଥିବା ସୁରକ୍ଷା ବଦଳରେ ମଣିଷ ନିଜର ପ୍ରାକୃତିକ ଅଧିକାରକୁ ସମର୍ପିତ କରୁଥିଲେ ମଧ୍ୟ ଜୀବନ, ସ୍ୱାଧୀନତା, ସଂପତ୍ତି, ବାକ୍-ସ୍ୱାଧୀନତା, ଧାର୍ମିକ ସ୍ୱାଧୀନତା ଏବଂ ସରକାରକୁ ଆବେଦନ କରିବାର ସ୍ୱାଧୀନତା, ତାର ଏକାନ୍ତ ନିଜସ୍ୱ ଅଧିକାର। ଏସବୁରୁ ତାକୁ କେବେ ହେଲେ ବଞ୍ଚିତ କରାଯାଇପାରିବ ନାହିଁ। ଲକ୍‌ଙ୍କ ଅନୁଗାମୀ ଅବ୍‌ଜେକଟିଭିଷ୍ଟ ପାର୍ଟିର ପ୍ରତିଷ୍ଠାତା ଡ.ଟମ୍ ଷ୍ଟିଭେନସ, ଲକଙ୍କ ଜନ୍ମ ଦିବସକୁ ବ୍ୟକ୍ତିଗତ ଅଧିକାର ଦିବସ ଭାବେ ପାଳନ କରିବା ଆରମ୍ଭ କରିଥିଲେ। ମଣିଷର ବ୍ୟକ୍ତିଗତ ଅଧିକାର ଓ ସ୍ୱାଧୀନତାର ମୂଲ୍ୟ ବୁଝିବା, ଲକଙ୍କ ରଚନାବଳୀ ପାଠ କରିବା, ଏହି ଦିନର ଲକ୍ଷ୍ୟ ହେଉ। 'ଏ ଲେଟର କନ୍‌ସର୍ନିଂ ଟୋଲେରେସନ୍', 'ଟୁ ଟ୍ରିଟିଜ୍ ଅଫ୍ ଗଭର୍ନମେଣ୍ଟ', 'ଆନ୍ ଏସେ କନ୍‌ସର୍ନିଂ ହ୍ୟୁମ୍ୟାନ ଅଣ୍ଡରଷ୍ଟାଣ୍ଡିଂ', 'ଅଫ୍ ଦ କନଡକ୍ଟ ଅଫ୍ ଦ ଅନଡରଷ୍ଟାଣ୍ଡିଂ' ଆଦି ତାଙ୍କର ପ୍ରସିଦ୍ଧ କୃତି ଅନ୍ତର୍ଭୁକ୍ତ।

# କ୍ରୀଡା ଦିବସ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ:୯୯୩୭୬୯୧୪୭୫

ପ୍ରକୃତିର ସ୍ୱର୍ଗୀୟ ଅପରୂପ ସୌନ୍ଦର୍ଯ୍ୟରେ ମଣିଷ ଯେତେବେଳେ ଆତ୍ମବିଭୋର ହୋଇପଡେ, ସବୁଜ ଶସ୍ୟ କ୍ଷେତ୍ର, ନିର୍ଝରିଣୀର କୁଳୁକୁଳୁ ସ୍ୱନ, ବିହଙ୍ଗମାନଙ୍କର କାକଳି, ଆକାଶର କମନୀୟ ରୂପ, ଏହିସବୁ ଯେତେବେଳେ ଜୀବନର ସ୍ୱାଦ ରୂପେ ଉପଭୋଗ କରେ। ଯୁଗେ ଯୁଗେ ପ୍ରକୃତିର ଶାନ୍ତ କାନ୍ତ କମନୀୟ ରୂପମାଧୁରୀ କବି, ଦର୍ଶକ, ଭାବୁକ, କଳାକାର ଓ ଲେଖକମାନଙ୍କୁ ବିମୋହିତ କରୁଥାଏ। ତଥାପି କର୍ମକ୍ଳାନ୍ତ ମଣିଷ ଜୀବନରେ ଅଣନିଃଶ୍ୱାସୀ ହୋଇ ଖୋଜେ ଚିତ ବିନୋଦର ବିବିଧ ମାଧ୍ୟମ। ମନୁଷ୍ୟର ମନୋରଞ୍ଜନ ନିମିତ ଥିବା ବିଭିନ୍ନ ବ୍ୟବସ୍ଥା ମଧ୍ୟରେ କ୍ରୀଡା ଅନ୍ୟତମ। କିଏ ଖେଳରେ ଅଂଶଗ୍ରହଣ କରି ଆନନ୍ଦ ଲାଭ କରେ ତ କିଏ ଖେଳ ଦେଖି ତାକୁ ଉପଭୋଗ କରେ। ବର୍ତ୍ତମାନ ବିଦ୍ୟା, ବୁଦ୍ଧି, କୌଶଳ, କାର୍ଯ୍ୟ ଓ ଦକ୍ଷତା ପ୍ରଭୃତିରେ ପରସ୍ପରକୁ ଅତିକ୍ରମ କରିବା ପାଇଁ ମାନବ ସମାଜ ମଧ୍ୟରେ ଯେଉଁ ପ୍ରଚେଷ୍ଟା ଦୃଷ୍ଟିଗୋଚର ହୁଏ ତାହା ହିଁ ପ୍ରତିଯୋଗିତା ନାମରେ ପରିଚିତ। ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ ସବୁଶ୍ରେଣୀ ମଧ୍ୟରେ ଉଚ୍ଚ, ନୀଚ୍ଚ, ବଡ, ସାନ ସମସ୍ତଙ୍କ ମଧ୍ୟରେ ପ୍ରତିଯୋଗିତାର ପରାକାଷ୍ଠା ମୁଣ୍ଡ ଟେକିଛି। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, ଖେଳକୁଦରେ ପ୍ରତିଯୋଗିତାର ଯୁଗ ଆରମ୍ଭ ହୋଇଯାଇଛି। ଜାତୀୟ, ଆନ୍ତର୍ଜାତୀୟ ଓ ଆଂଚଳିକ ସ୍ତରରେ ହେଉଥିବା କ୍ରୀଡା ପ୍ରତିଯୋଗିତାକୁ ପ୍ରତ୍ୟେକ ଦେଶ ଓ ପ୍ରତ୍ୟେକ ଜାତି ଉତ୍ସାହିତ କରିବାରେ ଲାଗିପଡିଛନ୍ତି। କ୍ରୀଡାଭୂମିରୁ ବଡ ବଡ ରାଜନୀତିଜ୍ଞ ଓ ଶାସକ ଗଢ଼ିଉଠନ୍ତି। ମନୁଷ୍ୟର ଶାରୀରିକ ମାନସିକ ଓ ନୈତିକ ସ୍ୱାସ୍ଥ୍ୟର ଉନ୍ନତି ନିମିତ କ୍ରୀଡା ଆବଶ୍ୟକ ଜରୁରି ହୋଇପଡିଛି।

ପ୍ରାଚୀନ କାଳରୁ ଆଦିମ ମନୁଷ୍ୟ ଶିକାର କରିବାର କୌଶଳକୁ ପର ଅବସ୍ଥାରେ କିଛିଟା ନିଜ ବୁଦ୍ଧି ବଳରେ ଖେଳରେ ଲଗାଇଥିଲା। ପ୍ରକାର ଭେଦରେ କେତେକ ଖେଳକୁ ଶାରୀରିକ କ୍ରୀଡା ଓ କେତେକ ଖେଳକୁ ମାନସିକ କ୍ରୀଡାର ପର୍ଯ୍ୟାୟଭୁକ୍ତ କରାଯାଇପାରେ। କେତେକ କ୍ରୀଡା ଗୃହ ମଧ୍ୟରେ ଅନୁଷ୍ଠିତ ହୁଏ ଏବଂ କେତେକ କ୍ରୀଡା ବାହାରେ କରାଯାଇଥାଏ। ଯେତେ ପ୍ରକାର କ୍ରୀଡା ଅଛି ସେ ସବୁଗୁଡିକୁ ଆମେ ଦୁଇଟି ଶ୍ରେଣୀରେ ବିଭକ୍ତ କରିଛେ। ପ୍ରଥମତଃ ଦେଶୀୟ କ୍ରୀଡା ଏବଂ ଦ୍ୱିତୀୟତଃ ବିଦେଶୀୟ କ୍ରୀଡା। ଦେଶୀୟ କ୍ରୀଡା କହିଲେ କବାଡି, ବୋହୂଚୋରି, ଚୋର ପୁଲିସ୍, ଖୋଖୋ, ହକି, ତାସ୍ ଓ ଲୁଡୋ ଆଦି କେତେକ ଖେଳକୁ ବୁଝାଏ। ବିଦେଶୀୟ କ୍ରୀଡା କହିଲେ ଫୁଟ୍‌ବଲ୍, ଭଲିବଲ, କ୍ରିକେଟ, ନେଟବଲ୍, ଟେନିସ୍, ଗଲ୍ଫ ଓ ବାସ୍କେଟବଲ ଆଦିକୁ ସୂଚାଇଥାଏ।

କ୍ରୀଡା ଏକ ଶାରୀରିକ ବ୍ୟାୟାମ, ଯିଏ ମନକୁ ପ୍ରଫୁଲ୍ଲତା ଆଣେ ଓ ଶାରୀରିକ ଶକ୍ତି ବଢ଼ାଏ। କ୍ରୀଡା ଶୃଙ୍ଖଳା, ସହଯୋଗିତା ଓ ସହନଶୀଳତା ଶିକ୍ଷା ଦିଏ। ଜାତି ଜାତି ଓ ଦେଶ ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ସହାୟକ ହୁଏ। କ୍ରୀଡା ସମୟନିଷ୍ଠ, ନିୟମାନୁବର୍ତ୍ତିତା, ଏକାଗ୍ରତା ଓ ନେତୃତ୍ୱ ଦେବାର କଳା ଶିଖାଏ। ଅନେକ ସମୟରେ ଖେଳାଳିମାନେ ଖେଳାଳି ମନୋବୃତ୍ତି ଭୁଲିଯାଇ ପ୍ରତିପକ୍ଷର ବିଜୟରେ ଅସହିଷ୍ଣୁ ହୋଇପଡନ୍ତି ଫଳରେ ଭୟାନକ ପରିସ୍ଥିତି ଦେଶ ଦେଶ ମଧ୍ୟରେ ସୃଷ୍ଟି ହୁଏ। ଦର୍ଶକ ହୁଅନ୍ତୁ ବା ଖେଳାଳି ସମସ୍ତେ ଅସହିଷ୍ଣୁତା ତ୍ୟାଗ କରି ନୈତିକ ପ୍ରତିଯୋଗିତାରେ ମନ ନିବେଶ କରିବା ବିଧେୟ। କ୍ରୀଡା ପ୍ରତିଯୋଗିତାର ମଧ୍ୟସ୍ଥ ବ୍ୟକ୍ତି ଉଭୟ ପକ୍ଷ ଖେଳାଳିମାନଙ୍କର ବିଶ୍ୱାସଭାଜନ ହେବା ଉଚିତ୍।


କ୍ରୀଡା ପ୍ରତିଯୋଗିତାର ଇତିହାସ ବହୁ ପୁରାତନ। ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା ସବୁଠାରୁ ପ୍ରାଚୀନ ଓ ବିଶ୍ୱପ୍ରସିଦ୍ଧ। ଏହି କ୍ରୀଡା ପ୍ରତିଯୋଗିତା ଗ୍ରୀସ୍ ଦେଶର ଅଲମ୍ପିଆ ନାମକ ସ୍ଥାନରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା କୁହାଯାଏ (ଅଲମ୍ପିକ୍ ଶବ୍ଦଟି ଅଲମ୍ପିଆ ଶବ୍ଦରୁ ଆସିଅଛି)। ଗ୍ରୀକ୍‌ମାନଙ୍କର ପ୍ରଧାନ ଦେବତା ଜୀୟସ୍‌ଙ୍କ ଉଦ୍ଦେଶ୍ୟରେ ଏହି କ୍ରୀଡା ପ୍ରତି ଚାରି ବର୍ଷରେ ଥରେ ଅନୁଷ୍ଠିତ ହେଉଥିଲା। ପୂର୍ବେ ଗ୍ରୀକ୍ ବହୁ ନଗର ଓ ରାଜ୍ୟରେ ବିଭକ୍ତ ହୋଇ ଯୁଦ୍ଧରେ ମାତି ରହୁଥିଲା। ଅଲମ୍ପିକ୍ କ୍ରୀଡା ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱର ବାର୍ତ୍ତା ସୃଷ୍ଟି କରୁଥିଲା। ଅଲମ୍ପିକ୍ କ୍ରୀଡା ଯୋଗୁ ସେମାନେ ଏକାଠି ସୂତ୍ରରେ ବାନ୍ଧି ହୋଇ ରହିପାରୁଥିଲେ। ଅଲମ୍ପିକ୍ କ୍ରୀଡାରେ ପ୍ରଥମେ ଗ୍ରୀକ୍ ନଗର ରାଜ୍ୟର ଖେଳାଳିମାନେ ଯୋଗ ଦେଉଥିଲେ। ଏହି ଖେଳରେ ନାରୀମାନଙ୍କୁ ଖେଳିବାକୁ ଅନୁମତି ମିଳୁନଥିଲା।

କିନ୍ତୁ ସମୟ କ୍ରମେ ବିଭିନ୍ନ ଦେଶର ଖେଳାଳିମାନେ ଏହି ଖେଳରେ ଅଂଶଗ୍ରହଣ କରିବାକୁ ଲାଗିଲେ। ଗ୍ରୀସ୍ ଓ ରୋମ୍ ମଧ୍ୟରେ ଯୁଦ୍ଧ ଲାଗିବାରୁ ଖ୍ରୀଷ୍ଟପୂର୍ବ ୭୭୬ରୁ ଆରମ୍ଭ ହୋଇଥିବା ଏହି ଖେଳ ୧୩୯୪ ଖ୍ରୀଷ୍ଟାବ୍ଦରେ ବନ୍ଦ ହୋଇଯାଇଥିଲା। ଫରାସୀ ଯୁବକ ବ୍ୟାରେନ୍ ପ୍ୟାରିଡଙ୍କ ଚେଷ୍ଟା ଫଳରେ ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା ୧୮୯୬ ଖ୍ରୀଷ୍ଟାବ୍ଦରେ ପୁନର୍ବାର ଆରମ୍ଭ ହେଲା। କିନ୍ତୁ ଏହି କ୍ରୀଡା ଅଲମ୍ପିଆ ଠାରେ ନ ହୋଇ ବିଭିନ୍ନ ଦେଶରେ ଅନୁଷ୍ଠିତ ହେଉଅଛି। ୧୯୧୪ ଖ୍ରୀଷ୍ଟାବ୍ଦରୁ ୧୯୧୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁ କ୍ରୀଡା ପ୍ରତିଯୋଗିତା ବନ୍ଦ ଥିଲା। ୧୯୨୮ ମସିହାଠାରୁ ଭାରତବର୍ଷ ଅଲମ୍ପିକ୍ କ୍ରୀଡାରେ ଅଂଶଗ୍ରହଣ କରି ଆସୁଅଛି। ଏହି ପ୍ରତିଯୋଗିତାରେ ଭାରତ ତାର ଜାତୀୟ ଖେଳ ହକିରେ ସ୍ୱର୍ଣ୍ଣପଦକରେ ବିଭୂଷିତ ହୋଇଥିଲା। ଅଲମ୍ପିକ କ୍ରୀଡା ପ୍ରତିଯୋଗିତା ହେଉଛି, ଆଧୁନିକ ଜଗତର ସର୍ବପ୍ରଥମ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗିତା ସଂଗଠନ। ଏହି ପ୍ରତିଯୋଗିତାରେ ଏବେ ପୁରୁଷ ଓ ନାରୀ ଉଭୟ ଯୋଗଦେଉଛନ୍ତି।

ଅଲମ୍ପିକ୍ କ୍ରୀଡା ବ୍ୟତୀତ ଅନ୍ୟାନ୍ୟ ବହୁବିଧ କ୍ରୀଡା ପ୍ରତିଯୋଗିତା ସଂଗଠନମାନ ସୃଷ୍ଟି କରାଯାଇଅଛି, ଯଥା - ଏସିଆଡ୍, ଡେଭିସ୍ କପ୍, ଡର୍ବିରେସ୍, ଏମ୍ପାୟାର ଗେମ୍ସ, ଗ୍ରାଣ୍ଟ ପ୍ରିକ୍ସ, ମାରାଥନ୍ ରେସ୍, ଆଗା ଖାଁ କପ୍, ରଣଜିତ୍ ଟ୍ରଫି, ମହାରାଜା ସନ୍ତୋଷ ସ୍ମୃତି କପ୍, ରୋଭର୍ସ କପ୍, ସେଫିଲ୍‌ଡ ସିଲ୍‌ଡ, ୱାଇଟ୍ ମ୍ୟାନ୍ କପ୍, ଏଫ୍.ଏ.କପ୍, ବିଟନ୍ କପ୍, କ୍ୟାଲ୍‌କାଟା କପ୍, କର୍ବିଲିଆନ୍ କପ୍, ଦିଲ୍ଲୀ କ୍ଲଥ୍ ମିଲିସ୍ କପ୍, ଡୁରାଣ୍ଡ କପ୍, ନ୍ୟାସନାଲ ଆଇ.ଏଫ୍.ଏ.ସିଲ୍‌ଡ, ବିଜୟ ଲକ୍ଷ୍ମୀ କ୍ଲବ୍ ୱାକର କପ୍, ଟେଷ୍ଟମ୍ୟାନ୍ ଓ ରଙ୍ଗସ୍ୱାମୀ କପ୍ ଆଦି ବହୁ ଆଂଚଳିକ କ୍ରୀଡା ସଂଗଠନ ଭାରତ ଓ ପୃଥିବୀରେ ରହିଅଛି।

କ୍ରୀଡାବିତ୍, କ୍ରୀଡା ପ୍ରେମୀ ବ୍ୟକ୍ତି ଏବଂ ସରକାର କ୍ରୀଡାର ଗୁଣାତ୍ମକମାନ ବୃଦ୍ଧି ପାଇଁ ପ୍ରୟାସ କରିବା ବିଧେୟ। ଖେଳାଳୀମାନେ କୌଣସି ଖେଳରେ ପରାଜିତ ହେଲେ ହତୋତ୍ସାହ ନହୋଇ ଅଧିକ ନିଷ୍ଠାର ସହିତ ଖେଳିଲେ ନିଜର ସୁନାମ ସହିତ ଦେଶ ପାଇଁ ଗୌରବ ଅର୍ଜନ କରିପାରିବେ। କ୍ରୀଡା ପ୍ରତିଯୋଗିତାରେ କେବଳ ଦେଶର ହିତ ହୋଇଥାଏ। ତା ନୁହେଁ ବରଂ ବିଶ୍ୱରୁ ଯୁଦ୍ଧ ବିଭୀଷିକାକୁ ଏଡାଇ ଦିଆଯାଇପାରେ। ସେଥିପାଇଁ ଆମେ ଅଗଷ୍ଟ ମାସର ଅଣତିରିଶ ତାରିଖକୁ କ୍ରୀଡା ଦିବସ ରୂପେ ପାଳନ କରିଥାଉ। ଏହି କ୍ରୀଡା ଦିବସ ଆମକୁ ଚରିତ୍ର, ନୈତିକତା, ଶୃଙ୍ଖଳା ଜ୍ଞାନ, ଭାତୃଭାବ ତଥା ସ୍ନେହ ସଦ୍‌ଭାବର ଶିକ୍ଷା ଦେଇଥାଏ।

# ବ୍ୟାଙ୍କ ସୁବିଧାରେ ବଞ୍ଚିତଙ୍କୁ ଅନ୍ତର୍ଭୁକ୍ତି: ଜନ ଧନ ଯୋଜନାର ୧୧ ବର୍ଷ



ଭି. ଅନନ୍ତ ନାଗେଶ୍ୱରନ୍
ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା
ଭାରତ ସରକାର

ସତତ ବିକାଶ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅପରିହାର୍ଯ୍ୟ। ଏହି କାରଣରୁ, ୨୦୩୦ ସୁଦ୍ଧା ପୂରଣ କରାଯିବାକୁ ଥିବା ମିଳିତ ଜାତିସଂଘର ସତତ ବିକାଶ ଲକ୍ଷ୍ୟ ମଧ୍ୟରୁ ୭ଟିରେ ଏହାକୁ ବିଶ୍ୱସ୍ତରୀୟ ସମାବେଶୀ ଅଭିବୃଦ୍ଧିର ମୁଖ୍ୟ କାରକ ଭାବେ ଚିହ୍ନଟ କରାଯାଇଛି। ଆର୍ଥିକ ଅନ୍ତର୍ଭୁକ୍ତିକରଣର ପ୍ରଥମ ଏବଂ ମୂଳ ପଦକ୍ଷେପ ହେଉଛି ବ୍ୟାଙ୍କ ଖାତା ନଥିବା ଲୋକମାନଙ୍କୁ ଆନୁଷ୍ଠାନିକ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ିବା, କାରଣ ବ୍ୟାଙ୍କ ଖାତା ସମସ୍ତ ଆର୍ଥିକ ସେବାକୁ ପ୍ରବେଶ କରିବାର ପ୍ରଥମ ଦ୍ୱାର ଅଟେ।

ଆର୍ଥିକ ଅନ୍ତର୍ଭୁକ୍ତିକରଣ ହାସଲ ପାଇଁ, ଐତିହାସିକ ଭାବରେ ବଞ୍ଚିତ ଲୋକଙ୍କ ନିକଟକୁ ବ୍ୟାଙ୍କିଂ ସେବା ପହଞ୍ଚାଇବା ନିମନ୍ତେ ସୁଚିନ୍ତିତ ଏବଂ ସଂରଚିତ ନୀତିଗତ-ହସ୍ତକ୍ଷେପ ଆବଶ୍ୟକ। ଏହି ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଲାଲକିଲ୍ଲା ପ୍ରାଚୀରରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ଅଭିଭାଷଣ 'ପ୍ରଧାନମନ୍ତ୍ରୀ ଜନଧନ ଯୋଜନା'ରେ ଘୋଷିତ ହୋଇଥିଲା। ଘୋଷଣାର ମାତ୍ର କିଛିଦିନ ମଧ୍ୟରେ ୨୮ ଅଗଷ୍ଟ ୨୦୧୪ରେ 'ଜାତୀୟ ଆର୍ଥିକ ଅନ୍ତର୍ଭୁକ୍ତିକରଣ ମିଶନ' ଅଧୀନରେ ଏହି ଯୋଜନାକୁ ଆନୁଷ୍ଠାନିକ ଭାବରେ କାର୍ଯ୍ୟାନ୍ୱୟନ କରାଯାଇଥିଲା। ମିଶନର ଦୃଷ୍ଟିକୋଣକୁ ଏହାର ସ୍ଲୋଗାନରେ ହିଁ ସାମିଲ କରାଯାଇଥିଲା। ଏହା ହେଉଛି 'ମେରା ଖାତା, ଭାଗ୍ୟ ବିଧାତା' ଅର୍ଥାତ୍ ମୋ ଖାତା ହେଉଛି, ଭାଗ୍ୟ ନିର୍ମାତା। ଏହା ଗରିବ ଏବଂ ଐତିହାସିକ ଭାବରେ ପଛୁଆ ଲୋକଙ୍କୁ ଅର୍ଥନୈତିକ ମୁଖ୍ୟଧାରାକୁ ଆଣିବାକୁ ଚେଷ୍ଟା କରିଛି, ଆନୁଷ୍ଠାନିକ ଭାବେ ସେମାନଙ୍କୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ପ୍ରବେଶ ପାଇଁ ସକ୍ଷମ କରିଛି। ଏହାଦ୍ୱାରା ସେମାନେ ଯେ, ଭାରତର ଅଭିବୃଦ୍ଧି କାହାଣୀର ଅଂଶୀଦାର ଏବଂ ଲାଭାର୍ଥୀ ତାହା ନିଶ୍ଚିତ ହୋଇଛି।

କୌଣସି ବ୍ୟାଙ୍କରେ ଜନଧନ ଖାତା ଖୋଲିବା ପାଇଁ ହିତାଧିକାରୀମାନଙ୍କୁ ସର୍ବନିମ୍ନ ଦସ୍ତାବେଜ ଦେବାକୁ ପଡ଼େ ଏବଂ ପ୍ରାରମ୍ଭିକ ଜମାରାଶିର କୌଣସି ଆବଶ୍ୟକତା ନଥାଏ। ଏହା ଶୂନ୍ୟ-ବ୍ୟାଲାନ୍ସ ଏବଂ ଶୂନ୍ୟ-ଚାର୍ଜ ବିଶିଷ୍ଟ ଖାତା ଅଟେ। ଖାତା ଖୋଲିବା ପ୍ରକ୍ରିୟା ପାଇଁ କେୱାଇସି / ଇ-କେୱାଇସି କୁ ଅତ୍ୟନ୍ତ ସରଳୀକୃତ କରାଯାଇଛି। ଏହି ଖାତାଧାରୀମାନେ ଖାତା ଖୋଲିବା ମାତ୍ରକେ ମାଗଣାରେ ୨ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସହିତ 'ରୂପେ ଡେବିଟ୍' କାର୍ଡ ଏବଂ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ 'ଓଭରଡ୍ରାଫ୍ଟ' ର ସୁବିଧା ଭଳି ଅତିରିକ୍ତ ସୁବିଧା ପାଇପାରୁଛନ୍ତି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଶୁଭାରମ୍ଭ ହେବା ପରଠାରୁ ଅଭୂତପୂର୍ବ ସଫଳତା ହାସଲ କରିଛି। ୨୦୨୪ 'ଇକୋନୋମିକ୍ ଆଣ୍ଡ ପଲିଟିକାଲ୍ ୱିକଲି' ପତ୍ରିକାରେ ଉଲ୍ଲେଖ କରାଯାଇଛି ଯେ 'ଭାରତର ବ୍ୟାଙ୍କ୍ ଖାତାଧାରୀଙ୍କ ସଂଖ୍ୟାରେ ୨୦୧୪ ରୁ ୨୦୧୭ ମଧ୍ୟରେ ୨୬ ପ୍ରତିଶତ ଅଭିବୃଦ୍ଧି ହୋଇଛି। ଏଥିପାଇଁ ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୁକ୍ତି ଅଭିଯାନ – ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ଶ୍ରେୟ ଦିଆଯାଇପାରେ। ଏହା ବିଶ୍ୱର ହାରାହାରି ବ୍ୟାଙ୍କ ଆକାଉଣ୍ଟ ଅଭିବୃଦ୍ଧି (୬.୫୭) ତୁଳନାରେ ପ୍ରାୟ ଚାରି ଗୁଣ ଅଧିକ ଏବଂ ସେହି ସମୟ ମଧ୍ୟରେ ବିକାଶଶୀଳ ଦେଶଗୁଡ଼ିକରେ ଖୋଲାଯାଇଥିବା ବ୍ୟାଙ୍କ ଖାତା (୭.୨୭) ତୁଳନାରେ ତିନି ଗୁଣ ଅଧିକ।' ୮ ଅଗଷ୍ଟ ୨୦୨୫ ସୁଦ୍ଧା, ୫୬ କୋଟିରୁ ଅଧିକ ଜନଧନ ଆକାଉଣ୍ଟ ଖୋଲାଯାଇଛି, ଯାହା ମଧ୍ୟରୁ ପ୍ରାୟ ୬୭% ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ଅବସ୍ଥିତ ବ୍ୟାଙ୍କ ଶାଖାଗୁଡ଼ିକରେ ରହିଛି। ଏହି ଯୋଜନା ଲିଙ୍ଗଗତ ବୈଷମ୍ୟକୁ ମଧ୍ୟ ସ୍ପଷ୍ଟ ଭାବରେ ଦୂର କରିଛି, ୫୫% ରୁ ଅଧିକ ଜନଧନ ଖାତା – ୩୧ କୋଟି ରୁ ଅଧିକ – ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହା ବ୍ୟତୀତ, ଜନଧନ ଆକାଉଣ୍ଟ ସାମାଜିକ ସୁରକ୍ଷା ପଞ୍ଜୀକରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ବାହକ ପାଲଟିଛି, ନିକଟରେ ସଂସଦରେ ଉପସ୍ଥାପିତ ତଥ୍ୟ ଦର୍ଶାଉଛି ଯେ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ଥିବା ସମସ୍ତ ପଞ୍ଜୀକରଣର ପ୍ରାୟ ଏକ ତୃତୀୟାଂଶ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ସହିତ ସମ୍ପୃକ୍ତ।

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଭାରତର ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମିର ଆଧାରସ୍ତମ୍ଭ ଭାବେ ସ୍ଥାପିତ ହୋଇଛି। ପେମେଣ୍ଟ ସେବାର ପ୍ରବେଶକୁ ଲୋକତନ୍ତ୍ରୀକୃତ କରି, ଏହା ଲକ୍ଷ-ଲକ୍ଷ ନାଗରିକଙ୍କୁ ଡିଜିଟାଲ ଅର୍ଥନୀତିରେ ସହଭାଗୀ ହେବାକୁ ସକ୍ଷମ କରିଛି। ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି)ର ସଫଳତାକୁ ଦେଖିଲେ, ଏହି ଯୋଜନା ସ୍ୱଚ୍ଛତା ବୃଦ୍ଧି କରିଛି, କଲ୍ୟାଣ ପ୍ରଦାନରେ କ୍ଷେତ୍ରରେ ବାଟମାରଣା ହ୍ରାସ କରିଛି ଏବଂ ସରକାରୀ ଯୋଜନାଗୁଡିକରେ ବିଶ୍ୱାସକୁ ସୁଦୃଢ଼ କରିଛି। ଆଧାର ଏବଂ ମୋବାଇଲ୍ ସଂଯୋଗ ସହିତ, ଜନଧନ-ଆଧାର-ମୋବାଇଲ୍ (ଜେଏଏମ୍) ଟ୍ରିନିଟି ସମଗ୍ର ଭାରତରେ ଡିଜିଟାଲ କାରବାରକୁ ବ୍ୟାପକ କରିବାରେ ସହାୟକ ହୋଇଛି। ଜନଧନ ଆକାଉଣ୍ଟ ଏବଂ ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ୟୁପିଆଇ) ମଧ୍ୟରେ ସମନ୍ୱୟ ଅନୌପଚାରିକ କ୍ଷେତ୍ର ମଧ୍ୟରେ କ୍ଷୁଦ୍ର ଏବଂ ନାମମାତ୍ର ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ପରିଚାଳନା ପାଇଁ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାରେ ପ୍ରବେଶ ଦେଇ ସଶକ୍ତ କରିଛି। ସଦ୍ୟତମ ଏନ୍‌ପିସିଆଇ ତଥ୍ୟ ଦର୍ଶାଉଛି ଯେ, ପରିମାଣ ଅନୁସାରେ ସମସ୍ତ ୟୁପିଆଇ କାରବାରର ପ୍ରାୟ ଅଧା ଖାଦ୍ୟ ଏବଂ କିରାଣା ସାମଗ୍ରୀ ବର୍ଗରେ ହୋଇଛି। ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ଡିଜିଟାଲ୍ ପେମେଣ୍ଟକୁ ଏକାଠି କରି କିପରି କ୍ଷୁଦ୍ର-ଉଦ୍ୟୋଗୀମାନଙ୍କ ଦ୍ୱାରା ପ୍ରାଧାନ୍ୟିତ ଏହି କ୍ଷେତ୍ର ତୃଣମୂଳ ସ୍ତରରେ ଦୈନନ୍ଦିନ କାରବାର ଢାଞ୍ଚାକୁ ପରିବର୍ତ୍ତନ କରିଛି ତାହା ଉପରେ ଆଲୋକପାତ କରେ।

ଏହାର ପ୍ରଭାବ କେବଳ ଲୋକଙ୍କ ପାଖରେ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାର ପହଞ୍ଚକୁ ଉନ୍ମୁକ୍ତ କରିଛି ତାହା ନୁହେଁ, ଏହାର ଊର୍ଦ୍ଧ୍ୱକୁ ଯାଇ ଏ ବ୍ୟବସ୍ଥା ଅନେକ ସକରାତ୍ମକ ଦିଗ ସୃଷ୍ଟି କରିଛି। ୨୦୨୨ ର ଏକ ଅଧ୍ୟୟନ, 'ଗ୍ରାମୀଣ ଭାରତରେ ବ୍ୟାଙ୍କିଙ୍ଗ, ସଞ୍ଚୟ ଏବଂ ଖର୍ଚ୍ଚ ସୁଗମତା' ଅନୁସାରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ପହଞ୍ଚ ଦ୍ୱାରା ସଞ୍ଚୟ ପ୍ରତିବନ୍ଧକକୁ ଦୂର କରି ବ୍ୟବହାର ସୁଗମତାରେ ଉନ୍ନତି ଆସିଛି। ଗରିବଙ୍କ ପାଇଁ ଋଣ ପ୍ରତିବନ୍ଧକ ପରି ସଞ୍ଚୟ ପ୍ରତିବନ୍ଧକ ଏକ ଉଲ୍ଲେଖନୀୟ ସମସ୍ୟା ବୋଲି ଏଥିରେ କୁହାଯାଇଛି। ସେହିପରି, ୨୦୨୧ରେ ଭାରତୀୟ ଷ୍ଟେଟ ବ୍ୟାଙ୍କ୍ ଗବେଷଣା ରିପୋର୍ଟରେ ପର୍ଯ୍ୟବେକ୍ଷଣ କରାଯାଇଛି ଯେ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ଖୋଲାଯାଇଥିବା ଖାତାରେ ଥିବା ସଞ୍ଚିତ ରାଶିରେ ବୃଦ୍ଧି ସମାଜରେ ଅପରାଧ ହାର ହ୍ରାସ ସହିତ ଜଡ଼ିତ ଥିଲା, ଏବଂ ଅଧିକ ଆକାଉଣ୍ଟ ପହଞ୍ଚ ଥିବା ରାଜ୍ୟଗୁଡ଼ିକ ମଦ୍ୟପାନ ଏବଂ ତମାଖୁ ଭଳି ନିଶା ଦ୍ରବ୍ୟର ବ୍ୟବହାରରେ ପରିସଂଖ୍ୟାନଗତ ଭାବରେ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପରିଲକ୍ଷିତ ହୋଇଥିଲା।

ବ୍ୟାଙ୍କିଙ୍ଗ ସେବାଗୁଡ଼ିକ ବର୍ତ୍ତମାନ ପ୍ରାୟ ସମସ୍ତଙ୍କ ପାଖରେ ପହଞ୍ଚିଛି। ଏବେ ଆହ୍ୱାନ ହେଉଛି ଏହି ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଆହୁରି ସୁଦୃଢ଼ କରିବା। ଉତ୍ସାହଜନକ ଭାବରେ, ରିଜର୍ଭ ବ୍ୟାଙ୍କର ଆର୍ଥିକ ଅନ୍ତର୍ଭୁକ୍ତି ସୂଚକାଙ୍କ ଏହି ଦିଗରେ ସ୍ଥିର ପ୍ରଗତିକୁ ପ୍ରତିଫଳିତ କରେ। ଏହି ଯୋଜନା ରୂପାୟନ ହେବା ଦିନଠାରୁ ଆର୍ଥିକ ଅନ୍ତର୍ଭୁକ୍ତିର ତିନୋଟି ଦିଗ ଯେମିତି ପହଞ୍ଚ (୩୫%), ବ୍ୟବହାର (୪୫%), ଏବଂ ଗୁଣବତ୍ତା (୨୦%) ନିରନ୍ତର ଭାବେ ଉନ୍ନତି କରି ଚାଲିଛି। ମାର୍ଚ୍ଚ ୨୦୨୪ ସୁଦ୍ଧା ଏହି ସୂଚକାଙ୍କ ୬୭.୦ରେ ପହଞ୍ଚିଛି। ଏହି ସ୍କେଲରେ, ଯେଉଁଠାରେ ଶୂନ (୦) ସମ୍ପୂର୍ଣ୍ଣ ବାଦ ଏବଂ ୧୦୦ ଶତ ପ୍ରତିଶତ ଅନ୍ତର୍ଭୁକ୍ତିକୁ ପ୍ରତିନିଧିତ୍ୱ କରେ, ସେଠାରେ ଭାରତର ସ୍ଥିର ଊର୍ଦ୍ଧ୍ୱଗାମୀ ଗତିପଥ ଦେଶବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତିର ଦୃଢ଼ତା ଏବଂ ପ୍ରସାରଣକୁ ଗୁରୁତ୍ୱ ଦିଏ।

ବ୍ୟାଙ୍କିଙ୍ଗ ସୁବିଧାରୁ ବଞ୍ଚିତ ଲୋକଙ୍କୁ ଅର୍ଥନୈତିକ ମୁଖ୍ୟଧାରାରେ ପରିଚିତ କରାଇବାରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ସଫଳତା ଏକକାଳୀକ ସଫଳତା ନୁହେଁ, ବରଂ ଗଭୀର ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ଜୀବନ, ଜୀବିକା, ଏବଂ ସହଭାଗୀ ସମୃଦ୍ଧିର ପଥକୁ ପ୍ରକୃତରେ ପରିବର୍ତ୍ତନ କରିପାରୁଥିବା ଦୀର୍ଘ ଯାତ୍ରାର ଏକ ପାହାଚକୁ ଉନ୍ମୁକ୍ତ କରିଥାଏ।



ଟାଙ୍ଗି-ଚୌଦ୍ୱାରବାସୀ ସ୍ଥାନୀୟ ଡାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ମ୍ୟାଟ୍ରିକ୍ ଟପର ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି କେ.ସି.ପ୍ରତାପସିଂହଙ୍କ ପୌରୋହିତ୍ୟରେ ସ୍ଥାନୀୟ କଳିଙ୍ଗ ନୋଡ଼ାଲ ବିଦ୍ୟାପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ବିଦ୍ୟା ଅଧ୍ୟୟନ ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରତିପାଦନ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଡ଼. ଉତ୍ତମ ଚରଣ ସାହୁ, ସୁଭାଷ କୁମାର ଖୁଣ୍ଟିଆ ଏବଂ ଦିଲ୍ଲିପ କୁମାର ଛତାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମାଟ୍ରିକ୍‌ରେ ଟପର ଏବଂ ବିଭିନ୍ନ କ୍ଷେତ୍ରରେ କୃତି ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୁରସ୍କାର ଓ ସାର୍ଟିଫିକେଟ ବିତରଣ କରାଯାଇଥିଲା । ସମ୍ପାଦକ ଗୌତମ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ବୈକୁଣ୍ଠନାଥ ତାରେଣିଆ ଓ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କବିତାପାଠ ଉତ୍ସବରେ ମନୋଜ ସ୍ୱାଇଁ, ସୁକାନ୍ତ କୁମାର ସାହୁ, ପ୍ରଦୀପ କୁମାର ପାଣି, ନିର୍ମଳା ପରିଡ଼ା, ନିରଞ୍ଜନ ବେହେରାଙ୍କ ସମେତ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ନାରାୟଣ ସ୍ୱାଇଁ, ଅଜୟ ଦାସ ମହାପାତ୍ର, ବିଶ୍ୱକଲ୍ୟାଣ ଦାସ, ଦେବେନ୍ଦ୍ର ପୁଷ୍ଟି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଦୁଇଦିନିଆ ଢେଙ୍କାନାଳ ଗସ୍ତ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ପବିତ୍ର ଗଣେଶ ପୂଜା ଅବସରରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନ ଦୁଇଦିନିଆ ଢେଙ୍କାନାଳ ଗସ୍ତରେ ଆସି ପୂର୍ବାହ୍ନ ୧୦ଟାରେ ଢେଙ୍କାନାଳ ନଗରପିଠରେ ନବନିର୍ମିତ ସଦର ରାଜସ୍ୱ କାର୍ଯ୍ୟାଳୟକୁ ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ । କୃଷି ଭିତ୍ତିକ ଗଣପର୍ବ ନୂଆଖାଇ ଉପଲକ୍ଷେ ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସି.ଏମ୍.କିଷାନ୍ ଦ୍ୱିତୀୟ କିସ୍ତିର ସହାୟତା ରାଶି ପ୍ରଦାନ ସଭାରେ ପୂର୍ବାହ୍ନ ୧୧ଟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଚାଷୀଙ୍କୁ ସମ୍ବୋଧିତ କରିଥିଲେ । ମଧ୍ୟାହ୍ନରେ ମନ୍ତ୍ରୀ ଶ୍ରୀ ପାତ୍ର ସ୍ଥାନୀୟ ଢେଙ୍କାନାଳ ଆଇନ୍ ମହାବିଦ୍ୟାଳୟରେ ଆଦିଦେବ ବିଘ୍ନବିନାଶକ ପ୍ରଭୁ ଗଣେଶଙ୍କ ପୂଜାର୍ଚ୍ଚନା କରି ପୁଷ୍ପାଞ୍ଜଳି ପ୍ରଦାନ କରି ଆଶିଷଲାଭ କରିଥିଲେ । ଅପରାହ୍ନରେ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦଙ୍କ ସହ ଭାଲିଆବୋଲକାଟେଣୀ ପଞ୍ଚାୟତ ଗୋହିରାଖାଲ ଗ୍ରାମ ପୂଜାମଣ୍ଡପ, ସପ୍ତଶଯ୍ୟା ପଞ୍ଚାୟତର ବଉଳିଆ, ସଦେଇବେରେଣୀ ଗ୍ରାମ ପୂଜା ମଣ୍ଡପ, ନାଗିଆଳି ଓ ବିରାଡ଼ିଆର ସମସ୍ତ ପୂଜା ମଣ୍ଡପ ଓ ସଂଧ୍ୟାରେ ଢେଙ୍କାନାଳ ସହରର ବିଭିନ୍ନ ପୂଜା ମଣ୍ଡପ ବୁଲି ଗଣପତି ବାବାଙ୍କୁ ଦର୍ଶନ କରିବା ସହ ଶାନ୍ତି ଶୃଙ୍ଖଳାରେ ପୂଜା ଆୟୋଜନ କରିଥିବା ହେତୁ ସମସ୍ତ ପୂଜା କମିଟିର କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ଗୁରୁବାର ସକାଳ ୮ଟାରେ ସ୍ଥାନୀୟ ହନୁମାନବାଟିକାସ୍ଥିତ ଚା' ଖଟିରେ ଉପସ୍ଥିତ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତିବିଶେଷ, ସାମ୍ବାଦିକ, ବରିଷ୍ଠ କାର୍ଯ୍ୟକର୍ତ୍ତା, ଗୁରୁଜନ ଓ ନେତୃବୃନ୍ଦଙ୍କ ସହ ଢେଙ୍କାନାଳ ବିକାଶ ଉପରେ ଆଲୋଚନା କରିଥିଲେ । ଢେଙ୍କାନାଳ ବିକାଶ ମୋର ଦାୟିତ୍ୱ ଓ ଆଗାମୀ ୫ବର୍ଷ ମଧ୍ୟରେ ଢେଙ୍କାନାଳ ବିଧାନସଭା ମଣ୍ଡଳୀ ସର୍ବଶ୍ରେଷ୍ଠ ହେବ ବୋଲି ସେ ଆଲୋଚନା ପ୍ରସଙ୍ଗରେ କହିଥିଲେ । ସହରରେ ନୂତନ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯିବା ସହ ମେଡିକାଲ ରାସ୍ତାର ପ୍ରଶସ୍ତିକରଣ, ଗୋପବନ୍ଧୁ ଟାଉନ୍ ହଲ୍‌ର ଉନ୍ନତିକରଣ, ସ୍ଥାନୀୟ ସର୍କିଟ୍ ହାଉସ୍ ଠାରେ ନୂତନ ଦୁଇ ମହଲା ଗୃହ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ । ସେହିପରି ସହରରେ ପାନୀୟଜଳ ସମସ୍ୟା ଖୁବ୍ ଶୀଘ୍ର ତ୍ୱରାନ୍ୱିତ କରାଯିବ । ଢେଙ୍କାନାଳ ଜିଲ୍ଲାର ୬ଜଣ ରାଇସ୍ ମିଲରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଇଛି ବୋଲି ପ୍ରକାଶ କରିବା ସହ କୌଣସି ସରକାରୀ ଅଧିକାରୀଙ୍କୁ ଦୁର୍ନୀତି କରିବାର ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହି ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ପୂର୍ବାହ୍ନ ୧୧ଟାରେ ସଦର ବ୍ଲକ୍ ଅଧିନ ସପ୍ତଶଯ୍ୟା ଠାରେ ପ୍ରତିଷ୍ଠିତ ହୋଇଥିବା ଖାଦ୍ୟ, ପାନୀୟ ଓ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଇନ୍ଧନ କ୍ଷେତ୍ରରେ ବ୍ୟବହାର ନିମନ୍ତେ ଉଚ୍ଚମାନର ବାୟୋଇଥାନଲ ଉତ୍ପାଦନ କରିଥିବା ଇଣ୍ଡିଆ ଗ୍ଲିକୋଲ୍ ପ୍ରାଇଭେଟ୍ ଲିମିଟେଡ୍ କାରଖାନାରେ ଏକ ସଭାରେ ମନ୍ତ୍ରୀ ଶ୍ରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ୩୬ ଅନୁସୂଚିତ ଜନଜାତି ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ନିଷ୍ଠା ଓ ସାଧୁତାର ସହ କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ । କାରଖାନାର ପରିଚାଳନା ନିର୍ଦ୍ଦେଶକ ଆକାଶ ଅଗ୍ରୱାଲ, ଅଧ୍ୟକ୍ଷ ପ୍ରକାଶ କୁମାର ରାଉତ, ଅନ୍ୟତମ ନିର୍ଦ୍ଦେଶକ ପ୍ରକାଶ ନାୟକଙ୍କ ସମେତ ଜନପ୍ରତିନିଧି ଓ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଗ୍ରାମରେ ପହଞ୍ଚିଲା ପ୍ରବାସୀ ଶ୍ରମିକଙ୍କ ମରଶରୀର



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବଡ଼ମାଛପୁର ପଞ୍ଚାୟତର ପ୍ରବାସୀ ଶ୍ରମିକ ଦାଦନ ଖଟିବାକୁ କେରଳ ଯାଇଥିବା ବେଳେ ତାଙ୍କ ମୃତ୍ୟୁ ଘଟିଥିଲା । ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ଶ୍ରମିକଙ୍କ ଶବ ଯଥା ସମ୍ମାନ ସହକାରେ ଦୈହିକ ଘରକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଉପ-ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିକୁ ପାଳନ କରିଛନ୍ତି । ଗ୍ରାମରେ ଶ୍ରମିକଙ୍କ ଶବ ପହଞ୍ଚିବା ପରେ ହଜାର ହଜାର ଲୋକଙ୍କ ସମାବେଶ ଘଟିଥିବା ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସୂଚନା ଅନୁଯାୟୀ, ବଡ଼ମାଛପୁର ଗ୍ରାମର ହୀନା ନାୟକଙ୍କ ପୁଅ ବିଜୟ କୁମାର ନାୟକ କେରଳରେ ପ୍ରବାସୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ହେଉ ଅସୁସ୍ଥ ହେବାରୁ ଗତ ୨୪ରେ ଟ୍ରେନ୍ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ହେଉ ଅଧିକ ଅସୁସ୍ଥ ହେବାରୁ କେରଳର ପାଲଘାଟ ଷ୍ଟେସନ୍‌ରେ ଓହ୍ଲାଇ ସଂଜ୍ଞାହୀନ ହୋଇଯାଇଥିଲେ । ଲେଲଡ଼େ ପୋଲିସ ବିଜୟଙ୍କୁ ପାଲଘାଟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପରିବାର ଭାଙ୍ଗି ପଡ଼ିଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ତାଙ୍କ ପରିବାର ସହ କଥାହୋଇ ପ୍ରବାସୀଙ୍କୁ ଫେରାଇ ଆଣିବା ପାଇଁ କହିଥିଲେ । ୨୮ ତାରିଖ ଦିନ ୧୧ଟାରେ ଶ୍ରମିକଙ୍କ ମରଶରୀର ସ୍ୱତନ୍ତ୍ର ବିମାନ ଯୋଗେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚ ଥିବାବେଳେ ଉପ-ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବା ସହ ରାଜ୍ୟ ବାମା ବିଭାଗ ତରଫରୁ ଶ୍ରମ ଆୟୁକ୍ତ ଓ ଜିଲ୍ଲା ଶ୍ରମ ଅଧିକାରୀ ଖୋର୍ଦ୍ଧା ପ୍ରଭାରୀଙ୍କ ବିଶ୍ୱାଳଙ୍କ ସହଯୋଗରେ ଚିନ୍ମୟ ପ୍ରିୟଦର୍ଶିନୀ ସହକାରୀ ଶ୍ରମ ଅଧିକାରୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଶ୍ରମ ଅଧିକାରୀ, ଚୌଧୁରୀ ସୁବ୍ରତ କୁମାର ଜେନା ଶ୍ରମ ଆୟୁକ୍ତ ଓ ମଧୁସ୍ମିତା ଶୁକ୍ଳା ପର୍ଯ୍ୟଟନ ଅଧିକାରୀ ଉପସ୍ଥିତ ଥିବା ବେଳେ ପ୍ରବାସୀ ଶ୍ରମିକଙ୍କୁ ଉପ-ମୁଖ୍ୟମନ୍ତ୍ରୀଙ୍କ ସମେତ ଉପସ୍ଥିତ ଅଧିକାରୀ ପୁଷ୍ପଗୁଚ୍ଛ ଦେଇ ଶେଷ ଦର୍ଶନ କରିଥିଲେ । ଶେଷ ଦର୍ଶନ ପାଇଁ ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ, ଯତୀନ୍ଦ୍ର ସ୍ୱାଇଁ, କାଉନସିଲର ତଥା ନଗର ସଭାପତି ନିରନ ନାୟକଙ୍କ ସହ ହଜାର ହଜାର ବ୍ୟକ୍ତି ଶବକୁ ଶୋଭାଯାତ୍ରାରେ ନିଜ ଗ୍ରାମ ଶ୍ମଶାନ ପର୍ଯ୍ୟନ୍ତ ନେଇଥିଲେ । ଶବ ସଂସ୍କାର ବେଳେ ବିଜୟଙ୍କ ପୁତ୍ର ମୁଖାଗ୍ନି ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବାରୁ ବିଜୟଙ୍କ ପରିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# କୋରେଇର ୭ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କେବେ ?

ମିଶନ ଶକ୍ତି

କୋରେଇ(ଭାସ୍କର ନ୍ୟୁଜ): ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମହିଳାଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଓ ସଶକ୍ତ କରିବା ପାଇଁ ତୃଣମୂଳ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରାରେ ବର୍ଷକୁ ୧୦ ହଜାର ଟଙ୍କା ଦେଉଥିବା ବେଳେ ସେମାନଙ୍କୁ ସଂଗଠିତ କରିବା ପାଇଁ ୧୦ ଜଣିଆ ମହିଳା ଗୋଷ୍ଠୀ ଗଠନ କରାଯାଇଛି । ପ୍ରତି ଗ୍ରାମର ୧୦ରୁ ଅଧିକ ଗୋଷ୍ଠୀଙ୍କୁ ନେଇ ଏକ ଆଞ୍ଚଳିକ ମଞ୍ଚ ଗଠନ କରିବା ସହିତ ପ୍ରତି ଆଞ୍ଚଳିକ ମଞ୍ଚ ମାନଙ୍କୁ ନେଇ ବ୍ଲକରେ ମହାସଂଘ ଗଠନ କରାଯାଇଛି । ବ୍ୟାଙ୍କ, ଆଞ୍ଚଳିକ ମଞ୍ଚ ଓ ମହାସଂଘରୁ ଋଣ ନେଇ କିପରି ମହିଳା ମାନେ ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ସେହି ମହିଳା ଗୋଷ୍ଠୀର କିଛି ମହିଳା ଓ କିଛି କର୍ମଚାରୀ ସରକାର ନିଯୁକ୍ତି ମଧ୍ୟ ଦେଇଛନ୍ତି । ପ୍ରତି ପଞ୍ଚାୟତରେ ମହିଳା ଓ ସେହି କର୍ମଚାରୀମାନେ ଯେପରି ଗୋଟେ ଜାଗାରେ ବସି ବୈଠକ କରିବା ସହ ସେମାନଙ୍କ ସବୁ କଥା ବୁଝିପାରିବେ ସେଥିପାଇଁ ସରକାର ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ତିଆରି ପାଇଁ କୋଟି କୋଟି ବ୍ୟୟବରାଦ କରୁଛନ୍ତି । କିନ୍ତୁ ଦୁଃଖର କଥା କୋରେଇ ବ୍ଲକ୍‌ରେ ମିଶନ ଶକ୍ତି ଗୃହ ହେବା ପାଇଁ ଆସିଥିବା କୋଟି କୋଟି ଟଙ୍କା ଖର୍ଚ୍ଚ ନହୋଇ ଗତ ୧୮ମାସ ହେବ ପଡ଼ି ରହିଛି । ଏନେଇ ଆମେ କୋରେଇ ବ୍ଲକ ବିଡ଼ିଓ ଅବନୀ କାନ୍ତ ସାହୁଙ୍କୁ ଯୋଗାଯୋଗ କରିଥିଲୁ । ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ନୂଆକରି ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଆସିଥିବାରୁ କିଛି ସମସ୍ୟା ଅଛି, ଆମେ ଏକ ସପ୍ତାହ ଭିତରେ ଏହାର ସମାଧାନ କରି ଅନଲାଇନ ଟେଣ୍ଡର କରି କାମ ଆରମ୍ଭ କରିବୁ । ଏଠାରେ ଉଲ୍ଲେଖଯୋଗ୍ୟ କି ଗତ ଜାନୁଆରୀ ୨୦୨୪ରେ ଯାଜପୁର ଜିଲ୍ଲାପାଳ, ଲେଟର ନଂ -୧୦ରେ କୋରେଇ ସମେତ ୬ଟି ବ୍ଲକର ମିଶନ ଶକ୍ତି ଗୃହ ପାଇଁ ୧୬ କୋଟି ୨୦ ଲକ୍ଷ ଟଙ୍କା ପଠାଇଥିବା ଜଣାପଡିଛି । ସେଥି ମଧ୍ୟରୁ କୋରେଇ ବ୍ଲକରେ ଖମଣ, ପଟରଙ୍ଗା, ଅମୃତିଆ, ହଳଦିଗାଡ଼ିଆ, ପଥରପଦା, ଗୌରପୁର, ବନ୍ଦାଳୋ ଆଦି ୭ ଗୋଟି ପଞ୍ଚାୟତରେ ମିଶନ ଶକ୍ତି ଗୃହ ପାଇଁ ୨ କୋଟି ୧୦ ଲକ୍ଷ ଟଙ୍କା ୨୦୨୪ ମସିହାରୁ ପଡ଼ି ରହିଛି ।

# ଭୁଶୁଡ଼ିଲା ନିର୍ମାଣାଧିନ ପାଚେରି: ଲକ୍ଷ ଲକ୍ଷ ଟଙ୍କା ପାଣିରେ ସ୍ୱାହା



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ପ୍ରକୃତ ପାରିବା ପଣିଆ ପୁଣିଥରେ ପଦାରେ ପଡିଛି । ନିର୍ମାଣାଧିନ ପାଚେରି ନିମ୍ନମାନର କାର୍ଯ୍ୟ ହେତୁ ଅଧାରୁ ଭୁଷୁଡି ପଡିଥିବା ଅଭିଯୋଗ ହୋଇଛି । ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଛି । ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଞ୍ଚାୟତ କ୍ଷୁଦ୍ର ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ନିକଟରେ ଗାର୍ଡୱାଲ ନିର୍ମାଣ ନିମନ୍ତେ ସ୍ଥାନୀୟ ବିଧାୟକ ୩ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ବିଭାଗୀୟ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା । ମାତ୍ର ସ୍ଥାନୀୟ ଶାସକ ଦଳର କେତେକ କୁଜି ନେତା କାର୍ଯ୍ୟ କରୁଥିଲେ । ପ୍ରକଳ୍ପ ନିକଟରେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିଲା । ପ୍ରକଳ୍ପ କେଉଁ ଯୋଜନା ଓ କେତେଟଙ୍କା ବ୍ୟୟବରାଦରେ ନିର୍ମାଣ କରାଯାଉଥିଲା ସେ ସମ୍ପର୍କରେ ଲୋକଙ୍କୁ ସୂଚନା ଫଳକରେ କୌଣସି ତଥ୍ୟ ଦିଆ ଯାଇ ନ ଥିଲା । ଏପରିକି ଅଟକଳ ଅନୁଯାଇ ନିର୍ମାଣ କରାଯାଉନଥିବା ଅଭିଯୋଗ ହୋଇଛି । ନିର୍ମାଣ ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ରହିବାରୁ ଠିକା କାର୍ଯ୍ୟ ନେଇଥିବା ନେତାମାନେ ମନମୁଖି ଭାବେ ନିମ୍ନମାନର କାର୍ଯ୍ୟ କରିଥିଲେ । ନିମ୍ନମାନର କାର୍ଯ୍ୟ ହେତୁ ନିର୍ମାଣର ମାତ୍ର ଅଳ୍ପଦିନ ପରେ ନିର୍ମାଣାଧିନ ଅବସ୍ଥାରେ ଭୁଷୁଡି ପଡିଥିବା ଅଭିଯୋଗ ହୋଇଛି । ସୂଚନା ଥାଉକି ଏହି ସ୍ଥାନରେ ବ୍ଲକ ପ୍ରଶାସନ ତରଫରୁ ମନରେଗା ଯୋଜନାରେ କାର୍ଯ୍ୟ କରାଯାଇଥିଲେ ମଧ୍ୟ କୌଣସି ସୂଚନା ଫଳକ ଦିଆନଯାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନିଆଯାଇଥିବା ଘଟଣା କାହାରିକୁ ଅଛପା ନାହିଁ । ଏହି ପ୍ରକଳ୍ପରେ ବଡଧରଣର ଦୁର୍ନୀତି ଓ ଜାଲିଆତି କରାଯାଇଥିବା ଅଭିଯୋଗ ହୋଇଛି । ତେବେ ଏହି ପ୍ରକଳ୍ପ ନିର୍ମାଣରେ ହୋଇଥିବା ଦୁର୍ନୀତି ଓ ଜାଲିଆତିର ସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ରହସ୍ୟର ପର୍ଦ୍ଦାଫାର୍ସ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଖବର ପ୍ରସାରଣ ପରେ ଖୋଲୁଛି ଲେଡି ଡନ୍‌ଙ୍କ ଗୁମର

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଯୋଗାଣ ବିଭାଗ ଅଧିକାରୀଙ୍କ ସରକାରୀ କାର୍ଯ୍ୟାଳୟ ଭିତରେ ଥିବା ଅଫିସ ଚେୟାରରେ ବସିଥିବା ମହିଳାଙ୍କ ଖବର ପ୍ରସାରଣ ପରେ ଏବେ ଏହି ଲେଡି ମହିଳାଙ୍କ ଧୀରେ ଧୀରେ ସାରା ନିଆଳିରେ ଖୋଲୁଛି ଗୁମର । ନିଆଳି ବ୍ଲକ ନିଭରଣ ପଞ୍ଚାୟତ ସମେତ ଅନେକ ପଞ୍ଚାୟତର ଗରିବ ନିରୀହ ଲୋକମାନଙ୍କୁ ଲେବର କାର୍ଡ କରାଇଦେବାକୁ କହି ମୋଟା ଅଙ୍କର ଅର୍ଥ ଲୁଟିଥିବା ଅଭିଯୋଗ ହୋଇଛି । ଏମିତିକି ଜଣେ ନେତାଙ୍କ ଘରର ସଦସ୍ୟ ରାଜନୀତିରେ ସକ୍ରିୟ ଅଛି । ଏହି ମହିଳା ନିଭରଣ ପଞ୍ଚାୟତରେ ସମିତି ସଭ୍ୟା ଭାବେ ପ୍ରାର୍ଥୀ ହୋଇ ଥରେ ୧୩ ଖଣ୍ଡ ଓ ଆଉଥରେ ୧୯ ଖଣ୍ଡ ଭୋଟ ପାଇ ନିଆଳି ବ୍ଲକ୍‌ରେ ବିରଳ ରେକର୍ଡ ସୃଷ୍ଟି କରିଥିଲା । ଏବେ ମହିଳା କିଭଳି ସରକାରୀ ଦଳରେ ରହି ଲୋକଙ୍କ କାମ କରିବାକୁ ଆଗଉଛନ୍ତି ନା ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ମହିଳା ପାଇଁ ମହିଳା ଭୋଟ ଭାଙ୍ଗିଯିବନି ତ । ମହିଳାଙ୍କ ଖବର ପ୍ରସାରଣ ପରେ ଧୀରେ ଧୀରେ ଗୁମର ଖୋଲିବାରେ ଲାଗିଛି । କେତେକ ମହିଳାଙ୍କୁ ଋଣ କରିବାକୁ କହି ନିଆଳିର ଜଣେ ଦଲାଲ ସହାୟତାରେ ଲୋକଙ୍କୁ ଠକିଛନ୍ତି । ସମ୍ପୃକ୍ତ ମହିଳା ଓ ଦଲାଲଙ୍କ ମଧ୍ୟରେ ଟଣାଓଟରା ଲାଗିଥିବାରୁ ଘଟଣା ପଦାକୁ ଆସିଛି । ମହିଳା ନିଜ ସୁରକ୍ଷା ସହ ଥାନାରେ ଅଭିଯୋଗ ହେବା ଭୟରେ ଶାସକ ଦଳର ଛତ୍ର ଛାୟା ତଳେ ଆଉଜି ପଡିଛନ୍ତି ।

# ବାବା ପ୍ରେମାନନ୍ଦ ଗିରିଙ୍କ ୬୬ ତମ ଶ୍ରାଦ୍ଧୋତ୍ସବ ପାଳିତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ଏନ୍‌ଏସି ଅନ୍ତର୍ଗତ ୧ ନଂ ୱାର୍ଡ ଲତବିଲ କାଶୀ ବିଶ୍ୱନାଥ ମନ୍ଦିର (ଛତାମଠ)ରେ ବାବା ପ୍ରେମାନନ୍ଦ ଗିରିଙ୍କ ୬୬ତମ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି । ପବିତ୍ର ଋଷି ପଞ୍ଚମୀ ଅବସରରେ କାଶୀ ବିଶ୍ୱନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ହରିହର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଛତାମଠ ପୁରୋଧା ସ୍ୱାମୀ ରାମାନନ୍ଦ ଭାରତୀଙ୍କ ସମେତ ବିଭିନ୍ନ ସ୍ଥାନରୁ ୨୦ ସାଧୁସନ୍ଥ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରବଚନ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଦିଲ୍ଲୀପ ଦାସ ସଂଯୋଜନା କରିଥିବା ବେଳେ ସଦାନନ୍ଦ ନାୟକ, ସୁରେନ୍ଦ୍ର କୁମାର ପୋଥାଳ ଓ ସମସ୍ତ କାର୍ଯ୍ୟକର୍ତ୍ତା ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

# ଯୁରିଆ ସାର କଳାବଜାରି ନେଇ ଚିନ୍ତାରେ ଚାଷୀ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀ ଓ ଚାଷର ଉନ୍ନତି ପାଇଁ ଯୋଜନା ପରେ ଯୋଜନା ପ୍ରଣୟନ କରିବା ସହିତ ବିଭିନ୍ନ ପ୍ରକାର ପ୍ୟାକେଜ ମଧ୍ୟ ଘୋଷଣା କରି ଚାଲିଛନ୍ତି । ବାସ୍ତବରେ ପ୍ରକୃତ ଚାଷର ଦୁଃଖ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି । ଗରିବ ମଧ୍ୟବିତ୍ତ ଚାଷୀ ଚାଷକାର୍ଯ୍ୟ ନିମନ୍ତେ ଧାରକରଜ ସହ ଜମି, ଅଳଙ୍କାର ବନ୍ଧକ ରଖି ବହୁ ଖର୍ଚ୍ଚାନ୍ତ ହେଉଥିଲେ ମଧ୍ୟ ଚାଷ ସମୟରେ ଉପଯୁକ୍ତ ବିହନ ଯୋଗାଇ ଦିଆଯାଉ ନାହିଁ । ସାର, ଔଷଧ ଯୋଗାଇ ଦିଆଯାଉ ନାହିଁ । ଫଳରେ ଚାଷୀମାନେ ବହୁ କଷ୍ଟରେ ଅଧିକ ଖର୍ଚ୍ଚାନ୍ତ ହୋଇ କଳାବଜାରରେ ସାର, ଔଷଧ କିଣି ଫସଲ କରୁଛନ୍ତି । ଅସ୍ତରଙ୍ଗ ବ୍ଲକର ୧୫ ପଞ୍ଚାୟତରେ ଖରିଫ ଧାନ ଚାଷ ହଜାର ହଜାର ଚାଷୀଙ୍କ ମୁଖ୍ୟ ଫସଲ ଅଟେ । ଖରିଫ ଧାନ ଚାଷ ପାଇଁ ଧାନ ତଳି ପକାଇବାଠାରୁ ଧାନ ବଛା ପର୍ଯ୍ୟନ୍ତ ଯୁରିଆ ଓ ପଟାସ ସାରର ଆବଶ୍ୟକ ରହିଛି । ମାତ୍ର ଆଜକୁ ଦେଢ଼ ମାସ ହେବ ବିଭିନ୍ନ ସ୍ଥାନରେ ଯୁରିଆ ସାର ମିଳୁନି । ଚାଷୀ ଡିଲର ପାଖକୁ ଦୌଡ଼ି ନିରାଶ ହୋଇ ଫେରୁଛନ୍ତି । କେତେକ ଅସାଧୁ ସାର ବ୍ୟବସାୟୀ କଳାବଜାରରେ ବ୍ୟବସାୟୀ କରୁଛନ୍ତି । ଯୁରିଆ ଏକାନ୍ତ ଆବଶ୍ୟକ ଦୃଷ୍ଟିରୁ ବାଧ ହୋଇ ଅଧିକ ମୂଲ୍ୟରେ ସାର କିଣି ଖରିଫ ଧାନ ଫସଲରେ ପକାଉଛନ୍ତି । ଅସ୍ତରଙ୍ଗ ବ୍ଲକରେ ୬ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯାଏ । ଏହାଛଡା ଶହ ଶହ ଚାଷୀ ବିଭିନ୍ନ ପନିପରିବା ଚାଷ କରିଥାନ୍ତି । ସେଥିପାଇଁ ସାରର ଏକାନ୍ତ ଆବଶ୍ୟକ । ଯୁରିଆ ସାରର ସରକାରୀ ମୂଲ୍ୟ ୨୬୭ଟଙ୍କା ଥିବାବେଳେ ଲାଇସେନ୍ସ ଡିଲର ୫୮୦ରୁ ୬୦୦ଟଙ୍କା ନେଉଛନ୍ତି । ପ୍ୟାକ୍ସରେ ସାର ମିଳୁ ନଥିବାରୁ ଲାଇସେନ୍ସ ପ୍ରାପ୍ତ ଡିଲରଙ୍କଠାରୁ ଚଢା ଦରରେ ସାର କିଣୁଛନ୍ତି । ଅନେକ ସ୍ଥାନରେ ଅସାଧୁ ସାର ବ୍ୟବସାୟୀ ଚଢା ଦରରେ ବିକ୍ରି କରୁଛନ୍ତି । ଏ ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା କହିଛନ୍ତି ଲିଖିତ ଅଭିଯୋଗ ଆସିଲେ ତଦନ୍ତ କରିବୁ । ପ୍ରକୃତ ସତ୍ୟ କଣ ପୁରୀ ଜିଲ୍ଲାପାଳ ନିରପେକ୍ଷ ତଦନ୍ତ କରି ପଦକ୍ଷେପ ନେବା ସହିତ ତୁରନ୍ତ ଚାଷୀଙ୍କୁ ସୁବିଧାରେ ଯୁରିଆ ସାର ଯୋଗାଇ ଦେବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି ।

# ୫୧ ଲକ୍ଷ ଟଙ୍କାର ଧାନ ନେଇ କମ୍ପାନୀ ଛୁ, ଧାରଣାରେ ଚାଷୀ




ଭଦ୍ରକ(ଭାସ୍କର ନ୍ୟୁଜ): ଚାଷୀଙ୍କ ଠାରୁ ୫୧ ଲକ୍ଷ ଟଙ୍କାର ଧାନ ନେଇ କମ୍ପାନୀ ଫେରାର । ନିଜର ଅର୍ଜିତ ଟଙ୍କା ପାଇବାକୁ ପୋଲିସଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଦାବି କରି କୌଣସି ସୁଫଳ ନମିଳିବାରୁ ଏବେ ଆମରଣ ଅନଶନରେ ଚାଷୀ । ଘଟଣା ଘଟିଛି ଭଦ୍ରକ ଜିଲ୍ଲା ପିରାହାଟ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଓ ବାରସର ପଞ୍ଚାୟତରେ । ଏହି ଦୁଇ ପଞ୍ଚାୟତର ୧୫ରୁ ଉର୍ଦ୍ଧ୍ୱ ଚାଷୀ ଦୀର୍ଘ ପାଞ୍ଚ ବର୍ଷ ହେବ ଭିଭିଆର ସିଡଶ ପ୍ରାଇଭେଟ ଲିମିଟେଡ଼ ହାଇଦ୍ରାବାଦ ଓ ଟାଟା ରେଲସ କୋ ଏହି ଦୁଇଟି କମ୍ପାନୀ ମାଧ୍ୟମରେ ରବି ଋତୁରେ ବହୁମୂଲ୍ୟ ମେଲ ଫିମେଲ ଧାନ ଚାଷ କରିଆସୁଥିଲେ । ଯାଜପୁର ମଙ୍ଗଳପୁରର ଅର୍ଦ୍ଧେନ୍ଦୁ ଶେଖର ରାଉତଙ୍କ ଜରିଆରେ ଏହି ଚାଷ କରାଯାଉଥିଲା । ତେବେ ଗତ ରବି ଋତୁରେ ଚାଷୀମାନେ ୨୬୪ ଏକରରୁ ଅଧିକ ଜମିରେ ଚାଷ କରିଥିଲେ । ତେବେ ଚାଷ ଶେଷ ହେବା ପରେ କମ୍ପାନୀ ଧାନ ନେଇଛି ହେଲେ ଚାଷୀଙ୍କ ପ୍ରାପ୍ୟ ୫୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦେବାର ନାମ ଧରୁ ନାହିଁ । ଚାରି ମାସ ହେଲା ନିଜ ଧାନ ବିକା ଅର୍ଥ ପାଇବାକୁ ଚାଷୀମାନେ ପୀରାହାଟ ଥାନାରେ ଅଭିଯୋଗ କରିବା ସହିତ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ ଦେବା ପରେ କୌଣସି ସୁଫଳ ନମିଳିବାରୁ ଆଜି ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି ।

# ପଥୋତ୍ସବରେ ବିବିଧ କାର୍ଯ୍ୟକ୍ରମ ଉପଭୋଗ କଲେ ଦର୍ଶକ



ପୁରୀ(ଭାସ୍କର ନ୍ୟୁଜ) : ପୁରୀ ପୌରପାଳିକା ଆସନ୍ତା ୩ରେ ପାଳନ କରିବାକୁ ଯାଉଛି ସ୍ୱାୟତ୍ତ ଶାସନ ଦିବସ । ଏହାର ଅବ୍ୟବହିତ ପୂର୍ବରୁ ଆରମ୍ଭ ହୋଇଛି ସପ୍ତାହ ବ୍ୟାପି ବିବିଧ କାର୍ଯ୍ୟକ୍ରମ । ତାହାର ଅଂଶସ୍ୱରୂପ ପ୍ରତ୍ୟୁଷରୁ ସୁଭାଷ ବୋଷ ଛକରୁ ହରିହର ଛକ ପର୍ଯ୍ୟନ୍ତ ଆରମ୍ଭ ହୋଇଥିଲା ରାହାଗିରି ବା ପଥୋତ୍ସବ । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିବା ସହ ପ୍ରତିଭା ପ୍ରଦର୍ଶନ ଓ ନିଜର ପରିଚୟ ସୃଷ୍ଟି ପାଇଁ ପଥୋତ୍ସବ ଏକ ଉନ୍ନତ ମାଧ୍ୟମ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପୌରପାଳିକା ସହକାରୀ ଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ଅରଜିତ ନାୟକ, ଏନଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ସହଯୋଗ କରିଥିଲେ । ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ସମସ୍ତ କାର୍ଯ୍ୟକୁ ତତ୍ତ୍ୱାବଧାନ ସହ ପରିଚାଳନା କରିଥିଲେ । ସାଂସ୍କୃତିକ ମଞ୍ଚରେ ଓଲିଉଡ ଗାୟିକା ସୁଜ୍ଞାନୀ ମହାପାତ୍ର, ଗାୟକ ମୃଣ୍ମୟ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିଥିବା ବେଳେ ଶିବାନା ଓ ଗେଡାନା ଭାବରେ ପରିଚିତ ଧାରାବାହିକ ଅଭିନେତା ଆକର୍ଷଣୀୟ ଅଭିନୟ ପ୍ରଦର୍ଶନ କରିଥିଲେ ଓ ଉପସ୍ଥାପିକା ତଥା ଅଭିନେତ୍ରୀ ଅଙ୍କିତା ମହାନ୍ତି, ପୀୟୁଷ ଏବଂ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ ।

# ଛାତ୍ରୀକୁ ଦୁଷ୍କର୍ମ ଅଭିଯୋଗ, ଯୁବକ ଅଟକ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକରେ ଗତକାଲି ରାତ୍ରରେ ଲୋକେ ପବିତ୍ର ଗଣେଷ ପୂଜା ଉତ୍ସବରେ ମସଗୁଲ ରହିଥିଲେ । ଏହି ସମୟରେ ଗାଁ ଗାଁରେ ଗଣେଷ ପୂଜା ହେଉଥିଲା ବେଳେ ବାଜା ବାଜୁଥିଲା, ବାଣ ଫୁଟୁଥିଲା । ସର୍ବତ୍ର ଆନନ୍ଦର କୋଳାହଳରେ ଲୋକେ ମାତି ଯାଇଥିଲେ । ଏପରିସ୍ଥଳେ ଏକ ଅଘଟଣ ଘଟିଯାଇଥିଲା । ଜଣେ ଯୁବକ ନିଜର ହିତାହିତ ଜ୍ଞାନ ଓ ମାନବିକତାକୁ ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ । ସୂଚନା ମୁତାବକ ଜଣେ ବ୍ୟକ୍ତି ତାଙ୍କ ପରିବାର ସହ ସ୍ଥାନୀୟ ଅଞ୍ଚଳରେ ଭଡାରେ ରହି ଆସୁଥିଲେ । ତାଙ୍କ ନାବାଳିକା ୯ବର୍ଷ ସ୍ଥାନୀୟ ବିଦ୍ୟାଳୟର ତୃତୀୟ ଶ୍ରେଣୀରେ ଅଧ୍ୟୟନ କରୁଛି । ସମ୍ପୃକ୍ତ କାମାନ୍ଧ ଯୁବକ ନାବାଳିକାର ସରଳତାର ସୁଯୋଗ ନେଇ ମୋବାଇଲ ଦେଖାଇବାର ପ୍ରଲୋଭନ ଦେଖାଇ ଏକ ପରିତ୍ୟକ୍ତ ଗୃହକୁ ନେଇ ଅମାନୁଷିକ ଭାବେ ଦୁଷ୍କର୍ମ କରିଥିଲା । ତେବେ ନାବାଳିକାର ଚିତ୍କାର ଶୁଣି ପରିବାରଓ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏ ସମ୍ପର୍କରେ ନାବାଳିକାର ପିତା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ଥାନା ପୋଲିସ କାମାନ୍ଧ ଯୁବକ ସୋମନାଥ ସାଥୁଆଙ୍କୁ ଘରୁ ଉଠାଇ ଆଣି ଥାନାରେ ଅଟକ ରଖିଛି । ଏ ସମ୍ପର୍କରେ ଥାନା କେଶ ନଂ ୧୭୨/୨୦୨୫ରେ ଏକ ମାମଲା ରୁଜୁ ହୋଇଛି । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି ।

# ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ନୂଆଁଖାଇ ମହୋତ୍ସବ ପାଳିତ



ଜଳେଶ୍ୱର(ଭାସ୍କର ନ୍ୟୁଜ): ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ପାଳନ ହେଉଥିବା ବେଳେ ସାରା ଓଡ଼ିଶାରେ ମଧ୍ୟ ନୂଆଁଖାଇ ଉତ୍ସବ ପାଳିତ ହେଉଛି । ଏହି ଅବସରରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ନୂଆଁଖାଇ ମହୋତ୍ସବ ପାଳିତ ହୋଇଯାଇଛି । ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ଅପରାହ୍ନ ୨.୨୫ରେ ନୂଆ ଚାଉଳରେ ମା'ଙ୍କ ନିକଟରେ ଭୋଗ ଅର୍ପଣ ପରେ ୨.୪୫ରେ ଓଡ଼ିଶାର ଅଖଣ୍ଡତା ପାଇଁ ନୂଆ ବଜାର ଦୁର୍ଗାମନ୍ଦିରରୁ ଶୋଭା କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା । ଅପରାହ୍ନ ୩ରେ ମଣ୍ଡପ ପରିସରରେ ଜଳେଶ୍ୱର ସାଇ କଳାମନ୍ଦିର, ନୃତଶିଖା ଫାଉଣ୍ଡେସନ ଓ ତପସ୍ୱିନୀ ନୃତ୍ୟାଳୟ ଦ୍ୱାରା ମଞ୍ଚରେ ଆବାହନୀ ନୃତ୍ୟ ପରିବେଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସମ୍ମିଳନୀର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସଙ୍କ ମଞ୍ଚ ଆହ୍ୱାନରେ ସଭାପତି ଡକ୍ଟର ଶ୍ରୀକାନ୍ତ ଚରଣ ପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଯୋଗଦେଇ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହିତ ଓଡ଼ିଆ ଭଷାକୁ ବଞ୍ଚାଇ ରଖିବାକୁ ପରାମର୍ଶ ଦେଇଥିଲେ ଓ ସୁନାକଣିଆ ସୀମାବିବାଦ ସମାଧାନ ପାଇଁ ସେ ଚେଷ୍ଟିତ ଅଛନ୍ତି ବୋଲି କହିଥିଲେ । ମୁଖ୍ୟବକ୍ତା ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ରବିନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଉତ୍କଳ ସମ୍ମିଳନୀ ସମ୍ପାଦକ କମଳ ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଯୁଗଳ କିଶୋର ପ୍ରଧାନ, ଉତ୍କଳ ସମ୍ମିଳନୀ ଖଡ଼ଗପୁର ଶାଖା ସମ୍ପାଦକ ଦ୍ୱାରକେଶ ପଟ୍ଟନାୟକ, ଜଳେଶ୍ୱର ଶାଖାର ନିର୍ବାଚନ ଅଧିକାରୀ ବନମାଳୀ ଧଳ, ଜଳେଶ୍ୱର ଶାଖା ସମ୍ପାଦକ ସୁନୀଲ କୁମାର ପରିଡ଼ା, ବାଲେଶ୍ୱର କୃଷି ବୈଜ୍ଞାନିକ ତଥା ପଶ୍ଚିମ ଓଡ଼ିଶା ଅଧିବାସୀ ଇଂ ସରୋଜ କୁମାର ଧଳ ପ୍ରମୁଖ ଉତ୍କଳ ଓ ଓଡ଼ିଶା ଭାଷାର ଅଗ୍ରଗତି ପାଇଁ ସମସ୍ତେ ଚେଷ୍ଟିତ ରହିବା ଆବଶ୍ୟକ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ତହସିଲଦାର କଳାକାରଙ୍କୁ ସାର୍ଟିଫିକେଟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ନୂତନ କମିଟି ଗଠନ କରାଯାଇଥିଲା । କମିଟିରେ ସଭାପତି କମଳ ଚକ୍ରବର୍ତ୍ତୀ, ଉପସଭାପତି ଅଶୋକ କୁମାର ଦାସ ଓ ଡ.ଅଜିତ କୁମାର ମହାନ୍ତି, ସମ୍ପାଦକ ସୁନିଲ କୁମାର ନାୟକ, ସହ ସମ୍ପାଦକ ହେମନ୍ତ କୁମାର ଗିରି, ସାଂଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ରବିନ୍ଦ୍ର ବାରିକଙ୍କ ସହ ୧୦ ଉପଦେଷ୍ଟା, ୧୪ ସଦସ୍ୟଙ୍କୁ ନେଇ ନୂତନ କମିଟି ଗଠନ କରାଯାଇଥିଲା ।

# ଗ୍ରାମବାସୀଙ୍କ ଜୀବନରେ ପରିବର୍ତ୍ତନ ଆଣିଲା ଉତ୍କଳ ଆଲୁମିନା ସିଏସ୍‌ଆର



ରାୟଗଡା(ଭାସ୍କର ନ୍ୟୁଜ): ଉତ୍କଳ ଆଲୁମିନା, ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସିଏସଆର ଜରିଆରେ ଗ୍ରାମାଞ୍ଚଳରେ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମି ବିକାଶ ମୂଳକ କାର୍ଯ୍ୟ ଜାରି ରହିଛି । ଯଦ୍ୱାରା କାରଖାନା ପ୍ରଭାବିତ ଏବଂ ସ୍ଥାନୀୟ ଗ୍ରାମାଞ୍ଚଳରେ ସକାରାତ୍ମକ ପରିବର୍ତ୍ତନ ହୋଇଛି । ଏହି ପରିପ୍ରେକ୍ଷୀରେ ଉତ୍କଳ ଆଲୁମିନା ସିଏସଆର ବିଭାଗ ତରଫରୁ ରାୟଗଡା ଜିଲ୍ଲା କାଶୀପୁର ବ୍ଲକ କୋଡିପାରି ପଞ୍ଚାୟତ ଅନ୍ତର୍ଗତ ରାଉଳିଘାଟି ଗାଁରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ଯଦ୍ୱାରା ଗ୍ରାମବାସୀଙ୍କ ଜୀବନଶୈଳୀରେ ସକାରାତ୍ମକ ଉନ୍ନତି ପରିଲିକ୍ଷିତ ହୋଇଛି । ଦୀର୍ଘଦିନ ହେଲା ଉକ୍ତ ଗାଁରେ ରାସ୍ତା ନଥିବାରୁ ଗ୍ରାମବାସୀ ବାହ୍ୟ ଜଗତରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଗାଁକୁ ରାସ୍ତା ନଥିବାରୁ ଲୋକେ ଦୈନିକ ଯାତାୟାତ ପାଇଁ ପାହାଡ଼ ଜଙ୍ଗଲ ଦେଇ ପାଦଚଲା ରାସ୍ତାରେ ଯାତାୟାତ କରୁଥିଲେ । ଅନେକ ସମୟରେ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିବାବେଳେ ଗାଁକୁ ରାସ୍ତା ସଂଯୋଗ ନଥିବାରୁ ଆମ୍ବୁଲାନ୍ସ ତଥା ଗ୍ରାମବାସୀ ଚିକିତ୍ସାଳୟକୁ ଯିବା ପାଇଁ ନାନା ଦୁର୍ଦ୍ଦଶା ଭୋଗୁଥିଲେ । ସେହିଭଳି ଛତ୍ରଛାତ୍ରୀଙ୍କ ପାଠପଢାରେ ବାଧା ଉପୁଜିଥିଲା । କିନ୍ତୁ ଉତ୍କଳ ଆଲୁମିନା ଖଣି ସିଏସଆର ତରଫରୁ ଗ୍ରାମବାସୀଙ୍କ ସମସ୍ୟା ଦୂର କରିବା ସକାଶେ ମୁଖ୍ୟ ରାସ୍ତାରୁ ପାହାଡ଼ ପାଦଦେଶରେ ଅବସ୍ଥିତ ଏହି ଗ୍ରାମକୁ ୨.୫ କିମି ରାସ୍ତା ନିର୍ମାଣ କରାଯାଇଥିବାରୁ ଲୋକେ ବାହ୍ୟ ଜଗତ ସହ ସଂଯୋଗ ହୋଇଛନ୍ତି । ରାଉଳିଘାଟି ଗ୍ରାମରୁ ପଡୋଶୀ ଗାଁ ବରଜାଖାଲକୁ ରାସ୍ତା ନଥିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଡୋରି ଲାଗିଥିଲା । ସମସ୍ୟା ସମାଧାନ ନିମନ୍ତେ ସିଏସଆର ପାଣ୍ଠିରୁ ଗାଁରେ ଛତ୍ରଛାତ୍ରୀଙ୍କ ପାଠପଢା ପାଇଁ ରାସ୍ତା ନିର୍ମାଣ କରାଯାଇଛି ଏହି ଅବସରରେ ପ୍ରତିକ୍ରିୟା ଦେଇ ହିଣ୍ଡାଲକୋ ଖଣି ବ୍ୟବସାୟ ମୁଖ୍ୟ କୈଳାଶ ପାଣ୍ଡେ କହିଛନ୍ତି ଯେ, ଗ୍ରାମବାସୀ ଦୀର୍ଘଦିନ ହେଲା ପାନୀୟ ଜଳ ସମସ୍ୟାରେ ଜର୍ଜରିତ ହୋଇଥିଲେ । ବିଭିନ୍ନ ସମୟରେ ଝରଣା ପାଣିକୁ ବ୍ୟବହାର କରି ଜଳ ବାହକ ମାରାତ୍ମକ ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ହୋଇଥିବା ବେଳେ ଅନେକ ସମୟରେ ଗ୍ରାମବାସୀ ମୃତ୍ୟୁମୁଖରେ ପଡ଼ିଥାନ୍ତି । ସମ୍ପ୍ରତି ସମସ୍ୟା ଦୂର କରିବା ନିମନ୍ତେ ଉତ୍କଳ ଆଲୁମିନା ସିଏସଆର ତରଫରୁ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପଦକ୍ଷପ ସ୍ୱରୂପ ସେହି ଗାଁରେ ଝରଣା ପାଣି ବିଶୋଧାନ ପାଇଁ ଯାନ୍ତ୍ରିକ ଉପକରଣ ସ୍ଥାପନ କରାଯାଇଛି । ଯାହାଫଳରେ ଲୋକଙ୍କ ଘର ନିକଟକୁ ସିଧାସଳଖ ପାଇପ ଯୋଗେ ଟ୍ୟାପ ଦ୍ୱାରା ପାନୀୟ ଜଳ ସଂଯୋଗ କରାଯାଇଛି ବୋଲି ଶ୍ରୀ ପାଣ୍ଡେ ପ୍ରକାଶ କରିଛନ୍ତି । ଏ ନେଇ ରାଉଳିଘାଟି ଗ୍ରାମ ମୁଖ୍ୟ ମାଳିଆ ମାଝୀ କହିଛନ୍ତି ଯେ, ଉତ୍କଳ ଆଲୁମିନା ସିଏସଆର ବିଭାଗ ଗ୍ରାମବାସୀଙ୍କ ଦୀର୍ଘଦିନର ଦୁଃଖ ଦୂର କରିଛନ୍ତି । ରାସ୍ତା, କଲଭର୍ଟ ନିର୍ମାଣ ଓ ପାନୀୟ ଜଳ ସମସ୍ୟା ଦୂରୀକରଣ ସଂକ୍ରାନ୍ତରେ ପଦକ୍ଷେପ ନେଇଥିବାରୁ ଗ୍ରାମରେ ସକାରାତ୍ମକ ପରିବର୍ତ୍ତନ ହୋଇଛି ।

**ସ୍ୱଜଳ ପ୍ରକଳ୍ପ ଦ୍ୱାରା ଦୂର ହେଲା ଜଳକଷ୍ଟ**
**ଛାତ୍ରଛାତ୍ରୀଙ୍କ ପାଇଁ ୧.୭ କିମି ରାସ୍ତା ନିର୍ମାଣ**

ଓଡ଼ିଶା ଭାସ୍କର ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ ଏବଂ କେନ୍ଦୁଝର ଡିଗ୍ରୀ କଲେଜରେ ଚେୟାରମ୍ୟାନ୍ ରୋଟାରିୟାନ୍ ଡ଼ ରାଜେନ୍ଦ୍ର ପଲେଇଙ୍କ ତତ୍ତ୍ୱାବଧାନରେ ଡିଏମ୍ଏଚ୍ ଏବଂ ଡିଏଚ୍ଏଚ୍ କେନ୍ଦୁଝରର ମିଳିତ ଉଦ୍ୟମ ଓ ଆନୁକୂଲ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଡାକ୍ତର ସୁଶାନ୍ତ କୁମାର ମାଝୀ, ପିଓ, ଡିଏମ୍ଏଚ୍, ଡିଏଚ୍ଏଚ୍, କେନ୍ଦୁଝର, ନମିତା ଗିରି, ସିପି, ଡିଏମ୍ଏଚ୍,ଡିଏଚ୍ଏଚ୍, ବିକାଶ ରଞ୍ଜନ ମହାନ୍ତ, ପିଏସ୍ଟୁଏ,ଡିଏମ୍ଏଚ୍,ଜୟଶ୍ରୀ ଦାସ ଏବଂ ସିଟିଜିର ପ୍ରତିଷ୍ଠାତା ଏବଂ ସିଟିଜି ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଚେୟାରମ୍ୟାନ୍ ଡ଼ ପଲେଇଙ୍କ ଉପସ୍ଥିତିରେ ଆସନ ଗ୍ରହଣ କରିଥିଲେ। ପ୍ରଥମେ ମା' ତାରିଣୀଙ୍କୁ ଧୂପ, ଦୀପ ଏବଂ ପୁଷ୍ପ ଅର୍ପଣ କରି ମା'ଙ୍କ ଆରାଧନା କରିବା ପରେ ଜାତୀୟ ସଂଗୀତ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଇଂରାଜୀ ବିଭାଗର ଅଧ୍ୟାପିକା ଆୟୁସି ପାଲ ପ୍ରାରମ୍ଭରେ କର୍ମଶାଳାର ଉଦ୍ଦେଶ୍ୟ, ଲକ୍ଷ୍ୟ ବିଷୟ ଅବଗତ କରିବା ପରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଚେୟାରମ୍ୟାନ୍ ଡ଼ ପଲେଇ ଅତିଥିମାନଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ। ଆଜିର ବାସ୍ତବବାଦିତ ଦୁନିଆରେ ଅତ୍ୟଧିକ ପ୍ରତିଯୋଗୀତା,ପିତାମାତାଙ୍କର ଅଧିକ ଆଶା ପୁଅ ଓ ଝିଅ ମାନଙ୍କୁ ନେଇ, ଅନିଶ୍ଚିତ ଭବିଷ୍ୟତ, ବେକାର ସମସ୍ୟା, କିଶୋର ବୟସର ପ୍ରଭାବ, ସାମାଜିକ ଚଳଣୀ ଏବଂ ଅନ୍ୟାନ୍ୟ କାରଣ ପାଇଁ ଆଜିକାଲି ଯୁବ ସମାଜ ମାନସିକ ବିଷାଦଗ୍ରସ୍ତ ହେଉଛନ୍ତି ବୋଲି ଡ଼ ପଲେଇ ମତବ୍ୟକ୍ତ କରିଥିଲେ। ଡାକ୍ତର ସୁଶାନ୍ତ କୁମାର ମାଝୀ, ଡାକ୍ତର ବିକାଶ ରଞ୍ଜନ ମହାନ୍ତ ଏବଂ ନମିତା ଗିରି ମାନସିକ ବିକାରଗ୍ରସ୍ତ ନହେବା ପାଇଁ ପିଲାମାନଙ୍କୁ ବିଭିନ୍ନ ଉପଦେଶ, ପ୍ରସ୍ତାବ, ପରାମର୍ଶ ମାର୍ଗଦର୍ଶନ କରିଥିଲେ। ମାନସିକ ବିଷାଦ ଶାରିରୀକ ଏବଂ ମାନସିକ ସ୍ତରରେ ଗଭୀର ପ୍ରଭାବ ପକାଇଥାଏ। ତେଣୁ ପ୍ରତ୍ୟେକ ଦିନ ଶାରିରୀକ ବ୍ୟାୟାମ ସହିତ ପ୍ରାଣାୟମ କରିବା ଦରକାର।



### ଲଗାଣ ବର୍ଷାରେ ଜଳସ୍ତର ବୃଦ୍ଧି

# ଅକାଳରେ ଲିଭିଗଲା ଗୋଟିଏ ପରିବାରର ୪ ଜୀବନ





ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍ଗର ଭ୍ୟାଲି ଜାତୀୟ ଉଦ୍ୟାନ ଅଞ୍ଚଳର ୩୦ ନମ୍ବର ଜାତୀୟ ରାଜପଥ ଦରଭା ନିକଟରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି ଓ ଯେଉଁଥିରେ ଗୋଟିଏ ପରିବାରର ଚାରି ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ସ୍ୱାମୀ - ସ୍ତ୍ରୀ ଏବଂ ସେମାନଙ୍କର ଦୁଇ ଝିଅ ଅଛନ୍ତି । କାର ସହିତ ସମଗ୍ର ପରିବାର ବନ୍ୟା ପାଣିରେ ଭାସିଯିବାରୁ ଏହି ଦୁର୍ଘଟଣା ଘଟିଥିଲା ଓ ପ୍ରାପ୍ତ ସୂଚନା ଅନୁଯାୟୀ, ତାମିଲନାଡୁର ଏହି ପରିବାର ବସ୍ତର ବୁଲିବାକୁ ଆସିଥିଲେ ଓ ଯଦିଓ କାରରେ ଥିବା ଡ୍ରାଇଭର ପ୍ରାଣ ବିକଳରେ ପହଁରି ନିଜ ଜୀବନ ବଞ୍ଚାଇଥିଲେ, କିନ୍ତୁ ପରିବାରର ଚାରି ଜଣ ସଦସ୍ୟ ପାଣିର ପ୍ରବଳ ସ୍ରୋତରେ ଫସି ଯାଇଥିଲେ ଏବଂ ପାଣିରେ ଗାଡ଼ିସହ ବୁଡ଼ି ଯିବାରୁ ସମଗ୍ର ପରିବାରଙ୍କ ମୃତ୍ୟୁ ହୋଇଥିଲା ଓ ଘଟଣାର ସୂଚନା ପାଇ ପୋଲିସ ଟିମ ସେଠାରେ ପହଞ୍ଚିଥିଲେ, ଏ ଏସ ପି ମହେଶ୍ୱର ନାଗ କହିଛନ୍ତି କି ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ପରିଶ୍ରମ ପରେ ଏସଡିଆରଏଫ ଦଳ କାରରେ ଫସି ରହିଥିବା ମୃତଦେହ ଗୁଡ଼ିକୁ ବାହାର କରାଯାଇଛି ଓ ସମସ୍ତ ମୃତଦେହ ଗୁଡ଼ିକର ବ୍ୟବଚ୍ଛେଦ ନିମନ୍ତେ ଜଗଦଲପୁର ସ୍ଥିତ ମେଡିକାଲ କଲେଜକୁ ପଠାଯାଇ ଥିବା ବେଳେ ତାମିଲ ନାଡ ସ୍ଥିତ ସେମାନଙ୍କ ନିଜ ଲୋକଙ୍କୁ ଖବର ଦିଆ ଯାଇଛି ଓ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ମୃତକ ମାନେ ଜି ରାଜେଶ (୪୩), ପତ୍ନୀ ଜି ପବିତ୍ରା ରାଜେଶ (୪୦), ସୌଜନ୍ୟା (୭) ଏବଂ ସୌମ୍ୟା (୪) ବୋଲି ଜଣାପଡିଛି।

# ଏନଡିଆରଏଫ କର୍ମୀଙ୍କ ପାଇଁ ଏସ୍‌ଏସ୍‌ୟୁରେ ମହୁଚାଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କଟକ, (ଭାସ୍କର ନ୍ୟୁଜ୍): ୨୮ ଅଗଷ୍ଟ ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଣ୍ଡଳୀଠାରେ ଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନଡିଆରଏଫ) କର୍ମୀଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଦିନିକିଆ ମହୁଚାଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏନଡିଆରଏଫ କର୍ମୀଙ୍କ ଆୟ ବୃଦ୍ଧି ଓ ଜୀବନଧାରଣ ମାନ ଉନ୍ନତିରେ ଏହା ସହାୟକ ହେବ। ପ୍ରଶିକ୍ଷଣରେ ମହୁଛତାର ଯତ୍ନ, କଲୋନୀ ପରିଚାଳନା ଏବଂ ଫୁଲର ପରାଗସଙ୍ଗମରେ ମହୁମାଛିଙ୍କ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। କୃଷି ବିଭାଗ ଅନ୍ତର୍ଗତ କୀଟବିଜ୍ଞାନର ସହାୟିକା ଅଧ୍ୟାପିକା ଡ. ସାମା ତ୍ରିପାଠୀ, ଡ. ସୌମ୍ୟଭାରତୀ ବାବୁ, ଏବଂ ଡ. ରାତେଶ ମିଶ୍ର ପ୍ରମୁଖ ମହୁଚାଷର ଗୁରୁତ୍ୱ ଓ ତତ୍ ସମ୍ବନ୍ଧୀୟ ବ୍ୟାବହାରିକ ପଦ୍ଧତି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହୁ ଚାଷୀ ଦିଲ୍ଲୀପ ସାହୁ କିଭଳି ମହୁଚାଷ କରାଯାଇଛି, ତାହାର ବାସ୍ତବ ପ୍ରଦର୍ଶନ କରି ଦେଖାଇଥିଲେ। ପ୍ରୟୋଗଶାଳା ସହାୟିକା ନମ୍ରତା ଗଜେନ୍ଦ୍ର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ସହାୟତା କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ଡିନ୍ ପ୍ରାଧ୍ୟାପକ ଡ. ଏସ୍. କୁମାରସ୍ୱାମୀ ଏନଡିଆରଏଫ କର୍ମୀମାନଙ୍କ ଜୀବିକାକୁ ସମୃଦ୍ଧ କରିବା ଦିଗରେ ଉକ୍ତ ଏହି ପଦକ୍ଷେପ ପ୍ରକୃତରେ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରେସିଡେଣ୍ଟ ପ୍ରୋ. ରଜିତା କୁଲକର୍ଣ୍ଣୀ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କୁଳପତି ପ୍ରୋ. ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ଡ. ଅଜିତ ଶର୍ମା, ଉପନିର୍ଦ୍ଦେଶକ (ମାନବ ସମ୍ବଳ) ଜ୍ୟୋତିରଞ୍ଜନ ଗଡ଼ନାୟକ ଏବଂ ଉପନିର୍ଦ୍ଦେଶକ (ଆଡମିଶନ) ଡ. ମଳୟ ମଲ୍ଲପ୍ରମୁଖ ଆୟୋଜକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଗଣେଶ ପୂଜା ପାଳିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସଦର ସ୍ଥିତ ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା କାର୍ଯ୍ୟାଳୟ ଠାରେ ଧୁମଧାମରେ ବିଘ୍ନ ବିନାଶକ ଅଗ୍ରପୂଜ୍ୟ ପ୍ରଭୁ ଗଣେଶଙ୍କ ପୂଜା ବେଶ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଲଗାତର ଭାବେ ୫ ବର୍ଷ ଧରି ସଂଘ ପକ୍ଷରୁ ଏହି ପୂଜା ପାଳନ କରାଯାଉଥିବା ବେଳେ ଚଳିତବର୍ଷ ପୂଜା କାର୍ଯ୍ୟରେ ସଙ୍ଘ ସଭାପତି ଶ୍ରୀକାନ୍ତ ମିଶ୍ର କର୍ତ୍ତା ହୋଇ ହୋମ ଏବଂ ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ। ରୀତିନୀତି ଅନୁଯାୟୀ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସଙ୍ଘର ସମସ୍ତ କର୍ମକର୍ତ୍ତା ଓ ବିଭିନ୍ନ ବ୍ଲକ୍‌ର ବହୁ ସଦସ୍ୟ ମାନେ ପୂଜାରେ ଯୋଗ ଦେଇଥିଲେ। ସାମ୍ବାଦିକ ମାନଙ୍କ



ବ୍ୟବହାର ହେଉଥିବା ସମସ୍ତ ଉପକରଣ ମଧ୍ୟ ପୂଜା କରାଯାଇଥିଲା। ବିଗତ ବର୍ଷ ମାନଙ୍କ ପରି ଚଳିତବର୍ଷ ମଧ୍ୟ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିବା ବେଳେ ୨୯ ତାରିଖ ଶୁକ୍ରବାର ମଧ୍ୟାହ୍ନ ସମୟରେ ସଙ୍ଘ ପକ୍ଷରୁ ଏହି ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ସଭାପତି ଶ୍ରୀ ମିଶ୍ର କହିଛନ୍ତି। ପୂଜା ସମୟରେ ଶିବଦତ୍ତ ସାହୁ, ରତ୍ନାକର ଦାସ, ପ୍ରଦୀପ ମହାରଣା, ଚନ୍ଦ୍ରକାନ୍ତ ପଣ୍ଡା, ରାଜେଶ ବେପାରୀ, ସୁଧାଂଶୁ ଶେଖର ମହାନ୍ତି, ପଙ୍କଜ ଖରା, ବିଜନ ମଣ୍ଡଳ ପ୍ରମୁଖଙ୍କ ସହ ଜିଲ୍ଲାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

ଉମରକୋଟ, (ଭାସ୍କର ନ୍ୟୁଜ୍) : ଉମରକୋଟ ଥାନା ଅର୍ନ୍ତଗତ କୁର୍ସୀ ଗ୍ରାମ ପଞ୍ଚାୟତର ଜୁନାପାରା ଗ୍ରାମ ଠାରେ ବିଷ ଧର ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମହିଳାଙ୍କ ନାମ ହେଉଛି ଅଗନ୍ତି ଗଣ୍ଡ, ବୟସ ୪୩। ଅଗନ୍ତି ଗଣ୍ଡଙ୍କ ସ୍ୱାମୀ ହରିଚନ୍ଦ ଗଣ୍ଡ ଉମରକୋଟ ଥାନା ରେ କରିଥିବା ଲିଖିତ ଅଭିଯୋଗ ଅନୁସାରେ ୨୬ ତାରିଖ ଦିନ ରାତି ପ୍ରାୟ ୯ ଟା ସମୟ ରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଖାଇ ପି ଶୋଇ ପଡିଥିଲେ। କିନ୍ତୁ ୨୭ ତାରିଖ ଦିନ ସକାଳ ୪ଟା ସମୟରେ ଜାଣିବାକୁ ପାଇଲେ ଯେ ଅଗନ୍ତିର ଡାହାଣ କାନ୍ଦରେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଛି। ତୁରନ୍ତ ସ୍ୱାମୀ ହରିଚନ୍ଦ ଅଟୋ ଡାକି ଗୁରୁତର ଅବସ୍ଥାରେ ଅଗନ୍ତିଙ୍କୁ ଉମରକୋଟ ଉପଖଣ୍ଡ ହସ୍ପିଟାଲକୁ ନେଇ ଚିକିତ୍ସା କରାଇ ଥିଲେ। ତେବେ ଚିକିତ୍ସା ଅବସ୍ଥାରେ ସକାଳେ ୯ଟା ସମୟରେ ମୃତ୍ୟୁ ବରଣ କରିଥିଲେ। ଆଜି ସବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ଉମରକୋଟ ପୋଲିସ।

# ଭଞ୍ଜୀ ମଣ୍ଡପ ଦୁର୍ଗାପୂଜା କମିଟି ଗଠିତ

ଉମରକୋଟ, (ଭାସ୍କର ନ୍ୟୁଜ୍) : ଚଳିତବର୍ଷ ଦୁର୍ଗା ପୂଜା ଯେପରି ମହା ଆଡମ୍ବର ଓ ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହେବ ସେଥିନେଇ ଉମରକୋଟ ସହରର ଭଞ୍ଜୀମଣ୍ଡପ ଦୁର୍ଗା ପୂଜା କମିଟି ପକ୍ଷରୁ ନୂତନ ପୂଜା କମିଟି ଗଠନ କରାଯାଇଛି। ଏଥି ନିମନ୍ତେ ଆଜି ଅନୁଷ୍ଠିତ ବୈଠକରେ ସ୍ୱ ସମ୍ମତି କ୍ରମେ ସଭାପତି ଭାବେ ରମେଶ ଦାସ, ଉପ ସଭାପତି ଭାବେ ମୁନା ରଥ, ସମ୍ପାଦକ ଭାବରେ ରମେଶ ରାଓ, ଯୁଗ୍ମ ସମ୍ପାଦକ ଭାବରେ ଦେବରାଜ ଦାସ ଓ କୋଷାଧ୍ୟକ୍ଷ ଭାବେ ବସନ୍ତ ପାତ୍ର ମନୋନୀତ ହେଇଛନ୍ତି। ସେହି ପରି ଉପଦେଷ୍ଟା କମିଟି ରେ ଦ୍ୱାରିକାନାଥ ପାଣିଗ୍ରାହୀ, ପ୍ରଶାନ୍ତ ସାହୁ, ଉଐ ସତୀ, ଶ୍ରୀନିବାସ ରାଓ,କାକୁ ଅଗ୍ରୱାଲ, କୁଲୁ ବାଗ, ରବୀନ୍ଦ୍ର ପଣ୍ଡା,ପ୍ରଦୀପ ଦେବନାଥ ଓ ଦିପୁ ବଂସଲ ମନୋନୀତ ହେଇଛନ୍ତି। ଚଳିତ ବର୍ଷ ପ୍ରଥମ ଥର ପାଇଁ ନବ ରାତ୍ର ପୂଜା ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ରମେଶ ଦାସ ସୂଚନା ଦେଇଛନ୍ତି।

# ଦୁଷ୍କର୍ମ ଅଭିଯୁକ୍ତକୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ସ୍ୱତନ୍ତ୍ର) ବିଭୁ ପ୍ରସାଦ ପଣ୍ଡା ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତକୁ ୨୦ ବର୍ଷ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଏନେଇ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ଗଜପତି ଜିଲ୍ଲାର ସନ୍ତୋଷ ଶବର। ସୂଚନା ମୁତାବକ, ସନ୍ତୋଷ ଶବର ଜଣେ ନାବାଳିକାକୁ ଅପହରଣ କରିବା ସହ ଯୌନ ନିର୍ଯାତନା ଦେଇଥିବା ନେଇ ଆର. ଉଦୟଗିରି ଥାନାରେ ୭୬/୨୦୨ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୬୩, ୩୬୬ ଓ ପକ୍ସୋ ଆଇନର ଧାରା ୬ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଶୁଣାଣି କରି ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡ ସହ ଏଗାର ହଜାର ଟଙ୍କା ଜରିମାନା ଦଣ୍ଡ ଦେଇଛନ୍ତି। ଏଗାର ହଜାର ଟଙ୍କା ଜରିମାନା ଅନାଦେୟ ହେଲେ ଅଧିକା ୮ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ପ୍ରକାଶ କରିଛନ୍ତି। ଏଥିସହ ଆଇନ ସେବା ପ୍ରାଧିକରଣଙ୍କୁ ୪ ଲକ୍ଷ ଟଙ୍କା ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଦୁର୍ଘଟଣାରେ ଜଣେ ମୃତ,ଜଣେ ଗୁରୁତର

ରାୟଗଡା, (ଭାସ୍କର ନ୍ୟୁଜ୍) : ମେଟାଲ୍ ବୋଝେଇ ହାଇୱା ସହ ଏକ ବୁଲେଟ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ବାଇକ୍ ଆରୋହୀ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତ ବାଇକ୍ ଆରୋହୀ ଜଣକ ହେଲେ ରାୟଗଡା ଜିଲ୍ଲା ଟିକିରି ଅଞ୍ଚଳର ବିଶ୍ୱାଳ ତାଣ୍ଡି। ଏଭଳି ଦୁର୍ଘଟଣା ରାୟଗଡା ଥାନା ଅନ୍ତର୍ଗତ ଜପାଖାଲ ନିକଟରେ ଘଟିଛି। ଆଜି ୧୨ଟା ସମୟରେ ମୃତ ବିଶ୍ୱାଳ ତାଣ୍ଡି ଓ ତାଙ୍କ ସଂପର୍କୀୟ ଅକ୍ଷୟ ସିମିଲି ରାୟଗଡାରୁ ଟିକିରି ଅଭିମୁଖେ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ବିଶ୍ୱାଳ ମୃତ୍ୟୁବରଣ କରିଥିଲେ।

# ଅଙ୍ଗଦାନ କରି ଅମର ହେଲେ ଅନ୍ୱେଷ



ରଘୁନାଥପୁର,(ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜୟଶୋଳ ଗ୍ରାମର ଅକ୍ଷୟ ବେହେରାଙ୍କ ପୁଅ ଅନ୍ୱେଷ ଦାସ (୨୦) ନିଜର ଦୁଇ ଆଖିକୁ ଦାନ କରି ସବୁଦିନ ପାଇଁ ଅମର ହୋଇ ଯାଇଛନ୍ତି। ସୂଚନାଯୋଗ୍ୟ,ଗତ ଅଗଷ୍ଟ ୨୧ ତାରିଖରେ ଅନ୍ୱେଷ ଭୁବନେଶ୍ୱର ସ୍ଥିତ ସମ ହସ୍ପିଟାଲରୁ ଆସୁଥିବା ବେଳେ ସିଆରପି ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏହି ଘଟଣାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଆବେଦନ ପରେ ମୃତ ଅନ୍ୱେଷଙ୍କର ଦୁଇ ଚକ୍ଷୁ ବାହାର କରାଯାଇ ଅନ୍ୟ ଚକ୍ଷୁ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯିବା କଥା ତାଙ୍କର ପିତା ଅକ୍ଷୟ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଅଙ୍ଗଦାନ କରି ଅନ୍ୱେଷ ଚିରଦିନ ପାଇଁ ଅମର ହୋଇଗଲେ। ଅନୁଷ୍ଠାନ ତଥା ଅଞ୍ଚଳ ପକ୍ଷରୁ ତାଙ୍କ ପରିବାରକୁ ସାଧୁବାଦ ଦିଆଯାଇଛି।

# ଗୋଠିଣା ମହିମା ଆଶ୍ରମରେ ନବାନ୍ନ ଉତ୍ସବ ପାଳିତ



ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୋଠିଣା ଗ୍ରାମରେ ଆଜି ବ୍ରାହ୍ମ ମୁହୂର୍ତ୍ତରେ ଘୃତବତୀ ଅର୍ପଣ ପୂର୍ବକ ଜଗତ ଭକ୍ତଙ୍କ କଲ୍ୟାଣ ନିମନ୍ତେ ମହିମା ପ୍ରଭୁଙ୍କୁ ବାଲ୍ୟଲୀଳା ଅର୍ପଣ କରାଯାଇ ନୂତନ ଚୁଡା ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସୁମିଷ୍ଟ ସୁସ୍ୱାଦୁ ସାତ୍ତ୍ୱିକ ଆବଶ୍ୟକୀୟ ଦ୍ରବ୍ୟ ମିଶ୍ରିତ ବିଭିନ୍ନ ଫଳମୂଳ ତଥା ଗୁଡ଼, ବିଶୁଦ୍ଧ ଘୃତ, ମହୁ ଆଦି ଦ୍ୱାରା ନବାନ୍ନ ସାଧୁ ବାବା, ଭକ୍ତ ମାନଙ୍କର ମାଧ୍ୟମରେ ପ୍ରସ୍ତୁତ କରାଯାଇ ଥିଲା। ଉକ୍ତ ପ୍ରସ୍ତୁତ ନବାନ୍ନ ଉତ୍ସବରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ୍ ତଥା ରଘୁନାଥପୁର, ବିରିଡ଼ି ଓ ଜଗତସିଂହପୁର ବ୍ଲକ ଅଞ୍ଚଳରୁ ମହିମା ଶ୍ରିତଃ ଭକ୍ତ ମାନେ ଯୋଗ ଦେଇଥିଲେ।ସମୂହ ଭାବରେ ଭିକ୍ଷା ଆସ୍ଥାନ ରେ ନବାନ୍ନ ସେବନ କରାଯାଇ ଥିଲା। ବ୍ରହ୍ମ ଅବଧୂତ ବେଣୁଧର ବାବା ମହୋଦୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିବା ବେଳେ ଏହାକୁ ସାଧୁ ଅନନ୍ତ ଦାସ ପରିଚାଳନା କରିଥିଲେ। ଏଥିସହିତ ଗୋଠିଣା ଗ୍ରାମର ଭକ୍ତ ଏବଂ ଗ୍ରାମବାସୀ ବୃନ୍ଦ ସହଯୋଗ କରିବା ସହିତ ନବାନ୍ନ ପ୍ରସାଦ ସେବନ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ଓ ଆଲୋଚନା ଚକ୍ର




ହିଞ୍ଜିଳିକାଟୁ, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ପୌରାଞ୍ଚଳ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଘ ସଭାପତି କାହ୍ନୁ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ କୋଷାଧ୍ୟକ୍ଷ ଗୋପାଳ ସେନ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ବେହେରା, ଉପଦେଷ୍ଟା ଗଜେନ୍ଦ୍ର ମାଝୀ, ରାଜ୍ୟ ସହ ସମ୍ପାଦକ ମୁକ୍ତିରାମ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏଥିସହିତ ଜିଲ୍ଲା ସମ୍ପାଦକ ତଥା ହିଞ୍ଜିଳି ବ୍ଲକ ଉପସଭାପତି ଜି. ତ୍ରିପତି, ସମ୍ପାଦକ ପେଦିନି ଶିଶିର କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ଆୟୋଜିତ ସମ୍ମିଳନୀରେ ପ୍ରାଥମିକ ଶିକ୍ଷା ଓ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହିତ, ପ୍ରାଥମିକ ଶିକ୍ଷକ ମାନଙ୍କର ତିନୋଟି ମୁଖ୍ୟ ଦାବି ଯଥା କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ନିଯୁକ୍ତି ଉଚ୍ଛେଦ ଓ ପୁରୁଣା ପେନ୍‌ସନ୍ ଲାଗୁ କରାଯିବା ନେଇ ଦାବି ଉପସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଠିକା ନିଯୁକ୍ତି ବନ୍ଦ କରି ସ୍କିମାଟିକ ଶିକ୍ଷକ ମାନଙ୍କୁ ନିୟମିତ କରିବା ପାଇଁ ନିକଟ ଅତୀତରେ କରିଥିବା ଘୋଷଣାକୁ ସମସ୍ତେ ପ୍ରସଂଶା କରିଥିଲେ ଏବଂ ମୁଖ୍ୟ ମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ। ଏଥିସହିତ ଆସନ୍ତା ଗୁରୁ ଦିବସ ଦିନ ଠାରୁ ଏହାକୁ ଆନୁଷ୍ଠାନିକ ଭାବେ ଘୋଷଣା କରି, ସେମାନଙ୍କର କାର୍ଯ୍ୟରେ ଯୋଗ ଦେବା ଦିନ ଠାରୁ ଏହାକୁ କାର୍ଯ୍ୟକାରୀ କରାଇବେ ବୋଲି ସମସ୍ତେ ଆଶା ପୋଷଣ କରିଥିଲେ। ପରେ ପରେ ଶିକ୍ଷକମାନଙ୍କୁ ଉତ୍ସାହିତ କରିବା ତଥା ଗୁଣାତ୍ମକ ଶିକ୍ଷା ନିମନ୍ତେ ମାର୍ଗ ଦର୍ଶନ କରିବା ନିମନ୍ତେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶୀଲ କୁମାର ପାତ୍ର, ଏବଂ ସୂର୍ଯ୍ୟକାନ୍ତି ପାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଇତ୍ୟବସରରେ ଜଣେ ଅବସରପ୍ରାପ୍ତ ଶିକ୍ଷକ କାପଲ ରଘୁନାଥ, ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆରତୀ କୁମାରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା କରାଯିବା ସହିତ ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣୀ ଅବନୀକାନ୍ତ ପଟ୍ଟନାୟକଙ୍କୁ ତାଙ୍କର ନିଷ୍ଠାପର କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଦିଶା ପ୍ରଧାନ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ହିଞ୍ଜିଳିକାଟୁ ବ୍ଲକର ମୋଟ ୯୫ ବିଦ୍ୟାଳୟର ପ୍ରାୟ ୨୫୦ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ରାସ୍ତା ଉପରେ ନାଳ ପାଣି



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): କଥା ଅଛି ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ? ସେହିପରି ପାରଳାର ପୌର ପରିଷଦ। ସହରରେ ୧୬ ନଂ ୱାର୍ଡ ଅଛି। ସହରର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ସହ ନୂତନ ସାହି ଓ ନଗରମାନ ଗଢ଼ି ଉଠୁଛି। ଗତ ୧ ସପ୍ତାହ ହେଲା ସହରରେ ଲଗାଣ ବର୍ଷା ଲାଗିରହିଛି। ସହରରେ ବିଭିନ୍ନ ସ୍ଥାନରେ ନାଳ ଜାମ୍ ହୋଇ ରାସ୍ତା ଧୋଇ ହୋଇଯାଉଛି। ସେହିପରି ମଶାଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ମଶା ଧୂଆଁ ମଧ୍ୟ ମେସିନ୍ ପ୍ରୟୋଗ କରାଯାଉନାହିଁ। ଏହିଭଳି ସହର ୧୪ ନଂ ୱାର୍ଡ଼ର ମୁଖ୍ୟ ବଜାର ପାଖ ଥିବା ସୁରାୟା ଜୁଏଲର ପାଖରେ ଥିବା ନାଳ ୧ ସପ୍ତାହ ହେଲାଣି ବନ୍ଦ ହୋଇଯାଇଛି। ଯାହାଦ୍ୱାରା ନାଳର ପାଣି ରାସ୍ତା ମଝିରେ ପ୍ରବାହ କରୁଛି। ଏହି ରାସ୍ତା ଦେଇ ମହାରାଜା ବାଳକ ବିଦ୍ୟାଳୟ, ମହାରାଜା ଉଚ୍ଚ ବିଦ୍ୟାଳୟର ଛାତଛାତ୍ରୀ ଯିବା ଆସିବା କରିବା ସହ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷଙ୍କ ନିତିଦିନିଆ ରାସ୍ତା। ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଚାରିଚକିଆ ଗାଡ଼ିରେ ଯିବା ଆସିବା ମଧ୍ୟ କରିଥାନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ନିବେଦନ କରାଯାଇଛି।

# ଚାଷୀଙ୍କ ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟାଳୟ ଘେରାଉ



କୋରାପୁଟ, (ଭାସ୍କର ନ୍ୟୁଜ୍) : ଜୟପୁର ଉପଖଣ୍ଡର ଚାଷୀ ସାର ଦାବିରେ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। କୁନ୍ଦୁରା, ବୋରିଗୁମ୍ମା, କୋଟପାଡ, ଜୟପୁର, ବୈପାରିଗୁଡା ବ୍ଲକର ଶତାଧିକ ଚାଷୀ ଦଶହରା ପଡିଆରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଜଣାଇଥିଲେ । ବିଜେଡି ଘେରାଉକୁ ସମର୍ଥନ କରୁଥିବାରୁ ରାଜ୍ୟ ଉପସଭାପତି ରବିନାରାୟଣ ନନ୍ଦ ଉପସ୍ଥିତ ରହି ଜିଲ୍ଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାକୁ ସାର ନେଇ ଆସୁଥିବା ଗାଡିରେ ଭିଟିଏସ ଲଗାଇ ବିଭାଗ ଦ୍ୱାରା ତଦାରଖ କରିବା । ଅନିୟମିତତା କଲେ କାର୍ଯ୍ୟାନୁଷ୍ଠାନ । ବିଭିନ୍ନ ସାର ସହ ନାନୋ ୟୁରିଆ, ନାନୋ ଡିଏପି, ଜିଙ୍କୋ ଅଣୁସାର, କୀଟନାଶକ ଓ ଅନ୍ୟାନ୍ୟ ଦ୍ରବ୍ୟ ନେବାକୁ ବାଧ୍ୟ କରାଯାଉଛି । ଯାହାକୁ ତୁରନ୍ତ ବନ୍ଦ କରିବା । ଚାଷୀଙ୍କୁ ହଇରାଣ କରୁଥିବା ଆରସିଏମଏସ ଓ ମାର୍କଫେଡ କର୍ମଚାରୀଙ୍କ ବଦଳି ସହ ଦୁର୍ନୀତି ତଦନ୍ତ । ଯେଉଁମାନେ କଳାବଜାରୀ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଲାଇସେନ୍ସ ରଦ୍ଦ କରି ଗିରଫ କରିବାକୁ ଦାବି ହୋଇଥିଲା । ଦାବି ଶୁଣିବା ପରେ ରବିବାର ଦିନ ସମସ୍ତ ଚାଷୀଙ୍କୁ ସାର ଯୋଗାଇ ଦିଆଯିବ । ଏକର ପିଛା ୨ବସ୍ତା ସାର ଯୋଗାଇ ଦିଆଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ ପ୍ରତିଶୃତି ଦେଇଥିଲେ । ଯଦି ରବିବାର ପ୍ରତିଶ୍ରୁତି ପୂରଣ ନହୁଏ ତେବେ ପୁଣି କାର୍ଯ୍ୟାଳୟ ଘେରାଉ ହେବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି । ଘେରାଉରେ ଜିଲ୍ଲା ପରିଷଦ ଉପସଭାପତି ରାଧାବିନୋଦ ସାମନ୍ତରାୟ, କୋଟପାଡର ପୂର୍ବତନ ବିଧାୟକ ପଦ୍ମିନୀ ଦିଆନ, କୋଟପାଡର ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି, ପାଣି ପଂଚାୟତ ସଭାପତି ବିରେନ ବିଶୋଇ. କୃଷକ କଲ୍ୟାଣ ମଞ୍ଚ ସଭାପତି ନରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ରଥ, ଚିତ୍ରସେନ ମିଶ୍ର, ବାଲା ରାୟ, ଦୁର୍ଗା ମିଶ୍ର, ନାଗରାଜ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ବୃଦ୍ଧାଶ୍ରମରେ ନୂଆଁଖାଇ ଅଢିଆ ବଣ୍ଟନ




ବରଗଡ଼, (ଭାସ୍କର ନ୍ୟୁଜ୍) : ଜିଲ୍ଲାର ସ୍ୱୟଂ ପ୍ରଭା ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଘୁଲିପାଲି ସାଇ କ୍ରିଷ୍ଣା ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ନୂଆଁଖାଇ ଅଢ଼ିଆ ବଣ୍ଟନ କରାଯାଇଛି। ସଂସଦର ସମ୍ପାଦିକା କମଳିନୀ ଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟା ମାନେବୃଦ୍ଧାଶ୍ରମରେ ଉପସ୍ଥିତ ରହି ସମସ୍ତ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ସହିତ ନୂଆଖାଇ ଅଢିଆ ପ୍ରଦାନ କରିଥିଲେ। ଏହି ଅବସରରେ ସଭାପତି ନୁରାବତି ସାହୁ, ସହ ସଂପାଦିକା ସନ୍ତୋସିନି ଦାଶ, ବରିଷ୍ଠ ସଦସ୍ୟା ମୀନା ପଣ୍ଡା, ରାଧାରାଣୀ ପଟ୍ଟନାୟକ, ନିରୁପମା ଶତପଥୀ, ପ୍ରତିମା ପାତ୍ର, ବିନୋଦିନୀ ସାହୁ, ନିଳୀମା ପ୍ରଧାନ, କଲ୍ୟାଣୀ ସତପଥି, ଅଲକା ନନ୍ଦା, ବାସନ୍ତୀ ଗୁରୁ, ରୀତା ମିଶ୍ର, ଦୁର୍ଗେଶ ନନ୍ଦିନୀ, ଫିରୋଜ୍ ମେହେର, ତୃପ୍ତିମୟୀ ମେହେର ପ୍ରମୁଖ କବୟିତ୍ରୀ ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ରବି ୨୦୨୫-୨୬ର ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ତରଫରୁ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବାଣିଜ୍ୟ, ପରିବହନ, ଇସ୍ପାତ୍ ଓ ଖଣି ବିଭାଗ, ଓଡ଼ିଶା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଦାଶରଥି ଗମାଙ୍ଗ, ବିଧାୟକ ମୋହନା, ଯତୀନ୍ଦ୍ର କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ଗଜପତି, ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହନେଗା ଓ ଫାଲଗୁନୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ରବୀନ୍ଦ୍ର କୁମାର ଆଡେକ୍ ଓ ସ୍ଥାନୀୟ କୃଷକ ସିମାଦ୍ରି ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାର କୃଷକମାନଙ୍କୁ ପିଏମ୍ କିଷାନ୍ ଯୋଜନା ଅନୁସାରେ କୃଷକମାନଙ୍କୁ ବର୍ଷକୁ ୬ ହଜାର ଟଙ୍କା ଦିଆଯାଉଛି। ସେହିପରି ରାଜ୍ୟରେ ସିଏମ କିଷାନ୍ ସହାୟତା ଦ୍ୱାରା ଛୋଟ ଏବଂ ନାମମାତ୍ର କୃଷକଙ୍କୁ ୪ ହଜାର ଟଙ୍କା ପ୍ରତିବର୍ଷ ସହାୟତା ରାଶି ପ୍ରଦାନ କରାଯାଉଛି। ଏହି ସହାୟତା ରାଶି କୃଷକମାନଙ୍କୁ Direct Benefit Transfer (DBT) ମାଧ୍ୟମରେ ବ୍ୟାଙ୍କ ଖାତାକୁ ସିଧସଳଖ ସହାୟତା ରାଶି ପ୍ରଦାନ କରାଯାଇଛି। ସିଏମ କିଷାନ ଯୋଜନାରେ ହସ୍ତାନ୍ତର ହେଉଥିବା ଏହି ସହାୟତା ରାଶି ଚାଷୀମାନଙ୍କୁ ଅତ୍ୟାବଶ୍ୟକୀୟ କୃଷି ସମାଗ୍ରୀ ଯଥା ବିହନ, ସାର, କୀଟନାଶକ ଇତ୍ୟାଦି ଆବଶ୍ୟକତା ଅନୁଯାୟୀ କିଣିବାରେ ନିଶ୍ଚିତ ରୂପେ ସହାୟତା କରିବ। ସେହିପରି ଗଜପତି ଜିଲ୍ଲାରେ ୨୦୨୫-୨୬ ରବି ସିଏମ କିଷାନ୍ ଯୋଜନାରୁ ମୋଟ ଟ.୧୩,୧୯,୦୨,୬୦୦/- ସହାୟତା ରାଶି ଜିଲ୍ଲାର ଚାଷୀମାନଙ୍କୁ ପ୍ରଦାନ କରାଯାଇଛି। ସେହିପରି ଜିଲ୍ଲାର ସମସ୍ତ ଚାଷୀଙ୍କ ସମସ୍ୟା ତୁରନ୍ତ ସମାଧାନ କରିବା ଓ ଚାଷୀମାନଙ୍କ ପାଇଁ ପ୍ରକଳ୍ପ ପ୍ରସ୍ତୁତ କରିବେ କର୍ମଚାରୀ, ଠିକ ପରିମାଣରେ ସାର ଉଠାଇବେ ଓ ସାର କଳାବଜାରୀ ବିକ୍ରିକୁ ନଜର ରଖିବାକୁ ଜିଲ୍ଲା ପ୍ରଶାସନ ତଦାରଖ କରିବାପାଇଁ ମନ୍ତ୍ରୀ କହିଛନ୍ତି। ସେହିପରି ଜଳସେଚନ ପ୍ରକଳ୍ପ ଉପରେ କାର୍ଯ୍ୟକ୍ଷମ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୁଶାନ୍ତ ରଞ୍ଜନ ଦାସ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ସୁରେଶ ପଟ୍ଟନାୟକ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କୃଷକ ଭାଇ ଭଉଣୀ ଓ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା କୃଷୀ ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ଆନୁଷ୍ଠାନିକ ଭାବେ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ପରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ କରାଯାଇଥିଲା।



ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ସ୍ଥାନୀୟ ଜଗନ୍ନାଥପୁର ବଜାର ବଣିକ ସଙ୍ଘ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରଭୁ ଗଜାନନଙ୍କ ପୂଜାବିଧି ମହା ଆଡମ୍ବର ସହକାରେ ପାଳନ କରାଯାଉଛି। ଏହି ଅବସରରେ ମଧ୍ୟାହ୍ନରେ ପ୍ରଭୁଙ୍କ ପାଣିତୋଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକ ବିରାଟ ପଟୁଆରରେ ବ୍ୟବସାୟୀ ଭାଇମାନେ ବାଜା, ଘଣ୍ଟ, ଶଙ୍ଖ ବଜାଇ ବଜାର ପରିକ୍ରମା କରି ନିକଟସ୍ଥ ତାଳଦଣ୍ଡାକେନାଲରୁ ଜଳ ଅଣାଯାଇ ଘଟ ସ୍ଥାପନ କରାଯାଇଥିଲା। ଦୀର୍ଘ ୧୫୦ବର୍ଷ ହେଲା ଏହି ମଣ୍ଡପରେ ଷୋଡଶ ଉପଚାର ପୂଜାବିଧିରେ ପ୍ରଭୁ ଗଜାନନଙ୍କୁ ଆବାହନ କରାଯାଇ ମୃଣ୍ମୟ ମୂର୍ତ୍ତିକୁ ପୂଜା କରାଯାଉଛି। ଏହି ପୂଜା ୫ଦିନ ବ୍ୟାପି ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରଙ୍ଗୀନ ଆଲୋକମାଳା ଶ୍ରଦ୍ଧାଳୁଙ୍କ ମନମୋହୁଛି। ଆସନ୍ତା ରବିବାର ଭସାଣି କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ମଦନମୋହନ ଜେନା ଓ ସମ୍ପାଦକ ପ୍ରଭାକର ଖଟୁଆ ପ୍ରକାଶ କରିଛନ୍ତି। ସେହିପରି ରଘୁନାଥପୁର ବଡ ବଜାର ବଣିକ ସଙ୍ଘ, ହାଟବଜାର, ଜଗନ୍ନାଥପୁର, ମହେନ୍ଦ୍ରସାହୁଛକ ବଣିକ ସଙ୍ଘପକ୍ଷରୁ ପ୍ରଭୁ ଗଜାନନଙ୍କ ଆବାହନ ଧୁମ୍‌ଧାମ୍‌ରେ କରାଯାଉଛି। ଏହି ଅବସରରେ ବରିଷ୍ଠ ବିଜେପି ନେତା ତଥା ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା ପୂଜାମଣ୍ଡପରେ ପହଞ୍ଚି ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ।

# ଲଗାଣ ବର୍ଷାରେ ବେହାଲ ପରିବା ବଜାର



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ସମେତ ସନ୍ନିକଟ ଅଞ୍ଚଳର ଶତାଧିକ ପରିବାର ଅସ୍ତରଙ୍ଗ ସାପ୍ତାହିକ ପରିବା ହାଟ ଓ ପରିବା ବଜାର ଉପରେ ନିର୍ଭର କରିଥାନ୍ତି। କିଛିଦିନ ହେବ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବର୍ଷା ଯୋଗୁଁ ପରିବା ବଜାର ସମେତ ସାପ୍ତାହିକ ହାଟକୁ ଥିବା ବିଭିନ୍ନ ବାଟ କାଦୁଅରେ ପରିପୂର୍ଣ୍ଣ। ପ୍ରବେଶ ବାଟରେ ପାଣି ଜମୁଥିବା ବେଳେ ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନ ଥିବାରୁ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଅନ୍ୟପଟେ ହାଟର ବିଭିନ୍ନ ପାର୍ଶ୍ୱରେ ପଚା ପରିବା ସାଙ୍ଗକୁ କାଦୁଅ ପଚ ପଚ ହୋଇ ଗ୍ରାହକ ପରିବା କିଣିବା ପାଇଁ ବଜାରରେ ଘୂରି ବୁଲୁଥିବା ଦେଖିବାକୁ ମିଳୁଛି। ବେପାରୀ, ଚାଷୀ ଓ ଖାଉଟି ସମସ୍ତେ ପୁତିଗନ୍ଧମୟ ପରିବେଶରେ ପ୍ରବେଶ କରୁଥିଲେ ମଧ୍ୟ ଏହାର ପ୍ରତିକାର ଦିଗରେ କେହି ପଦକ୍ଷେପ ନେଉନାହାନ୍ତି। ନିର୍ବାଚିତ ଲୋକ ପ୍ରତିନିଧି ମାନେ ନୀରବତା ଅବଲମ୍ବନ କରୁଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ ନିର୍ବିକାର ଭାବେ ରହିଛନ୍ତି। ଯାହାକୁ ନେଇ ଯାତାୟାତ କରୁଥିବା ଚାଷୀ, ବ୍ୟବସାୟୀ ଓ କ୍ରେତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଯେ, ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ନିକଟରେ ଥିବା ସାପ୍ତାହିକ ହାଟ ଅସ୍ତରଙ୍ଗ ପଂଚାୟତ ମାଧ୍ୟମରେ ପରିଚାଳନା ହେଉଛି। ପ୍ରତି ମଙ୍ଗଳବାର ଓ ଶନିବାର ଏହି ହାଟରେ କାରବାର ହୋଇଥାଏ। ହାଟକୁ ଆଖପାଖ ଅଞ୍ଚଳ ସହ କୋଣ ଅନୁକୋଣରୁ ବେପାରୀ ଏହି ହାଟକୁ ଆସିଥାନ୍ତି। ଅସ୍ତରଙ୍ଗ ବଜାର ସମେତ ୧୦ରୁ ୧୫ କିଲୋମିଟର ସନ୍ନିକଟ ଗ୍ରାମରୁ ବେପାରୀ ଓ ଖାଉଟି ଏହି ହାଟ ଉପରେ ନିର୍ଭର କରିଥାନ୍ତି। ହାଟ ଭିତରକୁ ୪ଟି ପ୍ରବେଶ ପଥ ଅଛି। ଗୋଟିଏ ପ୍ରବେଶ ପଥକୁ ଛାଡି ଦେଲେ ଅନ୍ୟ ପ୍ରବେଶ ପଥ ଦେଇ ହାଟକୁ ଆସିବା କାଠିକର ପାଠ। କାଦୁଅରେ ଚାଲି ଚାଲି ପ୍ରବେଶ ବେଳେ ଚପଲ ଅଟକି ଯାଉଛି। ଯିଏ ବର୍ଷା ପାଗରେ ପ୍ରବେଶ କରିଛି ସେ ହିଁ ହୃଦୟଙ୍ଗମ କରିଛି। ପୂର୍ବରୁ ଏହିସବୁ କିଛି ସ୍ଥାନ କଂକ୍ରିଟ ଥିଲା, ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ନଷ୍ଟ ହୋଇଗଲା ପରେ ଏପରି ଅବସ୍ଥା ହୋଇଛି। ହାଟ ମଧ୍ୟରେ ଅନେକ ସ୍ଥାନରେ ଚାଷୀ ଓ ବେପାରୀ ମୁଣ୍ଡରେ ଜରିପାଲ ଦେଇ ପରିବା ସମେତ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି। ଯେଉଁ ଆଡ଼େ ଦେଖିବ କାଦୁଅ ପଚ ପଚ। ପଚାସଢ଼ା ପରିବା ପଡ଼ି ପରିବେଶ ପୁତିଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷ ବର୍ଷ ଧରି ଏପରି ସମସ୍ୟା ରହିଛି କୌଣସି ସମାଧାନ ହେଉନାହିଁ। ଏହି ସ୍ଥାନଟି ଗାଈ ଷଣ୍ଢଙ୍କ ଚରାଭୂଇଁ ପାଲଟିଛି। ସ୍ଥାନୀୟ ଲୋକ ଦାବି କରିଛନ୍ତି ଜିଲ୍ଲା ପ୍ରଶାସନ ଚାଷୀ, ବ୍ୟବସାୟୀ ଓ ଖାଉଟିଙ୍କ ସୁବିଧା ପାଇଁ ଅତ୍ୟାଧୁନିକ ସେଡ ସହ ହାଟ ଉନ୍ନତିକରଣ କଲେ ସାଧାରଣ ଅଞ୍ଚଳବାସୀ ଖୁସି ପ୍ରକଟ କରିବେ।

## ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ସମ୍ପନ୍ନ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅଞ୍ଚଳରେ ବୁଧବାର ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀ ଗଜାନନଙ୍କ ପୂଜା ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ଆଜି ପୂର୍ବାହ୍ନରୁ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଯୁବକ ସଂଘ, ବ୍ୟବସାୟ ପ୍ରତିଷ୍ଠାନ ଓ ବିଭିନ୍ନ ବ୍ୟକ୍ତିଙ୍କ ଗୃହମାନଙ୍କରେ ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା କରାଯାଇଛି। ଆଜି ଏହି ଉପଲକ୍ଷେ ବ୍ଲକ ଅନ୍ତର୍ଗତ ଗୁଆଳିସିଂ ପଂଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପରିସରରେ ଛାତ୍ରଛାତ୍ରୀମାନେ ପୂର୍ବାହ୍ନରୁ ଶ୍ରୀ ଗଣେଶଙ୍କର ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରିବା ସହିତ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ସେହିପରି କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ, ଚାନ୍ଦୋଳ ମହାବିଦ୍ୟାଳୟ, ଡେରାବିଶ ମହାବିଦ୍ୟାଳୟ, ଡେରାବିଶ ମହିଳା ମହାବିଦ୍ୟାଳୟ, ଡେରେଟା ମହାବିଦ୍ୟାଳୟ, ବିଦିମଡେଲ ହାଇସ୍କୁଲ, ଗଙ୍ଗା ଆବାସିକ ବିଦ୍ୟାଳୟ, ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାଳୟ, ବାଗଦେବୀ ଉଚ୍ଚବିଦ୍ୟାଳୟ, ଡେରାବିଶ ହାଇସ୍କୁଲ, ବାଲୁଙ୍କେଶ୍ୱର ବିଦ୍ୟାପୀଠ, ଜେନାମଣି ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦିରେ ବିଘ୍ନନାଶକ ମହାବିନାୟକଙ୍କ ପୂଜା ସମ୍ପନ୍ନ ହୋଇଛି।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କଣିହାଁ ଗସ୍ତ

## ବିଭିନ୍ନ ପ୍ରକଳ୍ପର କଲେ ଶୁଭ ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ



କଣିହାଁ (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିନିକିଆ କଣିହାଁ ଗସ୍ତରେ ଆସି ପହଞ୍ଚିଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ପ୍ରଧାନ ବୁଧବାର ଦିନ ଅପରାହ୍ନ ପ୍ରାୟ ସାଢେ ୧୨ଘଟିକା ସମୟରେ ପ୍ରଥମେ କଣିହାଁସ୍ଥ ଏନ୍‌ଟିପିସି ବାଇପାସ୍ ଛକ ଠାରେ ପହଞ୍ଚି ସେଠାରେ ଥିବା ସ୍ୱାଧୀନତା ସଂଗ୍ରାମୀ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ମନ୍ତ୍ରୀଙ୍କୁ ଏକ ବିରାଟ ଶୋଭାଯାତ୍ରାରେ କଣିହାଁ ପର୍ଯ୍ୟନ୍ତ ଅଣାଯାଇଥିଲା। ମନ୍ତ୍ରୀ ପ୍ରଥମେ କଣିହାଁ ପ୍ରଜାମଣ୍ଡଳ ଭବନର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ପିଏମ୍‌ଶ୍ରୀ ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ସଂଗ୍ରାମୀ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତଃ ପବିତ୍ରମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବିଦ୍ୟାଳୟରେ ଜେଆଇପିଏଲ୍ ଦ୍ୱାରା ନିର୍ମାଣ ହୋଇଥିବା ପିଏମ୍‌ଶ୍ରୀ ପବିତ୍ରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହର ଉଦ୍‌ଘାଟନ, ଏନ୍‌ଟିପିସି ଦ୍ୱାରା ନିର୍ମାଣ କରାଯାଇଥିବା ନୂତନ ଘର ସହ ଭୋଜନାଳୟର ଶୁଭ ଉଦ୍‌ଘାଟନ, ଏମ୍‌ସିଏଲ୍ ଦ୍ୱାରା ନିର୍ମାଣ କରାଯାଇଥିବା ନୂତନ ୧୦୦ଶଯ୍ୟା ବିଶିଷ୍ଟ ବାଳକ ଛାତ୍ରାବାସର ଶୁଭ ଉଦ୍‌ଘାଟନ କରିବା ସହ ଜେଆଇପିଏଲ୍ ଦ୍ୱାରା ନିର୍ମାଣ ହେବାକୁ ଥିବା ନୂତନ ବିଜ୍ଞାନ ପ୍ରୟୋଗଶାଳାର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପ୍ରଧାନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ମିଶି ଭାବ ଆଦାନପ୍ରଦାନ କରିବା ସହ ନୂତନ ଭୋଜନାଳୟରେ ଛାତ୍ରଛାତ୍ରୀଙ୍କ ସହ ମିଶି ଭୋଜନ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ମନ୍ତ୍ରୀ ଚାରାରୋପଣ କରିବା ସହ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି କମିଟି ସହ ପ୍ଲାଟିନମ୍ ଜୁବୁଲି ପାଳନ କରିବା ସଂପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ସାରି ମନ୍ତ୍ରୀ ଶ୍ରୀ ପ୍ରଧାନ ଚିତ୍ରିକା ନଦୀ ଉପରେ ଜିଲ୍ଲା ଖଣିଜ ପାଣ୍ଠିରୁ ନିର୍ମିତ କଣିହାଁ - ପଣ୍ଡାମଣ୍ଡ ସେତୁର ଶୁଭ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ମନ୍ତ୍ରୀ ପଣ୍ଡାମଣ୍ଡ ଗ୍ରାମକୁ ଯାଇ ସେମାନଙ୍କ ସମସ୍ୟା ପଚାରି ବୁଝିବା ସହ ତାହା ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସମସ୍ତ କାର୍ଯ୍ୟକ୍ରମ ସାରି ମନ୍ତ୍ରୀ ଏନ୍‌ଟିପିସି ହିମଗିରି ଗେଷ୍ଟ ହାଉସ୍‌କୁ ଯାଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ଜିଲ୍ଲାପାଳ ଅବାଳ ଏମ ଅଖତର, ତାଳଚେର ଉପ ଜିଲ୍ଲାପାଳ ସମୀର କୁମାର ଜେନା, ତାଳଚେର ଡିଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସ୍‌ପି ରାହୁଲ ଜେନ, ଅନୁଗୋଳ ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ପ୍ରମୁଖ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସେପ୍ଟେମ୍ବର ୬କୁ କଳା ଦିବସ ପାଇଁ ପ୍ରସ୍ତୁତି ବୈଠକ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଓଡ଼ିଶା କୁଡୁମୀ ସେନା ତରଫରୁ ଆଗାମୀ ସେପ୍ଟେମ୍ବର ୬ ତାରିଖକୁ କଳା ଦିବସ ଭାବେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଏ ବର୍ଷ କଳା ଦିବସ ଦିଲ୍ଲୀ ଯନ୍ତରମନ୍ତର ଠାରେ ପାଳନ କରିବା ପାଇଁ ସ୍ଥିର କରାଗଲା। କୁଡୁମି ବହୁଳ ଚାରି ଗୋଟି ରାଜ୍ୟର ଶତାଧିକ ଜାତି ପ୍ରେମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଭାରତ ସରକାର ବିନା କାରଣରେ ବିନା ନୋଟିଫିକେସନ୍‌ରେ ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖ ଦିନ ଆଦିବାସୀ ସୂଚୀରୁ ବାଦ୍ ଦେଇଛନ୍ତି ସେଇ ଦିନ ପାଖରୁ କୁଡୁମି ଜାତି ସରକାରଙ୍କର ଠାରୁ ପ୍ରତାରଣାର ଶିକାର ହୋଇ ଆସୁଅଛି। ସରକାର ଆମ ଦାବି ପୂରଣ ନକରିବା ପର୍ଯ୍ୟନ୍ତ ଏ ଆନ୍ଦୋଳନ ଚାଲୁ ରହିବ। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଏ ଲଢେଇ ଜାରି ରହିବ। ଉକ୍ତ ବୈଠକରେ ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ, ରାଜ୍ୟ ଉପଦେଷ୍ଟା ଅଶୋକ କୁମାର ମହାନ୍ତ, ବିରେନ୍ଦ୍ର ମହାନ୍ତ, ଧରଣୀଧର ମହାନ୍ତ, ପ୍ରବକ୍ତା ବିପିନ ବିହାରୀ ମହାନ୍ତ, ଜଗମୋହନ ମହାନ୍ତ, କରଞ୍ଜିଆ ସଦସ୍ୟ ବନ୍ଧୁଆ ମହାନ୍ତ, ନିରନ୍ ମହାନ୍ତ, ପ୍ରତାପ ମହାନ୍ତ, ଶିବ ମହାନ୍ତ, ଲକ୍ଷ୍ମୀ, ବିଜୟିନୀ, ସସ୍ମିତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ପାରାଦୀପରେ ଜମୁଛି ଗଣେଷ ପୂଜା

# ଶହେରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ଗଜାନନ




ପାରାଦୀପ (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ପାରାଦୀପ ପୌରାଞ୍ଚଳରେ ସ୍କୁଲ, କଲେଜ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ବ୍ୟତୀତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଗଣେଷ ପୂଜା ମଣ୍ଡପ ପ୍ରସ୍ତୁତ କରାଯାଇଛି। ଏଥିମଧ୍ୟରୁ ମଧୁବନ ଗୋପାଳଜୀଉ କଲୋନୀରେ ଗୋଲଡେନ ୟୁଥ କ୍ଲବ, ମା' ଦୁର୍ଗା ୟୁଥ କ୍ଲବ, ଏୟାରଟେଲ ଛକ ନିକଟରେ ଶିବ ଶକ୍ତି କମ୍ବାଇନ୍ସ, ସୁପର ଷ୍ଟାର କ୍ଲବ, ପାରାଦୀପ ୟୁଥ କ୍ଲବ ଏବଂ ବଡ଼ପଡ଼ିଆ ଠାରେ ସମ୍ରାଟ କ୍ଲବ ପକ୍ଷରୁ ପ୍ରସ୍ତୁତ ବାଲ ଗଣେଷ, ବୀର ଯବାନଙ୍କ ପ୍ରତିକୃତି ସହ ଅପରେସନ ସିନ୍ଦୁର, ପୁରୀ ଜଗନ୍ନାଥ ମନ୍ଦିର ଆକୃତି, ପାଣି ବୋତଲରେ ପୂଜାମଣ୍ଡପ, ସବୁଜ ପୂର୍ଣ୍ଣ ଜଙ୍ଗଲ ଏବଂ ବିଘ୍ନ ବିନାଶକ ଶ୍ରୀ ଗଣେଷଙ୍କ ମୃଣ୍ମୟ ମୂର୍ତ୍ତି ସାଧାରଣରେ ବେଶ୍ ଆକର୍ଷଣୀୟ ହୋଇଛି। ସପ୍ତାହ ବ୍ୟାପି ଏହି ପୂଜା ମହୋତ୍ସବରେ ବହୁ ଜନସମାଗମ ହେଉଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସନ୍ଧ୍ୟା, ମେଲୋଡି ଇତ୍ୟାଦି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ଏତଦ୍‌ବ୍ୟତୀତ ଇଫ୍‌କୋ ଟାଉନସିପ୍, ପିପିଏଲ୍, ଆଇଓସିଏଲ୍ ଟାଉନସିପ୍‌ରେ ମଧ୍ୟ ଆଡମ୍ବର ସହକାରେ ଗଜାନନଙ୍କ ପୂଜା ଉତ୍ସବ ପାଳିତ ହେଉଛି। ତେବେ ସମ୍ପ୍ରତି ପାରାଦୀପରେ ଅଳ୍ପଦିନ ପରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ଏହା ପୂର୍ବରୁ ଗଣେଷ ପୂଜା ମହୋତ୍ସବ ସାଧାରଣରେ ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି।

## ଭୁବନ ଥାନାଧିକାରୀ ଭାବେ ଯୋଗଦେଲେ ଜିତେନ୍ଦ୍ର ମଲ୍ଲିକ



ଭୁବନ (ଭାସ୍କର ନ୍ୟୁଜ୍) : ଭୁବନ ଥାନାରେ ନୂତନ ଥାନାଧିକାରୀ ଭାବେ ଜିତେନ୍ଦ୍ର କୁମାର ମଲ୍ଲିକ ଯୋଗ ଦେଇଛନ୍ତି। ପୂର୍ବତନ ଥାନାଧିକାରୀ ଧିରେନ୍ କୁମାର ସ୍ୱାଇଁ ନିହଲ ପ୍ରସାଦ ଥାନାକୁ ବଦଳି ହୋଇ ଯାଇଛନ୍ତି। ନୂତନ ଥାନାଧିକାରୀ ଶ୍ରୀଯୁକ୍ତ ମଲ୍ଲିକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରୁ ଏଠାକୁ ଆସିଛନ୍ତି। ଜଣେ ଦକ୍ଷ, ସଚ୍ଚୋଟ ଅଫିସର ଭାବେ ପରିଚିତ ଶ୍ରୀଯୁକ୍ତ ମଲ୍ଲିକ ଭୁବନରେ ଅପରାଧ ରୋକିବା, ଆଇନ ଶୃଙ୍ଖଳା ଓ ଅସହାୟ ନିସହାୟ ଗରିବ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।

### କାକଟପୁରକୁ ଏନଏସି ମାନ୍ୟତା ଦାବି

# ବ୍ଲକ କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ସଫଳ



କାକଟପୁର (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ନୀତିକାନ୍ତି ଜଗନ୍ନାଥ ସଂସ୍କୃତି ସହିତ ଓତଃପ୍ରୋତ ଭାବେ ଜଡ଼ିତ। ସେଥିପାଇଁ କାକଟପୁର ସାରା ରାଜ୍ୟରେ ଏକ ପ୍ରମୁଖ ସ୍ଥାନ ଭାବେ ପରିଚିତ। କିନ୍ତୁ ଦୀର୍ଘଦିନ ଧରି କାକଟପୁରକୁ ଏନ୍‌ଏସି ମାନ୍ୟତା ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଏହା ସମ୍ଭବ ହୋଇପାରୁନାହିଁ। ପୂର୍ବ ସରକାରଙ୍କ ସମୟରେ କାକଟପୁରକୁ ଏନ୍‌ଏସି ମାନ୍ୟତା ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଏହା ଅଦ୍ୟାବଧି ନାଳିଫିତା ତଳେ ଚାପି ହୋଇ ରହିଛି। ଅନ୍ୟପକ୍ଷରେ ଭୌଗଳିକ ସ୍ଥିତି ଦୃଷ୍ଟିରୁ ଦେଖିଲେ କାକଟପୁର ଏନ୍‌ଏସି ମାନ୍ୟତା ପାଇଁ ଯୋଗ୍ୟ ବିବେଚିତ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ଆଜି କାକଟପୁର ବ୍ଲକ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହାକୁ ସମସ୍ତ ବ୍ୟବସାୟୀ ସଂଘ, ମୋଟର ମାଲିକ ସଂଘ, ବିଭିନ୍ନ ସଂଗଠନ ଏବଂ ସ୍ଥାନୀୟ ବୃଦ୍ଧିଜୀବୀ ଏବଂ ଜନସାଧାରଣ ସମର୍ଥନ କରିଥିଲେ। କଂଗ୍ରେସର ବିଧାୟକ ପ୍ରାର୍ଥୀ ତଥା ଯୁବନେତା ବିଶ୍ୱଭୂଷଣ ଦାସ, ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଅବଧୁତ ସ୍ୱାଇଁ ଏବଂ ସଂଯୋଜକ ଯଶୋବନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କାକଟପୁରର ବଲରା ଛକ ଏବଂ ମେଡିକାଲ ଛକରେ ପିକେଟିଂ କରିବା ସହ ରାସ୍ତାରୋକ କରି ବିଜେପି ଏବଂ ବିଜେଡି ବିରୋଧରେ ନାରାବାଜି ଦେବା ସହ କାକଟପୁରକୁ ଏନ୍‌ଏସି ମାନ୍ୟତା ନମିଳିଲେ ଆଗାମୀ ଦିନରେ ଏ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଇଂ ରାଜେଶ ମିଶ୍ର, କାକଟପୁର ଗ୍ରାମ ପଞ୍ଚାୟତ ସଭାପତି ନଳିନୀ କାନ୍ତ ଦୀକ୍ଷିତ, ପୁରୀଜିଲ୍ଲା କଂଗ୍ରେସ ମହିଳା ସଭାପତି ନିରୁପମା ପାତ୍ର, ପୁରୀଜିଲ୍ଲା ସାଧାରଣ ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ, ପୁରୀଜିଲ୍ଲା ସେବାଦଳ ଅଧକ୍ଷ ବିଶ୍ୱକେଶନ ହରିଚନ୍ଦନ, ଗୋପ କଂଗ୍ରେସ କମିଟି ସଭାପତି ଭାସ୍କର ସେଠ, ପିସିସି ପୂର୍ବତନ ସାଧାରଣ ସମ୍ପାଦକ ସୁକାନ୍ତ ପ୍ରଧାନ, ଅସ୍ତରଙ୍ଗ କଂଗ୍ରେସ କମିଟି ସଭାପତି ସୁକାନ୍ତ ମହାନ୍ତି, କୋଣାର୍କ କଂଗ୍ରେସ କମିଟି ସଭାପତି ଉପେନ୍ଦ୍ର କାଣ୍ଡି, ଅମରେନ୍ଦ୍ର ପାଇକରାୟ, ଆଇନଜୀବୀ ପ୍ରଫୁଲ୍ଲ ନାୟକ, ଅମରେଶ୍ୱର ନାୟକ, ସୁଜିତ ମହାପାତ୍ର, ଉମାକାନ୍ତ ବରାଳ, ବିପିନ ବିହାରୀ ମହାନ୍ତି, ଯୁବନେତା ଜୟନ୍ତ ବେହେରା, ଶେଖ ଲିଆକତ, ବାବୁଲି ବାରିକ, ତୁଷାର ନାୟକ, ତପନ କାଣ୍ଡି, ମଲ୍ଲିକ ଏନାମୁଲ, ଇରାକ ପାତ୍ର, ତପନ କାଣ୍ଡି, କରୁଣାକର ସେନାପତି, ଚଗଲି ମହାନ୍ତିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ବ୍ରାହ୍ମଣ ସମାଜର ପାରିବାରିକ ବୈଠକ

ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳାରେ ସ୍ଥାନୀୟ କାଳୀ ମନ୍ଦିର ପ୍ରାଙ୍ଗଣରେ ଉତ୍କଳୀୟ ବୈଦିକ ବ୍ରାହ୍ମଣ ସମାଜର ପାରିବାରିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାଲିମେଳା ଓ ନିଳାକାମ୍ବେରୁର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ପରିବାର ଏହି ବୈଠକରେ ଯୋଗ ଦେଇଥିଲେ। ବୈଠକ ଆରମ୍ଭରେ ଶ୍ରୀ ଦୁର୍ଗାମାଧବଙ୍କ ତୈଳଚିତ୍ରରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ



ଅର୍ପଣ କରି କାର୍ଯ୍ୟକ୍ରମ ଅରମ୍ଭ କରାଯାଇଥିଲା। ବୈଠକରେ ଅସ୍ଥାୟୀ ଭାବରେ ହୋଇଥିବା ସଭାପତି ଶାରଦା ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପଦ୍ମନାଭ ପଣ୍ଡା, ବାଲିମେଳା ବରିଷ୍ଠ ପୁରୋହିତ ରଙ୍କନିଧି ରଥଶର୍ମା, ଗଜେନ୍ଦ୍ର ମହାନ୍ତି, ପୁରୋହିତ ବାସୁଦେବ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ପୁରହିତ ରଥଶର୍ମା ନିଜ ବକ୍ତବ୍ୟରେ ଆସିଥିବା ସମସ୍ତ ବ୍ରାହ୍ମଣ ପରିବାରକୁ ଧନ୍ୟବାଦ ଦେବା ସହ ବେଦଧ୍ୱନି ମାଧ୍ୟମରେ ବ୍ରାହ୍ମଣର ପକୃତ ପରିଚୟର ବ୍ୟାଖ୍ୟା କରିଥିଲେ। ଏଥିସହିତ ସମ୍ପାଦକ ନିଜ ବକ୍ତବ୍ୟରେ ପରିବାରକୁ ଏକ ଶୃଙ୍ଖଳିତ ପରିବାର ଗଢିବା ନିମନ୍ତେ ଉପଦେଶ ଦେଇଥିଲେ। ଏହାପରେ ଆସିଥିବା ସମସ୍ତ ପରିବାର ଏହି ସମାଜ ଗଠନ ନିମନ୍ତେ ଖୁସି ବ୍ୟକ୍ତ କରିବା ସହିତ ଏହି ସମାଜ ଆଗାମୀ ଦିନରେ ସମସ୍ତ ପରିବାର ପାଇଁ ସୁଖ ଦୁଃଖର ସାଥି ହୋଇ ରହିବ ବୋଲି ସଭାପତି ଶ୍ରୀ ଦାସ କହିଥିଲେ। ଉତ୍ତମ ସମାଜ ଗଠନ ଓ ନୀତି ନିୟମକୁ ସମସ୍ତ ବ୍ରାହ୍ମଣ ପରିବାର ପାଳନ କରିବା ପାଇଁ ଶପଥ ନେଇଥିଲେ। ଆଗାମୀ ଦିନରେ ଏହି ସମାଜ ଆହୁରି ସୁଦୃଢ଼ କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ। ଏହା ସହିତ ବୈଠକରେ ବ୍ରାହ୍ମଣ କେବଳ ଖାଲି ଜାତି ଗୋଟିଏ ଜାତି ନୁହେଁ, ବ୍ରାହ୍ମଣ ହେଉଛି ଶୃଙ୍ଖଳିତ ସମାଜର ସଂସ୍କାରକ ବୋଲି ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୋଷାଦକ୍ଷ ଭାବଗ୍ରାହୀ ତ୍ରିପାଠୀ, ବାସୁଦେବ ପଣ୍ଡା, ବରିଷ୍ଠ ବ୍ରାହ୍ମଣ ଶ୍ୟାମସୁନ୍ଦର ପଣ୍ଡା, ଶିବପ୍ରସାଦ ଖାଡଙ୍ଗା, ବଦ୍ରୀ ପ୍ରସାଦ ମିଶ୍ର, ଅନ୍ତର୍ଯ୍ୟାମୀ ପଣ୍ଡା, ପ୍ରଶାନ୍ତ ପାଢ଼ୀ, ଆଲୋକ ମହାପାତ୍ର, ଟୁକୁନା ପ୍ରସାଦ ବଡୁ, ପ୍ରମୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ସମସ୍ତ ବ୍ରାହ୍ମଣ ପରିବାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ପୁରୋହିତ ଶୁଭାଶିଷ କର।

# ଜାକଜମକରେ ଗଣେଶ ପୂଜା ପାଳିତ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ପାର୍ବଣ ଋତୁର ଆଗମନରେ ଧରାପୃଷ୍ଠରେ ପୂଜା ପାଇଛନ୍ତି ଅଗ୍ରପୂଜ୍ୟ ଶ୍ରୀ ଗଣେଶ। ଏହି ପୂଜା ଅବସରରେ ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ ସମେତ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ ଗଣେଶ ପୂଜା କମିଟି ପକ୍ଷରୁ ଅଗ୍ରପୂଜ୍ୟ ବିଘ୍ନରାଜ ଶ୍ରୀ ଗଣେଶଙ୍କ ପୂଜା ପାଳିତ ହୋଇଯାଇଛି। ବିଶେଷ କରି ପରଜଙ୍ଗରେ ରେଡନାଇଟ, ଜୟବଜରଙ୍ଗବାଲି, କିଙ୍ଗଷ୍ଟାର, ଗ୍ରୀନମାସ୍କ, ସାଇନଷ୍ଟର, ପତିତପାବନ, ଇଉନାଇଟେଡ଼, ବଡଦାଣ୍ଡସାହି, ବାଦଶାହ, ଈଗଲ କମିଟି ଆଦି ଦଶ ଗୋଟି ପୂଜା ମଣ୍ଡପରେ ଗଣେଶ ଚତୁର୍ଥୀରେ ଶ୍ରୀ ଗଣେଶଙ୍କ ପୂଜା ଆରମ୍ଭ ହୋଇଯାଇଛି। ସମସ୍ତ ପୂଜା ମଣ୍ଡପରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ସାଙ୍ଗକୁ ଶଙ୍ଖ ଘଣ୍ଟ ବାଦ୍ୟରେ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।


# ଗାଁ ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତର ୧୩ ନଂ ୱାର୍ଡ଼ର ଅନୁସୂଚିତ ସାହିବାସିନ୍ଦାଙ୍କୁ ନିମନ୍ତେ ପକ୍କା ରାସ୍ତାଟିଏ ସ୍ୱପ୍ନ ପାଲଟିଛି। ଏହି ଗାଁରେ ୮୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରିଆସୁଛନ୍ତି। ସେମାନଙ୍କ ୱାର୍ଡ଼କୁ ପଡ଼ିଥିବା ମୁଖ୍ୟ ଗମନାଗମନ ରାସ୍ତାଟିକୁ ପକ୍କା କରିବା ପାଇଁ ଗ୍ରାମବାସୀ ଦୀର୍ଘଦିନ ହେଲା ବ୍ଲକ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ଯାଏ ଯେତେ ଗୁହାରୀ କଲେ ମଧ୍ୟ ତାହାର କିଛି ଫଳ ମିଳୁନି। ଶେଷରେ ବାଧ ହୋଇ ଗତକାଲି ଗ୍ରାମବାସୀ ଗ୍ରାମରାସ୍ତାକୁ ପକ୍କା କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ପରେ ଅଧିକାରୀମାନେ ଧାରଣାକାରୀଙ୍କୁ ବୁଝାଶୁଝା କରି ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଗ୍ରାମବାସୀ ଜିଲ୍ଲାପାଳଙ୍କୁ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀ ଜିଲ୍ଲାପାଳଙ୍କ ପ୍ରଦାନ କରିଥିବା ଦାବିପତ୍ରରେ ନହଙ୍ଗ ପଞ୍ଚାୟତର ୧୩ ନଂ ୱାର୍ଡ଼ଟିକୁ ରାସ୍ତା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ପକ୍କାରାସ୍ତା ନିର୍ମାଣ ନିମନ୍ତେ ଗ୍ରାମସଭାରେ ଅନୁମୋଦନ କ୍ରମେ ଆମ ଗ୍ରାମ ଆମ ବିକାଶ ଯୋଜନାରେ ୩ଲକ୍ଷ ୫୦ ହାଜର ଟଙ୍କ ମଞ୍ଜୁର ହୋଇଛି ବୋଲି ଉଲ୍ଲେଖ କରିଛନ୍ତି। ହେଲେ ବ୍ଲକ ପ୍ରଶାସନ ପକ୍ଷରୁ ଏହି ରାସ୍ତା ନିର୍ମାଣରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ରାସ୍ତା ନିର୍ମାଣରେ ବିଳମ୍ବ ଘଟୁଛି। ଏହି ରାସ୍ତାଟି ଗ୍ରାମର ମୁଖ୍ୟରାସ୍ତା ହୋଇଥିବା ବେଳେ ଏହା ସର୍ବଦା କର୍ଦ୍ଦମାକ୍ତ ହୋଇ ପଡୁଥିବାରୁ ଗ୍ରାମ ମଧ୍ୟକୁ ଆମ୍ବୁଲାନ୍ସ ଓ ଫାୟାରବିଗ୍ରେଡ଼ ଭଳି ଜରୁରୀକାଳୀନ ଗାଡ଼ି ପଶିବାକୁ ସକ୍ଷମ ହେଉନାହିଁ। ଏପରିକି ଅସରାଏ ବର୍ଷା ହେଲେ ଗ୍ରାମବାସୀ ଏହି ରାସ୍ତାରେ ଯାତାୟତ କରିବା କଷ୍ଟକର ହୋଇପଡୁଛି। ତୁରନ୍ତ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗ୍ରାମରାସ୍ତାକୁ ପକ୍କା କରିବାକୁ ଦାବି କରିଛନ୍ତି।

# ରାଶିଫଳ


ଶୁକ୍ରବାର, ୨୯ ଅଗଷ୍ଟ ୨୦୨୫



**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। ରୋମାନ୍ସ ବୃଦ୍ଧି ପାଇବ।



**ବୃଷ:** ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ। ଅଧ୍ୟୟନରେ ଅସୁବିଧା ହେବ।



**ମିଥୁନ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ।



**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।



**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ।




**କନ୍ୟା:** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।



**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ।



**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ। ଭାଗ୍ୟ ଉପରେ ନିର୍ଭର କର ନାହିଁ।



**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।



**ମକର:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ। ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଘରୋଇ ଜୀବନରେ ସମସ୍ୟା ହୋଇପାରେ। ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଭଲ ଦିନ ହେବ।



**ମୀନ:** ଖର୍ଚ୍ଚ ବୃଦ୍ଧି ପାଇବ। ଆୟ ସ୍ୱାଭାବିକ ହେବ। ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ପାପଡାହାଣ୍ଡି (ଭାସ୍କର ନ୍ୟୁଜ): ପାପଡାହାଣ୍ଡି ସଦରର ବିଭିନ୍ନ ସ୍ଥାନ, ସାହିମାନଙ୍କରେ ଶ୍ରୀ ଶ୍ରୀ ଶ୍ରୀ ବିଘ୍ନରାଜ, ବିନାୟକ, ଶ୍ରୀଗଣେଶଙ୍କ ପୂଜା ଖୁବ ଧୁମଧାମ ସହକାରେ ପାଳିତ ହୋଇଯାଇଛି। ଗଣେଶଙ୍କ ପୂଜା କାର୍ଯ୍ୟକ୍ରମ ମନ୍ଦିର ସାହି , ପାଇକ ସାହି, ବସଷ୍ଟାଣ୍ଡ ମୁଖ୍ୟ ରାସ୍ତା, ଶ୍ରୀରାମ ଛକ,ପାତ୍ରସାହି, ଭିମାସାହି, ଗୋଡିସାହି, ସତନାମୀସାହି,ବିଭିନ୍ନ ସରକାରୀ ବିଦ୍ୟାଳୟ, ବେସରକାରୀ ବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନମାନଙ୍କରେ ପାଳିତ ହେଉଛି, କେତେକ ପୂଜା କମିଟି ତରଫରୁ ବିଭିନ୍ନ ଦିନମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅନ୍ନପ୍ରସାଦ ସେବନ ର କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ସୂତ୍ରରୁ ପ୍ରକାଶ, ଅଞ୍ଚଳରେ ଗଣେଶ ପୂଜା ପରଦିନ ନୂଆଖାଇ ପାଳନ ହେଉଥିବାରୁ ବଜାରରେ ଲୋକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଛି। ବଜାରରେ ଲୁଗାପଟା ଦୋକାନ, ପୂଜା ଦୋକାନ, କିରାନା ଦୋକାନ, ପରିବା ଦୋକାନ ମାନଙ୍କରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ନୂଆଖାଇ ପାଇଁ ଦେଶ, ବିଦେଶରେ ଏବଂ ବାହାରେ ରହୁଥିବା ସମ୍ପର୍କୀୟ, ବନ୍ଧୁବାନ୍ଧବମାନେ ମଧ ନିଜ ନିଜ ଗ୍ରାମକୁ ଫେରୁଥିବା ଦେଖିବାକୁ ମିଳିଛି। ବ୍ଲକର ମୈଦଲପୁର, ତୁମୁର୍ଲା, ଜଟାବାଲ, ମୋକିଆ ଏବଂ ସମସ୍ତ ଗ୍ରାମାଞ୍ଚଳମାନଙ୍କରେ ଖୁବ ଆନନ୍ଦ ଉଲ୍ଲାସର ସହକାରେ ଗଣେଶ ପୂଜା ପାଳନ ହେଉଥିବା ସୂଚନା ମିଳିଛି ।



# ଚାକିରି ଦେବା ନାଁ ରେ ଠକେଇ, ଥାନାରେ ଏତଲା

## ■ ଶିକ୍ଷାମନ୍ତ୍ରୀଙ୍କ ସ୍ୱାକ୍ଷର ଓ ଷ୍ଟାମ୍ପ୍ ବ୍ୟବହାର ଅଭିଯୋଗ

କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ଚାକିରି କରାଇଦେବା ନାଁ ରେ ଠକେଇ ଅଭିଯୋଗ ନେଇ ଥାନାର ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଥାନା ଠାରେ। ବର୍ତ୍ତମାନ କୋଷାଗୁମୁଡା ବ୍ଲକର ଦୁଇ ଯୁବତୀ ତଥା ଦୁଇ ଭଉଣୀ, କର୍ଚ୍ଚାମାଳ ଗାଁର ଜଣେ ଯୁବକ, ଶଙ୍କରଦା ଗାଁର ଜଣେ ଯୁବକ, ପୋଇତିଗୁଡା ଗାଁର ଜଣେ ଯୁବକ, ଦୋଳପଡି ପୁଟ(ମାଥିଲି) ତଥା ମାଲକାନଗିରି ଜିଲ୍ଲାର ଜଣେ ଯୁବକଙ୍କ ଠାରୁ ଓ ଚିର୍ମା ଗ୍ରାମର ଜଣେ ଯୁବକଙ୍କ ଠାରୁ IEC ପ୍ରାଇଭେଟ ଲିମିଟେଡ୍ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥା ବର୍ତ୍ତମାନର ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଲେଟର ପ୍ୟାଡରେ ଶ୍ରୀଗଣ୍ଡଙ୍କ ସ୍ୱାକ୍ଷର ଓ ଷ୍ଟାମ୍ପମାରି ଜଏନିଙ୍ଗ ଲେଟର ମଧ ନିଜ ନିଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରୁ ରିସିଭ୍ କରିବା ପାଇଁ ଲେଟର କରିଥିବା ଦେଖିବାକୁ ମିଳିଛି । ଏହି ଠିକାସଂସ୍ଥା ଓ କୋଡ଼ିଙ୍ଗାର ସାହୁ ବାବୁ ବିଭିନ୍ନ ବିଭାଗରେ ଚାକିରି କରାଇଦେବି କହି ପ୍ରାୟ ଲକ୍ଷାଧିକ ଟଙ୍କା ନିଜ ଆକାଉଣ୍ଟ ଓ ସହଯୋଗୀଙ୍କ ଆକାଉଣ୍ଟ କୁ ନେଇ ଚୁପ ହୋଇ ବସିଯାଇଛି। ଏଭଳି ରାକେଟ କୋଷାଗୁମୁଡାରେ ଦିନକୁ ଦିନ ବଢିଚାଲିଥିବା ଦେଖିବାକୁ ମିଳୁଛି। ବର୍ଷେ ବର୍ଷେ ବିତିଯାଇଥିଲେ ସୁଦ୍ଧା ଠକ ଚାକିରି ଯୋଗାଇ ନଦେବାରୁ ସମସ୍ତ ଯୁବକ ଏକତ୍ରିତ ହୋଇ ରବିବାର ସନ୍ଧ୍ୟାରେ କୋଡ଼ିଙ୍ଗା ଥାନାରେ ବ୍ୟକ୍ତିଗତ ଭାବରେ ଗୋଟିଏ ଗୋଟିଏ ଲିଖିତ ଅଭିଯୋଗପତ୍ର ଦାଖଲ କରିଥିଲେ ।ସମସ୍ତ ଯୁବକମାନଙ୍କ ଅଭିଯୋଗ ପ୍ରକାରେ କୋଡ଼ିଙ୍ଗାରେ ରହୁଥିବା ଜଣେ ନିଲମ୍ବିତ ଶିକ୍ଷକ ତଥା ପ୍ରଦୀପ୍ତ କୁମାର ସାହୁ ନାମକ ବ୍ୟକ୍ତି ବିଭିନ୍ନ ଚାକିରି କରେଇ ଦେବା ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ହଡପ କରି ଚୁପ ବସି ରହିଛନ୍ତି ବୋଲି ଅଭିଯୋଗ କରିବା ସହ ପ୍ରମାଣର ନକଲ କପି ମଧ ପୋଲିସକୁ ଅଭିଯୋଗକାରୀମାନେ ଦେଇଛନ୍ତି।



ଅନ୍ୟପକ୍ଷେ ଯେଉଁମାନେ ଚାକିରି ଖଣ୍ଡେ ପାଇବା ଆଶାରେ କିଏ ସୁନା ବନ୍ଧକ ତ କିଏ ଜମି ବନ୍ଧକ ରଖି ଧାର ଉଦ୍ଧାର କରି ଟଙ୍କା ଦେଇଥିଲେ, କିନ୍ତୁ ଟଙ୍କା ଦେବାର ବର୍ଷେ ବିତିଗଲା ସୁଦ୍ଧା ନାଁ ମିଳିଲା ଚାକିରି ନାଁ ମିଳୁଛି ଦେଇଥିବା ଟଙ୍କା। ଯାହାକୁ ନେଇ ବାରମ୍ବାର ଉକ୍ତ ବ୍ୟକ୍ତିଙ୍କୁ ଟଙ୍କା ମାଗୁଥିବା ସତ୍ତ୍ୱେ ମଧ ଟଙ୍କା ଫେରସ୍ତ ପାଉନାହାନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଏଠି ବଡ଼ ପ୍ରଶ୍ନ ଆଦିବାସୀ ଅଧୁଷିତ ଦୁର୍ଗମ କୋଷାଗୁମୁଡା ବ୍ଲକରେ ଚାକିରି କରାଇଦେବାକୁ କହି କିଛି ମୁଷ୍ଟିମେୟ ବ୍ୟକ୍ତି ଏଭଳି ଗରିବ ନିରିହ ଆଦିବାସୀ ଯୁବକଙ୍କୁ ନିଜ ଜାଲରେ ଫସାଇ ଲକ୍ଷ ଲକ୍ଷ ଟଙ୍କା ହଡପ କରୁଛନ୍ତି। ନିରିହ ଆଦିବାସୀ ଅଞ୍ଚଳ ରେ ଏଭଳି ରାକେଟ ଚଳାଇ ଟଙ୍କା ହଡପ କରୁଛନ୍ତି ପରେ ଟଙ୍କା ଫେରସ୍ତ ମାଗିଲେ ନାଲି ଆଖି ଦେଖାଉଛନ୍ତି ବୋଲି ଥାନା ରେ ଏତଲା ଦେଇଥିବା ଯୁବକ ମାନେ କହିଛନ୍ତି। ଯୁବକ ମାନେ କୋଡ଼ିଙ୍ଗା ରେ ରହୁଥିବା ପ୍ରଦୀପ୍ତ କୁମାର ସାହୁଙ୍କ ନାମରେ ଟଙ୍କା ହଡପ କରିଥିବା ସିଧା ସିଧା ଏତଲା କପିରେ ଉଲ୍ଲେଖ କରିଛନ୍ତି। ପ୍ରଦୀପ୍ତ କୁମାର ସାହୁ ଶିକ୍ଷକ ଭାବେ ବଡ ଆମ୍ବଡା ସାରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ରହିଥିଲେ, କିନ୍ତୁ ବର୍ତମାନ କାର୍ଯ୍ୟରୁ ନିଲମ୍ବିତ ହୋଇ ଘରେ ବସି ରହିଛନ୍ତି। ଅଞ୍ଚଳର ଗରିବ ନିରିହ ସରଳ ଯୁବକମାନଙ୍କୁ ଚାକରି କରାଇ ଦେବା ନାମରେ ତାଙ୍କୁ ଜାଲରେ ପକାଇ ଟଙ୍କା ହଡପ କରୁଛନ୍ତି, ଯାହା ବର୍ତମାନ ଅଞ୍ଚଳରେ ଚର୍ଚ୍ଚା ର ବିଷୟ ପାଲଟିଛି। କମ୍ପୁଟର ଶିକ୍ଷକ ହେଉ ବା ସୁଭଦ୍ରା ହେଲ୍ପ ଡେସ୍କରେ ବା ସିକ୍ୟୁରିଟି ଚାକରି ପାଇଁ ବିଭିନ୍ନ ଘରୋଇ ସଂସ୍ଥା ରେ ଚାକିରି କରାଇବା ନାଁ ରେ ସେ ଗ୍ରାମ ଗ୍ରାମ ବୁଲି ବେକାର ଯୁବକ ଯୁବତୀଙ୍କୁ ମୁଁ ଚାକରି କରାଇଦେବି କହି ଠକିବାରେ ଲାଗିଛନ୍ତି । ଏଠି ବଡ଼ ପ୍ରଶ୍ନ ଏତେବଡ ରାକେଟରେ ସେ ଜଣେ ଅଛନ୍ତି ନାଁ ଆଉ କେତେଜଣ ସାମିଲ ରହିଛନ୍ତି ବୋଲି ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ଚାଲିଛି। ଚାକିରି ଦେବା ପାଇଁ ଠକ ମାନେ ଓଡ଼ିଶାର ଶିକ୍ଷାମନ୍ତ୍ରୀ ତଥା ନିତ୍ୟାନନ୍ଦ ଗଣ୍ଡ ।ଙ୍କ ସ୍ୱାକ୍ଷର ଓ ଷ୍ଟାମ୍ପ ପେପରରେ ନିଯୁକ୍ତିପତ୍ର ଦେଇଥିବା ଦେଖିବାକୁ ମିଳିଛି ।ବର୍ତ୍ତମାନ ଏତଲା ଦେବା ପରେ କୋଡ଼ିଙ୍ଗା ଥାନାଧିକାରୀ ଙ୍କ ଦ୍ୱାରା ଦୁଇପକ୍ଷକୁ ଥାନାକୁ ଡାକି ମଙ୍ଗଳବାର ଦିନ ଜଣ ଜଣଙ୍କ ନିଯୁକ୍ତିପତ୍ର ଯାଞ୍ଚ କରିଥିଲେ । ଏହି ଥାନା ପରିସରରେ ଅଭିଯୋଗ କରିଥିବା ଯୁବକ ଓ ଯୁବତୀଙ୍କୁ ଟଙ୍କା ଫୋନ ପେ ଓ କ୍ୟାସ୍ ମାଧ୍ୟମରେ ଫେରସ୍ତ ହୋଇଥିବାବେଳେ ବର୍ତ୍ତମାନ ଦେଖିବାକୁ ବାକି ରହିଲା ପୋଲିସ ପ୍ରଶାସନକୁ ଏହି ରାକେଟର ମାଷ୍ଟର ମାଇଣ୍ଡକୁ ଧରିବାରେ କେତେ ସଫଳତା ମିଳୁଛି।

# ଜାତୀୟସ୍ତର ପ୍ରତିଯୋଗିତାରେ ପାରଳା ମାଟିର ଝିଅ ମୁଗ୍ଧଶ୍ରୀ




ପାରଳାଖେମୁଣ୍ଡି:(ଭାସ୍କର ନ୍ୟୁଜ୍): ଜାତୀୟସ୍ତର ପ୍ରତିଯୋଗିତାରେ ପାରଳା ମାଟିର କୁନି ଝିଅ ମୁଗ୍ଧଶ୍ରୀ ମିଳନିକା ସ୍ଥାନ ପାଇଛନ୍ତି। ଏଲି କ୍ଲବ ପକ୍ଷରୁ ଆୟୋଜିତ ଜାତୀୟ ସ୍ତରର ପ୍ରତିଯୋଗିତା ମିସ୍ ଆଣ୍ଡ ମିଷ୍ଟର ଟିନ ଇଣ୍ଡିଆ ଫାଇନାଲ ରାଉଣ୍ଡରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ସୁଶୀଲ କୁମାର ପାତ୍ର ଓ ରଶ୍ମିତା ଦାସଙ୍କ ଝିଅ ମୁଗ୍ଧଶ୍ରୀ ମିଳନିକା ଭୁବନେଶ୍ୱରସ୍ଥିତ ଗାନ୍ଧୀ ଇଞ୍ଜିନିୟରିଂ କଲେଜର ବିଟେକ ଛାତ୍ରୀ, ଏଲି କ୍ଲବ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଟିନ ମିସ୍ ଇଣ୍ଡିଆ ଅଡିସନରେ ଅଂଶଗ୍ରହଣ କରିଥିଲେ ।ଫାଇନାଲ ରାଉଣ୍ଡରେ ସାରା ଭାରତବର୍ଷର ପ୍ରତିଯୋଗିଙ୍କ ମଧ୍ୟରେ ଓଡ଼ିଶାରୁ ଦୁଇ ଜଣ ରହିଥିବାବେଳେ ସେଥିମଧ୍ୟରୁ ପାରଳା ମାଟିର ମୁଗ୍ଧଶ୍ରୀ ମିଳନିକା ମଧ୍ୟ ସ୍ଥାନ ପାଇଛନ୍ତି। ଟିନ ମିସ୍ ଇଣ୍ଡିଆ ଫାଇନାଲରେ ମୁଗ୍ଧଶ୍ରୀ ସ୍ଥାନ ପାଇଥିବାରୁ ଗଜପତି ଜିଲ୍ଲାର କୋଣ ଅନୁକୋଣରୁ ତାଙ୍କ ପ୍ରତି ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

# ସିଏମ୍ କିଷାନ ସହାୟତା ରାଶି ପ୍ରଦାନ

## ୧ଲକ୍ଷ ୩୩ହଜାର ୭୧୭ଚାଷୀ ଉପକୃତ



କୋରାପୁଟ(ଭାସ୍କର ନ୍ୟୁଜ୍): ନୂଆଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସିଏମ କିଷାନ ସହାୟତା ରାଶି ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ୨୦୨୫-୨୬ ରବି ଋତୁରେ ପ୍ରାରମ୍ଭିକ କୃଷି କାର୍ଯ୍ୟପାଇଁ ପ୍ରଦାନ କରାଯାଇଥିବା ଏହି ସହାୟତା ଦ୍ୱାରା ରାଜ୍ୟରେ ପ୍ରାୟ ୫୧ଲକ୍ଷରୁ ଅଧିକ ଚାଷୀ ଉପକୃତ ହେଉଥିବା ବେଳେ କୋରାପୁଟ ଜିଲ୍ଲାର ୧ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ ହୋଇଛନ୍ତି । ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଡିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରାଯାଇଛି । କୋରାପୁଟ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୋରାପୁଟ ଜିଲ୍ଲାର ୧ଲକ୍ଷ ୩୩ହଜାର ୭୧୭ଜଣ ଚାଷୀଙ୍କୁ ୨୬କୋଟି ୭୪ଲକ୍ଷ ୧୪ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ କୃଷକ ପରିବାର ଏବଂ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହଙ୍କ ସମେତ ସହରାଞ୍ଚଳ ଚାଷୀଙ୍କୁ ସିଏମ୍ କିଷାନ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏଥିରେ ଚାଷୀ ବର୍ଷକୁ ୨ଟି କିସ୍ତିରେ ମୋଟ ୪ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପାଇବେ। ଭୂମିହୀନ କୃଷକ ପରିବାରକୁ ୩ଟି କିସ୍ତିରେ ୧୨ହଜାର ୫୦୦ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। କୃଷି ବିଭାଗର ଅଧିକାରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର



ରେଢ଼ାଖୋଲ(ଭାସ୍କର ନ୍ୟୁଜ) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ସମ୍ମିଳନୀ କକ୍ଷରେ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସମ୍ବଲପୁର ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ସାମାଜିକ ସମୀକ୍ଷକ ଆର୍ତତ୍ରାଣ ଶତପଥୀ , ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ଜିପିଓ ପଞ୍ଚାନନ ବେହେରା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସବ୍ୟସାଚୀ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଅକ୍ଟୋବର ୨୦୨୪-୨୦୨୫ ଆର୍ଥିକ ବର୍ଷର ମନେରେଗା ଯୋଜନା,ଜାତୀୟ ଖାଦ୍ୟ ସୁରକ୍ଷା ଓ ସମଗ୍ର ଶିକ୍ଷା ଉପରେ ସମୀକ୍ଷା କରା ଯାଇଥିଲା । ରେଢ଼ାଖୋଲ ବ୍ଲକରେ ମନରେଗା ଯୋଜନାରେ ରେଢ଼ାଖୋଲ ପଞ୍ଚାୟତ ସମିତି ୨୦୨୪-୨୫ ପାଇଁ ଜଣଶୁଣାଣି ୧.୧୦.୨୦୨୪ ରୁ ୩୧.୩.୨୦୨୫ - ସାମାଜିକ ସମୀକ୍ଷା ତା ୨୬.୮.୨୦୨୫ ପର୍ଯ୍ୟନ୍ତ ପଞ୍ଜିକୃତ ହୋଇଥିବା ପରିବାର ସଂଖ୍ୟା- ୧୩୬୭୯, ବଣ୍ଟନ ହୋଇଥିବା ଜବ୍ କାର୍ଡ଼ ମୁଖ୍ୟ- ୧୩୬୭୯ ଜଣ, ନିଯୁକ୍ତି ଦାବିସଂଖ୍ୟା- ୬୭୩୭ ଜଣ , ଦିଆଯାଇଥିବା ନିଯୁକ୍ତି -୬୭୩୭ , ବ୍ୟକ୍ତି ଦିବସ ଲକ୍ଷ୍ୟଧାର୍ଯ୍ୟ-୪୨୧୦୦୦, ହାସଲ କରାଯାଇଥିବା ବ୍ୟକ୍ତି ଦିବସ - ୨୫୦୧୧୩, ୧୦୦ ଦିନ ସଂପୂର୍ଣ୍ଣ କରିଥିବା ପରିବାର ସଂଖ୍ୟା ୧୭୧, ମୋଟ୍ ଖର୍ଚ୍ଚ -୭୬୬.୪୪ ଲକ୍ଷ, - ନିଆଯାଇଥିବା ପ୍ରକଳ୍ପ ସଂଖ୍ୟା- ୨୮୫୭ , ସଂପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ସଂଖ୍ୟା - ୧୨୯୪ , ଚାଲୁଥିବା ପ୍ରକଳ୍ପ ସଂଖ୍ୟା- ୧୫୬୩ ଓ ଦିଆଯାଇଥିବା ବେକାରୀ ଭତ୍ତା ସଂଖ୍ୟା ଶୂନ୍ୟ ବୋଲି ଏହି ସାମାଜିକ ସମୀକ୍ଷା ଶିବିରରେ ସୂଚନା ଦିଆଯାଇଛି। ଏହି ସଭାରେ ବିଭିନ୍ନ ବିଭାଗର ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରାଯାଇଥିଲା ଓ ମନରେଗା କାର୍ଯ୍ୟର ପାରଦର୍ଶିତା ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ମନରେଗା କାର୍ଯ୍ୟରେ କାର୍ଯ୍ୟ ହୋଇ ଥିବା ବିଭିନ୍ନ ପ୍ରକଳ୍ପରେ ସୂଚନା ଫଳକ ଠିକ ଭାବରେ ଲେଖା ଯାଇନଥିବାରୁ ଜିଲ୍ଲା ସାମାଜିକ ସମୀକ୍ଷକ ଉତ୍ଥାପନ କରିଥିଲେ। ଏହାର ଉତ୍ତରରେ ସଭାପତି ୧୫ ଦିନ ମଧ୍ୟରେ ସୂଚନା ଗୁଡ଼ିକରେ ତଥ୍ୟ ଲେଖିବାକୁ ନିର୍ଦ୍ଦେଶ ଦେଇ ଥିଲେ। ଲାଇନ୍ ବିଭାଗ ଅଧିନରେ କାର୍ଯ୍ୟ କରି ଥିବା କେସ ରେକର୍ଡରେ ସଠିକ୍ ନଥି ପତ୍ର ସଂଲଗ୍ନ କରିବା ପାଇଁ ସଭାପତି ନିର୍ଦ୍ଦେଶ ଦେଇଥିଲେ। NFSA ଯୋଜନାରେ ଅନ୍ତର୍ଭୁକ୍ତ ପରିବାରରେ ନୂତନ ସଦସ୍ୟଙ୍କୁ ସଂଯୋଗ କରିବା ପାଇଁ ପରାମର୍ଶ ଦେଇ ଥିଲେ। ଶେଷରେ ଜିପିଓ ପଞ୍ଚାନନ ବେହେରା ଧନ୍ୟବାଦ୍ ଦେଇଥିଲେ।

# କୋରାପୁଟରେ ଦିନକରେ ୧୬୧୮ ମିମି ବର୍ଷା


କୋରାପୁଟ (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲାରେ ଦିନକରେ ୧୬୧୮ମିମି ବର୍ଷା ହୋଇଛି। ଜିଲ୍ଲାରେ ବୈପାରିଗୁଡା ବ୍ଲକରେ ସର୍ବାଧିକ ୩୦୬ମିମି ଓ ବନ୍ଧୁଗାଁ ବ୍ଲକରେ ସର୍ବନିମ୍ନ ୨ମିମି ବର୍ଷା ହୋଇଥିବା ଜିଲ୍ଲା ଜରୁରୀ ଅଧିକାରୀ ନିଳକଣ୍ଠ ନାଇଡୁ ପ୍ରକାଶ କରିଛନ୍ତି। ସେହିଭଳି ଜୟପୁର ବ୍ଲକରେ ୧୮୬ମିମି, ବୋରିଗୁମାରେ ୧୫୫.୮ ମିମି, କୋଟପାଡରେ ୧୫୯ମିମି, ନନ୍ଦପୁର ବ୍ଲକରେ ୧୨୫ମିମି, କୁନ୍ଦୁରା ବ୍ଲକରେ ୧୨୨.୬ମିମି, ଲମତା ପୁଟରେ ୧୨୩ମିମି, କୋରାପୁଟ ବ୍ଲକରେ ୧୧୮.୪ମିମି, ସେମିଳିଗୁଡା ବ୍ଲକରେ ୧୦୮ମିମି, ଲକ୍ଷ୍ମୀପୁର ବ୍ଲକରେ ୬୧.୪ମିମି, ଦଶମନ୍ତପୁର ବ୍ଲକରେ ୬୮.୮ ମିମି, ପଟାଙ୍ଗି ବ୍ଲକରେ ୬୫.୪ ମିମି ନାରାୟଣ ପାଟଣା ବ୍ଲକରେ ୧୭.୫ ମିମି ବର୍ଷା ହୋଇଥିବା ସୂଚନା ମିଳିଛି ।

# ସରକାରୀ ସହାୟତା ଅପେକ୍ଷାରେ ଟୁନା



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ସ୍ଥିତ ପରଜାଗୁଡ଼ା ଗ୍ରାମର ଟୁନା ବାଗ (୨୨ ବର୍ଷ) ପ୍ରାୟ ୫ ବର୍ଷ ତଳେ ଘର ଛାତ ଉପରୁ ତଳକୁ ଖସି ପଡ଼ିଥିଲେ । ଫଳରେ ତାଙ୍କର ଦୁଇଟି ଗୋଡ଼ ଆଉ କାମ କରୁନାହିଁ ସେ ହୁଇଲ୍ ଚେୟାର ସାହାଯ୍ୟରେ ଚଲାବୁଲା କରୁଥିବା ବେଳେ ପାଠ ପଢ଼ାରୁ ବଞ୍ଚିତ ହୋଇଛନ୍ତି। ବାପା ଭୀମ ବାଗ ଦିନ ମଜୁରିଆ। ଟୁନା ବଡ଼ ପୁଅ ହୋଇଥିବାବେଳେ ତାଙ୍କ ତଳେ ଆଉ ତିନି ଭାଇଭଉଣୀ ରହିଛନ୍ତି। ବାପା ଜଣେ ମାତ୍ର ରୋଜଗାରିଆ ହୋଇଥିବାରୁ ପରିବାର ଚଳିବା କଷ୍ଟକର ହୋଇପଡ଼ିଛି । ସରକାରଙ୍କ ତରଫରୁ ଟୁନାଙ୍କୁ ୭୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଥିବାରୁ ୧୨ ଶହ ଟଙ୍କା ଭତ୍ତା ମିଳୁଥିବା କହନ୍ତି। ପକ୍କା ଘର ନଥିବାରୁ ଝୁପୁଡ଼ି ଘରେ ପଲିଥିନ୍ ପକାଇ ବହୁ କଷ୍ଟରେ ଚଳୁଛନ୍ତି ପରିବାର ଲୋକେ । ଏବେ ଲଗାଣ ବର୍ଷାରେ ଘର ସଂପୂର୍ଣ୍ଣ ଭାଙ୍ଗିଯିବା ଅବସ୍ଥାରେ ରହିଛି। ପିଲାଟି ଦିନରୁ ଦୁଃଖ ଓ ଅନାଟନରେ ବଢ଼ିଥିବା ଟୁନାଙ୍କୁ ଭଗବାନ ପୁଣି କଷ୍ଟ ଦେଇଛନ୍ତି। ସେ ବାପାଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିଲେ ମଧ କିଛି କରିପାରୁ ନଥିବା ଦୁଃଖର ସହ କହିଛନ୍ତି। ଯଦି ୮୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଯାଏ ତାହେଲେ ୩ ହଜାର ଟଙ୍କା ଭତ୍ତା ମିଳିବ ବୋଲି ଆଶା କରିଛନ୍ତି । ଏଥିପାଇଁ ସେ ଅନେକ ଥର ମେଡିକାଲ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ଯାଇ ଖାଲି ହାତରେ ଫେରିଛନ୍ତି। କିନ୍ତୁ କେହି ମଧ ତାଙ୍କୁ ସହଯୋଗ କରୁନଥିବା କ୍ଷୋଭର ସହ କହିଛନ୍ତି । ପ୍ରଶାସନ ତରଫରୁ ଟୁନାଙ୍କୁ ଏକ ଆବାସ ଗୃହ ଏବଂ ଦିବ୍ୟାଙ୍ଗ ର ୮୦ ପ୍ରତିଶତ ପ୍ରମାଣପତ୍ର ପ୍ରଦାନ କରାଗଲେ ୩୦୦୦ ଟଙ୍କା ଭତ୍ତା ପାଇ ପରିବାର ଚଳାଇବାରେ ସହାୟକ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା



ରାୟଗଡା(ଭାସ୍କର ନ୍ୟୁଜ୍): ହତ୍ୟା ଘଟଣାକୁ ନେଇ ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ଆଜି ଶତାଧିକ ଲୋକ ଟାଉନ୍ ଥାନା ଘେରାଉ କରିଛନ୍ତି। ରାସ୍ତା ଅବରୋଧ ହେବା ଫଳରେ ରାୟଗଡା ସହରରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାନବାହନ ଚଳାଚଳ ଏକ ପ୍ରକାର ଠପ୍ ହୋଇଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଏକାଧିକ ଗାଡି ଠିଆ ହୋଇରହିଛି। ଗତକାଲି ଅପରାହ୍ନରେ ସହରର ଅଗ୍ନିଶମ ବିଭାଗ ପଛପଟ ପଡିଆରେ ଖେଳୁଥିବା ବେଳେ ହରିଜନ ବସ୍ତିର ୨୫ବର୍ଷୀୟ ଯୁବକ ରୋହିତ ଆପ୍ପାକୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏନେଇ ଟାଉନ୍ ଥାନାରେ ପରିବାର ପକ୍ଷରୁ ଏତଲା ଦେବା ପରେ ପୋଲିସ ୬ଜଣକୁ ଅଟକ ରଖି ପଚରାଉଚରା କରୁଛି। ହେଲେ ଏପର୍ଯ୍ୟନ୍ତ ମୁଖ୍ୟ ହତ୍ୟାକାରୀ ଧରା ପଡିନଥିବାବେଳେ ହତ୍ୟାକାରୀକୁ ଧରିବା ପାଇଁ ପରିବାର ଲୋକେ ଅଡି ବସିଛନ୍ତି। ଅନ୍ୟପଟେ ହତ୍ୟାକାଣ୍ଡର ୧୭ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ଶବ ବ୍ୟବଛେଦ ହୋଇନି। ଅଭିଯୁକ୍ତମାନଙ୍କୁ ନଧରିବା ପର୍ଯ୍ୟନ୍ତ ଶବ ବ୍ୟବଛେଦ କରିବାକୁ ଦିଆଯିବ ନାହିଁ ବୋଲି ପରିବାର ଲୋକେ କହିଛନ୍ତି। ଅନ୍ୟପଟେ ହତ୍ୟାକାରୀଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ରାୟଗଡା ଏସଡିପିଓ ସୂଚନା ଦେଇଛନ୍ତି।

# କୋଷାଗୁମୁଡାର ବିଭିନ୍ନ ସ୍ଥାନରେ ଗଣେଶ ଚତୁର୍ଥୀ ପାଳିତ



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର କୋଣେ ଅନୁକୋଣେ ଗଣପତି ବାପା ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଥିବା ଦେଖିବାକୁ ମିଳିଛି ।ହିନ୍ଦୁଶାସ୍ତ୍ର ଅନୁସାରେ, ଶ୍ରୀ ଗଣେଶ ହେଉଛନ୍ତି ବିଦ୍ୟା, ବୁଦ୍ଧି ଓ ରିଦ୍ଧିସିଦ୍ଧି ପ୍ରଦାୟକ ଏବଂ ବିଘ୍ନ ବିନାଶକ ଠାକୁର ଅଟନ୍ତି ।ତାଙ୍କ ପୂଜା କଲେ ବିଦ୍ୟା, ବୁଦ୍ଧି ଓ ରିଦ୍ଧିସିଦ୍ଧି ପ୍ରାପ୍ତି ହୋଇଥାଏ । ତେଣୁ ହିନ୍ଦୁମାନେ ଶ୍ରୀଗଣେଶ ଙ୍କ ପୂଜାର୍ଚ୍ଚନା ବେଶ ଧୁମଧାମରେ ପାଳନ କରିଥାନ୍ତି ।ଆଜି ଶ୍ରୀ ଗଣେଶଙ୍କ ପୂଜା ପାଇଁ କୋଷାଗୁମୁଡା ଅଞ୍ଚଳ ଉଠୁଛି ପଡୁଛି ।ବ୍ଲକର ପ୍ରତ୍ୟେକ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ଗ୍ରାମେ ଗ୍ରାମେ ଯୁବକମାନେ ଚାନ୍ଦା ଆଦାୟ କରି ଗଣେଶ ପୂଜାର ଆୟୋଜନ କରିଥିବା ଦେଖିବାକୁ ମିଳିଛି ।ଗ୍ରାମାଞ୍ଚଳରେ କେଉଁଠି ୫ଟି ମଣ୍ଡପରେ ଶ୍ରୀ ଗଣେଶ ପୂଜା ପାଉଛନ୍ତି ତ ଆଉ କେଉଁଠି ୩ଟି ମଣ୍ଡପରେ ଶ୍ରୀ ଗଣେଶଙ୍କୁ ପୂଜା ପାଉଥିବା ଦେଖିବାକୁ ମିଳିଛି ।ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ଅତି ଲୋଭନୀୟ ପୂଜା ମଣ୍ଡପ ଓ ମନୋହର ତୋରଣ ସବୁ ନିର୍ମିତ ହୋଇଛି ।ତତ ସହିତ ମାଇକ, ଡିଜେ, ବ୍ୟାଣ୍ଡପାର୍ଟିର ମଧ ଆୟୋଜନ କରାଯାଇଛି ।କିଛି କିଛି ସ୍ଥାନରେ ମନୋରଞ୍ଜନ ପାଇଁ ମେଲୋଡିର ମଧ ଆୟୋଜନ କରାଯାଇଥିବା ସୂଚନା ମିଳିଛି । ପୂଜାକୁ ନେଇ ଗ୍ରାମାଞ୍ଚଳରେ ବେଶ ଗହଳ ଚହଳ ଲାଗି ରହିଛି ।ମାଇକ ଓ ଡିଜେ ର ଶବ୍ଦରେ କମ୍ପି ପଡୁଛି ଗ୍ରାମାଞ୍ଚଳ ।ପ୍ରତି ଗ୍ରାମ ମାନଙ୍କରେ ଶାନ୍ତି ଶୃଙ୍ଖଳିତ ଭାବେ ପ୍ରଭୁ ଗଜାନନଙ୍କ ପୂଜାର୍ଚ୍ଚନା ଚାଲିଥିବା ସୂଚନା ରହିଛି।

# ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ ଦିଲକାଶ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) ଗଜପତି ଜିଲ୍ଲା ଗୁମ୍ମା ବ୍ଲକରେ ଚରମ ସୀମାରେ ପହଁଚିଲାଣି ଦାଦନ ଦୁଃଖ। କଲମ ଧରି ପାଠ ପଢିବା ବୟସରେ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିଛନ୍ତି ଦିଲକାଶ ଶବର ପିତା ଦୁକାନ ଶବର। ନିଜ ଗ୍ରାମ ଅଙ୍ଗେଇଡା ହୋଇଥିଲେ ମଧ ଦୀର୍ଘ ବର୍ଷ ହେଲା ପରିବାର ସହିତ ନମନଗଡ ପଞ୍ଚାୟତ ର ସରଦାପୁର ଗ୍ରାମରେ ବସବାସ କରୁଥିଲେ। ବୟସ ୧୫ ବର୍ଷ ସେ ୨୦୨୩-୨୪ ରେ ନମନଗଡ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ପରିବାରର ଦାରିଦ୍ରତାକୁ ପାଖରୁ ଦେଖି ସହିପାରିଲେନି ଦିଲକାଶ ଏବଂ ବାହାରିପଡିଲେ ଦାଦନ ଖଟିବାକୁ ଆନ୍ଧ୍ର ପ୍ରଦେଶର ରାଜମାନ୍ଦିରକୁ। ଭାବିଥିଲେ କାମକରି କିଛି ଟଙ୍କା ଘରକୁ ପଠେଇଲେ ଖୁସିରେ ଚଳିଯିବେ। କିନ୍ତୁ ବିଧିର ବିଧାନ ଓଲଟା। ସେଠାରେ ସେ ରାସ୍ତାକଡର ଗୋଟିଏ କୋଠା ନିର୍ମାଣ କାମ କରୁଥିବା ସମୟରେ ଏକ ଗାଡି ଆସି ଧକା ଦେବା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସ୍ଥଳରେ ଆନ୍ଧ୍ର ପୋଲିସ ପହଞ୍ଚି ଶବକୁ ଜବତ କରି ତଦନ୍ତ କରି ଶବ ବ୍ୟବଛେଦ ପାଇଁ ପଠାଇଥିଲେ। ଆଜି ଶବ ଗ୍ରାମରେ ପହଁଚିଲା ବେଳେ ଗ୍ରାମରେ ପରିବାର ଓ ପରିଜନର କାନ୍ଦ ବୋବାଳିରେ ଗାଁ ଫାଟି ପଡୁଥିଲା।

# କ୍ଷୟକ୍ଷତି ଆକଳନ ପାଇଁ ବିଧାୟକଙ୍କ ବନ୍ୟାଞ୍ଚଳ ଗସ୍ତ

ମାଥିଲି (ଭାସ୍କର ନ୍ୟୁଜ୍) ଲଗାଣ ବର୍ଷାରେ ମାଥିଲି ବ୍ଲକର ମହୁପଦର ଏବଂ କମାରପାଲ୍ଲୀ ପଞ୍ଚାୟତରେ ବନ୍ୟା ପରିସ୍ଥିତି ଉପୁଜିଥିବା ଶୁଣି ସଙ୍ଗେ ସଙ୍ଗେ ସେ ଅଞ୍ଚଳକୁ ବିଧାୟକ ଗସ୍ତ କରି ଲୋକଙ୍କ ଦୁଃଖ ବୁଝିଥିଲେ। ଦୁର୍ଗମ ଅଞ୍ଚଳ ମହୁପଦର ଏବଂ କମାରପାଲ୍ଲୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଲଗାଣ ବର୍ଷା ହେତୁ କିଛି ଘର ଭାଙ୍ଗିବା ସହ ଚାଷ ଜମିରେ ପାଣି ପ୍ରବାହିତ ହୋଇ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଦେଖି ତୁରନ୍ତ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି ତୁରନ୍ତ କେମିତି ଲୋକମାନେ ସରକାରୀ ସୁବିଧା ପାଇପାରିବେ ତାହା ଅବଗତ କରିଥିଲେ। ପରେ ବର୍ଷାଜଳ ଘେରି ରହିଥିବା କିଛି ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷତି ହୋଇଥିବା ଚାଷ ଜମି ଗୁଡିକ ବୁଲି ଦେଖିଥିଲେ। ବିଧାୟକଙ୍କ ସହ ବ୍ଲକ କଂଗ୍ରେସ ସଭାପତି ମଙ୍ଗଳା ଗୌଡ଼ ଏବଂ ଅନ୍ୟାନ୍ୟ କର୍ମୀ ମାନେ ଉପସ୍ଥିତି ରହି ବ୍ଲକର ବିଭିନ୍ନ ବନ୍ୟା କ୍ଷୟକ୍ଷତି ହୋଇଥିବା ଅଞ୍ଚଳ ଗୁଡ଼ିକୁ ପରିଦର୍ଶନ କରିଥିଲେ। ତେବେ ବିଧାୟକଙ୍କ ଏପରି କାର୍ଯ୍ୟକୁ ଗ୍ରାମବାସୀଙ୍କ ସମେତ ବିଭିନ୍ନ ମହଲରେ ପ୍ରଶଂସା କରଯାଇଛି।

# ଲଘୁଚାପ ବର୍ଷାରେ ଭାଙ୍ଗିଲା ବିଶାଳକାୟ ଗଛ



କାଳିମେଳା(ଭାସ୍କର ନ୍ୟୁଜ୍): ଲଘୁଚାପ ବର୍ଷାରେ କାଳିମେଳା ତେଲୁଗୁସାହିରେ ଥିବା ବିରାଟ ତେନ୍ତୁଳି ଗଛ ଗତକାଲି ସନ୍ଧ୍ୟାରେ ପଡ଼ିଯାଇଛି । ରାସ୍ତା କଡ଼ରେ ଥିବା ଏହି ଗଛ ତଳ ଦେଇ ଲୋକେ ନିତ୍ୟ ଯାତାୟାତ କରିଥାନ୍ତି । ଗଣେଶ ପୂଜା ଥିବାରୁ ସେଦିନ କାଳିମେଳାର ସବୁ ଆଡେ ଭିଡ଼ ଜମି ଥିଲା । କିନ୍ତୁ ଗଛ ପଡ଼ିବା ସମୟରେ ସେଠାରେ କେହି ଚଳପ୍ରଚଳ କରିନଥିଲେ । ଯାହାଫଳରେ ବଡ଼ ବିପଦ ଟଳି ଯାଇଛି ବୋଲି ଲୋକେ ଆଲୋଚନା କରୁଛନ୍ତି । କାଳିମେଳା ବସ୍ତି ଆରମ୍ଭରୁ ଏହି ଗଛ ରହିଥିବାବେଳେ ରାସ୍ତା ଆଡ଼କୁ ଢଳି ହୋଇ ରହିଥିଲାଏବଂ ବର୍ଷା ଦିନେ ଗଛ ତଳ ଦେଇ ଚଳପ୍ରଚଳ କରୁଥିବା ଲୋକମାନେ ଭୟଭୀତ ହେଉଥିଲେ । ଏ ଘଟଣା ରେ କାହାରି ଅସୁବିଧା ହୋଇନ ଥିବା ବେଳେ ଗଛ ନିକଟରେ ଥିବା କୌଣସି ଘରର ମଧ କ୍ଷତି ହୋଇନାହିଁ । ଆଜି ସକାଳେ କାଳିମେଳା ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛକୁ କାଟି ସଫା କରିଥିଲେ ।

# ମୂର୍ତ୍ତି କାରିଗରଙ୍କ ଠାରୁ ଲୁଟିନେଲେ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା

ଉମରକୋଟ(ଭାସ୍କର ନ୍ୟୁଜ୍):ଗତ ୬ ମାସ ଧରି ରାଜସ୍ଥାନରୁ ଆସିଥିବା ଗୋଟିଏ ପରିବାର ଉମରକୋଟରେ ରହି ଗଣେଶ ମୂର୍ତ୍ତୀ ବିକ୍ରି କରି ନିଜର ଜୀବନ ଜୀବିକା ନିର୍ବାହ କରି ଆସୁଥିବା ବେଳେ ଗତକାଲି ବିଳମ୍ବିତ ରାତି ସେମାନେ ରଖିଥିବା ଟଙ୍କା ପେଡ଼ିକୁ କେହି ଦୃର୍ବୃତ୍ତ ଚୋରି କରି ନେଇ ଯାଇଥିବା ନେଇ ଆଜି ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପେଡ଼ିରେ ପ୍ରାୟ ୧୨ ଲକ୍ଷ ଟଙ୍କା ଥିବା ଅନୁମାନ କରାଯାଉଛି । ସୂଚନା।ଯୋଗ୍ୟ ଏହିକି ଯେ ଗତ ୯ ବର୍ଷ ହେଲା ରାଜସ୍ଥାନ ରୁ ଏହି ପରିବାର ଉମରକୋଟର ଯୁଭି ୩ ଡଙ୍ଗରୀଗୁଡା ଠାରେ ରେ ରହି ପ୍ଲାଷ୍ଟର ପାରିସରେ ନିର୍ମିତ ଗଣେଶ ମୂର୍ତ୍ତୀ ବିକ୍ରି କରି ଆସୁଛନ୍ତି। ଚଳିତ ବର୍ଷ ୬ ମାସ ହେଲା ଉମରକୋଟରେ ପରିବାରର ପ୍ରାୟ ୧୫ ଜଣ ସଦସ୍ୟ ରହି ଗଣେଶ ମୂର୍ତ୍ତୀ ତିଆରି କରି ବିକ୍ରି କରି ଆସୁଛନ୍ତି। ତେବେ ମୂର୍ତ୍ତି ବିକ୍ରୀ କରି ପ୍ରାୟ ୧୨ ଲକ୍ଷ ଟଙ୍କା ଏକ ପେଡ଼ିରେ ରଖିଥିଲେ। କାଲି ରାତି ୩ଟା ପର୍ଯ୍ୟନ୍ତ କାରିଗର ମାନେ ମୂର୍ତ୍ତି କାମ କରୁଥିଲେ। ରାତି ୨ ଟା ପର୍ଯ୍ୟନ୍ତ ଗ୍ରାହକ ଗଣେଶ ମୂର୍ତ୍ତୀ କିଣିବା ପାଇଁ ଆସିଥିଲେ ତେବେ ୩ଟା ବେଳେ ମୂର୍ତ୍ତି ତିଆରି ହେଉ ଥିବା ସ୍ଥାନରେ ହିଁ ଟିକେ ଶୋଇଯିବା

**ଥାନାରେ ଅଭିଯୋଗ**

ପରେ ସକାଳେ ଉଠି ଦେଖନ୍ତିତ ଟଙ୍କା ପେଡ଼ିଟା ନାହି। ସଙ୍ଗେ ସଙ୍ଗେ ଖୋଜା ଖୋଜି କଲେ ଆଖ ପାଖରେ ଥିବା ଲୋକଙ୍କୁ ପଚାରିଲେ କିନ୍ତୁ କୌଣସି ସୁରାକ ପାଇଲେ ନାହି। ଶେଷରେ ଏହି କାରିଗରମାନେ ଆଜି ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉମରକୋଟ ପୋଲିସ କେସ ରେଜିଷ୍ଟର କରି ତଦନ୍ତ ଆରମ୍ଭ କରି ଦେଇଛି। ଅତି ଶୀଘ୍ର ଚୋରଙ୍କୁ ଧରି ତାଙ୍କ ଉଦ୍ଧାର କରିବୁ ବୋଲି ମଧ ପୋଲିସ ଆଶ୍ୱାସନା ମଧ ଦେଇଛି। ମୂର୍ତ୍ତୀ କାରିଗର ମଙ୍ଗଳି ଦେବୀ କହିଛନ୍ତି ମୂର୍ତ୍ତି ନିର୍ମାଣରେ ବ୍ୟବହାର ହେଉ ଥିବା ରଙ୍ଗ,ପ୍ଲାଷ୍ଟର ପ୍ୟାରିସ ଉଧାର ରେ ଆଣି ମୂର୍ତ୍ତି ତିଆରି କରୁଥିଲୁ। ଏହି ସମସ୍ତ ଟଙ୍କା ଚୋରି ହେବାଦ୍ୱାରା ସମସ୍ତ ପରିବାର ରାସ୍ତା ଉପରକୁ ଆସି ଗଲୁ। ଆମେ କେମିତି ଏବେ ବଞ୍ଚିବୁ ବୋଲି କହିବା ସହ ଉଧାର ଆଣିଥିବା ଲୋକଙ୍କ ଟଙ୍କା କେମିତି ସୁଝିବୁ ବୋଲି ଅତ୍ୟନ୍ତ ଦୁଃଖ ଓ କୋହଭରାକଣ୍ଠରେ କହିଛନ୍ତି। ଉମରକୋଟ ପୋଲିସ ତୁରନ୍ତ ଚୋରମାନଙ୍କୁ ଧରି ଟଙ୍କା ଉଦ୍ଧାର କରିବା ପାଇଁ ଉମରକୋଟ ସହରବାସୀ ନିବେଦନ କରିଛନ୍ତି। ଅପର ପକ୍ଷରେ ଘଟଣାର ତଦନ୍ତ ଭାର ନେଇଥିବା ପୋଲିସ ସବ ଇନ୍ସପେକ୍ଟର ଶିବ୍‌ଜି ପଣ୍ଡା କହିଛନ୍ତି ସବୁ ଦିଗରେ ତଦନ୍ତ କରୁଛି ଓ ଦୃର୍ବୃତ୍ତ ଙ୍କୁ ଧରିବା ପାଇଁ ସମସ୍ତ ଉଦ୍ୟମ କରୁଛି ବୋଲି କହିଛନ୍ତି।



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦର ୫୨ତମ ସ୍ୱାୟତ୍ତଶାସନ ଦିବସ ପାଳନ ଉପଲକ୍ଷେ ଗୁରୁବାର ଦିନ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସକାଳେ ସ୍ଥାନୀୟ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଗଣତନ୍ତ୍ରରେ ସ୍ୱାୟତ୍ତଶାସନର ଭୂମିକା ସମ୍ପର୍କିତ ପ୍ରବନ୍ଧ ଏବଂ ସ୍ୱଚ୍ଛତା ଓ ଜଳବାୟୁ ପରିବର୍ତ୍ତନ ଉପରେ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଚାରକ ଭାବେ ଡ଼. ଜିତେନ କୁମାର ରାମ, ଡ଼. ଭାଗବତ ଲେଙ୍କା ଓ ଅଧ୍ୟାପକ ସମିତ କୁମାର ପତି ରହି ପ୍ରତିଯୋଗୀତାଗୁଡିକରୁ କୃତି ପ୍ରତିଯୋଗୀ ଙ୍କୁ ଚୟନ କରିଥିଲେ । ଏଥିସହ ସ୍ଥାନୀୟ ଷ୍ଟାଡିୟମରେ ୮ଗୋଟି ଦଳଙ୍କୁ ନେଇ ଏକ ଦିବସୀୟ ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାକୁ ଏନଏସି ଅଧକ୍ଷା ପପି ପୃଷ୍ଟି, ଉପାଧ୍ୟକ୍ଷ ସ୍ୱରୂପ କୁମାର ପରିଜା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗୀତା ଗୁଡ଼ିକୁ ଉଦଘାଟିତ କରିଥିଲେ। ପ୍ରତିଯୋଗିତାର ଗ୍ରୁପ ଏ ରେ ଇଲେଭେନ ଷ୍ଟାର, ପାହାଡଭଙ୍ଗା, ମିଲୁଡ଼ିହି ଏବଂ କଳାକାଦ ମଧ୍ୟରେ ଖେଳ ହୋଇଥିବା ବେଳେ ଗ୍ରୁପ ବିରେ କିଟି ସାହି, ରୋନିନ ଏକାଦଶ ଝାରଖଣ୍ଡ, ଜାହେରବାସା ବଣସାହି ଏବଂ ଫିୟୁଚର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫାଇନାଲରେ ଇଲେଭେନ ଷ୍ଟାର କରଞ୍ଜିଆ ସହ ରୋନିନ ଏକାଦଶ ଝାରଖଣ୍ଡ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା । ଖେଳର ଅନ୍ତିମ ପର୍ଯ୍ୟାୟ ସୁଦ୍ଧା କେହି କାହାରିକୁ ଗୋଲ ଦେବାରେ ସକ୍ଷମ ହୋଇନଥିଲେ । ରେଫାରିମାନଙ୍କ ଶେଷ ନିଷ୍ପତ୍ତି ଅନୁଯାୟୀ ପାଲେଣ୍ଟିକ ଖେଳରେ ଇଲେଭେନ ଷ୍ଟାର କରଞ୍ଜିଆ ୫-୪ ଗୋଲରେ ବିଜୟୀ ଘୋଷିତ ହୋଇଥିଲା ।

# ସମ୍ବଲପୁରରେ ବିଭିନ୍ନ ଅନୁଷ୍ଠାନର 'ନୂଆଁଖାଇ ଭେଟଘାଟ୍'ରେ ଯୋଗ ଦେଲେ କେନ୍ଦ୍ରମନ୍ତ୍ରୀ



ସମ୍ବଲପୁର (ଭାସ୍କର ନ୍ୟୁଜ): ସମ୍ବଲପୁରରେ ଅନେକ ସମ୍ଭାବନା ଥିବା ବେଳେ ଦକ୍ଷ ଯୁବଶକ୍ତି ଅଛନ୍ତି । ସମ୍ବଲପୁରର ପ୍ରତିଛବିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ଏକାଠି ହୋଇ ନିଜର ଦାୟିତ୍ୱ ନିର୍ବାହ କରିବାର ଆବଶ୍ୟକତା ରହିଛି ବୋଲି ଗୁରୁବାର ସମ୍ବଲପୁରରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ "ନୂଆଁଖାଇ ଭେଟଘାଟ୍" କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ 'ଓଡ଼ିଶା ସାଂସ୍କୃତିକ ସମାଜ', ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ ଓ ଚିତ୍ରୋତ୍ପଳା ଯୁବକ ସଂଘ ଏବଂ 'ସମଲେଶ୍ୱରୀ ଯୁବକ ସଂଘ'ର ପୃଥକ ପୃଥକ "ନୂଆଁଖାଇ ଭେଟଘାଟ୍ - ୨୦୨୫" କାର୍ଯ୍ୟକ୍ରମରେ ଯୋଗଦେବା ସହ ପ୍ରତିଭାବାନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ "ନୂଆଁଖାଇ" ସମ୍ମାନରେ ସମ୍ମାନିତ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ସମ୍ବଲପୁରରେ ଅନେକ ସମ୍ଭାବନା ଅଛି । ବୁର୍ଲା ଇଞ୍ଜିନିୟରିଂର ଛାତ୍ରଛାତ୍ରୀମାନେ ନିଜ କୌଶଳ ଦ୍ୱାରା ବିଶ୍ୱରେ ପରିଚୟ ତିଆରି କରୁଛନ୍ତି । ସମ୍ବଲପୁରରେ ନ୍ୟୁ ଏଜ୍ ଇକୋନୋମୀ ତିଆରି କରିବା ପାଇଁ ଯୋଜନା କରିବାକୁ ହେବ । ଯୁବକମାନଙ୍କୁ ଅଧିକ ଦକ୍ଷ ସହ ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବାକୁ ହେବ । ସମ୍ବଲପୁରୀ କଳାର ଏକ ଅତ୍ୟାଧୁନିକ ସେଣ୍ଟର ତିଆରି କରିବା । ସରସତିଆ ଭଳି ପାରମ୍ପରିକ ଖାଦ୍ୟକୁ ଜିଆଇ ଟ୍ୟାଗରେ ସାମିଲ କରିବା ପାଇଁ ଉଦ୍ୟମ କରିବା । କୁଦୋପାଲି ଭଳି ସମ୍ବଲପୁରର ଇତିହାସକୁ ଆଗେଇ ନେବାରେ ସହଯୋଗୀ ହେବା । ଶ୍ରୀ ପ୍ରଧାନ ଆହୁରି କହିଥିଲେ ଏକାଠି ହେବା ଓ ଏକଜୁଟ ହୋଇ ରହିବାର ପର୍ବ ହେଉଛି ନୂଆଁଖାଇ । ବିକଶିତ ସମ୍ବଲପୁର, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଢ଼ିବା ପାଇଁ ଆମେ ଯେଉଁ ସଂକଳ୍ପ ନେଇଛୁ, ସେଥିପାଇଁ ଆମର ଏକତା ଅତୁଟ ରହିବା ଆବଶ୍ୟକ । ଏକତା ବଳରେ ହିଁ ଆମେ ସମଗ୍ର ବିଶ୍ୱକୁ ନୂଆ ନେତୃତ୍ୱ ଦେଇ ପାରିବା ବୋଲି ସେ କହିଥିଲେ । ସମ୍ବଲପୁରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବ୍ୟବହାରକୁ କମ କରିବା ପାଇଁ ସେ ଜନସାଧାରଣଙ୍କୁ ଅପିଲ କରିଛନ୍ତି ।

# ମହାନଦୀ ଜଳବିବାଦ ନେଇ ଛତିଶଗଡ଼ ସରକାରଙ୍କ ସହ ହେବ ଆଲୋଚନା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମହାନଦୀ ଜଳବିବାଦର ସମାଧାନ ପାଇଁ ଗୁରୁବାର ଛତିଶଗଡ଼ ରାଜଧାନୀ ରାୟପୁରରେ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜଳମାନବ ଡକ୍ଟର ରାଜେନ୍ଦ୍ର ସିଂ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମହାନଦୀ ବଞ୍ଚାଅ ଆନ୍ଦୋଳନ, ଛତିଶଗଡ଼ ନଦୀଘାଟି ମୋର୍ଚ୍ଚା, ରାଷ୍ଟ୍ରୀୟ ଜଳବିରାଦରୀ ସଂସ୍ଥା ସାମିଲ ହୋଇଥିଲେ। ଏଥିସହ ଜାତୀୟ ଓ ରାଜ୍ୟସ୍ତରରେ କାର୍ଯ୍ୟ କରୁଥିବା ସଂଗଠନଗୁଡ଼ିକ ମଧ୍ୟ ସାମିଲ ହୋଇଥିଲେ। ଆସନ୍ତା ୨୯ ତାରିଖ ଅର୍ଥାତ ଶୁକ୍ରବାର ଛତିଶଗଡ଼ ସରକାରଙ୍କ ପଦାଧିକାରୀମାନଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରାଯିବା ନେଇ ସ୍ଥିର ହୋଇଛି।

## ଗୁମାସ୍ତାକୁ ଉଠାଇ ନେଲା ପୁରୀ ପୋଲିସ

ପୁରୀ (ଭାସ୍କର ନ୍ୟୁଜ) : କପଡ଼ା ସୋ ରୁମ୍ ରୁ ଜଣେ ଗୁମାସ୍ତାକୁ ଉଠାଇ ନେଲା ପୁରୀ ପୋଲିସ। ଶ୍ରୀମନ୍ଦିରରେ ଯାତ୍ରୀ ବ୍ୟବସାୟ କୁ କେନ୍ଦ୍ରକରି ଏହି ଘଟଣା ଘଟିଛି। ଯାତ୍ରୀ ଗୁମାସ୍ତା ଓ ସେବାୟତ ଗୋଷ୍ଠୀ ମଧ୍ୟରେ ଯାତ୍ରୀ ବ୍ୟବସାୟ କୁ ନେଇ ଛକାପଞ୍ଝା ଲାଗି ରହିଥିବା ବେଳେ ଏହି ବିବାଦ କପଡ଼ା ସୋ ରୁମ୍ ରେ ଆସି ପହଞ୍ଚିଛି। ଗୋଟିଏ ଗୋଷ୍ଠୀର ଜଣେ ସେବାୟତ ବଳଗଣ୍ଡି ଛକ ଠାରେ ଥିବା ଏକ କପଡା ସୋ ରୁମ୍ ?କୁ ଡ୍ରେସ୍ କିଣିବାକୁ ଯାଇଥିବା ବେଳେ ତାଙ୍କୁ ସେଠାରେ ୪ ଜଣ ଗୁମାସ୍ତା ହତ୍ୟା ଧମକ ଦେଇଥିଲେ। ସେବାୟତ ଜଣକ ଅନ୍ୟ ସେବାୟତ ମାନଙ୍କୁ ଏ ସମ୍ପର୍କରେ ଖବର ଦେଇଥିଲେ। ଖବର ପାଇ କୁମ୍ଭାରପଡ଼ା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। କିଛି ସମୟ ଧରି ସୋ ରୁମ୍ ସମ୍ମୁଖରେ ପ୍ରବଳ ଗହଳି ଲାଗି ରହିଥିଲା। ଗୁମାସ୍ତା କାମ କରୁଥିବା ଯୁବକ ଲୋକନାଥ ମିଶ୍ରକୁ କପଡ଼ା ସୋ ରୁମ୍ ରୁ ପୋଲିସ ଥାନାକୁ ଉଠାଇ ନେଇଥିଲା। ତେବେ ଲୋକନାଥ ନାଁ ରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି ବୋଲି ପୋଲିସ କହିଛି।

## ସାମ୍ବାଦିକଙ୍କ ପିତୃବିୟୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବରିଷ୍ଠ ସମ୍ବାଦିକ ସୁଶାନ୍ତ କୁମାର ଦାସଙ୍କ ପିତା ସୁରେନ୍ଦ୍ରନାଥ ଦାସଙ୍କ ହୃଦଘାତରେ ଆଜି ପରଲୋକ ଘଟିଛି। ହୃଦଘାତ ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ହାର୍ଟ ସର୍ଜରୀ କରାଯାଇଥିଲା ପରେ କିଡ୍‌ନୀ ଖରାପ ଯୋଗୁ ଡ଼ାଏଲିସିସ୍ କରାଯାଇଥିଲା। ବୟସାଧିକ ଯୋଗୁଁ ଶେଷରେ ଆଜି ୯୪ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛ। ସୁରେନ୍ଦ୍ରଙ୍କ ଭୁବନ୍ଦୋବସ୍ତ, ଜମିଜମା ସମ୍ବନ୍ଧୀୟ ଆଇନ୍‌ଗତ ଦିଗ ଉପରେ ବିଶେଷ ପାଣ୍ଡିତ୍ୟ ଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏବେ ତାଙ୍କର ପତ୍ନୀ ବାସନ୍ତି ଦାସ ଓ ପୁଅ, ବୋହୁ ଅଛନ୍ତି।

**AFFIDAVIT**

By virtue of an affidavit sworn before the Notary Public, Anandapur, Keonjhar, dated: 26.08.2025, I Anusaya Sahu, Address: At- Machhalo, Po- Machhalo, Ps- Ramachandrapur, Dist- Keonjhar, Odisha, PIN-758043, declare that I have changed my son's name from Rates Kumar Sahu to Abhiram Sahu. Henceforth, he shall be known as Abhiram Sahu for all purposes.

**Sd/- Anusaya Sahu**

**ଦ.ପୂ. ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନମ୍ବର ଏବଂ ତାରିଖ: ଏସ୍‌ଟି-ପିଆରଓଜେ-କେଜିପି-ଇଆଇ-ପିକେୟୁ-ଇଓ, ତାରିଖ ୨୬.୦୮.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଉପ-ମୁଖ୍ୟ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର (ପ୍ରୋଜେକ୍ଟ-II) / ଖଡ଼ଗପୁର, ଦ.ପୂ ରେଳପଥ ଦ୍ୱାରା ଇ-ଟେଣ୍ଡର ଆହ୍ୱାନ କରାଯାଇଛି : କାର୍ଯ୍ୟର ନାମ ଏବଂ ଏହାର ସ୍ଥାନର ସଂକ୍ଷିପ୍ତ ବର୍ଣ୍ଣନା: ଖଡ଼ଗପୁର ଡିଭିଜନରେ ପାଂସକୁରା ପୂର୍ବ ବାହ୍ୟ କ୍ୟାବିନରେ ପୁରୁଣା ପ୍ୟାନେଲ୍ ଇଣ୍ଟରଲକିଂକୁ ନୂତନ ବିତରିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସହିତ ବଦଳାଯିବା। କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.୭,୬୫,୮୧,୩୭୮.୫୧ । ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୫,୩୨,୯୦୦/- । ଇ-ଟେଣ୍ଡର ବନ୍ଦ କରିବାର ତାରିଖ ଏବଂ ସମୟ: ୧୭.୦୯.୨୦୨୫, ୧୫.୦୦ ଘଣ୍ଟା। ଟେଣ୍ଡର ପ୍ରକାଶିତ ହୋଇଥିବା ୱେବସାଇଟ୍: www.ireps.gov.in। ବି.ଦ୍ର: ଏହି ପରିପ୍ରେକ୍ଷୀରେ, ପୂର୍ବରୁ ଏହି କାର୍ଯ୍ୟାଳୟ ଦ୍ୱାରା ଜାରି ହୋଇଥିବା ଏନ୍‌ଆଇଟି. ନଂ. ଏସ୍‌ଟି-ପିଆରଓଜେ-କେଜିପି-ଇଆଇ-ପିକେୟୁ-ଇଓ, ତାରିଖ ୨୮.୦୭.୨୦୨୫କୁ ବାତିଲ ବୋଲି ଧରାଯିବା ଉଚିତ। **(PR-567)**

**PARADIP PORT AUTHORITY**
**e-TENDER CALL NOTICE No. EM/PED-25/2025**
**No.: EM/PED/TECH-44/2024/709, Date: 27/08/2025**

Name of the work : "Annual Maintenance Contract (AMC) of Night Navigation System at Paradip Port Authority for a period of 03 years".
Estimated Cost : Rs.1,44,44,319/-.
Last Date & time of submission of bid : dt.19/09/2025 up to 18:00 Hrs.
Refer our website for details : https://eprocure.gov.in/eprocure/app
Executive Engineer (E), (PED-III)
PPA/PR/35/2025-2026, dt.28/08/2025

**Protium ପ୍ରୋଟିୟମ ଫାଇନାନ୍ସ ଲିମିଟେଡ୍**
(ପୂର୍ବରୁ ଗ୍ରୋଥ୍ ସୋର୍ସ ଫାଇନାନ୍ସିଆଲ ଟେକ୍ନୋଲୋଜିସ୍ ଲିମିଟେଡ୍ ଭାବେ ପରିଚିତ)
ନିର୍ଲୋନ ନଲେଜ ପାର୍କ (ଏନକେପି) ବି-୨, ସପ୍ତମ ମହଲା,ପାହାଡ଼ି ଭିଲେଜ, ଅଫିସ ଦ ୱେଷ୍ଟର୍ଣ୍ଣ ଏକ୍ସପ୍ରେସ୍ ହାଇୱେ, କାମା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଗୋରେଗାଁଓ (ଇ), ମୁମ୍ବାଇ, ମହାରାଷ୍ଟ୍ର-୪୦୦୦୬୩

**ପଜେସନ ନୋଟିସ (ୟୁ/ଏସ୍୧୩(୪) ଆପେଣ୍ଡିକ୍ସ ୪ ରୁଲ୍ ୮(୧) ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ)**

ଯେହେତୁ,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ପ୍ରୋଟିୟମ ଫାଇନାନ୍ସ ଲିମିଟେଡ୍ (ପୂର୍ବରୁ ଗ୍ରୋଥ୍ ସୋର୍ସ ଫାଇନାନ୍ସିଆଲ ଟେକ୍ନୋଲୋଜିକ୍ ଲିମିଟେଡ୍) ( ବର୍ତ୍ତମାନ ପ୍ରୋଟିୟମ ଫାଇନାନ୍ସ ଲିମିଟେଡ୍) ସିକ୍ୟୁରିଟାଇଜେସନ୍ ଆଣ୍ଡ ରି-କନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪ ଧାରା) (ସର୍ଫେସାଇ ଆଇନ) ୧୩/୨, ରୁଲ୍ ୩ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ ୨୦୦୨ ଅନୁଯାୟୀ ୩ ଜୁନ୍ ୨୦୨୫ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ବିବି ସି ଫୁଡ୍ସ ଏହାର ପ୍ରୋପାଇଟର ବିଭୂତି ବସନ୍ତିଆ, ପିତା- ବିଷ୍ଣୁ ବସନ୍ତିଆଙ୍କ ମାଧ୍ୟମରେ ଏବଂ ସହ ଋଣକର୍ତ୍ତା **୧. ବିଭୂତି ବସନ୍ତିଆ. ପିତା- ବିଷ୍ଣୁ ବସନ୍ତିଆ,୨. ବାବୁଲି ସ୍ୱାଇଁ, ମାର୍ଫତ ବିଭୂତି ବସନ୍ତିଆ, ଲୋନ୍ ଆକାଉଣ୍ଟ ନଂ ଜିଏସ୍୦୭୩ଏଲଏପି୨୨୭୫୯୨୧** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୧,୧୪,୪୪,୦୫୩.୬୬/-** (ଏକ କୋଟି ଚଉଦଲକ୍ଷ ଚଉରାଳିଶ ହଜାର ତେପନ ଟଙ୍କା ଏବଂ ଛଅଷଠୀ ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୩ ଜୁନ୍ ୨୦୨୫** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।
ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୨୫ ଅଗଷ୍ଟ ୨୦୨୫** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି।
ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ପ୍ରୋଟିୟମ ଫାଇନାନ୍ସ ଲିମିଟେଡ୍‌କୁ **ଟ.୧,୧୪,୪୪,୦୫୩.୬୬/-** (ଏକ କୋଟି ଚଉଦଲକ୍ଷ ଚଉରାଳିଶ ହଜାର ତେପନ ଟଙ୍କା ଏବଂ ଛଅଷଠୀ ପଇସା କେବଳ) ୩ ଜୁନ୍ ୨୦୨୫ ସୁଦ୍ଧା ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।
**ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ ।**

**ସ୍ଥାବର ସମ୍ପତ୍ତିର ବିବରଣୀ**

ଉଲ୍ଲିଖିତ ସମ୍ପତ୍ତିର ବିବରଣୀ

ସମ୍ପତ୍ତି-୧: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ, ଖାତା ନଂ-୫୧୪/୨୬୯୧,ପ୍ଲଟ୍ ନଂ ୧୨୩/୩୨୮୬, ମୌଜା: କେଶୋବା, ପିଏସ୍-ସହିଦନଗର, ଟିଏସ୍- ଭୁବନେଶ୍ୱର, ଓଡ଼ିଶା, କିସାନଚାରବାଡି, ଜିଲ୍ଲା-ଖୋର୍ଦ୍ଧା, ଖୋର୍ଦ୍ଧା-୭୫୨୧୦୧, ଏରିଆ-ଏ୦.୦୩୬ ଡିସିମିଲ, ବାଉଣ୍ଡରୀ: ଉତ୍ତର- ସବ୍ ପ୍ଲଟ ନଂ ୩୦, ଦକ୍ଷିଣ- ୧୮ଫୁଟ ଓସାରର ପ୍ଲଟିଂ ରାସ୍ତା ସ୍କେଚ୍ ମ୍ୟାପ୍ ଅନୁଯାୟୀ, ପୂର୍ବ- ସବ୍ ପ୍ଲଟ ନଂ ୨୧, ପଶ୍ଚିମ- ଏସ୍‌ବିଆଇ କଲୋନୀ ବିଲଡିଂ ୱାଲ୍, ସମସ୍ତ ମିଶିକରି ଏକତ୍ର ଅନ୍ୟ ଅଧିକାର, ବିଲଡିଂ, ଇମ୍ପ୍ରୁଭମେଣ୍ଟ ଏବଂ ଇଜିମେଣ୍ଟ ଆପୁରୁଟେନାଣ୍ଟ ସହ।

ସମ୍ପତ୍ତି-୨: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ଖାତା ନଂ ୬୯୪/୫୨୬, ପ୍ଲଟ ନଂ ୫୪୩/୨୮-୨୯, ମୌଜା- ବଣିଆଟାଙ୍ଗି, ପିଏସ୍ ଏବଂ ଟିଏସ୍-ଖୋର୍ଦ୍ଧା, ଓଡ଼ିଶା, କିସାନଚାରିବାଡ଼ି, ଜିଲ୍ଲା-ଖୋର୍ଦ୍ଧା, ଖୋର୍ଦ୍ଧା, ପୁରୀ-୭୫୨୦୫୦, ଏରିଆ- ଏ୦.୦୫୫ ଡିସିମିଲ, ବାଉଣ୍ଡରୀ: ଉତ୍ତର- ପ୍ଲଟ ନଂ ୫୪୩ର ଅବଶିଷ୍ଟ ଅଂଶ, ଦକ୍ଷିଣ- ସବ୍ ପ୍ଲଟ ନଂ ୧୮୬ ସ୍କେଚମ୍ୟାପ୍ ଅନୁଯାୟୀ, ପୂର୍ବ- ପ୍ରସ୍ତାବିତ ରାସ୍ତା, ପଶ୍ଚିମ- ସବ୍ ପ୍ଲଟ ନଂ ୧୮୯, ୧୯୦, ଏକତ୍ର ମିଶିକରି ବିଲଡିଂ, ଇମ୍ପ୍ରୁଭମେଣ୍ଟ ଏବଂ ଇଜିମେଣ୍ଟ ଆପୁରୁଟେନାଣ୍ଟ ସହ।

ତାରିଖ : ୨୫ ଅଗଷ୍ଟ ୨୦୨୫ — ପ୍ରୋଟିୟମ ଫାଇନାନ୍ସ ଲିମିଟେଡ୍ ପାଇଁ
ସ୍ଥାନ : ଭୁବନେଶ୍ୱର, ଓଡ଼ିଶା — (ସ୍ୱୀକୃତିପ୍ରାପ୍ତ ଅଫିସର)

**कार्यपालक अभियंता का कार्यालय, ग्रामीण विकास विशेष प्रमंडल, पश्चिमी सिंहभूम चाईबासा**

**:: शुद्धि –पत्र ::**

इस कार्यालय के पत्रांक 1514 दिनांक 22.08.2024 द्वारा आमंत्रित अति अल्पकालीन ई–निविदा सूचना संख्या **RDD/SD/CHAIBASA/07/2025-26** में ग्रामीण विकास विभाग (ग्रामीण कार्य मामले) झारखण्ड, एवं पथ निर्माण विभाग, के अन्तर्गत पंजीकृत समुचित श्रेणी के संवेदक भाग ले सकेगें । जिसका **PR No. 360378 West Singhbhum(25-26)_D** है।

ह०/–
कार्यपालक अभियंता
ग्रामीण विकास विशेष प्रमंडल,
प० सिंहभूम चाईबासा

PR 360613 West Singhbhum(25-26)#D

**जिला परिषद कार्यालय, जामताड़ा**
Email Id: zilaparishad_jamtara@yahoo.com
अल्पकालीन ई0–आमंत्रण संख्या–**ZILA/PARISHAD/JAMTARA/05/2025-26**

1. कार्य की विस्तृत विवरणी :–

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | नाला प्रखण्ड अन्तर्गत सरबेदिया दाग नं0–363 में प्राथमिक स्वास्थ्य केन्द्र का निर्माण। | 1,40,90,622.00 | 2,82,000.00 | 10,000.00 | 12 माह |
| 2 | नाला प्रखण्ड अन्तर्गत अफजलपुर दाग नं0–402 में प्राथमिक स्वास्थ्य केन्द्र का निर्माण। | 1,40,90,622.00 | 2,82,000.00 | 10,000.00 | 12 माह |
| 3 | नाला प्रखण्ड अन्तर्गत सरकुण्डा दाग नं0–704 में प्राथमिक स्वास्थ्य केन्द्र का निर्माण। | 1,40,90,622.00 | 2,82,000.00 | 10,000.00 | 12 माह |
| 4 | फतेहपुर प्रखण्ड अन्तर्गत बिन्दापाथर दाग नं0–57 में प्राथमिक स्वास्थ्य केन्द्र का निर्माण। | 1,40,90,622.00 | 2,82,000.00 | 10,000.00 | 12 माह |
| 5 | कुण्डहित प्रखण्ड अन्तर्गत अम्बा दाग नं0–501/A में प्राथमिक स्वास्थ्य केन्द्र का निर्माण। | 1,40,90,622.00 | 2,82,000.00 | 10,000.00 | 12 माह |

2. वेबसाईट में निविदा प्रकाशन की तिथि :– दिनांक–30.08.2025
3. ई0–निविदा प्राप्ति की तिथि एवं समय :– दिनांक–30.08.2025 से दिनांक–18.09.2025 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय :– दिनांक–20.09.2025 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या :– 9973957543
10. अधोहस्ताक्षरी/सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।
12. उप विकास आयुक्त–सह–मुख्य कार्यपालक पदाधिकारी, जिला परिषद्, जामताड़ा का पत्रांक–700/जि0परि0, दिनांक–20.08.2025 के क्रम में उक्त योजनाओं का कार्यान्वयन जिला परिषद्, जामताड़ा द्वारा किया जाएगा।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

ह0/–
जिला अभियंता
जिला परिषद्, जामताड़ा।

PR 360565 Rural Development(25-26)D

**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍** — IDFC FIRST Bank
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

**ଆପେଣ୍ଡିକ୍ସ ୪ (ରୁଲ୍ ୮(୧)**
**ପଜେସନ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

ଯେପରିକି,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅଧୀନରେ କ୍ଷମତାପ୍ରାପ୍ତ ଏହାସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅଧୀନରେ **ତା୩୧.୦୫.୨୦୨୫**ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟର **୧. ଲିକୁନ ଚର୍ଚ୍ଚା,୨. ଝୁନା ଚର୍ଚ୍ଚା, ୩. ସୁବାଷ ଚର୍ଚ୍ଚା** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୩,୨୧,୯୯୪.୨୩/-** (୩ଲକ୍ଷ ଏକୋଇଶ ହଜାର ନଅଶହ ଚଉରାନବେ ଟଙ୍କା ଏବଂ ତେଇଶି ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୩୦.୦୫.୨୦୨୫** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।
ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୨୫ ଅଗଷ୍ଟ ୨୦୨୫** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି।
ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)କୁ **ଟ.୩,୨୧,୯୯୪.୨୩/-** (୩ଲକ୍ଷ ଏକୋଇଶ ହଜାର ନଅଶହ ଚଉରାନବେ ଟଙ୍କା ଏବଂ ତେଇଶି ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।
**ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ ।**

**ବନ୍ଧକ ସମ୍ପତ୍ତିର ବିବରଣୀ**

ସମସ୍ତ ସମ୍ପତ୍ତିର ଅଂଶବିଶେଷ: ଖାତା ନଂ ୧୨୩/୨୩୧, ପ୍ଲଟ ନଂ ୨୦୬/୯୫୪, ଏରିଆ ୦.୨୧୦ ଏକର କିମ୍ବା ୦.୦୦୮୫ ହେକ୍ଟର, ମୌଜା ଅବସ୍ଥିତି: ସାନ ସୋରଡ଼ା, ତହସିଲ- ସୋରଡ଼ା, ଜିଲ୍ଲା- ଗଞ୍ଜାମ, ଓଡ଼ିଶା-୭୬୧୧୦୮, ପୂର୍ବ- ସୁରେନ୍ଦ୍ର ସାହୁଙ୍କ ଘର, ପଶ୍ଚିମ- ଗୋପୀନାଥ ସାହୁଙ୍କ ଘର, ଉତ୍ତର- ରାସ୍ତା, ଦକ୍ଷିଣ- ରଘୁନାଥ ସାହୁଙ୍କ ଜମି ।

ତାରିଖ : ୨୫.୦୮.୨୦୨୫ — ସ୍ୱୀକୃତିପ୍ରାପ୍ତ ଅଫିସର
ସ୍ଥାନ : ଓଡ଼ିଶା — ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍
ଋଣ ଆକାଉଣ୍ଟ ନଂ - ୧୦୧୦୮୭୪୯୯ — (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)

# ପରିବେଶ ଅନୁକୂଳ ଗମନାଗମନକୁ ତ୍ୱରାନ୍ୱିତ କରୁଛି ଇ-ବସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇ-ବସ୍ ଚଳାଚଳ କ୍ଷେତ୍ରରେ ଓଡ଼ିଶା ଦେଶର ପଞ୍ଚମ ସ୍ଥାନ ହାସଲ କରି ସହରାଞ୍ଚଳ ପରିବହନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହାସଲ କରିଛି । ବର୍ତ୍ତମାନ ୪୫୦ ଟି ଇ-ବସ୍ ଚଳାଚଳ କରୁଥିବା ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା ୧୦୦୦ ଅତିକ୍ରମ କରିବାକୁ ଯୋଜନା କରୁଥିବାରୁ, ସହରଗୁଡ଼ିକୁ ସ୍ୱଚ୍ଛ, ସ୍ମାର୍ଟ ଏବଂ ଅଧିକ ଯାତ୍ରୀ-ଅନୁକୂଳ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ସହିତ ଦ୍ରୁତ ଗତିରେ ଆଗକୁ ବଢୁଛି । ସମଗ୍ର ଦେଶରେ ବର୍ତ୍ତମାନ ୧୪୩୨୯ ଟି ଇ-ବସ୍ ଚଳାଚଳ କରୁଛି, ଯେଉଁଥିରେ ଦିଲ୍ଲୀ (୩୫୬୪), ମହାରାଷ୍ଟ୍ର (୩୨୯୬), କର୍ଣ୍ଣାଟକ (୨୨୩୬) ଏବଂ ଉତର ପ୍ରଦେଶ (୮୫୦) ଅଗ୍ରଣୀ ରହିଛି। ଏହି ବଡ଼ ରାଜ୍ୟଗୁଡ଼ିକ ଠାରୁ ଠିକ୍ ପଛରେ ଥିବା ଓଡ଼ିଶା ସହରାଂଚଳରେ ପରିବେଶ ଅନୁକୂଳ ଗମନାଗମନ କ୍ଷେତ୍ରରେ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ଓଡ଼ିଶା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ (୩୯୧), ଆନ୍ଧ୍ର ପ୍ରଦେଶ (୨୩୮), ଛତିଶଗଡ଼ (୨୧୫) ଏବଂ ଝାଡ଼ଖଣ୍ଡ (୪୬)କୁ ଏ କ୍ଷେତ୍ରରେ ଢେର ପଛରେ ପକାଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶାର ସବୁଜ ଦୃଷ୍ଟିକୋଣ ଉପରେ ଆଲୋକପାତ କରି 'ଇ-ପରିବହନରେ ଓଡ଼ିଶାର ଦ୍ରୁତ ଅଗ୍ରଗତି ଉଭୟ ପରିବେଶ ଏବଂ ଲୋକଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା କହିଛନ୍ତି। ଇ-ବସ ଗୁଡ଼ିକର ସମ୍ପ୍ରସାରଣ କେବଳ ଜ୍ଞାନକୌଶଳର ବିଷୟରେ ନୁହେଁ-ଏହା ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନଜନକ, ସୁଲଭ ଏବଂ ପରିବେଶ ଅନୁକୂଳ ଯାତ୍ରା ପ୍ରଦାନ କରିଥାଏ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମର ପ୍ରୟାସ ହେଉଛି ଆଗାମୀ ପିଢ଼ି ପାଇଁ ସ୍ୱଚ୍ଛ, ସବୁଜ ଏବଂ ସ୍ଥାୟୀ ସହରୀ କେନ୍ଦ୍ର ନିର୍ମାଣ କରିବା ବୋଲି କହିଛନ୍ତି। ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସମନ୍ୱିତ ଯୋଜନା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଇ-ବସ୍ ସେବା ଓଡ଼ିଶାରେ ଆଧୁନିକ ସହରାଂଚଳ ପରିବହନର ମେରୁଦଣ୍ଡ ପାଲଟିଛି। ପ୍ରଯୁକ୍ତିବିଦ୍ୟା, ସ୍ମାର୍ଟ ଟିକେଟିଂ ଏବଂ ସବୁଜ ଭିତିଭୂମିର ମିଶ୍ରଣ ଦ୍ୱାରା ଆମେ ଗତିଶୀଳତାକୁ ଉଭୟ ସୁବିଧାଜନକ ଏବଂ ସ୍ଥାୟୀ କରୁଛୁ। ଯାତ୍ରୀମାନଙ୍କ ଉତ୍ସାହଜନକ ଆଗ୍ରହ ଦର୍ଶାଉଛି ଯେ ଓଡ଼ିଶା ସଠିକ୍ ଦିଗରେ ଏକ ଭବିଷ୍ୟତ ଆଡକୁ ଗତି କରୁଛି ଯେଉଁଠାରେ ସାର୍ବଜନୀନ ପରିବହନ ସେବା ହିଁ ପ୍ରଥମ ପସନ୍ଦ ।

# ପବିତ୍ର ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପବିତ୍ର ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ଏକ୍ସ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜୟ ଜଗନ୍ନାଥ, ଜୟ ମାଁ ସମ୍ଲେଇ, 'ସମ୍‌କୁ ମୋର ନୂଆଁଖାଇ ଜୁହାର । ଓଡ଼ିଶାର ମହାନ୍ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇର ଶୁଭ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଆମର୍ ମହାନ୍ ସଂସ୍କୃତି ଆଉର୍ ପରମ୍ପରାର ବାର୍ତ୍ତା ବାହକ୍ ଆଏ ଇ ନୂଆଁଖାଇ ତିହାର୍ । ପରିର୍ବାର ସଦସ୍ୟ ମାନେ ଦେଶ୍ ବିଦେଶ୍‌ର ଯେନୁ ଭି ଥିଲେ ଇ ତିହାର୍ ଲାଗି ନିଜର୍ ନିଜର୍ ଗାଁ କେ ଘର୍ କେ ଫିର୍ଶନ। ପରିବାର୍ ର ସଭେ ଏକ୍ ହେଇ କରି ମିଶିକରି ନୂଆଁ ଖାଏସନ୍ । ୨୦୩୬ ତକ୍ ବିକଶିତ ଓଡ଼ିଶା ଆଉ ୨୦୪୭ ତକ୍ ବିକ୍‌ଶିତ୍ ଭାରତ ଗଠନ୍ ଲାଗି ସମସ୍ତେ ନିଜର୍ ନିଜର୍ ଦାୟିତ୍ୱ ଗ୍ରହଣ କରି ନିଜର୍ ନିଜର୍ କର୍ତ୍ତବ୍ୟ ପାଲନ୍ କରୁନ୍ ବୋଲି ଆଜି ଇ ଶୁଭ୍ ଦିନ୍‌ରେ ଛାତ୍ର ଛାତ୍ରୀ ଯୁବକ୍ ଯୁବତୀ ଶ୍ରମିକ୍ କିଶାନ୍ ଜୱାନ୍ ସମ୍‌କୁ ଅନୁରୋଧ୍ କରୁଛେଁ । ନୂଆଁଖାଇ ସମସ୍ତଙ୍କ ଜୀବନରେ ନୂଆଁ ଆଶା ସଞ୍ଚାରିତ କରୁ । ମାଁ ସମଲେଇ, ମହାପ୍ରଭୂ ଶ୍ରୀଜଗନ୍ନାଥ୍ ସମସ୍ତଙ୍କ ଜୀବନ ଥି ହସ୍ ଖୁସି ସୁଖ୍ ଶାନ୍ତି ଉନ୍ନତୀ ପ୍ରଗତି ସଫଳତା ଭରି ଦେଉଁନ୍ ବୋଲି ପ୍ରାର୍ଥନା କରୁଛେଁ । 'ସମ୍‌କୁ ଫେର ଥରେ ମୋର ନୂଆଁଖାଇ ଜୁହାର ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୭୦୬ ପଏଣ୍ଟ...

ମାର୍କେଟ କ୍ୟାପ ୨୮ରେ ହ୍ରାସ ପାଇ ୪୪୫.୨୦ଲକ୍ଷ କୋଟି ହୋଇଛି। ପୂର୍ବ କାରବାର ଦିନ ଅର୍ଥାତ ମଙ୍ଗଳବାର ଏହା ୪୪୯.୪୫ କୋଟି ରହିଥିଲା। ଏହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ମାର୍କେଟ କ୍ୟାପ ପ୍ରାୟ ୪.୨୫ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ତେବେ ଗୁରୁବାର ନିବେଶକଙ୍କୁ ୪.୨୫ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି।

## ଯୋଗ ଦେବେ...

ସମାରୋହରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ସମେତ ରାଜ୍ୟର ମନ୍ତ୍ରୀମାନେ ଯୋଗଦେଇ ଉଦ୍‌ବୋଧନ ଦେବେ। ଏ ନେଇ ଗୁରୁବାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସାମ୍ବିଧାନିକ ସୁରକ୍ଷା ଓ ଆଦିବାସୀ ବିକାଶ ନେଇ ବିଭିନ୍ନ ରାଜ୍ୟ ଦେଇଥିବା ପ୍ରସ୍ତାବକୁ ଏହି ସମ୍ମିଳନୀରେ ଉପସ୍ଥାପନ କରାଯିବ। ୩୧ ବର୍ଷ ପରେ ଓଡ଼ିଶାରେ ଏହା ଆୟୋଜନ କରାଯାଉଛି। ଓଡ଼ିଶାର ହସ୍ତଶିଳ୍ପ, କାରିଗରୀ, ସଂସ୍କୃତି ଓ କଳାକୁ ନେଇ ଏକ ପ୍ରଦର୍ଶନୀ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଉଦ୍‌ଯାପନୀ ସମାରୋହ ପରେ ପ୍ରତିନିଧିମାନେ ପୁରୀ ଓ କୋଣାର୍କ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## ତୀବ୍ର ହେଉଛି...

ବିପଦସଂକେତ ସ୍ତର ଅତିକ୍ରମ କରି ଜମ୍ମୁର ତଳି ଅଞ୍ଚଳରେ ବନ୍ୟା ସୃଷ୍ଟି କରିଛି। ସେହିପରି ଉତ୍ତରପ୍ରଦେଶ ଓ ବିହାରରେ ଗଙ୍ଗାନଦୀର ଜଳସ୍ତର ବୃଦ୍ଧି ପାଇ ବନ୍ୟା ସୃଷ୍ଟି କରିଛି। ମୁମ୍ବାଇ ଓ ବେଙ୍ଗାଲୁରୁ ଭଳି ସହରମାନଙ୍କରେ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଜଳବନ୍ଦୀ ସ୍ଥିତି ଦେଖାଦେଇଛି। ପଞ୍ଜାବରେ ମଧ୍ୟ ବନ୍ୟାସ୍ଥିତି ଗମ୍ଭୀର ରୂପ ଧାରଣ କରିଛି। ବୃଦ୍ଧି ପାଉଥିବା ତାପମାତ୍ରା ମୌସୁମୀ ବାୟୁ ପ୍ରବାହକୁ ଦକ୍ଷିଣ ଦିଗକୁ ନେଇଯାଉଛି, ଯାହାଫଳରେ ରାଜସ୍ଥାନ ଓ ଗୁଜରାଟ ଭଳି ଅଞ୍ଚଳରେ ଅଧିକ ବର୍ଷା ହେଉଛି। ସହରୀକରଣ ଓ ଜଙ୍ଗଲ ନିଷ୍କାସନ ମୌସୁମୀ ବାୟୁ ପ୍ରବାହକୁ ଅନିଶ୍ଚିତ ରୂପ ଦେଉଛି। ସେହିପରି ପାକିସ୍ତାନରେ ବର୍ଷା ଓ ବନ୍ୟାରେ ସବୁଠାରୁ ଅଧିକ କ୍ଷତି ଘଟିଛି। ଗୋଟିଏ ଘଣ୍ଟାରେ ବୁନେରରେ ୧୫୦ ମିଲିମିଟର ବର୍ଷା ଯୋଗୁ ୨୪୦ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଚୀନ୍‌ରେ ମଧ୍ୟ ଦୁଇମାସର ପ୍ରବଳ ବର୍ଷା ଯୋଗୁ ୧.୮୪ଲକ୍ଷ କୋଟିର କ୍ଷତି ଘଟିଥିବା ସୂଚନା ଦିଆଯାଇଛି।

## ପଶିଗଲେ ୩...

କଡ଼ା ଯାଞ୍ଚ କରାଯାଉଛି । ଏପରିକି ସମସ୍ତ ଗାଡ଼ି ମୋଟର ଯାଞ୍ଚ ହେଉଛି। ଏହି ଆତଙ୍କବାଦୀଙ୍କ ପାସ୍‌ପୋର୍ଟ ସଂପର୍କିତ ସୂଚନା ଜିଲ୍ଲାଗୁଡ଼ିକର ଅଧିକାରୀଙ୍କ ସହ ସେୟାର କରାଯାଇଛି। ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ପୋଲିସ ମୁଖ୍ୟାଳୟ ପକ୍ଷରୁ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖାଯାଉଛି। ପୋଲିସର ବିଭିନ୍ନ ଟିମ୍ ଏହି ୩ ଆତଙ୍କବାଦୀଙ୍କୁ ଖୋଜିବାରେ ଲାଗିଛନ୍ତି। ସୂଚନାଯୋଗ୍ୟ ଯେ ଜାମ୍ମୁକାଶ୍ମୀରର ପହଲଗାମରେ ପାକ୍ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ନିରୀହ ପର୍ଯ୍ୟଟକଙ୍କ ଜୀବନ ଯିବାପରେ ଭାରତୀୟ ସେନା ପକ୍ଷରୁ ଅପରେସନ ସିନ୍ଦୂର କରାଯାଇ ପାକିସ୍ତାନରେ ଥିବା ଆତଙ୍କୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରାଯାଇଥିଲା। ଏହାପରେ ଆଶା କରାଯାଉଥିଲା, ଭାରତରେ ଆତଙ୍କୀ କାର୍ଯ୍ୟକଳାପରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ତେବେ ଏହା ଭୁଲ ପ୍ରମାଣିତ ହୋଇଛି। କଡ଼ା ସୁରକ୍ଷାବଳୟ ଭେଦକରି ଏହି ଆତଙ୍କବାଦୀମାନେ କିପରି ବିହାରରେ ପ୍ରବେଶ କଲେ ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ରାଜ୍ୟବାସୀଙ୍କ ଶୁଭ...

ସମ୍ମାନ ଏବଂ କୃଷକଙ୍କ ପ୍ରତି କୃତଜ୍ଞତା ହେଉଛି ଏହି ପର୍ବର ବିଶେଷତ୍ୱ। ଏହା ଆମ ବନ୍ଧୁତ୍ୱ ଓ ଆତ୍ମୀୟତାର ପ୍ରତୀକ ମଧ୍ୟ। ନୂଆଁଖାଇ ସମସ୍ତଙ୍କ ଜୀବନକୁ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରି ଦେଉ ଏହା କାମନା କରିଛନ୍ତି ରାଷ୍ଟ୍ରପତି। ଅନୁରୂପ ଭାବେ ରାଜଭବନର ଅଭିଷେକ ହଲରେ ରାଜ୍ୟପାଳ ମଧ୍ୟ ନୂଆଁଖାଇ ପର୍ବ ପାଳନ ସହ ରାଜ୍ୟବାସୀଙ୍କ ଶୁଭ ମନାସିଛନ୍ତି। ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଇଷ୍ଟଦେବୀ ମା ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରି ନୂଆ ଧାନ ଓ ନବାନ୍ନ ଅର୍ପଣ କରିଥିଲେ ତଥା ରାଜ୍ୟବାସୀଙ୍କ ଶୁଭ ମନାସୀ ଥିଲେ। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୁପାରୋଶନ ସାହୁଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନବାନ୍ନ ଭକ୍ଷଣ କରିଥିଲେ। ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ମାନେଶ୍ୱର ବ୍ଲକ ସିନ୍ଦୂରପଙ୍କ ଗାଁର ଶ୍ୟାମସୁନ୍ଦର ପତିଙ୍କ ବାସଭବନରେ ନବାନ୍ନ ଖାଇ ନୂଆଁଖାଇ ପାଳନ କରିଛନ୍ତି। ଏଥିସହ ସେ ଓଡ଼ିଶାବାସୀଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ନୂଆଁଖାଇ ଚାଷୀ ଏବଂ ଚାଷର ଉନ୍ନତି ସହ ସମୃଦ୍ଧିର କଥା କହେ। ଏହି ପର୍ବରେ ନବାନ୍ନର ମଧ୍ୟ ସ୍ୱତନ୍ତ୍ର ଐତିହ୍ୟ ରହିଛି। ନୂଆଁଖାଇ ସମସ୍ତଙ୍କ ପାଇଁ ନୂତନ ସମ୍ଭାବନା ଆଣିଦେଉ, ଏହା ସେ ପ୍ରାର୍ଥନା କରିଛନ୍ତି।

# ପ୍ରଧାନମନ୍ତ୍ରୀ, ତାଙ୍କ ମାଆଙ୍କୁ ଅପମାନ ହୀନମନ୍ୟତାର ପରିଚୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବିହାରରେ ରାହୁଲ ଗାନ୍ଧୀଙ୍କ ଏକ ରାଜନୈତିକ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ସ୍ୱର୍ଗତଃ ମାତାଙ୍କ ପ୍ରତି ଅଭଦ୍ର ଓ ଅଶିଷ୍ଟ ଟିପ୍ପଣୀ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣା ରାହୁଲ ଗାନ୍ଧୀ ଏବଂ ତାଙ୍କ ସହଯୋଗୀ ଦଳମାନଙ୍କ ହୀନ ମାନ୍ୟତାର ପରିଚୟ। ଏଭଳି କଦର୍ଯ୍ୟ ଚିନ୍ତାଧାରା କେବଳ କଂଗ୍ରେସ ଓ ତାଙ୍କ ଦଳର ନେତାମାନଙ୍କ ପାଖରେ ଦେଖିବାକୁ ମିଳେ। ଦେଶକୁ ଜଣେ ଯଶସ୍ୱୀ ପୁତ୍ର ପ୍ରଦାନ କରିଥିବା ଦେବୀ ସଦୃଶ ଜଣେ ମହିଳାଙ୍କ ପ୍ରତି ଏଭଳି ଅଭଦ୍ର ଭାଷା ପ୍ରୟୋଗ ୬୦-୭୦ ବର୍ଷ ଧରି କ୍ଷମତା ଓ କ୍ଷମତା ବଳୟରେ ଥିବା ରାହୁଲ ଗାନ୍ଧୀଙ୍କ କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳ ହତାଶା ଓ ହୀନମନ୍ୟତାର ପରିଚୟ ଦେଇଛନ୍ତି। ଦେଶବାସୀ କେବେହେଲେ ଏହାର ଦରଦାସ୍ତ କରିବେ ନାହିଁ ଓ ଏହାର ଉଚିତ ଜବାବ ଦେବେ।

# କଳିଙ୍ଗ ଷ୍ଟାଡ଼ିୟମ, ରାଜ୍ୟ ସଂଗ୍ରହାଳୟ ବୁଲି ଦେଖିଲେ ଶ୍ରୀଲଙ୍କା ଅଧିକାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀଲଙ୍କାର ଅଧିକାରୀମାନେ ଗୁରୁବାର କଳିଙ୍ଗ ଷ୍ଟାଡ଼ିୟମ ଏବଂ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ଶ୍ରୀଲଙ୍କା ଦେଶର ଅଧିକାରୀମାନେ କଳିଙ୍ଗ ଷ୍ଟାଡ଼ିୟମରେ ରହିଥିବା ସ୍ପୋର୍ଟ୍ସ ସାଇନ୍ସ ସେଂଟର, ଆଥଲେଟିକ୍ସ ଷ୍ଟାଡ଼ିୟମ, ହକି ଷ୍ଟାଡ଼ିୟମ, ଭାରତୋଳନ, ସନ୍ତରଣ, ବ୍ୟାଡ଼ମିଣ୍ଟନ, ସୁଟିଙ୍ଗ, ଜିମ୍ନାଷ୍ଟିକ୍ସ ହାଇ ପରଫରମାନ୍ସ ସେଂଟର ଆଦି ବୁଲି ଦେଖିଥିଲେ। ଶ୍ରୀଲଙ୍କାର ଅଧିକାରୀମାନେ ଅତ୍ୟାଧୁନିକ କ୍ରୀଡ଼ା ଭିତିଭୂମିର ଭୂୟସୀ ପ୍ରଶଂସା କରିବା ସହିତ ଓଡ଼ିଶାରେ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ନାମେଂଟର ସଫଳ ଆୟୋଜନ ସମ୍ବନ୍ଧରେ ଅବଗତ ହୋଇଥିଲେ। ଏହାପରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନରେ ଯାଇ ପ୍ରାଗ-ଐତିହାସିକ ଗ୍ୟାଲେରୀ, ରାଜକୀୟ ଓ ହାତୀଦାନ୍ତ ଗ୍ୟାଲେରୀ, ପ୍ରାଣୀ ବିଜ୍ଞାନ ଗ୍ୟାଲେରୀ, ଖଣି ଓ ଭୂ-ତତ୍ୱ ଗ୍ୟାଲେରୀ, କଣ୍ଢେଇ ଗ୍ୟାଲେରୀ, ମୁଖା ଗ୍ୟାଲେରୀ, ଜନଜାତି ଗ୍ୟାଲେରୀ, ହସ୍ତତନ୍ତ ଗ୍ୟାଲେରୀ ଆଦି ବୁଲି ଦେଖିଥିଲେ। ଓଡ଼ିଶାର ଇତିହାସ, ସଂସ୍କୃତି, ଐତିହ୍ୟ ଓ ଅନନ୍ୟ ପରମ୍ପରା ସମ୍ବନ୍ଧରେ ପଚାରି ବୁଝିଥିଲେ। ଏହି ଅବସରରେ ଓଡ଼ିଶାର ପାଇକ ବିଦ୍ରୋହ ଓ ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧରେ ଏକ ବୃତଚିତ୍ର ମଧ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀମାନେ ସାମିଲ ହୋଇ ଓଡ଼ିଶାର କ୍ରୀଡ଼ା ଭିତିଭୂମି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧରେ ଅବଗତ କରାଇଥିଲେ।



ନୂଆଦିଲ୍ଲୀ: ସ୍ୱାଧୀନତା ପରଠାରୁ ବର୍ତ୍ତମାନ ସମୟ ମଧ୍ୟରେ ହିନ୍ଦୁ ଜନସଂଖ୍ୟାରେ ୩୦ ପ୍ରତିଶତ ହ୍ରାସ ଘଟିଛି। ଉତ୍ତରପ୍ରଦେଶର ସମ୍ଭଲ ନଗରପାଳିକା ଅଞ୍ଚଳରେ ହିନ୍ଦୁ ଜନସଂଖ୍ୟାରେ ଏଭଳି ହ୍ରାସ ଘଟିଥିବା ସରକାରଙ୍କ ପକ୍ଷରୁ ଗଠିତ ୩ ଜଣିଆ କମିଟି ରିପୋର୍ଟ ପ୍ରଦାନ କରିଛି। ୨୦୨୪ ନଭେମ୍ବର ୨୪ରେ ସମ୍ଭଲରେ ହିଂସାକାଣ୍ଡର ତଦନ୍ତ ପାଇଁ ସରକାର ଏକ କମିଟି ଗଠନ କରିଥିଲେ। କମିଟି ୪୫୦ ପୃଷ୍ଠାର ଏକ ରିପୋର୍ଟ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଦାନ କରିଛନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ, ୧୯୪୭ରେ ସମ୍ଭଲ ନଗରପାଳିକା ଅଞ୍ଚଳରେ ହିନ୍ଦୁ ଜନସଂଖ୍ୟା ୪୫ ପ୍ରତିଶତ ରହିଥିଲା। ୨୦୨୫ରେ ଏଠାକାର ହିନ୍ଦୁ ଜନସଂଖ୍ୟା ୧୫ପ୍ରତିଶତ ରହିଛି। ସମ୍ଭଲ ଆତଙ୍କୀମାନଙ୍କ ଅଡ୍ଡା ପାଲଟିଯାଇଛି। ଏଠାରେ ସ୍ୱାଧୀନତା ପରଠାରୁ ୧୫ ଥର ଦଙ୍ଗା ହୋଇସାରିଛି। ନଭେମ୍ବର ୨୪ରେ ହୋଇଥିବା ଦଙ୍ଗା ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ, ଷଡ଼ଯନ୍ତ୍ରକାରୀଙ୍କୁ ଜଣା ଥିଲା ଯେ ସେଠାରେ ସର୍ଭେ ହେବାର ଅଛି।

## ଭାରତର ଭିଜନରେ ଶ୍ରୀଲଙ୍କା ପ୍ରମୁଖ ଅଂଶୀଦାର: ବାଚସ୍ପତି



ନୂଆଦିଲ୍ଲୀ: ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ସଂସଦ ଭବନ ପରିସରରେ ଶ୍ରୀଲଙ୍କା-ଭାରତ ସଂସଦୀୟ ବନ୍ଧୁତା ସଂଘର ଏକ ୨୪ ସଦସ୍ୟ ବିଶିଷ୍ଟ ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ଭେଟିଛନ୍ତି। ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଶ୍ରୀଲଙ୍କାର ସ୍ୱାସ୍ଥ୍ୟ ଏବଂ ଗଣ ଯୋଗାଯୋଗ ମନ୍ତ୍ରୀ ଏବଂ ଶ୍ରୀଲଙ୍କା-ଭାରତ ସଂସଦୀୟ ବନ୍ଧୁତା ସଂଘର ସଭାପତି ଡକ୍ଟର ନାଲିନ୍ଦା ଜୟତିସା। ପ୍ରତିନିଧି ଦଳକୁ ସ୍ୱାଗତ କରି ବାଚସ୍ପତି ଓମ୍ ବିର୍ଲା କହିଛନ୍ତି 'ଭାରତ ଏବଂ ଶ୍ରୀଲଙ୍କା ଗଭୀର ଐତିହାସିକ, ସାଂସ୍କୃତିକ ଏବଂ ସଭ୍ୟତାର ସମ୍ପର୍କ ବହନ କରନ୍ତି। ଆଜି, ଏହି ବନ୍ଧନ ଏକ ଦୃଢ଼ ତଥା ବ୍ୟାପକ ସହଭାଗୀତାରେ ପରିଣତ ହୋଇଛି। ଭାରତର 'ପଡ଼ୋଶୀ ପ୍ରଥମ' ନୀତି ଏବଂ 'ଭିଜନ ସାଗର'ରେ ଶ୍ରୀଲଙ୍କାର ଏକ ବିଶେଷ ସ୍ଥାନ ରହିଛି। ବାଚସ୍ପତି ବିର୍ଲା ଶ୍ରୀଲଙ୍କା ସଂସଦରେ ଭାରତ-ଶ୍ରୀଲଙ୍କା ସଂସଦୀୟ ବନ୍ଧୁତା ସଂଘ ପ୍ରତିଷ୍ଠାକୁ ସ୍ୱାଗତ କରିଛନ୍ତି। ଏହାକୁ ଦ୍ୱିପାକ୍ଷିକ ସମ୍ପର୍କର ଶକ୍ତିର ପ୍ରମାଣ ବୋଲି କହିଛନ୍ତି। ସେ ଗଣତାନ୍ତ୍ରିକ ଅଭ୍ୟାସ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ଅଭିଜ୍ଞତା ବାଣ୍ଟିବା ପାଇଁ ଉଭୟ ଦେଶର ସଂସଦ ମଧ୍ୟରେ ସାଂସ୍ଥାନିକ ସହଯୋଗ ଏବଂ ନିୟମିତ ଆଲୋଚନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଏପରି ଆଦାନପ୍ରଦାନ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆହୁରି ମଜବୁତ କରିବ।

## କାନାଡାରେ ଭାରତର ରାଷ୍ଟ୍ରଦୂତ ହେବେ ଓଡ଼ିଆ ପୁଅ



ନୂଆଦିଲ୍ଲୀ: ଭାରତୀୟ ବିଦେଶ ସେବାର ବରିଷ୍ଠ ଅଧିକାରୀ ଦିନେଶ କୁମାର ପଟ୍ଟନାୟକଙ୍କୁ ବଡ଼ ଦାୟିତ୍ୱ ଦେଇଛନ୍ତି ସରକାର। କାନାଡାରେ ପରବର୍ତ୍ତୀ ଭାରତୀୟ ରାଷ୍ଟ୍ରଦୂତ ଭାବେ ତାଙ୍କୁ ନୂଆ ନିଯୁକ୍ତି ମିଳିଛି। ଦିନେଶ କୁମାର ପଟ୍ଟନାୟକ ବର୍ତ୍ତମାନ ସ୍ପେନରେ ଭାରତୀୟ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟରତ ଅଛନ୍ତି। କାନାଡାରେ ରାଷ୍ଟ୍ରଦୂତ ଥିବା ସଞ୍ଜୟ କୁମାର ବର୍ମାଙ୍କ ଫେରାଇ ଆଣିସିବାର ୯ ମାସ ପରେ ନୂଆଦିଲ୍ଲୀ ଏହି ନିଷ୍ପତ୍ତି ନେଇଛି। ଦିନେଶ ପଟ୍ଟନାୟକଙ୍କ ନିଯୁକ୍ତି ଏଭଳି ସମୟରେ ହେବାକୁ ଯାଉଛି, ଯେତେବେଳେ ଭାରତ ଓ କାନାଡା ମଧ୍ୟରେ କୂଟନୈତିକ ସମ୍ପର୍କ ଭଲ ନାହିଁ। ଖଲିସ୍ତାନ ସମର୍ଥକଙ୍କ ଶରଣ ଦେଉଥିବା ନେଇ ଭାରତ ଓ କାନାଡା ମଧ୍ୟରେ ସମ୍ପର୍କ ପୂର୍ବ ପରି ମଧୁର ନାହିଁ। ଓଡ଼ିଶାରେ ଜନ୍ମିତ ୧୯୯୦ ବ୍ୟାଚ୍ ଆଇଏଫଏସ୍ ଦିନେଶ ପଟ୍ଟନାୟକ ଭାରତର ସବୁଠୁ ବରିଷ୍ଠ ବିଦେଶ ସେବା ଅଧିକାରୀ। ତାଙ୍କ ପାଖରେ ବିଦେଶ ସେବାରେ ୩୦ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ସେ ସ୍ପେନରେ ଭାରତୀୟ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଥିବା ଆଗରୁ ବ୍ରିଟେନରେ ଡେପୁଟି ହାଇ କମିଶନର ହେବା ସହ ତାଙ୍କ ନାଁ ଚର୍ଚ୍ଚାରେ ରହିଥିଲା। ୨୦୧୬-୧୮ ପର୍ଯ୍ୟନ୍ତ ସେ ଯୁକ୍ତରେ ଡେପୁଟି ହାଇକମିଶନର ଭାବେ ସେବା ଦେଇଥିଲେ। ଆଇଏଫଏସ୍ ଦିନେଶ ପଟ୍ଟନାୟକଙ୍କ ପାଖରେ ଭାରତ ଓ ଭାରତ ବାହାରେ ତିନି ଦଶନ୍ଧିର କୂଟନୀତି ଅଭିଜ୍ଞତା ରହିଛି। ସେ ନିଜ କାର୍ଯ୍ୟକାଳ ଭିତରେ ଜେନେଭା, ଢାକା, ବେଜିଂ, ଅଷ୍ଟ୍ରିଆ, କାମ୍ବୋଡ଼ିଆ, ମୋରୋକୋ ଓ ଜିବୋରେ ଭାରତୀୟ ମିଶନରେ ସେବା ପ୍ରଦାନ କରିଥିଲେ। ଏହାସହ ଆଫ୍ରିକା, ପଶ୍ଚିମ ୟୁରୋପ, ଜାତିସଂଘରେ ବି ବିଦେଶ ମନ୍ତ୍ରଣାଳୟର ବିଭିନ୍ନ ବିଭାଗର ଦାୟିତ୍ୱ ନେଇଥିଲେ।

## ମୋହନ ଭାଗବତଙ୍କ ଚାଞ୍ଚଲ୍ୟକର ଖୁଲାସା

# ଜନ୍ମଦିନରେ ଅବସର ନେବେ ମୋଦି !





ନୂଆଦିଲ୍ଲୀ: ଆରଏସଏସର ୧୦୦ତମ ବାର୍ଷିକୀ ଉପଲକ୍ଷେ ଆୟୋଜିତ ତିନି ଦିନିଆ ସମ୍ମିଳନୀର ଶେଷ ଦିନରେ ଆରଏସଏସ ମୁଖ୍ୟ ମୋହନ ଭାଗବତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବକ୍ତବ୍ୟ ରଖିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ପରେ ରାଜନୀତିରୁ ଅବସର ନେବାର ଜଳ୍ପନାକଳ୍ପନାକୁ ଖାରଜ କରିଛନ୍ତି। ପଚରାଯାଇଥିଲା ଯେ ଭାଜପା ଏବଂ ସଂଘର ପରମ୍ପରା ଅନୁଯାୟୀ, ନେତାମାନେ ୭୫ ବର୍ଷ ବୟସ ପୂରଣ କରିବା ପରେ ସକ୍ରିୟ ରାଜନୀତିରୁ ଅବସର ନିଅନ୍ତି। ମୋହନ କହିଛନ୍ତି, ମୁଁ କେବେ କହିନାହିଁ ଯେ ମୁଁ ଅବସର ନେବି କିମ୍ବା ଅନ୍ୟ କେହି ୭୫ ବର୍ଷ ବୟସରେ ଅବସର ନେବା ଉଚିତ... ଆମେ ସଂଘ ଯାହା କହିବ ତାହା କରିବୁ। ୭୫ ବର୍ଷ ପରେ ରାଜନୀତିରୁ ଅବସର ନେବା ଉଚିତ କି' ପ୍ରଶ୍ନର ଉତ୍ତରରେ, ଆରଏସଏସ ମୁଖ୍ୟ ମୋହନ ଭାଗବତ କହିଛନ୍ତି, "ମୁଁ ମୋରୋପନ୍ତଙ୍କ ବକ୍ତବ୍ୟକୁ ଉଦ୍ଧୃତ କରି ଏହି ମତ ପ୍ରକାଶ କରିଥିଲି... ମୁଁ କହି ନଥିଲି ଯେ ମୁଁ ଅବସର ନେବି କିମ୍ବା ଅନ୍ୟ କେହି ଅବସର ନେବା ଉଚିତ୍। ଆମେ ଜୀବନର ଯେକୌଣସି ସମୟରେ ଅବସର ନେବାକୁ ପ୍ରସ୍ତୁତ ଏବଂ ଯେପର୍ଯ୍ୟନ୍ତ ସଂଘ ଆମକୁ କାମ କରିବାକୁ ଚାହୁଁଛି, ଆମେ ସେହି ସମୟ ପାଇଁ ସଂଘ ପାଇଁ କାମ କରିବାକୁ ମଧ୍ୟ ପ୍ରସ୍ତୁତ।

## 'ପିଏମ୍‌ଜେଡିୱାଇ'ର ୧୧ତମ ବାର୍ଷିକ ପାଳନ କଲେ ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା (ପିଏମ୍‌ଜେଡିୱାଇ)ର ୧୧ତମ ବାର୍ଷିକୀ ପାଳନ କରିଛନ୍ତି। ସେ କହିଛନ୍ତି ଯେ, ଏହା ଏକ ପରିବର୍ତ୍ତନକାରୀ ପଦକ୍ଷେପ ଯାହା ସମଗ୍ର ଭାରତରେ ଆର୍ଥିକ ସମାବେଶନକୁ ପୁନଃଆକୃତି ଦେଇଛି। ଶ୍ରୀ ମୋଦୀ ଗୁରୁତ୍ୱ ଦେଇ କହିଛନ୍ତି ଯେ ପିଏମ୍‌ଜେଡିୱାଇ ଲୋକମାନଙ୍କର ସମ୍ମାନ ବୃଦ୍ଧି କରିଛି ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ଆର୍ଥିକ ସମାବେଶନ ସୁବିଧା ପହଞ୍ଚାଇବା ସହ ଲୋକମାନଙ୍କୁ ନିଜ ଭାଗ୍ୟ ନିଜେ ଲେଖିବାର ଶକ୍ତି ଦେଇଛି। ଏକ୍ସରେ ମାଇଗଭ୍ ଇଣ୍ଡିଆ ପକ୍ଷରୁ କରାଯାଇଥିବା ଏକ ପୋଷ୍ଟ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ମୋଦୀ କହିଛନ୍ତି; ଆର୍ଥିକ ବହିଷ୍କରଣରୁ ସଶକ୍ତିକରଣ ପର୍ଯ୍ୟନ୍ତ ! ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା କିପରି ସମଗ୍ର ଭାରତରେ ଜୀବନକୁ ପରିବର୍ତ୍ତନ କରିଛି ତାହାର ଏକ ଝଲକ ଏଠାରେ ରହିଛି। ଯେତେବେଳେ ଶେଷ ମାଇଲ ଆର୍ଥିକ ଭାବରେ ସଂଯୁକ୍ତ ହୋଇଥାଏ, ସମଗ୍ର ଦେଶ ଏକାଠି ଆଗକୁ ବଢେ। ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଠିକ୍ ଏହି ଲକ୍ଷ୍ୟ ହାସଲ ହୋଇଛି । ଏହା ଲୋକମାନଙ୍କର ମର୍ଯ୍ୟାଦା ବୃଦ୍ଧି କରିଛି ଏବଂ ସେମାନଙ୍କୁ ନିଜ ଭାଗ୍ୟ ନିଜେ ଲେଖିବାର ଶକ୍ତି ଦେଇଛି

## ମାଗଣାରେ ଦିଆଯିବ ନିଟ୍ ଓ ଜେଇଇ କୋଚିଂ



ରାୟପୁର : ଛତିଶଗଡ ସରକାର ନିଟ୍ ଓ ଜେଇଇ ପାଇଁ ପ୍ରସ୍ତୁତ କରୁଥିବା ଛାତ୍ରଛାତ୍ରୀଙ୍କୁ ବଡ ଭେଟି ଦେଇଛନ୍ତି। ଏମାନଙ୍କୁ ମାଗଣାରେ କୋଚିଂ ପ୍ରଦାନ କରାଯିବ। ଛତିଶଗଡ ସରକାରଙ୍କ ଅନୁସାରେ ଏହି କୋଚିଂରେ ଛାତ୍ରଛାତ୍ରୀଙ୍କୁ ସମସ୍ତ ସୁବିଧା ପ୍ରଦାନ କରାଯିବ। ସହରରେ ୬୦୦ ଛାତ୍ରଛାତ୍ରୀଙ୍କୁ ମାଗଣାରେ କୋଚିଂ ପାଇଁ ଚୟନ କରାଯିବ। ଏଥିରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ରହିବେ। ମିଳିଥିବା ସୂଚନାନୁଯାୟୀ, ରାଜନନ୍ଦଗାଓଁ ଜିଲା ପ୍ରଶାସନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣାରେ ନିଟ୍ ଓ ଜେଇଇ କୋଚିଂ ପ୍ରଦାନ କରିବାର ଏକ ନୂଆ ଯୋଜନା ଆରମ୍ଭ କରୁଛି । ଏହି ଅବସରରେ ରାଜନନ୍ଦଗାଓଁର ଜିଲ୍ଲାପାଳ ସର୍ବେଶ୍ୱର ନରେନ୍ଦ୍ର ଭୁରେ କହିଛନ୍ତି, ମାଗଣାରେ କୋଚିଂ ଆରମ୍ଭ କରାଯାଇଛି। ପିଲାଙ୍କୁ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରାଯାଉଛି। ରାଜନନ୍ଦଗାଓଁ ଜିଲ୍ଲା ପ୍ରଶାସନ ଅନୁଯାୟୀ, ପିଲାମାନଙ୍କୁ ତାଲିମ ଦେବା ପାଇଁ ୧୦ଟି କ୍ଲଷ୍ଟର ଗଠନ କରାଯିବ। ଜିଲ୍ଲା ଅଧିକାରୀଙ୍କ ଅନୁଯାୟୀ, ଏହି କୋଚିଂର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ଏକ ଭଲ ଅଭିଜ୍ଞତା ପ୍ରଦାନ କରିବା। ଏହି ଶ୍ରେଣୀଗୁଡ଼ିକ ଅନଲାଇନ୍ ଏବଂ ଅଫଲାଇନ୍ ? ଉଭୟରେ ପରିଚାଳିତ ହେବ। ଶିକ୍ଷକମାନେ ଉଭୟ ପ୍ଲାଟଫର୍ମରେ ପିଲାମାନଙ୍କ ପାଇଁ ଉପଲବ୍ଧ ହେବେ। ସୂଚନା ଅନୁଯାୟୀ, ମେ' ୨୦୨୫ ରେ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ରାଜ୍ୟରେ ଦ୍ୱାଦଶ ଶ୍ରେଣୀର ଫଳାଫଳ ଘୋଷଣା କରିଥିଲା। ଯେଉଁଥିରେ ୮୮.୩୯% ଛାତ୍ରଛାତ୍ରୀ ପାସ୍ କରିଥିଲେ। ଏହା ବ୍ୟତୀତ ୭୬.୫୩% ଛାତ୍ରଛାତ୍ରୀ ଦଶମ ଶ୍ରେଣୀରେ ପାସ୍ କରିଥିଲେ। ୨୦୨୫ରେ, ମୋଟ ୯,୯୨,୩୫୦ ଛାତ୍ରଛାତ୍ରୀ ଜେଇଇ ମେନ୍ସର ଏପ୍ରିଲ ସେସନ୍ ୨ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ପିଲାମାନେ ଛତିଶଗଡ଼ ସରକାରଙ୍କ ଏହି ନୂତନ ପଦକ୍ଷେପରେ ଖୁସି। ସେମାନେ କହିଛନ୍ତି, ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତିରେ କୋଚିଂ ସାହାଯ୍ୟ କରେ।

## କୋରିଆର ଇଣ୍ଟରନେସ୍‌ନାଲ ଟ୍ରେଡ୍ ଆସୋସିଏସନ୍ ସହ ବିଷ୍ଣୁଦେବଙ୍କ ଆଲୋଚନା



ରାୟପୁର: ଜାପାନ ପରେ ଦକ୍ଷିଣ କୋରିଆ ଗସ୍ତରେ ଥିବା ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର କୋରିଆର ସବୁଠାରୁ ବଡ ବାଣିଜ୍ୟିକ ସଂସ୍ଥା କୋରିଆ ଇଣ୍ଟରନେସ୍‌ନାଲ ଟ୍ରେଡ୍ ଆସୋସିଏସନ ସହ ଶିଳ୍ପ ସ୍ଥାପନ ପାଇଁ ଆଲୋଚନା କରିଥିବା ସୂଚନା ମିଳିଛି। ଏହି ଅବସରରେ ଶ୍ରୀ ସାଏ ଗୁରୁବାର ସଂସ୍ଥାର ଅଧ୍ୟକ୍ଷ ଜିନ୍‌ସିକ୍ ୟୁନ୍ ଏବଂ ଉପସଭାପତି କିମ୍‌କି ହ୍ୟୁନ୍‌ଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ସଂସ୍ଥାରେ ୭୭ହଜାରୁ ଅଧିକ ସଦସ୍ୟ ରହିଛନ୍ତି। ଏହା ଏସିଆର ସବୁଠାରୁ ବଡ ବିଜିନେସ୍ ପ୍ଲାଟ୍‌ଫର୍ମ ବୋଲି କୁହାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଛତିଶଗଡ ସରକାରର ୨୦୨୪-୩୦ ପର୍ଯ୍ୟନ୍ତ ପ୍ରଣୀତ ଶିଳ୍ପନୀତି ଉପରେ ବିଷଦ ସୂଚନା ଦେଇଥିଲେ। ସେ କହିଥିଲେ ଛତିଶଗଡରେ ଶିଳ୍ପ ସ୍ଥାପନ ପାଇଁ ଅନୁକୂଳ ପରିବେଶ ରହିଛି। ଏଠାରେ ପୁଞ୍ଜି ନିବେଶ କଲେ ଶିଳ୍ପର ବିସ୍ତାର ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ସେ ଆହୁରି କହିଥିଲେ ଦକ୍ଷିଣ କୋରିଆ କେବଳ ଆର୍ଥିକ ଦୃଷ୍ଟି କୋଣରୁ ସଶକ୍ତ ନୁହେଁ ବରଂ ଏହାର ସଂସ୍କୃତି ଓ ଐତିହ୍ୟ ଅତ୍ୟନ୍ତ ଗୌରବଶାଳି। ସେ କହିଥିଲେ ଛତିଶଗଡରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ଦ୍ୱାରା ସଦାସର୍ବଦା ଖୋଲା ରହିଛି। ନିଯୁକ୍ତି ସୁଯୋଗ ସହ ଦକ୍ଷତା ତାଲିମ ମଧ୍ୟ ଶିଳ୍ପ ପ୍ରତିଷ୍ଠା ହେଲେ ସୁଯୋଗ ମିଳିପାରିବ। ଏହି ଅବସରରେ ସେ ବିଭିନ୍ନ ଶିଳ୍ପତିଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। କୋରିଆ କମ୍ପାନି ସହିତ ମିଳିତଭାବେ ଛତିଶଗଡ ସରକାର ଶିଳ୍ପ ପ୍ରତିଷ୍ଠା କରିବାକୁ ସେ ଆଗ୍ରହୀ ବୋଲି ଅବଗତ କରାଇଥିଲେ।

## ଜାପାନ ଏବଂ ଚୀନ୍ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବିବୃତ୍ତି

ନୂଆଦିଲ୍ଲୀ: ଜାପାନ ଏବଂ ଚୀନ୍ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିବୃତ୍ତି ପ୍ରଦାନ କରିଛନ୍ତି। ସେ କହିଛନ୍ତି- ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ନିମନ୍ତ୍ରଣରେ, ମୁଁ ୧୫ତମ ବାର୍ଷିକ ଶିଖର ସମ୍ମିଳନୀ ପାଇଁ ଦୁଇ ଦିନିଆ ଜାପାନ ଗସ୍ତରେ ଯାଉଛି। ଏହି ଗସ୍ତ ସମୟରେ, ଆମେ ଆମର ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱସ୍ତରୀୟ ସହଭାଗୀତାକୁ ଦୃଢ଼ କରିବା ଉପରେ ଧ୍ୟାନ ଦେବୁ, ଯାହା ଗତ ଏଗାର ବର୍ଷ ମଧ୍ୟରେ ନିରନ୍ତର ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ହାସଲ କରିଛି। ଆମେ ଆମର ସହଯୋଗକୁ ନୂତନ ଉଚ୍ଚତାକୁ ନେଇଯିବୁ, ଅର୍ଥନୈତିକ ଏବଂ ନିବେଶ ସମ୍ପର୍କର ପରିସର ଏବଂ ମହତ୍ୱାକାଂକ୍ଷାକୁ ବିସ୍ତାର କରିବାକୁ ଚେଷ୍ଟା କରିବୁ, ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ସେମିକଣ୍ଡକ୍ଟର ସମେତ ନୂତନ ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ସହଯୋଗକୁ ଆଗକୁ ବଢ଼ାଇବାକୁ ଚେଷ୍ଟା କରିବୁ। ଏହି ଗସ୍ତ ଆମର ସଭ୍ୟତାଗତ ବନ୍ଧନ ଏବଂ ଆମର ଲୋକଙ୍କୁ ସଂଯୋଗ କରୁଥିବା ସାଂସ୍କୃତିକ ସମ୍ପର୍କକୁ ମଜବୁତ କରିବାର ଏକ ସୁଯୋଗ ମଧ୍ୟ ହେବ। ଜାପାନ ପରେ ମୁଁ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ନିମନ୍ତ୍ରଣକ୍ରମେ ତିଆନଜିନରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ୍ ଯାତ୍ରା କରିବି। ଭାରତ ଏସସିଓର ଏକ ସକ୍ରିୟ ସଦସ୍ୟ। ଆମର ଅଧ୍ୟକ୍ଷତା ସମୟରେ, ଆମେ ନବସୃଜନ, ସ୍ୱାସ୍ଥ୍ୟ ଏବଂ ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରରେ ନୂତନ ଚିନ୍ତାଧାରା ପ୍ରଣୟନ କରିଥିଲୁ ଏବଂ ସହଯୋଗ ଆରମ୍ଭ କରିଥିଲୁ। ଭାରତ ଏସସିଓ ସଦସ୍ୟମାନଙ୍କ ସହିତ ମିଳିତ ଚ୍ୟାଲେଞ୍ଜର ମୁକାବିଲା ଏବଂ ଆଞ୍ଚଳିକ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ପ୍ରତିବଦ୍ଧ। ମୁଁ ଶିଖର ସମ୍ମିଳନୀ ସମୟରେ ରାଷ୍ଟ୍ରପତି ସି ଜିନପିଙ୍ଗ, ରାଷ୍ଟ୍ରପତି ପୁଟିନ ଏବଂ ଅନ୍ୟାନ୍ୟ ନେତାମାନଙ୍କୁ ଭେଟିବାକୁ ମଧ୍ୟ ଅପେକ୍ଷା କରିଛି। ମୁଁ ନିଶ୍ଚିତ ଯେ ମୋର ଜାପାନ ଏବଂ ଚୀନ ଗସ୍ତ ଆମର ଜାତୀୟ ସ୍ୱାର୍ଥ ଏବଂ ପ୍ରାଥମିକତାକୁ ଆଗକୁ ବଢ଼ାଇବ, ଏବଂ ଆଞ୍ଚଳିକ ଓ ବିଶ୍ୱ ଶାନ୍ତି, ସୁରକ୍ଷା ଓ ସ୍ଥାୟୀ ବିକାଶକୁ ଆଗକୁ ବଢ଼ାଇବା ଲାଗି ଫଳପ୍ରଦ ସହଯୋଗ ଗଠନ ଦିଗରେ ଯୋଗଦାନ ଦେବ।

# ବାଣିଜ୍ୟ




ରାଉରକେଲା (ଭାସ୍କର ନ୍ୟୁଜ୍) : ସ୍ଥାୟୀତ୍ୱ ଏବଂ ସର୍ବୋତ୍ତମ ପରିବେଶଗତ ପରିଚାଳନା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମହାରତ୍ନ କମ୍ପାନୀ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ଅନ୍ୟତମ ୟୁନିଟ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର ସହରାଞ୍ଚଳ ପାଇଁ ଏକ ଅତ୍ୟାଧୁନିକ ଦୈନିକ ୩୦ ନିୟୁତ ଲିଟର କ୍ଷମତା ସମ୍ପନ୍ନ ଏକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି)କୁ ଅଗଷ୍ଟ ୨୭ ତାରିଖରେ କାର୍ଯ୍ୟକ୍ଷମ କରିଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉକ୍ତ ଅତ୍ୟାଧୁନିକ ସୁବିଧାକୁ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି. ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଏବଂ ଆରଏସପି ତଥା ମେକନର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ।

## ନାଲ୍‌କୋ ପକ୍ଷରୁ 'ମିଡିଆ କନେକ୍ଟ ୨୦୨୫'




ନୂଆଦିଲ୍ଲୀ: ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ପକ୍ଷରୁ ଗୁରୁବାର ନୂଆଦିଲ୍ଲୀରେ 'ମିଡିଆକନେକ୍ଟ ୨୦୨୫' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ, ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏବଂ ନିର୍ଦ୍ଦେଶକ ମଣ୍ଡଳୀ, କମ୍ପାନୀର ସଫଳତା, ସମ୍ପ୍ରସାରଣ ଯୋଜନା, ଅଭିବୃଦ୍ଧିପଥ ଏବଂ ଭବିଷ୍ୟତ ପାଇଁ ରଣନୈତିକ ଦୃଷ୍ଟିକୋଣ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଦେଶର ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ।

## 'ମୟୁରଭଞ୍ଜକୁ ବିଶ୍ୱ ଖଣି ମାନଚିତ୍ରରେ ସ୍ଥାପିତ କରିଥିଲେ ଦୋରାବଜୀ ଟାଟା'

ସାର୍ ଦୋରାବଜୀ ଟାଟାଙ୍କ ୧୬୬ତମ ଜୟନ୍ତୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସାର୍ ଦୋରାବଜୀ ଟାଟା ଜଣେ ଦୂରଦର୍ଶୀ ବ୍ୟକ୍ତି ଥିଲେ ଯିଏକି ଏକ ସମୃଦ୍ଧ ଭାରତର ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଅବିଶ୍ରାନ୍ତ ଭାବରେ ପରିଶ୍ରମ କରିଥିଲେ। ଓଡ଼ିଶାର ମୟୁରଭଞ୍ଜର ମହାରାଜାଙ୍କ ପାଇଁ କାମ କରୁଥିବା ଜଣେ ଭୂବିଜ୍ଞାନୀ ପି ଏନ୍ ବୋଷଙ୍କ ଏକ ଚିଠି ମାଧ୍ୟମରେ ଆଜିର ଏହି ପ୍ଲାଣ୍ଟର ସୂତ୍ରପାତ ହୋଇଥିଲା। ବୋଷଙ୍କର ସବୁଠାରୁ ଉଲ୍ଲେଖନୀୟ ଅବଦାନ ଥିଲା ଓଡିଶାର ମୟୁରଭଞ୍ଜର ଗୋରୁମାହିସାଣି ପର୍ବତଶ୍ରେଣୀରେ ଲୌହ ଭଣ୍ଡାରର ଆବିଷ୍କାର କରିବା। ୧୯୦୪ ମସିହା ଫେବୃଆରୀ ୨୪ ତାରିଖରେ ପି ଏନ୍ ବୋଷ ଟାଟା ଗ୍ରୁପ୍ର ସ୍ଥାପକ ଏବଂ ଦୋରାବଜୀଙ୍କ ପିତା ଜେ ଏନ୍ ଟାଟାଙ୍କୁ ଏ ବିଷୟରେ ଚିଠି ଲେଖିଥିଲେ । ଏହାପରେ ଦୋରାବଜୀ ଷ୍ଟିଲ ପ୍ଲାଣ୍ଟ ପ୍ରତଷ୍ଠାର ମୂଳଦୁଆ ସ୍ଥାପନ କରିଥିଲେ। ଏହାପରେ, ମୟୁରଭଞ୍ଜ ରାଜା ଶ୍ରୀରାମ ଚନ୍ଦ୍ର ଭଦେଓ ଟାଟା ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀ ଲିମିଟେଡ୍ (ବର୍ତ୍ତମାନ ଟାଟା ଷ୍ଟିଲ) ସହିତ ଏକ ଚୁକ୍ତିନାମା କରିଥିଲେ ଏବଂ ଗୋରୁମହିସାଣି ଲୌହ ଖଣି ପାଇଁ ଲିଜ୍ ପ୍ରଦାନ କରିଥିଲେ। ଏହାଦ୍ୱାରା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ସମ୍ଭବ ହୋଇପାରିଥିଲା। ଗୋରୁମହିସାଣି ଓଡ଼ିଶାର ମୟୁରଭ ଜିଲ୍ଲାର ରାଇରଙ୍ଗପୁର ତହସିଲରେ ଅବସ୍ଥିତ। ସେ କେବଳ ଦେଶର ପ୍ରଥମ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ତାଙ୍କ ପିତାଙ୍କ ସ୍ୱପ୍ନକୁ ବାସ୍ତବରେ ପରିଣତ କରି ନଥିଲେ, ବରଂ ଭାରତୀୟ ଶିଳ୍ପ ପାଇଁ ଏକ ଗୌରବମୟ ପଥ ପ୍ରଶସ୍ତ କରିଥିଲେ। ଟାଟା ଷ୍ଟିଲ ବ୍ୟତୀତ, ତାଙ୍କ ନେତୃତ୍ୱରେ ପଶ୍ଚିମଘାଟର ଦୁର୍ଗମ ଅଞ୍ଚଳରେ ଜଳ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ କାର୍ଯ୍ୟ ହୋଇଥିଲା, ଯାହା ବିଦ୍ୟୁତ୍ ଯୋଗାଣ କରିବା ସହ ଦେଶକୁ ଆହୁରି ଅଗ୍ରସର କରିଥିଲା। ସାର୍ ଦୋରାବଜୀଙ୍କ ପ୍ରଚେଷ୍ଟା ପାଇଁ ଗୋଟିଏ ଛୋଟ ଉଦ୍ୟୋଗରୁ ଭାରତର ସର୍ବବୃହତ ବ୍ୟବସାୟିକ ଗୃହରେ ପରିଣତ ହୋଇଥିଲା ଟାଟା ଷ୍ଟିଲ। ଦେଶର ଉଦ୍ୟୋଗିକ ଉନ୍ନତିରେ ତାଙ୍କର ବିରାଟ ଅବଦାନ ପାଇଁ ୧୯୧୦ ମସିହାରେ ତାଙ୍କୁ 'ନାଇଟ୍' ଉପାଧି ପ୍ରଦାନ କରାଯାଇଥିଲା। ତାଙ୍କ ପିତାଙ୍କ ଭିଜନକୁ ଗ୍ରହଣ କରି ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା ପାଇଁ ସେ ପଶ୍ଚିମଘାଟର ଜଳ ଉପଯୋଗ କରିଥିଲେ। ଯାହାଫଳରେ ୧୯୧୧ ମସିହାରେ ଟାଟା ପାୱାର ସ୍ଥାପନା ହୋଇଥିଲା। ରାଷ୍ଟ୍ର ଗଠନ ନୀତିରେ କ୍ରୀଡା ସବୁବେଳେ ଟାଟାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଜାମସେଦପୁରରେ କ୍ରୀଡାର ବିକାଶ ସହ ଅଲିମ୍ପିକ୍ସରେ ଏକ ଭାରତୀୟ ଦଳ ଭାଗ ନେଉଥିବା ଦେଖିବାର ଇଚ୍ଛା ଯୋଗୁ ସାର୍ ଦୋରାବଜୀ ୧୯୨୦ରେ ଆଣ୍ଟୱର୍ପ ଗେମ୍ସ ପାଇଁ ଭାରତର ପ୍ରଥମ ଅଲିମ୍ପିକ୍ ଦଳକୁ ଅର୍ଥ ସହାୟତା କରିଥିଲେ। ତାଙ୍କର ୧୬୬ତମ ଜନ୍ମବାର୍ଷିକୀରେ, ଆମେ ସାର୍ ଦୋରାବଜୀ ଟାଟାଙ୍କୁ କେବଳ ଜଣେ ସଫଳ ତଥା ଦେଶର ଶିଳ୍ପାୟନର ପୁରୋଧା ଭାବରେ ନୁହେଁ ବରଂ ଜଣେ ସଚ୍ଚୋଟ ରାଷ୍ଟ୍ର ନିର୍ମାତା ଏବଂ ଅଗ୍ରଦୂତ ଭାବରେ ସ୍ମରଣ କରୁ।

## ଜେନେରାଲି କେନ୍ଦ୍ରୀୟ ବୀମା ପକ୍ଷରୁ 'ହେଲ୍‌ଥ ଏକ୍ସଟ୍ରା'ର ଶୁଭାରମ୍ଭ

ନୂଆଦିଲ୍ଲୀ: ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ୍ ପକ୍ଷରୁ ହେଲ୍ଥ ଏକ୍ସଟ୍ରା ନାମକ ଏକ ନୂଆ ଅଫରର ଶୁଭାରମ୍ଭ କରାଯାଇଛି। ଏକ ବିସ୍ତୃତ ସ୍ୱାସ୍ଥ୍ୟ ବୀମା ଯୋଜନା, ହେଲଥ ଏକ୍ସଟ୍ରାରେ ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ଖର୍ଚ୍ଚ, ସଡ଼କ ଆମ୍ବୁଲାନ୍ସ ଖର୍ଚ୍ଚ, ଆଧୁନିକ ଚିକିତ୍ସା, ଆୟୁଷ ଚିକିତ୍ସା ଏବଂ ଓପିଡି ସୁବିଧା ସହିତ ଅତିରିକ୍ତ ଅନ୍ୟାନ୍ୟ ମୂଲ୍ୟ ଯୁକ୍ତ ସେବା ଏବଂ ସୁସ୍ଥତା ଯତ୍ନ ଅନ୍ତର୍ଭୁକ୍ତ ହେବ। ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ବିତରଣ ଅଧିକାରୀ ରମିତ୍ ଗୋୟଲ ହେଲ୍ଥ ଏକ୍ସଟ୍ରାର ଶୁଭାରମ୍ଭ ଅବସରରେ କହିଛନ୍ତି ଯେ 'ବର୍ତ୍ତମାନର ଆକଳନରୁ ଜଣାପଡୁଛି ଯେ ଭାରତର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା କୌଣସି ପ୍ରକାରର ସ୍ୱାସ୍ଥ୍ୟ ବୀମାରୁ ବଂଚିତ ଅଛନ୍ତି । ୨୦୪୭ ସୁଦ୍ଧା 'ସମସ୍ତଙ୍କ ପାଇଁ ବୀମା'ର ମହତ୍ୱକାଂକ୍ଷୀ ଲକ୍ଷ୍ୟକୁ ସାକାର କରିବା ପାଇଁ, ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବ ବିକଶିତ କରିବା ଜରୁରୀ ଯାହା ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରେ। ଆମେ ବିଶ୍ୱାସ କରୁ ଯେ ଚିନ୍ତାଶୀଳ ଭାବରେ ଡିଜାଇନ୍ କରାଯାଇଥିବା, ଉପଯୁକ୍ତ ମୂଲ୍ୟର ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକ କଭରେଜ୍‌କୁ ତ୍ୱରାନ୍ୱିତ କରିବା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ।

## ମାଲକାନଗିରିରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କଲା ଟିପିଏସ୍‌ଓଡିଏଲ୍




ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ) ତରଫରୁ ମାଲକାନଗିରି ଜିଲ୍ଲାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନିଆଯାଇଛି ବହୁ ଅଭିନବ ପଦକ୍ଷେପ। ଦୁର୍ଗମ ତଥା ଜନଜାତି ବହୁଳ ଏହି ବଣ ପାହାଡ଼ ଘେରା ମୁଲକରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ପହଞ୍ଚାଇବା ପାଇଁ କମ୍ପାନୀ ପକ୍ଷରୁ ପ୍ରୟାସ କରାଯାଇଛି। ଯାହାଦ୍ୱାରା ଗତ କିଛି ମାସ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ପଦକ୍ଷେପ ଯୋଗୁଁ ବାରମ୍ବାର ବିଦ୍ୟୁତ ସେବା ବିଚ୍ଛିନ୍ନ ହେବା ଭଳି ସମସ୍ୟାକୁ ଦୂର କରାଯାଇପାରିଛି। ଏଥିସହିତ ଗ୍ରାମୀଣ ପରିବାରଗୁଡ଼ିକରେ ବିଦ୍ୟୁତ ସେବାକୁ ସୁଦୃଢ଼ କରାଯିବା ସହିତ ଜିଲ୍ଲାରେ ଗୁରୁତ୍ୱପୂର୍ଣ୍ଣ ସେବା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାରେ ୩୩କେଭି ଲାଇନର ମଧ୍ୟ ସୁଦୃଢ଼ୀକରଣ କରାଯାଇଛି। ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ସେବା ଏହି ଅଞ୍ଚଳରେ ବସବାସ କରୁଥିବା ପରିବାରଗୁଡ଼ିକ ପାଇଁ ଏକ ବିଶେଷ ସୁବିଧା ଭାବରେ ଉଭା ହୋଇଛି। ସ୍କୁଲ ଓ ହଷ୍ଟେଲଗୁଡ଼ିକ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗୁଁ ଠିକ୍ ଭାବରେ ପରିଚାଳିତ ହେବା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକେନ୍ଦ୍ର ବିନା କୌଣସି ବାଧାରେ କାର୍ଯ୍ୟ କରିବା ସହିତ କୃଷି ତଥା ପମ୍ପରେ ଜଳ ଉଠାଣ ଆଦି କାର୍ଯ୍ୟ ସୁରୁଖୁରୁରେ ହୋଇ ପାରୁଛି। ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା କୋୟା, ଭୂମିଆ, ପରଜା, ବଣ୍ଡା ଏବଂ ଦିଦାୟୀ ଆଦି ଜନଜାତିଙ୍କ ଦୈନନ୍ଦିନ ଜୀବନରେ ଏହି ଉନ୍ନତୀକରଣ ବିଶେଷ ଭାବରେ ସହାୟକ ହୋଇପାରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କଲ୍ୟାଣ ଯୋଜନା ଓ ଆୟ ସୃଷ୍ଟି କରିବାରେ ଏହି ଅଞ୍ଚଳର ଉନ୍ନତ ବିଦ୍ୟୁତ ସେବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ମାଲକାନଗିରି ଜିଲ୍ଲାର ଏହି ଉନ୍ନତୀକରଣ ବାବଦରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଭୌଗୋଳିକ ଦୃଷ୍ଟିକୋଣରୁ ମାଲକାନଗିରି ଜିଲ୍ଲାରେ ବିଦ୍ୟୁତ ସେବା ପରିଚାଳନା କରିବା ଏକ ଆହ୍ୱାନ ଅଟେ। ମାତ୍ର ଟିପିଏସ୍‌ଓଡିଏଲ୍ ତରଫରୁ ନିଆଯାଇଥିବା ଉଲ୍ଲେଖନୀୟ ପଦକ୍ଷେପ ଯୋଗୁଁ ଭରସାଯୋଗ୍ୟ ନେଟଓ୍ୱାର୍କ ଓ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇପାରିଛି।

## 'ଫ୍ଲିପ୍‌କାର୍ଟ ଏସବିଆଇ କ୍ରେଡିଟ୍ କାର୍ଡ'ର ଶୁଭାରମ୍ଭ




ନୂଆଦିଲ୍ଲୀ : ଭାରତର ସର୍ବବୃହତ ପିଓର-ପ୍ଲେ କ୍ରେଡିଟ୍ କାର୍ଡ ପ୍ରଦାନକାରୀ ଏସବିଆଇ କାର୍ଡ ଏବଂ ଭାରତର ଘରୋଇ ଇ-କମର୍ସ ବଜାର ଫ୍ଲିପକାର୍ଟ ମିଳିତ ଭାବରେ 'ଫ୍ଲିପକାର୍ଟ ଏସବିଆଇ କ୍ରେଡିଟ୍ କାର୍ଡ' ଶୁଭାରମ୍ଭ ଘୋଷଣା କରିଛନ୍ତି। ଏହି ଏକକ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ)ର ଅଧ୍ୟକ୍ଷ ଚଲ୍ଲା ଶ୍ରୀନିବାସୁଲୁ ସେଟ୍ଟୀ ଏବଂ ଏସବିଆଇର ପରିଚାଳନା ନିର୍ଦ୍ଦେଶକ ଅଶ୍ୱିନୀ କୁମାର ତେଓ୍ୱାରୀଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଛି। ଏହି ଶୁଭାରମ୍ଭ ଏସବିଆଇ କାର୍ଡ ଏବଂ ଫ୍ଲିପକାର୍ଟ ର କ୍ରେଡିଟ୍ ଦ୍ୱାରା ଗ୍ରାହକମାନଙ୍କୁ ଅଧିକ ମୂଲ୍ୟ, ନମନୀୟତା ଏବଂ ଆନୁଷ୍ଠାନିକ କ୍ରେଡିଟର ଉପଲବ୍ଧତା ସହିତ ସଶକ୍ତ କରିବା ପାଇଁ ଚାଲିଥିବା ପ୍ରୟାସକୁ ପ୍ରତିଫଳିତ କରେ ଏବଂ ସେମାନଙ୍କର ସାମଗ୍ରିକ ସପିଂ ଯାତ୍ରାକୁ ଆନନ୍ଦଦାୟକ କରିଥାଏ। ଫ୍ଲିପକାର୍ଟ ଏସବିଆଇ କାର୍ଡ ସହିତ, ଗ୍ରାହକମାନେ ମିନ୍ତ୍ରା ରେ କରାଯାଇଥିବା ଖର୍ଚ୍ଚ ଉପରେ ୭.୫% କ୍ୟାସବ୍ୟାକ୍ ଏବଂ ଫ୍ଲିପକାର୍ଟ, ସୱି ଏବଂ କ୍ଲିୟରଟ୍ରିପ୍ ରେ କରାଯାଇଥିବା ଖର୍ଚ୍ଚ ଉପରେ ୫% କ୍ୟାସବ୍ୟାକ୍ ପାଇପାରିବେ। ଏସବିଆଇ କାର୍ଡର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଲିଲା ପାଣ୍ଡେ କହିଛନ୍ତି, 'ଏସବିଆଇ କାର୍ଡରେ, ଆମେ ଆମର ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତା ଏବଂ ଆକାଂକ୍ଷା ସହିତ ସମନ୍ୱିତ ସର୍ବୋତମ ଉତ୍ପାଦ ପ୍ରଦାନ କରିବା ପାଇଁ ନିରନ୍ତର ପ୍ରୟାସ କରୁଛୁ। ଫ୍ଲିପକାର୍ଟ ଗ୍ରୁପର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କଲ୍ୟାଣ କୃଷ୍ଣମୂର୍ତ୍ତି କହିଛନ୍ତି, 'ଫ୍ଲିପକାର୍ଟ ରେ, ଆମେ ସର୍ବଦା ଗ୍ରାହକଙ୍କୁ ଆମେ କରୁଥିବା ପ୍ରତ୍ୟେକ କାମର କେନ୍ଦ୍ରରେ ରଖିଛୁ। ଆମର ଧ୍ୟାନ ବ୍ୟାପକ ଇକୋସିଷ୍ଟମ ପାଇଁ ଅଂଶୀଦାର ମୂଲ୍ୟ ସୃଷ୍ଟି କରିବା ଉପରେ ରହିଛି। ଫ୍ଲିପକାର୍ଟ ଏସବିଆଇ କାର୍ଡର ଯୋଗଦାନ ଏବଂ ବାର୍ଷିକ ନବୀକରଣ ଫି ଟ.୫୦୦ ଏବଂ ପ୍ରଯୁଜ୍ୟ କର ଅନ୍ତର୍ଭୁକ୍ତ। ଶୁଭାରମ୍ଭକୁ ଅବସରରେ ଚିହ୍ନିତ କରିବା ପାଇଁ, ଫ୍ଲିପକାର୍ଟ ଏବଂ ଏସବିଆଇ କାର୍ଡ ଏକ ସୀମିତ ଅବଧି ଶୁଭାରମ୍ଭ ଅଫରଞ୍ଚ ପ୍ରଚଳନ କରୁଛନ୍ତି।

## ଏଚ୍‌ସିଏଲଟେକ୍‌ର ଫ୍ଲାଗ୍‌ସିପ ଟେକ୍‌ବି କାର୍ଯ୍ୟକ୍ରମ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଏଚସିଏଲଟେକ୍ ଭୁବନେଶ୍ୱରରେ ଗ୍ରାଜୁଏଟମାନଙ୍କୁ ଏହାର ଟେକ୍‌ବି ଅର୍ଲି କ୍ୟାରିୟର ପ୍ରୋଗ୍ରାମ ପ୍ରଦାନ କରିବା ଏବଂ ଟେକ୍ନୋଲୋଜି ଶିଳ୍ପରେ କ୍ୟାରିୟର କରିବା ପାଇଁ ସେମାନଙ୍କୁ ସୁଯୋଗ ଦେବା ପାଇଁ ଯୋଜନା ରଖିଛି। ଟେକ୍‌ବି ହେଉଛି ଏକ ପରିବର୍ତ୍ତନଶୀଳ ପଦକ୍ଷେପ ଯାହାକୁ ହାଇସ୍କୁଲ ଗ୍ରାଜୁଏଟଙ୍କ ପାଇଁ ଡିଜାଇନ କରାଯାଇଛି। ଏହା ଏକ ସ୍ୱତନ୍ତ୍ର 'ୟର୍ଣ୍ଣ ହ୍ୱାଇଲ ୟୁ ଲର୍ଣ୍ଣ' ମଡେଲ ପ୍ରଦାନ କରୁଛି ଯାହା ଉଚ୍ଚଶିକ୍ଷା ପାଇଁ ପହଂଚ ସହିତ ପ୍ରଯୁକ୍ତିବିଦ୍ୟା ପ୍ରଶିକ୍ଷଣକୁ ଏକତ୍ରିତ କରିଥାଏ। ଏହି ପ୍ରୋଗ୍ରାମ ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡିକ ସହ ସହଭାଗିତାରେ ବିକଶିତ ଜେନେରେଟିଭ ଏଆଇ ଓ ସାଇବରସିକ୍ୟୁରିଟି କ୍ଷେତ୍ରରେ ସ୍ପେଶାଲାଇଜଡ ଟ୍ରାକ୍‌ଗୁଡିକର ଶୁଭାରମ୍ଭ କରିବା ପାଇଁ ପ୍ରସ୍ତୁତ ରହିଛି। ଟେକ୍‌ବି ଗ୍ରାଜୁଏଟମାନେ ଏଆଇ ଓ କ୍ଲାଉଡ କମ୍ପ୍ୟୁଟିଂ ଭଳି ଅତ୍ୟାଧୁନିକ କ୍ଷେତ୍ରରେ ପ୍ରଭାବୀ ଯୋଗଦାନ ଦେଉଛନ୍ତି, ଏଚସିଏଲଟେକ୍‌ର ଫର୍ଚ୍ୟୁନ ୫୦୦ କ୍ଲାଏଂଟଙ୍କୁ ସେବା ଯୋଗାଉଛନ୍ତି। ଏ ସମ୍ପର୍କରେ ଏଚସିଏଲଟେକ୍‌ର ବରିଷ୍ଠ ଉପାଧ୍ୟକ୍ଷ ସୁବାରମଣ ବି କହିଛନ୍ତି, 'ଟେକ୍‌ବି ଏକ ଦକ୍ଷତା କାର୍ଯ୍ୟକ୍ରମଠାରୁ ଅଧିକ କିଛି ଅଟେ, ଏହା ଟେକ୍ନୋଲୋଜି କ୍ଷେତ୍ରରେ ସାର୍ଥକ କ୍ୟାରିୟର ଗଠନ କରିବା ପାଇଁ ଉଚ୍ଚାଭିଳାଷୀ ଯୁବପିଢ଼ିଙ୍କ ପାଇଁ ଏକ ଲଂଚପ୍ୟାଡ ଅଟେ। ଟେକ୍‌ବି ଅନ୍ତର୍ଭୁକ୍ତୀକରଣ ପାଇଁ ଏକ ମଜବୁତ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବା ଜାରି ରଖିଛି, ଯାହା ଶିଳ୍ପ ମାନଦଣ୍ଡଠାରୁ ଉପରେ ବହୁସଂଖ୍ୟକ ପ୍ରଥମ ପିଢ଼ିର ଶିକ୍ଷାର୍ଥୀ ଓ ମହିଳା ଅଂଶଗ୍ରହଣକାରୀଙ୍କ ସମେତ ଏକ ବିବିଧ ଗୋଷ୍ଠୀର ଅଂଶଗ୍ରହଣକାରୀଙ୍କୁ ଆକର୍ଷିତ କରୁଛି।

ଓଡ଼ିଶା ଭାସ୍କର
ODISHA BHASKAR
# ଖେଳ ଖବର






ନୂଆଦିଲ୍ଲୀ: ଭାରତୀୟ ଫୁଟବଲ ଫେଡେରେଶନ ଉପରେ ଏବେ ଆନ୍ତର୍ଜାତୀୟ ପ୍ରତିବନ୍ଧର ବିପଦ ଘନେଇବାରେ ଲାଗିଛି । ଅକ୍ଟୋବର ୩୦ ସୁଦ୍ଧା ନୂତନ ସମ୍ବିଧାନ ଆପଣାଇବା ସହ ଏହାକୁ ପୁଷ୍ଟି କରିବା ପାଇଁ ଆନ୍ତର୍ଜାତୀୟ ଫୁଟବଲ ଫେଡେରେଶନ ଓ ଏସୀୟ ଫୁଟବଲ ସଂଘ ନିର୍ଦ୍ଦେଶ ଦେଇଛି । ଏଆଇଏଫଏଫ ଅଧ୍ୟକ୍ଷ କଲ୍ୟାଣ ଚୌବେଙ୍କୁ ଲିଖିତ ଭାବେ କରାଯାଇଛି । ୨୦୧୭ରେ ଉକ୍ତଳ ନ୍ୟାୟାଳୟଙ୍କ ନିକଟରେ ମାମଲା ଏବେ ବି ପଡି ରହିଛି । ଖୁବ୍ ଶୀଘ୍ର ନ୍ୟାୟାଳୟ ଏ ସମ୍ପର୍କରେ ଶୁଣାଣୀ କରିବେ ବୋଲି ଜଣାପଡିଛି । ଯଦି ସବୁ କିଛି ସମୟ ଅନୁସାରେ ନ ହେବ ତେବେ ଭାରତୀୟ ସଂଘ ଉପରେ ନିଲମ୍ବନ ଲଗାଇ ଦିଆଯାଇପାରେ । ୨୦୨୨ରେ ଫିଫା ତୃତୀୟ ପକ୍ଷର ହସ୍ତକ୍ଷେପ ନେଇ ଏଆଇଏଫଏଫକୁ ନିଲମ୍ବିତ କରିଥିଲା । ସେ ସମୟରେ ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ କମିଟିକୁ ଅସ୍ଥାୟୀ ଭାବେ ଏଆଇଏଫଏଫକୁ ସଂଚାଳନ କରିବା ପାଇଁ ନିର୍ଦ୍ଦେଶ ନେଇଥିଲେ । ପରେ କମିଟି ଭଙ୍ଗାଯିବା ପରେ ଏହି ନିଲମ୍ବନ ଆଦେଶ ଉଠାଇ ଦିଆଯାଇଥିଲା । ଆଗାମୀ ବୈଠକରେ ଖୁବ ଶୀଘ୍ର ଏ ସମ୍ପର୍କରେ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଭାରତୀୟ ସଂଘ ପକ୍ଷରୁ କୁହାଯାଇଛି । ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି । ନିର୍ଦ୍ଦେଶ ପରେ ଯାହା କିଛି ଜଣାପଡିବ ।

## ଟୁର୍ଣ୍ଣାମେଣ୍ଟରୁ ଗିଲ୍ ବିଦା



ନୂଆଦିଲ୍ଲୀ: ଏସିଆ କପ ୨୦୨୫ ପୂର୍ବରୁ ଭାରତୀୟ କ୍ରିକେଟ ଦଳର ଉପ-ଅଧିନାୟକ ଶୁଭମନ ଗିଲଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହୋଇଯାଇଛି । ତାଙ୍କୁ ଭାଇରାଲ ଜ୍ୱର ହୋଇଛି । ଏସିଆ କପ ୯ ସେପ୍ଟେମ୍ବରରୁ ୨୮ ସେପ୍ଟେମ୍ବର ପର୍ଯ୍ୟନ୍ତ ୟୁଏଇରେ ଖେଳାଯିବ । ଭାରତର ପ୍ରଥମ ମ୍ୟାଚ ସେପ୍ଟେମ୍ବର ୧୦ରେ ୟୁଏଇ ସହିତ ଅଛି । ଏହାପରେ ଭାରତ ସେପ୍ଟେମ୍ବର ୧୪ରେ ପାକିସ୍ତାନ ସହିତ ମୁକାବିଲା କରିବ । ତଥାପି, ଗିଲ ଏସିଆ କପ ପୂର୍ବରୁ ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଉଛି । ଭାଇରାଲ ଜ୍ୱର ହେବା ପରେ ଶୁଭମନ ଗିଲ ଦୁଲୀପ ଟ୍ରଫିରୁ ବାହାର ହୋଇଛନ୍ତି । ଗିଲ ଦୁଲୀପ ଟ୍ରଫିରେ ନର୍ଥ ଜୋନ ଦଳର ଅଧିନାୟକ ହୋଇଥିଲେ । କିନ୍ତୁ ଜ୍ୱର ହେବା ପରେ ତାଙ୍କୁ ଟୁର୍ନାମେଣ୍ଟ ଛାଡ଼ିବାକୁ ପଡ଼ିଛି ଏବଂ ଏବେ ଅଙ୍କିତ କୁମାର ତାଙ୍କ ସ୍ଥାନରେ ଅଧିନାୟକ ହେବେ । ଗିଲ ଏବେ ସୁସ୍ଥ ହେଉଛନ୍ତି ଏବଂ ଶୀଘ୍ର ଅଭ୍ୟାସ ଆରମ୍ଭ କରିବେ । ତାଙ୍କ ରକ୍ତ ରିପୋର୍ଟରେ ମଧ୍ୟ କୌଣସି ବଡ଼ ସମସ୍ୟା ନାହିଁ । ଗିଲ ଖୁବ ଶୀଘ୍ର ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଅଭ୍ୟାସ ଆରମ୍ଭ କରିବେ, ତାଙ୍କୁ ଏସିଆ କପରେ ଭାରତୀୟ ଦଳର ଉପ-ଅଧିନାୟକ ଭାବରେ ମନୋନୀତ କରାଯାଇଛି । ଏସିଆ କପ ଟି-୨୦ ଫର୍ମାଟରେ ଖେଳାଯିବ । ବିସିସିଆଇ ଭବିଷ୍ୟତରେ ଗିଲଙ୍କୁ ଟି-୨୦ର ଅଧିନାୟକ ଦାୟିତ୍ୱ ମଧ୍ୟ ଦେଇପାରେ । ବର୍ତ୍ତମାନ ସୂର୍ଯ୍ୟକୁମାର ଯାଦବ ଦଳର ଅଧିନାୟକ ଅଛନ୍ତି ।

### ସାମିଙ୍କ ବଡ ସୂଚନା

## ଅବସର ନେବାର ସମୟ ଆସିନି



ନୂଆଦିଲ୍ଲୀ: ୩୪ ବର୍ଷୀୟ ମହମ୍ମଦ ଶାମି ଖରାପ ଫିଟନେସ ସହିତ ଲଗାତାର ସଂଘର୍ଷ କରୁଛନ୍ତି । ୨୦୨୩ ଦିନିକିଆ ବିଶ୍ୱକପ ପରେ, ସେ ଟିମ ଇଣ୍ଡିଆ ପାଇଁ କେବଳ ୭ଟି ମ୍ୟାଚ ଖେଳିଛନ୍ତି । ତାଙ୍କୁ ଶେଷ ଥର ପାଇଁ ଚାମ୍ପିଅନ୍ସ ଟ୍ରଫିରେ ଖେଳିବାକୁ ଦେଖାଯାଇଥିଲା, ଯାହା ପରେ ତାଙ୍କୁ ଏସିଆ କପ ଦଳରୁ ମଧ୍ୟ ଅଣଦେଖା କରାଯାଇଛି । ଏପରି ପରିସ୍ଥିତିରେ, ତାଙ୍କ ଅବସର ନେଇ ଗୁଜବ ଆସିବା ଆରମ୍ଭ ହୋଇଥିଲା, କିନ୍ତୁ ଏବେ ସେ ଶେଷରେ ଅବସର ନେଇ ତାଙ୍କର ନୀରବତା ଭାଙ୍ଗିଛନ୍ତି । ଶାମି ସ୍ପଷ୍ଟ କରିଛନ୍ତି ଯେ ତାଙ୍କର ଏବେ ଅବସର ନେବାର ସମୟ ଆସିନି । ରିପୋର୍ଟ ଅନୁଯାୟୀ, ଶାମି କହିଛନ୍ତି ଯେ ସେ ଘରୋଇ କ୍ରିକେଟରେ କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ ଏବଂ ତାଙ୍କର ଲକ୍ଷ୍ୟ ଟିମ ଇଣ୍ଡିଆକୁ ଫେରିବା । ଏହା ସହିତ, ସେ ଏହା ମଧ୍ୟ କହିଛନ୍ତି ଯେ ସେ ଭାରତ ପାଇଁ ୨୦୨୭ ଦିନିକିଆ ବିଶ୍ୱକପ ଜିତିବାକୁ ଚାହାଁନ୍ତି । ଶାମି କହିଛନ୍ତି, ଯଦି କାହାର ସମସ୍ୟା ଅଛି, ତେବେ ମୋତେ ଆସି କୁହ । ମୋର ଅବସର କାହାର ଜୀବନକୁ ଉନ୍ନତ କରିବ କି? ମୋତେ କୁହ ମୁଁ କାହାର ରାସ୍ତାରେ ବାଧା ପାଲଟିଛି ଯେ ଆପଣମାନେ ମୁଁ ଅବସର ନେଇଯାଏ ବୋଲି ଚାହୁଁଛ । ଯେଉଁଦିନ ମୁଁ ବିରକ୍ତ ହେବି, ମୁଁ ଚାଲିଯିବି । ଆପଣମାନେ ମୋତେ ଚୟନ କରିବେ ନାହିଁ, କିନ୍ତୁ ମୁଁ କଠିନ ପରିଶ୍ରମ କରିବି । ଶାମି କହିଛନ୍ତି, ଯେ ଯଦି ତାଙ୍କୁ ଟିମ ଇଣ୍ଡିଆରେ ଚୟନ କରାନଯାଏ, ତେବେ ସେ ଘରୋଇ ମ୍ୟାଚରେ ଝାଳ ବୁହାଇବେ । ସେ କହିଛନ୍ତି ଯେ ଯେତେବେଳେ ଜଣେ ବିରକ୍ତ ହୁଏ ସେତେବେଳେ ଏପରି ନିଷ୍ପତ୍ତି ନିଆଯାଇଥାଏ, କିନ୍ତୁ ତାଙ୍କ କ୍ୟାରିଅରକୁ ଶେଷ କରିବାର ସମୟ ଏପର୍ଯ୍ୟନ୍ତ ଆସିନାହିଁ । ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆ ଭାରତକୁ ୬ ୱିକେଟରେ ପରାସ୍ତ କରିଥିଲା । ମହମ୍ମଦ ଶାମି ସ୍ୱୀକାର କରିଥିଲେ ଯେ ସେ ଫାଇନାଲରେ ଚାପ ଅନୁଭବ କରୁଥିଲେ । ଶାମି କହିଛନ୍ତି ଯେ ୨୦୨୩ରେ ବିଶ୍ୱକପ ଜିତିବାର ତାଙ୍କର ସ୍ୱପ୍ନ ଅଧୁରା ରହିଛି । ବର୍ତ୍ତମାନ ତାଙ୍କର ଏକମାତ୍ର ସ୍ୱପ୍ନ ହେଉଛି ଦିନିକିଆ ବିଶ୍ୱକପ ଜିତିବା ଏବଂ ବିଶ୍ୱ ଚାମ୍ପିଅନ ଦଳର ଅଂଶ ହେବା । ପରବର୍ତ୍ତୀ ଦିନିକିଆ ବିଶ୍ୱକପ ୨୦୨୭ରେ ଖେଳାଯିବ । ଏହି ସମୟରେ, ସେ କହିଥିଲେ ଯେ ମୁଁ ଏବେ ବି କ୍ରିକେଟକୁ ବହୁତ ଭଲ ପାଏ । ଯେଉଁ ଦିନ ମୋର ଉତ୍ସାହ କମିଯିବ, ମୁଁ ନିଜେ ଏହାକୁ ଛାଡିଦେବି । ସେ ପର୍ଯ୍ୟନ୍ତ ମୁଁ ଲଢ଼ିବି । ମହମ୍ମଦ ଶାମି ଶେଷ ଥର ପାଇଁ ମାର୍ଚ୍ଚରେ ଆନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ । ଯାହା ପରେ ସେ ଟିମ୍‌ରେ ସ୍ଥାନ ପାଇପାରିନାହାଁନ୍ତି । ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ ସମୟରେ ମଧ୍ୟ, ସେ ବୋଲିଂ କରିବା ସମୟରେ ତାଙ୍କ ଲୟ ସହିତ ସଂଘର୍ଷ କରୁଥିବା ଦେଖାଯାଇଥିଲା ।

### ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

## ବିଦୁସ୍ମିତାଙ୍କୁ ସ୍ୱର୍ଣ୍ଣ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଅହମଦାବାଦର ନରଣାପୁରଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଓଡ଼ିଆ ଝିଅଙ୍କ ଚମକ ଜାରି ରହିଛି । ମୀନା ସାନ୍ତା (ଏ) ମହିଳା ୫୮ କିଲୋଗ୍ରାମରେ ସ୍ୱର୍ଣ୍ଣ ଏବଂ ସ୍ନେହା ସୋରେନ ୫୩ କିଲୋଗ୍ରାମରେ ରୌପ୍ୟ ପଦକ ଜିତିବାର ଦିନକ ପରେ ବିଦୁସ୍ମିତା ଭୋଇ କନିଷ୍ଠ ବର୍ଗର ୬୩ କିଲୋଗ୍ରାମରେ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ବିଦୁସ୍ମିତା ସ୍ନାଚ୍‌ରେ ୮୯ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କିଲୋଗ୍ରାମ ଭାର ଉଠାଇଥିଲେ । କ୍ଲିନ୍ ଆଣ୍ଡ ଜର୍କରେ ତାଙ୍କ ସଫଳତା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପ୍ ଇତିହାସର ନୂଆ ରେକର୍ଡ ଥିଲା । ସେହିଭଳି ମୋଟ ଉପରେ ୨୦୪ କିଲୋଗ୍ରାମ ଭାରୋତ୍ତୋଳନ କରି ବିଦୁସ୍ମିତା ଓଡ଼ିଶା ପାଇଁ ତୃତୀୟ ସ୍ୱର୍ଣ୍ଣ ଜିତିଥିଲେ । କିମ୍ବଦନ୍ତି କ୍ରିକେଟର୍ ଟେନଭିକ୍ ସ୍ପୋର୍ଟସ ପ୍ରା. ଲିମିଟେଡ୍ ଦ୍ୱାରା ପରିଚାଳିତ ଢେଙ୍କାନାଳ ଭାରୋତ୍ତୋଳନ ଉପକେନ୍ଦ୍ରର ପ୍ରଶିକ୍ଷାର୍ଥୀ ବିଦୁସ୍ମିତା, ପ୍ରତିଷ୍ଠିତ ପ୍ରଶିକ୍ଷକ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଇ ଏହି ଐତିହାସିକ ସଫଳତା ଲାଭ କରିଛନ୍ତି । ଏହା ପୂର୍ବରୁ ସେ ଚଳିତ ବର୍ଷର ଅସ୍ମିତା ଖେଲୋ ଇଣ୍ଡିଆ ଭାରୋତ୍ତୋଳନ ପ୍ରତିଯୋଗିତାର ୫୯ କିଲୋଗ୍ରାମରେ ସ୍ୱର୍ଣ୍ଣ ପଦକ ଜିତି ନିଜ ଅନନ୍ୟ ପ୍ରତିଭାର ପରିଚୟ ଦେଇ ସାରିଥିଲେ । ଅନ୍ୟତମ ଓଡ଼ିଆ ତାରକା ଟିକି ମୋହିନୀ ମଲ୍ଲିକ ଯୁବ ବର୍ଗର ୬୩ କିଲୋଗ୍ରାମ ବର୍ଗର ସ୍ନାଚ୍‌ରେ ୭୧ ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୯୧ କିଲୋଗ୍ରାମ ସହ ମୋଟ ଉପରେ ୧୬୨ କିଲୋଗ୍ରାମ ଭାରୋତ୍ତୋଳନ କରି ପଞ୍ଚମ ସ୍ଥାନରେ ରହିଥିଲେ । ସୂଚନାଯୋଗ୍ୟ, ଚଳିତ ପ୍ରତିଯୋଗିତାରେ ସୋମବାର ଓଡ଼ିଶା ପାଇଁ ପ୍ରଥମ ସଫଳତା ଆଣିଥିଲେ ପ୍ରତିଭାବାନ ଯୁବା ଲିଫ୍ଟର ପ୍ରୀତିସ୍ମିତା ଭୋଇ । ପୂର୍ବତନ ଯୁବ ବିଶ୍ୱ ବିଜୟିନୀ ପ୍ରୀତିସ୍ମିତା ୪୪ କେଜି ମହିଳା ଯୁବ ବର୍ଗରେ ରେକର୍ଡ ସହ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଛନ୍ତି । ଏଥିସହ ଏହି ୩ଟି ଯାକ ବର୍ଗରେ ସେ ମଧ୍ୟ ରାଜ୍ୟଗୋଷ୍ଠୀ ରେକର୍ଡର ଅଧିକାରିଣୀ ହୋଇଛନ୍ତି । ବିଦୁସ୍ମିତାଙ୍କୁ ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଏବଂ ଅନ୍ତରୀଣ ସମ୍ପାଦକ ତଥା ପ୍ରଶିକ୍ଷକ ଗୋପାଳକୃଷ୍ଣ ଦାସଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି ।

## ବିଶ୍ୱ ଦୌଡ଼କୁଦ ଚାମ୍ପିଅନସିପ୍ : ଯୋଗ୍ୟତା ହାସଲ କଲେ ୧୯ ଭାରତୀୟ




ନୂଆଦିଲ୍ଲୀ : ଜାପାନର ଟୋକିଓରେ ଆସନ୍ତା ସେପ୍ଟେମ୍ବର ୧୩ରୁ ୨୧ ପର୍ଯ୍ୟନ୍ତ ବିଶ୍ୱ ଦୌଡ଼କୁଦ ଚମ୍ପିଆନସିପ୍ ଆୟୋଜିତ ହେବ । ବିଶ୍ୱ ଦୌଡ଼କୁଦ ସଂଘ ପକ୍ଷରୁ ବୁଧବାର ପ୍ରକାଶିତ ବିଶ୍ୱ ମାନ୍ୟତା ଅନୁସାରେ ଭାରତରୁ ୧୯ଜଣ ଖେଳାଳି ବିଶ୍ୱ ଦୌଡ଼କୁଦ ଚମ୍ପିଆନସିପରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି । ସେମାନଙ୍କ ମଧ୍ୟରେ ଅଲିମ୍ପିକ୍ ପଦକ ବିଜେତା ଜାଭେଲିନ ଫିଙ୍ଗାଳି ନୀରଜ ଚୋପ୍ରା, ଜାତୀୟ କୀର୍ତ୍ତିମାନଧାରୀ ଧାବକ ଅନିମେଷ କୁଜୁର ପ୍ରମୁଖ ରହିଛନ୍ତି । ଯୋଗ୍ୟତା ହାସଲ କରିଥିବା ଭାରତୀୟ ଖେଳାଳିମାନେ ହେଲେ ନୀରଜ ଚୋପ୍ରା (ପୁରୁଷ ଜାଭେଲିନ ଥ୍ରୋ), ପ୍ରବୀଣ ଚିତ୍ରାଭାଲ (ପୁରୁଷ ଟ୍ରିପଲ ଜମ୍ପ), ଗୁଲବୀର ସିଂହ (ପୁରୁଷ ୫୦୦୦ ମିଟର ଦୌଡ଼), ଅବିନାଶ ସାବଲେ (ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍), ପାରୁଲ ଚୌଧୁରୀ (ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍), ଅନିମେଷ କୁଜୁର (ପୁରୁଷ ୨୦୦ ମିଟର ଦୌଡ଼), ଅନୁ ରାଣୀ (ମହିଳା ଜାଭେଲିନ ଥ୍ରୋ), ସଚିନ ଯାଦବ (ପୁରୁଷ ଜାଭେଲିନ ଥ୍ରୋ), ଯଶ ବୀର ସିଂହ (ପୁରୁଷ ଜାଭେଲିନ ଥ୍ରୋ), ଅଙ୍କିତା ଦୟାନି (ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍), ମୁରଲୀ ଶ୍ରୀଶଙ୍କର (ପୁରୁଷ ଲଙ୍ଗଜମ୍ପ), ଅବଦୁଲ ଆବୁବେକର (ପୁରୁଷ ଟ୍ରିପଲ ଜମ୍ପ), ସର୍ବେଶ କୁସାରେ (ପୁରୁଷ ହାଇଜମ୍ପ), ନନ୍ଦିନୀ ଆଗ୍‌ସରା (ହେପ୍‌ଟାଥଲନ୍), ପୂଜା (ମହିଳା ୧୫୦୦ ମିଟର ଦୌଡ଼), ସର୍ବିଣ ସେବାଷ୍ଟିଆନ (ପୁରୁଷ ୨୦ କିମି ଚାଲି), ଆକାଶ ଦୀପ୍ ସିଂହ (ପୁରୁଷ ୨୦ କିମି ଚାଲି), ରାମ ବାବୁ (ପୁରୁଷ ୩୫ କିମି ଚାଲି) ଓ ପ୍ରିୟଙ୍କା ଗୌସ୍ୱାମୀ (ମହିଳା ୩୫ କିମି ଚାଲି) ।

## ଗୋଆରେ ହେବ ଚେସ୍ ବିଶ୍ୱକପ୍



ନୂଆଦିଲ୍ଲୀ : ଚଳିତବର୍ଷର ଫିଡେ ଚେସ୍ ବିଶ୍ୱକପ୍ ଗୋଆରେ ଖେଳାଯିବ । ଏହି ବିଶ୍ୱକପ୍ ଅକ୍ଟୋବର ୩୦ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୫ ଥର ବିଶ୍ୱ ଚମ୍ପିଆନ୍ ମ୍ୟାଗ୍ନସ କାର୍ଲସେନ୍ ଏହି ବିଶ୍ୱକପ୍ ଖେଳିବା ସମ୍ଭାବନା କମ୍ । ବିଶ୍ୱକପ୍ ?ରେ ମୋଟ ୨୦୬ ଜଣ ଖେଳିବେ । ସେମାନଙ୍କ ମଧ୍ୟରୁ ପ୍ରଥମ ୫୦ ଜଣ ପ୍ରଥମ ରାଉଣ୍ଡରେ ବାଇ ପାଇଛନ୍ତି । ୫୧ରୁ ୨୦୬ ମାନ୍ୟତା ପାଇଥିବା ଖେଳାଳି ୨ଟି ଗେମ୍ ୮ ରାଉଣ୍ଡ ଧରି ଖେଳିବେ । ପ୍ରତି ରାଉଣ୍ଡ ୩ ଦିନିଆ ହେବ । ପ୍ରଥମ ୨ ଦିନ କ୍ଲାସିକାଲ ମୁକାବିଲା ହେବ । ଏଥିରେ ଫଇସଲା ନ ହେଲେ ୩ୟ ଦିନରେ ରାପିଡ୍ ଓ ବ୍ଲିଜ୍ ଟାଇବ୍ରେକର ଖେଳାଯିବ । ଏହି ବିଶ୍ୱକପ୍ ଖେଳିବାକୁ ୨୧ ଜଣ ଭାରତୀୟ ଯୋଗ୍ୟତା ଅର୍ଜନ କରିଛନ୍ତି । ଏଥିରେ ୫ ଥର ବିଶ୍ୱ ଚମ୍ପିଆନ୍ ବିଶ୍ୱନାଥନ୍ ଆନନ୍ଦ ମଧ୍ୟ ରହିଛନ୍ତି । ପ୍ରତିଯୋଗିତାରେ ୨ ନିୟୁତ ଆମେରିକୀୟ ଡଲାର (୧୭.୫ କୋଟି ଟଙ୍କା) ପୁରସ୍କାର ରାଶି ରହିଛି । ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ୩ଟି ସ୍ଥାନରେ ଥିବା ଖେଳାଳି ୨୦୨୬ କ୍ୟାଣ୍ଡିଡେଟ୍ ?ସ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ ।

## ବିଜ୍ଞାପନ କରି ସେହ୍ୱାଗ ସମାଲୋଚିତ



ନୂଆଦିଲ୍ଲୀ: ସେପ୍ଟେମ୍ବର ୯ରୁ ୟୁଏଇରେ ଏସିଆ କପ୍ ଟ୍ୱେଣ୍ଟି ୨୦ ଟୁର୍ଣ୍ଣାମେଣ୍ଟ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟରେ ୧୪ରେ ଭାରତ-ପାକିସ୍ତାନ ମୁକାବିଲା ହେବ । ଏହି ଟୁର୍ଣ୍ଣାମେଣ୍ଟର ଟିଭି ପ୍ରସାରଣ ଅଧିକାର ପାଇଥିବା ସୋନି ସ୍ପୋର୍ଟସ ନେଟ୍‌ୱାର୍କ ଏସିଆ କପ୍ ସହ ଭାରତ-ପାକ୍ ମୁକାବିଲାର ପ୍ରଚାର ପାଇଁ ଏକ ଭିଡିଓ ଛାଡ଼ିଛି । ଏହି ବିଜ୍ଞାପନରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ପାକିସ୍ତାନର ତାରକା ପେସ୍ ବୋଲର ସାହିନ୍ ଶାହା ଆଫ୍ରିଦି, ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କ ସହ ଅନ୍ୟ କଳାକାର ଅଛନ୍ତି । ଭାରତ-ପାକିସ୍ତାନ ହାଇ ଭୋଲ୍‌ଟେଜ ମ୍ୟାଚ୍ ପୂର୍ବରୁ କ୍ରିକେଟ୍‌ପ୍ରେମୀଙ୍କୁ ଉତ୍ସାହିତ କରିବା ପାଇଁ ଏହି ଭିଡିଓ ଉଦ୍ଦିଷ୍ଟ । ତେବେ ଏହି ଭିଡିଓକୁ; ବିଶେଷକରି ବୀରେନ୍ଦ୍ର ସେହ୍ୱାଗଙ୍କୁ ଭାରତୀୟ ଜନତା କଠୋର ସମାଲୋଚନା କରିଛନ୍ତି । ଏପ୍ରିଲ ୨୩ରେ ପହଲଗାଓଁରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ସାଧାରଣ ଜନତା ପ୍ରାଣ ହରାଇବା ପାକିସ୍ତାନ ବିପକ୍ଷରେ ଭାରତୀୟ କ୍ରିକେଟ୍ ଦଳ ମ୍ୟାଚ୍ ଖେଳିବାକୁ କ୍ରିକେଟ୍‌ପ୍ରେମୀ ନାପସନ୍ଦ କରିବା ସହ ଉକ୍ତ ବିଜ୍ଞାପନରେ ଥିବା ବ୍ୟକ୍ତିମାନଙ୍କୁ ଭର୍ତ୍ସନା କରିଛନ୍ତି । ସାମାଜିକ ଗଣମାଧ୍ୟମ ଜରିଆରେ ସେମାନେ ଏହି ବିଜ୍ଞାପନକୁ ସମାଲୋଚନା କରିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । କିଛି ବ୍ୟକ୍ତି ଏସିଆ କପ୍‌କୁ ସମ୍ପୂର୍ଣ୍ଣ ବାସନ୍ଦ ପାଇଁ ଆହ୍ୱାନ ଜଣାଇଥିବା ବେଳେ ଆଉ କିଛି ସୋନି ସ୍ପୋର୍ଟସ ନେଟ୍‌ୱାର୍କକୁ ବାସନ୍ଦ ପାଇଁ ଆହ୍ୱାନ ଦେଇଛନ୍ତି । ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳିବାକୁ ଭାରତୀୟ ଦଳ ପଠାଇଥିବା ବିସିସିଆଇ ସହ ଏହି ବିଜ୍ଞାପନରେ ଭାରତ-ପାକିସ୍ତାନ ମ୍ୟାଚ୍‌ର ପ୍ରଚାର କରିବା ଯୋଗୁଁ ବୀରେନ୍ଦ୍ର ସେହ୍ୱାଗଙ୍କୁ ମଧ୍ୟ ସେମାନେ ସମାଲୋଚନା କରିଛନ୍ତି ।

## ମା’ ଠାକୁରାଣୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଦେଓବନ୍ଧ ବିଜୟୀ



ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକ ଅନ୍ତର୍ଗତ ବେହେଡା ପଞ୍ଚାୟତର ଜଡାପଦର ଗ୍ରାମ ଓ ଶିରିଗୁଡ଼ା ଗ୍ରାମର ମିଳିତ ଭାବେ ଏକ ମା’ ଠାକୁରାଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ତିନି ଦିନ ଧରି ଚାଲି ଥିଲା । ଏହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଚବିଶି ଗୋଟି ଦଳ ଭାଗ ନେଇଥିଲେ । ଏଥିରେ କୁର୍ସି ପଞ୍ଚାୟତର ଜୁନାପାଣି ଓ ଦେଓବନ୍ଧ ଓ ଜଡା ପଦର ଫୁଟବଲ୍ ଦଳ ସେମି ଫାଇନାଲ୍ ଖେଳରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଫାଇନାଲ ମ୍ୟାଚରେ ଘରେଇ ଦଳ ଜଡାପଦର ଓ ଦେଓବନ୍ଧ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ କରିପାରିନଥିଲେ । ଶେଷରେ ଦେଓବନ୍ଧ ଦଳ ପେନାଲିଟି ସର୍ଟରେ ଅଧିକ ଗୋଲ ମାରି ବିଜୟୀ ହୋଇଥିଲା । ଏହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ସଭାପତି ପଦ୍ମନାଥ ଭତ୍ରା, ସମ୍ପାଦକ ମନୋହର ଭତ୍ରା ଓ ମା’ ଠାକୁରାଣୀ ଗ୍ରାମ୍ୟ ଯୁବ କମିଟିର ସଦସ୍ୟ କମଲୁ ଗଣ୍ଡ, ଶୁକନାଥ ଗଣ୍ଡ, ରବିନ୍ଦ୍ର ଗଣ୍ଡ, ରତନ ଗଣ୍ଡଙ୍କ ଦ୍ୱାରା ଆୟୋଜିତ କରାଯାଇଥିଲା । ଏହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ପ୍ରତିନିଧି ରାମ ନାୟକ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ବେହେଡା ମଣ୍ଡଳ ସଭାପତି ବୈକୁଣ୍ଠନାଥ ଭତ୍ରା, ବି.ଜେ.ପି ଦଳର ବରିଷ୍ଠ ନେତା ମୁନା ପାଣିଗ୍ରାହୀ ଓ ଜୋଟି ପଟ୍ଟନାୟକ, ବି.ଜେ.ପି କର୍ମୀ ସୀମାଞ୍ଚଳ ବିଶୋଇ, ବେହେଡା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଚୈତ୍ରରାମ ଗଣ୍ଡ, ସମିତି ସଭ୍ୟଙ୍କ ପ୍ରତିନିଧି ନରସିଂହ ଗଣ୍ଡ, ନାଏବ ସରପଞ୍ଚ ମଙ୍ଗଳ ଭତ୍ରା ଯୋଗଦେଇ ଥିବାବେଳେ ବରଣୀୟ ଅତିଥି ଭାବେ ପର୍ବତ ସରପଞ୍ଚ ବୀରନାଥ ଗଣ୍ଡ, ପୂର୍ବତନ ସମିତି ସଭ୍ୟ ଖଗପତି ସାନ୍ତା ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ଆଠ ହଜାରଏକାବନ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ଛଅ ହଜାର ପାଞ୍ଚଶହ ଏକାବନ ଟଙ୍କା ପ୍ରଦାନ କରାଯାଇଥିଲା । ଖେଳକୁ ଦେଖିବା ନିମନ୍ତେ ପ୍ରାୟ ପାଞ୍ଚଶହ ଦର୍ଶକ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ବ୍ୟାଡ଼ ମିଣ୍ଟନ ପ୍ରତିଯୋଗିତା ନେଇ ବୈଠକ



ଆସିକା (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ୍ ହରିହର ମିନି ଷ୍ଟାଡିୟମ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ପରିସରରେ ତିନିଦିନ ବ୍ୟାପି ଜିଲ୍ଲାସ୍ତରୀୟ ବ୍ୟାଡ଼ ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏ ନେଇ ଗୁରୁବାର ଆସିକା ବ୍ୟାଡ଼ ମିଣ୍ଟନ କ୍ଲବ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ତେବେ ମେନସ୍ ସିଙ୍ଗଲ, ମେନସ୍ ଡବଲ, ମାଷ୍ଟର ୪୦ ପ୍ଲସ ସିଙ୍ଗଲ ଓ ମାଷ୍ଟର ୪୦ ପ୍ଲସ ଡବଲ କ୍ୟାଟଗାରୀର ଖେଳାଳି ମାନଙ୍କୁ ନେଇ ଆସନ୍ତା ଅଗଷ୍ଟ ୨୯ ତାରିଖରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ଜିଲ୍ଲାରୁ ୪୦ ରୁ ୫୦ ବ୍ୟାଡ଼ ମିଣ୍ଟନ ଟିମ୍ ଯୋଗଦେବେ । ଏଲିମିନେଶ୍ଟ ରାଉଣ୍ଡ, କ୍ୱାର୍ଟର ଫାଇନର, ସେମିଫାନାଲ ପରେ ଫାଇନାଲ ମ୍ୟାଚ ଖେଳା ଯିବ । ତେବେ ଆସନ୍ତା କାଲି ଜାତୀୟ କ୍ରୀଡ଼ା ଦିବସ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଥିବା ବେଳେ ଜିଲ୍ଲାର ଅନେକ ପ୍ରତିଭାବାନ ଖେଳାଳି ଉପକୃତ ହେବେ । ଏହି ପ୍ରସ୍ତୁତି ବୈଠକରେ ଆସିକା ବ୍ୟାଡ଼ମିଣ୍ଟନ କ୍ଲବର ଉଦ୍ୟକ୍ତା ସନ୍ତୋଷ କୁମାର ପଣ୍ଡିତ, ଆର ଚିଦାନନ୍ଦ ଆଚାରୀ,ଏସ ସୁଜିତ କୁମାର ପୃଷ୍ଟି, ପ୍ରଶାନ୍ତ କୁମାର ମୁନି, ବାବୁ ଗୌଡ, ଚନ୍ଦନ ବେହେରା, ରବିନ୍ଦ୍ରର ସେଠିଙ୍କ ସମେତ ଆସିକା ବ୍ୟାଡ଼ମିଣ୍ଟନ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ଆର୍‌ସିବି ପକ୍ଷରୁ ରିଲିଫ୍ ପାଣ୍ଠି ଘୋଷଣା

ନୂଆଦିଲ୍ଲୀ: ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ୧୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି । ରଜତ ପଟିଦାରଙ୍କ ଅଧିନାୟକତ୍ୱରେ ଦଳ ଫାଇନାଲରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରି ଟ୍ରଫି ଜିତିଥିଲା । ଏହାର ଉତ୍ସବ ପାଳନ କରିବା ପାଇଁ, ପରଦିନ ଅର୍ଥାତ୍ ଜୁନ ୪ରେ, ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କିନ୍ତୁ ପ୍ରବଳ ଭିଡ଼ ଯୋଗୁ ଦଳାଚକଟା ହୋଇଥିଲା ଏବଂ ଅନେକ ଲୋକଙ୍କ ଜୀବନ ଯାଇଥିଲା । ଏହାପରେ ଆରସିବି ସୋସିଆଲ ମିଡିଆରେ ଦୁଃଖ ପ୍ରକାଶ କରିଥିଲା ଏବଂ ତା’ପରେ ସେମାନଙ୍କର ସୋସିଆଲ ମିଡିଆରେ କୌଣସି ପୋଷ୍ଟ କରାଯାଇ ନ ଥିଲା । ପ୍ରାୟ ୩ ମାସ ପରେ, ଆଜି ଆରସିବି ପ୍ରଥମ ପୋଷ୍ଟ କରି ବଡ଼ ଘୋଷଣା କରିଛି । ଏବେ ୩ ମାସ ପରେ, ଆଜି ପୋଷ୍ଟ କରି ଫ୍ରାଞ୍ଚାଇଜ ଆର୍‌ସିବି କେୟର୍ସ ରିଲିଫ ପାଣ୍ଠି ଘୋଷଣା କରିଛି ।

### ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍

## ରାଇଜିଙ୍ଗ୍ କ୍ଲବ୍ ବିଜୟୀ



ଧର୍ମଗଡ (ଭାସ୍କର ନ୍ୟୁଜ): ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଁଖାଇ । ନୂଆଁଖାଇ ନବାର୍ଣ୍ଣ ଭକ୍ଷଣ ଉପଲକ୍ଷେ ଧର୍ମଗଡ ବ୍ଲକ ପର୍ଲା ଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି । ପର୍ଲା ଏଫସି କ୍ଲବ ଓ ଧର୍ମଗଡ ରାଇଜିଙ୍ଗ କ୍ଲବ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ହୋଇଥିବା ବେଳେ ଧର୍ମଗଡ ରାଇଜିଙ୍ଗ କ୍ଲବ ୨-୦ଗୋଲରେ ବିଜୟୀ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅଗ୍ରୀଣ ଧର୍ମଗଡ ଜଗନ୍ନାଥ ସେବା ସମିତିର ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଯୋଗ ଦେଇ ଉଭୟ ଟିମକୁ ଉତ୍ସାହ କରିଥିଲେ । ବିଜୟୀ ଟିମକୁ ଟ୍ରଫି ଅତିଥି ମାନେ ପ୍ରଦାନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ବରିଷ୍ଠ କ୍ରୀଡ଼ାବିତ ଲକ୍ଷ୍ମୀକାନ୍ତ ଧଙ୍ଗଡା ମାଝୀ, ପ୍ରଭାକର ଜାଲ, ହୃଷିକେଶ ସାହୁ, ହେତୁରାମ ମେହେର, ସୁଧୀର ବାଗ, ବିଜୟ ଦାସ, ଲକ୍ଷ ଜ୍ୟୋତି ଜାଲ, ସୁଧୀର ଗୋପାଳ, ସେତୁରାମ ଭକ୍ତ, ସୁବାସ ବାଗ, ନବୀନ ଦାସ, ବାବୁଲି ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ସମସ୍ତ ଦର୍ଶକ ଓ ଖେଳାଳିଙ୍କୁ ନୂଆ ଚୁଡା-ନବାର୍ଣ୍ଣ ସେବକ ଦିଆଯାଇଥିଲା ।

INDEL MONEY
Corporate office: **Indel Money Limited,**
IIIrd Floor Indel House, Changampuzha Nagar,
South Kalamassery, Ernakulum -682033 ,
Ph: 0484-2933999 E:customercare@indelmoney.com

GOLD
AUCTION NOTICE

ଏତଦ ଦ୍ୱାରା ସର୍ବସାଧାରଣଙ୍କୁ ସୂଚାଇ ଦିଆଯାଉଅଛି କି ନିମ୍ନଲିଖିତ ଆକାଉଣ୍ଟରେ ବନ୍ଧକ ରଖିଥିବା ସୁନା ଅଳଙ୍କାର ନିମ୍ନପ୍ରଦତ୍ତ ଶାଖାରେ ଆଗାମୀ 15-09-2025 ତାରିଖ ଦିନ ପୂର୍ବାହ୍ନ ୧୧ଟାରେ ନିଲାମ କରାଯିବ । ବିଭିନ୍ନ ପ୍ରକାର ଯୋଗାଯୋଗ କରିଆରେ ସୂଚନା ଦେବାସତ୍ତ୍ୱେ ସୁନା ଅଳଙ୍କାର ବନ୍ଧା ଦେଇ ଋଣ ନେଇଥିବା ଋଣ ଗ୍ରହିତାମାନେ ଋଣ ପରିଶୋଧ କରିବାରେ ବିଫଳ ହେବା ଯୋଗୁଁ ଆମେ ସେମାନଙ୍କର ସୁନା ଅଳଙ୍କାର ନିଲାମ କରିବାକୁ ଯାଉଛୁ । ସେହିପରି ନିଲାମ ଆଇଟମସ ପରବର୍ତ୍ତୀ ସମୟରେ ତାରିଖ ଓ ଦିନ ଅପରିବର୍ତ୍ତିତ ରଖି ବିନା ସୂଚନାରେ ନିଲାମ କରାଯିବ । ସେହିପରି କୌଣସି ସୂଚନା ନଦେଇ ସମ୍ପୃକ୍ତ ଶାଖାରେ ଏହା ପ୍ରଦର୍ଶିତ କରାଯିବ ।

**ବାଲେଶ୍ୱର** - 23904080002846, 0408/02852, 0408/02884, 0408/02887, 0408/02910, 23904100002844, 0410/02857, 0410/02861, **ବାଲୁଗାଁ** - 25204080004073, 0408/04087, 0408/04093, 0408/04127, 0408/04159, 0408/04161, 25204100004044, 0410/04083, 0410/04085, 0410/04086, 0410/04104, 0410/04128, 0410/04129, 0410/04130, 0410/04131, 0410/04145, 0410/04157, 0410/04168, 0410/04170, 0410/04171, 0410/04173, 25210920002950, **ବାରିପଦା** - 28303850002240, 28304100002186, 0410/02193, 0410/02195, 0410/02201, 0410/02216, 0410/02221, 0410/02244, 0410/02259, **ବ୍ରହ୍ମପୁର ଆସିକା ରୋଡ** - 28503870005467, 28504080005261, 0408/05284, 0408/05286, 0408/05319, 0408/05331, 0408/05374, 0408/05375, 0408/05468, 28504100005237, 0410/05396, 0410/05415, **ଭଦ୍ରକ** - 25603850004780, 0385/04843, 25604080004708, 0408/04762, 0408/04834, 0408/04837, 0408/04879, **ଚୌଦ୍ୱାର** - 25004100002889, 0410/02939, 0410/02940, 0410/02948, 0410/03013, **ଢେଙ୍କାନାଳ**- 24703770002825, 0377/02830, 24704100002877, 0410/02919, 0410/02926, 0410/02927, 0410/02966, **ଏଫଏମ୍ ଗୋଲେଇ-ବାଲେଶ୍ୱର**-24404100004684, 0410/04690, 0410/04759, 0410/04773, **ଗୋସାଣୀ ନୂଆଗାଁ** - 28403870005696, 28404100005426, 0410/05428, 0410/05436, 0410/05452, 0410/05478, 0410/05535, 0410/05608, 0410/05639, 0410/05723, 0410/05734, **ଜଗତପୁର** - 24004100004272, 0410/04333, 0410/04423, 0410/04448, 24010920003154, 1092/03165, 1092/03189, 1092/03217, 1092/03220, **ଜଗତସିଂହପୁର** - 24803850006355, 24804100006214, 0410/06232, 0410/06253, 0410/06276, 0410/06330, 0410/06332, 0410/06337, 0410/06362, 0410/06382, 0410/06403, 0410/06427, 0410/06430, **ଯାଜପୁର ଟାଉନ୍** - 24603850006837, 0385/06838, 0385/06840, 0385/06855, 24604080006674, 24604100006664, 0410/06692, 0410/06718, 0410/06740, 0410/06783, **କେନ୍ଦ୍ରାପଡ଼ା** - 24903030003084, 24903770004232, 24903850004356, 0385/04357, 0385/04374, 0385/04378, 0385/04379, 24904080004298, 24904100004234, 0410/04245, 0410/04264, 0410/04295, 0410/04297, 0410/04359, 0410/04376, 0410/04383, 0410/04396, **ଖୋର୍ଦ୍ଧା** - 24303870005118, 24304080004994, 24304100005003, 0410/05016, 0410/05024, 0410/05027, 0410/05045, 0410/05056, 0410/05057, 0410/05061, 0410/05081, 0410/05084, 0410/05093, 0410/05094, **ଲୁଇସ୍ ରୋଡ୍** - 24504080003860, 0408/03878, 0408/03971, 24504100003950, 0410/03969, **ଲିଙ୍କରୋଡ୍- କଟକ** - 23703770004105, 23703870004092, 0387/04151, 23704080004095, 0408/04152, 23704100004097, 0410/04100, 0410/04149, 0410/04150, 0410/04161, 0410/04262, 0410/04287, **ନୟାଗଡ଼** - 25504080005134, 0408/05235, 0408/05302, 0408/05344, 0408/05357, 25504100005046, 0410/05095, 0410/05113, 0410/05136, 0410/05145, 0410/05146, 0410/05149, 0410/05150, 0410/05153, 0410/05160, 0410/05161, 0410/05167, 0410/05211, 0410/05216, 0410/05258, 0410/05264, 0410/05282, 0410/05317, 0410/05333, 0410/05343, 0410/05363, 25510920003522, **ନିମାପଡ଼ା** - 23803870008166, 0387/08363, 23803980008495, 0398/08506, 23804080008204, 0408/08244, 0408/08273, 0408/08282, 0408/08316, 0408/08322, 0408/08349, 0408/08373, 0408/08475, 23804100008295, 0410/08297, 0410/08368, 0410/08369, 0410/08380, 0410/08382, 0410/08383, 0410/08405, 0410/08425, 0410/08496, **ପାରାଦୀପ** - 29803850003071, 29804080003090, 29804100003095, 0410/03129, **ପଟ୍ଟାମୁଣ୍ଡାଇ** - 25404100004695, 0410/04719, 0410/04728, 0410/04806, 0410/04813, 0410/04820, 0410/04827, 0410/04858, 0410/04899, 25410920003345, **ପିପିଲି** - 24103850006784, 24104100006478, 0410/06480, 0410/06496, 0410/06577, 0410/06590, 0410/06595, 0410/06606, 0410/06651, 0410/06712, **ପୁରୀ** - 25104080005340, 25104100005199, **ସାଲେପୁର** - 24204100005098, 0410/05110, 0410/05131, 0410/05162, 0410/05168, 0410/05183, 0410/05233, 0410/05239, 0410/05242, 0410/05279, 0410/05281, 0410/05283, 24210920004105, **ଛତ୍ରପୁର** - 30504100001809, 0410/01810, 0410/01815, 0410/01833, **ଚଣ୍ଡିଖୋଲ** - 25303850003625, 25304100003602, 0410/03682, 0410/03725, 0410/03751, 0410/03753, **ଜଳେଶ୍ୱର** – 32704080001262, 32704100001164, 0410/01230, 0410/01272, **ବାସୁଦେବପୁର** – 37004100000295, **କୋଏଲ ନଗର** – 40404100000012, 0410/00034, 0410/00038, **ରାୟଗଡ଼ା** – 40304080000026, 40304100000007, 0410/00027, 40304180000025,

ଯଦି ନିର୍ଦ୍ଧାରିତ ତାରିଖରେ ଆମେ ନିଲାମ ସମ୍ପୂର୍ଣ୍ଣ କରିବାରେ ଅସମର୍ଥ ହେବୁ, ତେବେ ସେହି ସମାନ ନିଲାମ ଶ୍ରୀରାମ ଅଟୋମଲ ଇଣ୍ଡିଆ ଲିମିଟେଡ୍ (ସାମିଲ) ପକ୍ଷରୁ ଅନଲାଇନରେ ଇ-ନିଲାମ ପ୍ଲାଟଫର୍ମ https://gold.samil.in କିମ୍ବା ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିମିଟେଡ୍ (ଅକ୍ସନ ଟାଇଗର) ପକ୍ଷରୁ ସେମାନଙ୍କ ଅନଲାଇନ ଇ-ଅକ୍ସନ ପ୍ଲାଟଫର୍ମ https://egold.auctiontiger.net ରେ 17-09-2025 ଅପରାହ୍ନ 12.30ରୁ 3.30 ମଧ୍ୟରେ କରାଯିବ । ଦୟାକରି ନୋଟ୍ କରନ୍ତୁ, ଯଦି 17-09-2025ରେ ଏହି ନିଲାମ ସମ୍ପୂର୍ଣ୍ଣ ନହୁଏ ତେବେ ସମାନ ସର୍ତ୍ତ ଓ ନିୟମରେ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଏହା କରାଯିବ ।

By Authorized Officer, Indel Money Limited



ମାଇଗ୍ରେନର ଯନ୍ତ୍ରଣା ବହୁତ କଷ୍ଟ। କିଛି ଲୋକ ଯନ୍ତ୍ରଣା ହେତୁ ବାନ୍ତି ମଧ୍ୟ କରନ୍ତି। ଯନ୍ତ୍ରଣା ହେତୁ ମୁଣ୍ଡ ଫାଟି ପଡିଲା ଭଳି ଲାଗେ। ଏପରି ପରିସ୍ଥିତିରେ ଔଷଧ ବିନା କୌଣସି ଉପଶମ ହୁଏ ନାହିଁ। ଯଦି ଆପଣ ମଧ୍ୟ ମାଇଗ୍ରେନ୍ ରୋଗୀ, ତେବେ ଆପଣଙ୍କୁ ସେଓ ଖାଇବାର ଉପାୟ ବଦଳାଇବା ଉଚିତ। ଡାକ୍ତର ସୁଭାଷ ଗୋୟଲଙ୍କ ଅନୁସାରେ, ଲବଙ୍ଗ ସହିତ ସେଓ ଖାଇ ମାଇଗ୍ରେନ୍ ଆଟାକ ଭଲ ହୋଇପାରିବ। କେବଳ ଏତିକି ନୁହେଁ, ଏହା ଶ୍ୱାସକ୍ରିୟା ସମସ୍ୟାକୁ ମଧ୍ୟ ଦୂର କରିପାରିବ। ସେଓ ସହିତ ଲବଙ୍ଗ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ଆଶ୍ଚର୍ଯ୍ୟଜନକ ଲାଭ ମିଳିବ। ଏହାକୁ ଖାଇବାର ସଠିକ୍ ଉପାୟ କ'ଣ ଜାଣନ୍ତୁ.. ଲବଙ୍ଗ ସହିତ ସେଓ ଖାଇବାର ଲାଭ: ଇନ୍ଷ୍ଟାଗ୍ରାମରେ ଡାଏଟିସିଆନ୍ ଏବଂ ଫିଟନେସ୍ ପ୍ରଶିକ୍ଷକ ସୁରଭି ଗୁପ୍ତାଙ୍କ ଏକ ପଡକାଷ୍ଟରେ, ଡକ୍ଟର ସୁଭାଷ ଗୋୟଲ କହିଛନ୍ତି ଯେ, ଯେଉଁମାନଙ୍କର ମାଇଗ୍ରେନ୍ ଏବଂ ପେଟ ସମସ୍ୟା ଅଛି, ସେମାନଙ୍କୁ କ'ଣ କରିବାକୁ ପଡିବ। ଗୋଟିଏ ସେଓ ନିଅନ୍ତୁ ଏବଂ ଏହାକୁ ଧୋଇ ଦିଅନ୍ତୁ। ଏବେ ଏକ ଟୁଥପିକ୍ ସାହାଯ୍ୟରେ ସେଓରେ ୫ଟି ଛୋଟ ଗାତ କରନ୍ତୁ। ଏବେ ଡେମ୍ଫ ପାଖରୁ ସେଓର ଗାତରେ ଲବଙ୍ଗ ଭର୍ତ୍ତି କରନ୍ତୁ। ରାତିସାରା ସେଓକୁ ଏହିପରି ଛାଡି ଦିଅନ୍ତୁ। ସକାଳେ ସେଓରୁ ଲବଙ୍ଗ ବାହାର କରି ଏହାକୁ ନ କାଟି ଚୋବାଇ ଖାଆନ୍ତୁ। ଯଦି ଆପଣ ୧୫ ଦିନ ପର୍ଯ୍ୟନ୍ତ ଏହିପରି ସେଓ ଖାଆନ୍ତି, ତେବେ ଆପଣଙ୍କୁ ଚମତ୍କାର ଲାଭ ମିଳିବ। ଏହା ଶ୍ୱାସକ୍ରିୟା, ମାଇଗ୍ରେନ୍ ଆଟାକ ଏବଂ ସାଧାରଣ ମୁଣ୍ଡବିନ୍ଧା ସମସ୍ୟା ଦୂର କରିବ।

ଆଜି ଆସିଥିଲେ

## ଅଲମ୍ପିକ୍ ବିଜେତା ଧ୍ୟାନଚାନ୍ଦ

୧୯୦୫ ଅଗଷ୍ଟ ୨୯ରେ ଉତ୍ତରପ୍ରଦେଶର ଆଲ୍ଲାହାବାଦରେ ଜନ୍ମ ଗ୍ରହଣ କରିଥିଲେ ଭାରତୀୟ ହକି ଖେଳାଳୀ ଓ ଅଧିନାୟକ ଧ୍ୟାନଚାନ୍ଦ। ହକି ଖେଳରେ ବିଶ୍ୱର ଜଣେ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ଭାବେ ତାଙ୍କର ମାନ୍ୟତା ରହିଛି। ତାଙ୍କର ଅସାଧାରଣ ହକିଷ୍ଟିକ୍ ଚାଳନା ବଳରେ ଭାରତ ଏକଦା ବିଶ୍ୱ ହକିରେ ଆଧିପତ୍ୟ ବିସ୍ତାର କରିଥିଲା। ତାଙ୍କର କ୍ରୀଡ଼ାନୈପୁଣ୍ୟ, ଏକାଗ୍ରତା ଓ ଖେଳରେ ଗୋଲସ୍କୋରକୁ ଦେଖି କ୍ରିକେଟ କିମ୍ବଦନ୍ତୀ ଡନ୍ ବ୍ରାଡ୍‌ମ୍ୟାନ ଥରେ ଟିପ୍ପଣୀ ଦେଇଥିଲେ ଯେ, କ୍ରିକେଟରେ ରନ ସଂଗ୍ରହ କରିବା ଭଳି ଧ୍ୟାନଚାନ୍ଦ ହକିରେ ଗୋଲସ୍କୋର କରନ୍ତି। ମାତ୍ର ୧୭ ବର୍ଷ ବୟସରେ ସେ ପଞ୍ଜାବ ରେଜିମେଣ୍ଟରେ ଯୋଗଦେଇ ହକି ତାଲିମ ନେଇଥିଲେ। ସୈନ୍ୟବାହିନୀରେ ଚାକିରି ଅବସରରେ ୧୯୧୬ରେ ନ୍ୟୁଜିଲାଣ୍ଡ ଗ୍ରସ୍ତ କରି ଗୋଲରେ ଶତକ ପୂରଣ କରିଥିଲେ।

୧୯୩୬ ମସିହାରେ ଭାରତ ଇଂଲଣ୍ଡ ଅଧୀନରେ ଥିବା ସତ୍ତ୍ୱେ ବର୍ଲିନ ଅଲମ୍ପିକ୍‌ରେ ସେ ଇଂଲଣ୍ଡର ଜାତୀୟ ସଙ୍ଗୀତ ଗାନକୁ ବିରୋଧ କରି ବନ୍ଦେ ମାତରଂ ଗାଇ ଅପୂର୍ବ ଦେଶଭକ୍ତିର ପରିଚୟ ଦେଇଥିଲେ। ୧୯୨୮ ଆମଷ୍ଟରଡାମ ଅଲମ୍ପିକ୍‌ରେ ଭାରତ ମୋଟ ୨୯ ଗୋଲ କରିଥିବା ବେଳେ ଧ୍ୟାନଚାନ୍ଦ ଦେଇଥିଲେ ୧୫ ଗୋଲ। ୧୯୨୬ରୁ ଆରମ୍ଭ କରି ୧୯୪୮ରେ ଅବସର ନେବା ମଧ୍ୟରେ ଏକ ହଜାରରୁ ଅଧିକ ଗୋଲ ସ୍କୋର କରିଥିଲେ। ତିନୋଟି ଅଲମ୍ପିକ୍‌ରେ ଭାରତର ୧୦୨ଟି ଗୋଲ ମଧ୍ୟରୁ ଧ୍ୟାନଚାନ୍ଦଙ୍କ ଥିଲା ୩୮ଟି ଗୋଲ। ତେଣୁ ତାଙ୍କୁ ଗୋଲ ମେସିନ ବୋଲି ମଧ୍ୟ କୁହାଯାଉଥିଲା। ୧୯୭୯ ଡିସେମ୍ବର ୩ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ଜନ୍ମଦିନକୁ ପ୍ରତିବର୍ଷ ଭାରତରେ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି।





# ଫୁସଫୁସ୍ ସଂକ୍ରମଣର ଲକ୍ଷଣ ଓ ଉପଚାର

*ଆଜିକାଲି ଫୁସଫୁସ୍ ସଂକ୍ରମଣ ଗମ୍ଭୀର ସମସ୍ୟା ଭାବେ ଉଭା ହେଲାଣି। ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତଙ୍କଠାରେ ଦେଖାଯାଉଛି। ଏହା ଜୀବାଣୁ, ଭାଇରସ ଓ କବକ ଯୋଗୁ ସଂକ୍ରମିତ ହୋଇଥାଏ। ଯଦ୍ୱାରା ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୁଏ। ଅନେକ ସମୟରେ ଏହାର ଲକ୍ଷଣ ସାମାନ୍ୟ ଥଣ୍ଡା ପରି ମନେ ହୁଏ। ଯଦି ସଠିକ ସମୟ ମଧ୍ୟରେ ଏହାର ଚିକିତ୍ସା କରା ନଯାଏ ତେବେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ।*


**ଲକ୍ଷଣ:** ଯଦି ଲଗାତାର କାଶ ବହୁ ଦିନ ପର୍ଯ୍ୟନ୍ତ ଲାଗି ରହୁଛି ଓ ବହଳିଆ କଫ ବାହାରୁଛି, ତେବେ ଏହା ଲଙ୍ଗ୍ ଇନ୍ଫେକ୍ସନର ସଙ୍କେତ ହୋଇଥାଇ ପାରେ । ତେଣୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରାନ୍ତୁ।

**କଫ ରଙ୍ଗ ପରିବର୍ତ୍ତନ:** ଫୁସଫୁସ୍ ଇନ୍‌ଫେକ୍ସନର ଅନ୍ୟ ଏକ ଲକ୍ଷଣ କଫ ବହଳିଆ ହୋଇଯିବା। ଏଥିସହିତ ଧଳା, ହଳଦିଆ କିମ୍ବା ମାଟିଆ ରଙ୍ଗର ହୋଇପାରେ। କେତେକ ସମୟରେ ଏଥିରେ ଅଳ୍ପ ରକ୍ତ ଥାଇପାରେ । ଏହି କାଶ ସାଧାରଣ ଥଣ୍ଡା କାରଣରୁ ଅଧିକ ବାହାରିଥାଏ। ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହେବାର ମୂଳ କାରଣ ଫୁସଫୁସ ଫୁଲିଯିବା କିମ୍ବା କଫ ଜମା ହେବ। ଏହା ଶରୀରକୁ ସଠିକ୍ ଭାବରେ ଅମ୍ଳଜାନ ପହଞ୍ଚିବାରେ ବାଧା ସୃଷ୍ଟି କରେ। ଅଳ୍ପ ଚାଲିବା କିମ୍ବା ସିଡି ଚଢ଼ିବାସମୟରେ ନିଶ୍ୱାସ ନେବା ଆରମ୍ଭ ହୁଏ। ନିଶ୍ୱାସ ଭାରି କିମ୍ବା ଅବରୋଧ ଅନୁଭବ ହୋଇପାରେ। ଯଦି ଏହି ଲକ୍ଷଣଗୁଡିକ ଜାରି ରହେ, ତେବେ ତୁରନ୍ତ ଡାକ୍ତରଙ୍କୁ ଦେଖା କରନ୍ତୁ।

**ମୁଣ୍ଡ ବଥ୍ୟା:** ଏହି ସଂକ୍ରମଣ ଦ୍ୱାରା ମଧ୍ୟ ଅସହନୀୟ ବ୍ୟଥା ହୋଇଥାଏ।

**ଜ୍ୱର ଓ ଥଣ୍ଡା ଲାଗି ରହିବା**

ଅନ୍ୟ ଏକ ଲକ୍ଷଣ ହେଉଛି ଇନଫେକ୍ସନ କାରଣରୁ ଜ୍ୱର ଓ ଥଣ୍ଡା ଲାଗିରହିବା, ଝାଳ ବାହାରିବା, ମାଂସପେଶୀ ଯନ୍ତ୍ରଣା ଓ ଦୁର୍ବଳ ଲାଗିଥାଏ। ଜ୍ୱର ଯଦି ୧୦୨ ଡିଗ୍ରୀରୁ ଅଧିକ ରୁହେ ତେବେ ମଧ୍ୟ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।



**ଥକ୍କା ଓ ଦୁର୍ବଳ ଅନୁଭବ**

ସଂକ୍ରମଣ ଯୋଗୁଁ ଇମ୍ୟୁନିଟୟ ସିଷ୍ଟମ ଦୁର୍ବଳ ହୁଏ। ଏହା ଶରୀରରେ ବ୍ୟାକ୍ଟେରିଆ ଓ ଭାଇରସ ସହିତ ଲଢ଼େଇ କରିପାରନ୍ତି ନାହିଁ। ଯେଉଁଥିପାଇଁ ଥକ୍କା ଓ ଦୁର୍ବଳ ଅନୁଭବ ହୁଏ । କିଛି କାମ ନ କଲେ ମଧ୍ୟ ଶରୀର ଭାରି ଅନୁଭବ ଲାଗିଥାଏ। ତେଣୁ ଏଥପ୍ରତି ସଜାଗ ରୁହନ୍ତୁ।

# ମନୀଷଙ୍କ ଫିଲ୍ମରେ ନଜର ଆସିବେ 'ସୈୟାରା' ଅଭିନେତ୍ରୀ



ବଡ଼ ପରଦାକୁ ଆସିବେ ଖୁବ୍ ଶୀଘ୍ର ଆସିବେ 'ସୈୟାରା' ଫେମ୍ ଅନୀତ ପଡ୍ଡା। 'ବ୍ୟାଣ୍ଡ୍ ବାଜା ବାରାତ୍' ଫେମ୍ ନିର୍ଦ୍ଦେଶକ ମନୀଷ ଶର୍ମା ଅନୀତଙ୍କ ସହିତ ଏକ ରୋମାଣ୍ଟିକ୍ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି । ଏହାର ପ୍ରଯୋଜନା ଦାୟିତ୍ୱ ନେବ ଯଶରାଜ୍ ଫିଲ୍ମସ । ପ୍ରୋଜେକ୍ଟରେ ଅନୀତଙ୍କୁ ସାଇନ୍ କରିବା ସହିତ ଫିଲ୍ମର ପ୍ରାକ୍-ପ୍ରଯୋଜନା କାମ ଆରମ୍ଭ ହୋଇଯାଇଛି । ପଞ୍ଜାବ ପୃଷ୍ଠଭୂମି ଉପରେ ଫିଲ୍ମର କାହାଣୀ ପର୍ଯ୍ୟବେଶିତ । ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ସୁଟିଂ ଆରମ୍ଭ ହେବ । ତେବେ ଅନୀତଙ୍କ ଅପୋଜିଟ୍‌ରେ କିଏ ସ୍କ୍ରିନ୍ ସେୟାର କରିବେ, ତାହା ଅଦ୍ୟାବଧି ଜଣାପଡ଼ି ନାହିଁ । ମୋହିତ ସୁରୀଙ୍କ ଫିଲ୍ମ 'ସୈୟାରା'ଜରିଆରେ ଅହାନ ପାଣ୍ଡେଙ୍କ ସହ ବଲିଉଡ୍‌ରେ ଡେବ୍ୟୁ କରିଥିଲେ ଅନୀତ । ଏହା ପୂର୍ବରୁ ଗୋଟିଏ ଦୁଇଟି ପ୍ରୋଜେକ୍ଟରେ ସେ ପାଶ୍ୱର୍ ଅଭିନେତ୍ରୀ ଭୂମିକାରେ ଅଭିନୟ କରିଥିଲେ । ଅନେକ ବିଜ୍ଞାପନରେ ମଧ୍ୟ କାମ କରିଥିଲେ । କିନ୍ତୁ 'ସୈୟାରା'ତାଙ୍କୁ ରାତାରାତି ଲୋକପ୍ରିୟ କଲା । ଯଶରାଜ୍ ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ଫିଲ୍ମ ବ୍ୟବସାୟ ମାମଲାରେ ଅନେକ ରେକର୍ଡ କରିଛି । ପଞ୍ଜାବର ଅମୃତସରରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମିତ ଅନୀତ ସ୍ପ୍ରିଙ୍ଗ୍ ଡେଲ ସିନିୟର ସ୍କୁଲରୁ ପ୍ରାରମ୍ଭିକ ଅଧ୍ୟୟନ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜିଜସ୍ ଆଣ୍ଡ୍ ମ୍ୟାରୀ କଲେଜରୁ ସ୍ନାତକ କରିଛନ୍ତି । କିଶୋରାବସ୍ଥାରୁ ସେ ମଡେଲିଂ ଆରମ୍ଭ କରିଥିଲେ। ଡେରୀ ମିଲ୍କ, ମ୍ୟାଗି, ପେଟିଏମ୍, ନେସ୍‌କାଫେ ବିଜ୍ଞାପନରେ ତାଙ୍କୁ ଦେଖିବାକୁ ମିଳିଛି । ୨୦୨୨ରେ କାଜୋଲଙ୍କ ଫିଲ୍ମ 'ସଲାମ୍ ଭେଙ୍କୀ'ରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ । ସେ ଜଣେ କଣ୍ଠଶିଳ୍ପୀ ମଧ୍ୟ। ୨୦୨୪ରେ ପ୍ରଥମ ଗୀତ 'ମାସୁମ୍' ରେକର୍ଡ କରିଥିଲେ ।

# ସାଉଥରେ ଡେବ୍ୟୁ କରିବେ ମୋନାଲିସା



ମହାକୁମ୍ଭରେ ଭାଇରାଲ ହୋଇଥିବା ମୋନାଲିସାଙ୍କ ଭାଗ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଛି କହିଲେ ଚଳେ। ବଲିଉଡ ଫିଲ୍ମ ସାଇନ କରିବା ପରେ, ସେ ଏବେ ଏକ ଦକ୍ଷିଣ ଫିଲ୍ମ ମଧ୍ୟ ପାଇଛନ୍ତି। ମୋନାଲିସା ଜଣେ ମାଲାୟଲମ ଷ୍ଟାରଙ୍କ ସହିତ ଏକ ମାଲାୟଲମ ଫିଲ୍ମରେ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିବାକୁ ଯାଉଛନ୍ତି। ନିକଟରେ, ସେ ଏହି ଫିଲ୍ମର ପୂଜା ସମାରୋହରେ ମଧ୍ୟ ଯୋଗ ଦେଇଥିଲେ। ଅନମାନୋରାମାର ରିପୋର୍ଟ ଅନୁଯାୟୀ, ମୋନାଲିସା ମାଲାୟଲମ ଫିଲ୍ମ 'ନାଗମ୍ମା' ସହିତ ତାଙ୍କର ଦକ୍ଷିଣ ଡେବ୍ୟୁ କରିବାକୁ ଯାଉଛନ୍ତି। ନୀଳଥମାରା ଫିଲ୍ମରୁ ପ୍ରସିଦ୍ଧି ଅର୍ଜନ କରିଥିବା ଅଭିନେତା କୈଳାସ ଏହି ଫିଲ୍ମରେ ତାଙ୍କ ସହିତ ନଜର ଆସିବେ। ଜିଲି ଜର୍ଜଙ୍କ ଦ୍ୱାରା ନିର୍ମିତ ମାଲାୟଲମ ଫିଲ୍ମ 'ନାଗମ୍ମା'ର ନିର୍ଦ୍ଦେଶନା ପି ବିନୁ ଭାର୍ଗୀସ କରିବେ। 'ନାଗମ୍ମା'ର ସୁଟିଂ ଚଳିତ ବର୍ଷ ସେପ୍ଟେମ୍ବର ଶେଷରେ ଆରମ୍ଭ ହୋଇପାରେ। ସମ୍ପ୍ରତି, କୋଚିରେ ମୋନାଲିସାଙ୍କ ଫିଲ୍ମ 'ନାଗମ୍ମା'ର ପୂଜା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ, ଫିଲ୍ମ ନିର୍ମାତା ସିବି ମଲାୟିଲ ମଧ୍ୟ ମୋନାଲିସା ଏବଂ ଅନ୍ୟ ଷ୍ଟାରକାଷ୍ଟଙ୍କ ସହିତ ଉପସ୍ଥିତ ଥିଲେ। 'ଦି ଡାଏରୀ ଅଫ ମଣିପୁର' ସହିତ ବଲିଉଡରେ ଡେବ୍ୟୁ କରିବେ। ମୋନାଲିସାଙ୍କ ପାଖରେ ପୂର୍ବରୁ ଏକ ବଲିଉଡ ଫିଲ୍ମ 'ଦି ଡାଏରୀ ଅଫ ମଣିପୁର' ଅଛି। ଏହି ଫିଲ୍ମ ମାଧ୍ୟମରେ ମୋନାଲିସା ଅଭିନୟରେ ଡେବ୍ୟୁ କରିବାକୁ ଯାଉଛନ୍ତି। ରାଜକୁମାର ରାଓଙ୍କ ଭାଇ ଅମିତ ରାଓ ସନୋଜ ମିଶ୍ରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଦି ଡାଏରୀ ଅଫ ମଣିପୁର'ରେ ମୁଖ୍ୟ ଅଭିନେତା ଭାବରେ ନଜର ଆସିବେ। ଏହି ଫିଲ୍ମର ରିଲିଜ ଡେଟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ଅଭିନୟରେ ଡେବ୍ୟୁ କରିବା ପୂର୍ବରୁ ମୋନାଲିସା ଏକ ମ୍ୟୁଜିକ ଭିଡିଓରେ ଦେଖାଦେଇଛନ୍ତି। କିଛି ସମୟ ପୂର୍ବରୁ ତାଙ୍କର ମ୍ୟୁଜିକ ଭିଡିଓ 'ସଦଗୀ' ରିଲିଜ ହୋଇଥିଲା ଯାହାକୁ ପ୍ରଶଂସକମାନେ ବହୁତ ପସନ୍ଦ କରିଥିଲେ। ଏଥିରେ ମୋନାଲିସାଙ୍କ ସହିତ ଉତ୍କର୍ଷ ସିଂହ ମଧ୍ୟ ଥିଲେ।

ଆଜି ବାହୁଡିଥିଲେ

## ପଦ୍ମଶ୍ରୀ ଡାକ୍ତର ଆଇଜାକ୍ ସାନ୍ତ୍ରା



ପ୍ରାକ୍ ସ୍ୱାଧୀନତା କାଳରେ କୁଷ୍ଠ ରୋଗୀଙ୍କ ସେବାରେ ନିଜକୁ ପୂର୍ଣ୍ଣ ସମର୍ପିତ କରିଥିଲେ ପଦ୍ମଶ୍ରୀ ଡାକ୍ତର ଆଇଜାକ୍ ସାନ୍ତ୍ରା। ଯେତେବେଳେ ସମାଜରେ କୁଷ୍ଠ ରୋଗୀଙ୍କୁ ଅତିଶୟ ଘୃଣା କରାଯାଉଥିଲା, ସେହି ସମୟରେ ସେ, ଏହି ରୋଗୀଙ୍କ ସେବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ୧୮୯୨ରେ ସମ୍ବଲପୁରରେ ଆଇଜାକ୍ ଜନ୍ମ ଗ୍ରହଣ କରିଥିଲେ। ପ୍ରଥମ ଶ୍ରେଣୀରେ ମାଟ୍ରିକ ଉତ୍ତୀର୍ଣ୍ଣ ପରେ ସେ କଟକ ମେଡ଼ିକାଲ ସ୍କୁଲରେ ନାମ ଲେଖାଇଥିଲେ। ଦ୍ୱିତୀୟ ବର୍ଷ ସେ କଲିକତା ମେଡ଼ିକାଲ କଲେଜରେ ପଢ଼ି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରଥମେ ସେ ସରକାରୀ ଚାକିରିରେ ଜଣେ ସହକାରୀ ସର୍ଜନ ଭାବେ ଯୋଗ ଦେଇଥିଲେ। ପରେ ଚାକିରି ଛାଡ଼ି ବାପଟିଷ୍ଟ ମିଶନରେ ଯୋଗ ଦେଇଥିଲେ। ଏହି ସମୟରେ କଟକର କୁଷ୍ଠ ଚିକିତ୍ସା କେନ୍ଦ୍ରରେ ସେ କାମ କରିଥିଲେ। ତାଙ୍କ ନିଃସ୍ୱାର୍ଥପର ସେବା, ସମସ୍ତଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲା। ପରେ ଭାରତ ସରକାର ତାଙ୍କୁ କୁଷ୍ଠ ରୋଗୀଙ୍କ ସେବା ପାଇଁ ବିଭିନ୍ନ ସ୍ଥାନକୁ ପଠାଇଥିଲେ। କୁଷ୍ଠ ରୋଗ ବିଷୟରେ ଅଧିକ ଜାଣିବା ପାଇଁ ସେ ହଂକଂ, ସିଙ୍ଗାପୁର, ଚାଇନା, ଆମେରିକା ଆଦି ଯାଇଥିଲେ। ସେ ସମ୍ବଲପୁରରେ ହିନ୍ଦୁ କୁଷ୍ଠ ନିବାରଣ ସଂଘ ନାମରେ କୁଷ୍ଠାଶ୍ରମ ପ୍ରତିଷ୍ଠା କରିଥିଲେ। କୁଷ୍ଠ ରୋଗୀଙ୍କୁ ଆପଣା କରିନେଇଥିବା ଆଇଜାକ୍ ଆର୍ତ୍ତବନ୍ଧୁ ନାମରେ ପରିଚିତ। ୧୯୫୭ରେ ତାଙ୍କୁ ପଦ୍ମଶ୍ରୀ ଉପାଧି ମିଳିଥିଲା। ୧୯୬୮ ମସିହା ଅଗଷ୍ଟ ୨୯ ତାରିଖ ଦିନ ତାଙ୍କର ପରଲୋକ ହୋଇଥିଲା।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକର କବିତୀର୍ଥ ସାନପଦର ଗ୍ରାମର ସୁଯୋଗ୍ୟ ସନ୍ତାନ, ବିଶିଷ୍ଟ କୃଷକନେତା ,ବେଗୁନିଆ ବୋଲଗଡ ନିର୍ବାଚନ ମଣ୍ଡଳୀର ୪ଥର ବିଧାୟକ ତଥା ମହାନ୍ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗଙ୍ଗାଧର ପାଇକରାୟଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ସମାରୋହ ଭକ୍ତଚରଣ ସ୍ମୃତି ସଦନ ଠାରେ ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ବେଗୁନିଆ ବୋଲଗଡର ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ସ୍ୱର୍ଗତ ଗଙ୍ଗାଧର ପାଇକରାୟ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ କାରାବରଣ କରିଥିଲେ। ବେଗୁନିଆ ବୋଲଗଡ ମାଟିର ଚାରି ଚାରି ଥର ବିଧାୟକ ହୋଇ ସେ ମା' ମାଟିର ସେବା କରି ଆମ ମାଟି ର ଗୌରବକୁ ବୃଦ୍ଧି କରିଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଜେପି ରାଜ୍ୟ ମୁଖପାତ୍ର ଡ଼. ଯତୀନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା କମ୍ୟୁନିଷ୍ଟ ନେତା ରମଣୀରଞ୍ଜନ ରାଉତରାୟ , ଉତ୍କଳ ମହିଳା ସମିତିର ଉପଦେଷ୍ଟା ବନଲତା ଜେନା, ଆଇନଜୀବୀ ଅମୀୟ ପଟ୍ଟନାୟକ ,ପ୍ରଫେସର କିଶୋର ଦେବୀଦତ୍ତ ପୃଥ୍ୱୀରାଜ ପ୍ରତାପ ସିଂହ, ବୋଲଗଡ ବ୍ଲକର ପୂର୍ବତନ ଅଧକ୍ଷ ପ୍ରମୋଦିନୀ ପାଇକରାୟ, ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ , ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର , ଖୋର୍ଦ୍ଧା ଓକିଲ ସଂଘର ପୂର୍ବତନ ସଭାପତି ବିଜୟ କୁମାର ସାମନ୍ତସିଂହାର , ସୁରେଶ ଚନ୍ଦ୍ର ମହାପାତ୍ର , ବଡ଼ମଠ ମହନ୍ତ ଗୋବିନ୍ଦ ଶରଣ ଦାସ, ଅଜୟ ମାନ୍ଧାତା,ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ , ସମାଜସେବୀ ଅଜୟ କୁମାର ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ।

# ଚାଷଜମି ଉବୁଟୁବୁ, ଗାଁ ରାସ୍ତା କାଦୁଅ, ରନ୍ଧାଖାଦ୍ୟ ଜାରି

## ସୁଧୁରୁଛି ବନ୍ୟା ସ୍ଥିତି, ହେଲେ କମୁନି ସମସ୍ୟା



ଧାମନଗର(ଭାସ୍କର ନ୍ୟୁଜ୍): ଧାମନଗରରେ ବନ୍ୟା ସ୍ଥିତି ସାମାନ୍ୟ ସୁଧୁରୁଛି, ହେଲେ ଲୋକଙ୍କ ସମସ୍ୟା ସୁଧୁରୁନାହିଁ। ଗାଁ ଭିତରେ ବନ୍ୟାର ୫ ଦିନ ପରେବି ପାଣି ପଚପଚ୍ ସହ ଅନେକ ସାହି ରାସ୍ତାରେ କାଦୁଅ। ବନ୍ୟା ବିପନ୍ନମାନଙ୍କୁ ଯାତାୟତରେ ଅସୁବିଧା ହେଉଛି। ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଜାରି ରହିଛି।ତେବେ ହସନାବାଦ, ଅର୍ଜୁନପୁର ଓ ପଧାନି ପଞ୍ଚାୟତର ମଲିକସାହି, ବନବାଗ, ଅନଲଡିହ, ମାହାରାକୁଳ, ସଇଲ, ଦାସପାରିରେ ରନ୍ଧାଖାଦ୍ୟ ଦିଆଯାଉଛି। ବନ୍ୟାରେ ପାଣି ଦୂଷିତ ହେଉଥିବାରୁ ପ୍ରଶାସନ ପକ୍ଷରୁ ୧୦ ହଜାର ପାଣି ବୋତଲ ବନ୍ୟାବିପନ୍ନଙ୍କୁ ଯୋଗାଇଦିଆ ଯାଇଛି। ପାଣି ଟ୍ୟାଙ୍କର ମଧ୍ୟ ଗ୍ରାମରେ ରଖା ଯାଇଛି ବୋଲି ଧାମନଗର ବିଡ଼ିଓ ବନ ବିହାରୀ ଦିନ୍ଧା କହିଛନ୍ତି। ତେବେ ଉପର ଅଞ୍ଚଳରେ ବନ୍ୟା ପାଣି କମିଥିବାରୁ ସ୍ଥିତି ସୁଧୁରୁଛି ସେଠାରେ ରନ୍ଧା ଖାଦ୍ୟ ବନ୍ଦ କରାଯାଇ ତଳିଆ ଅଞ୍ଚଳରେ ୬ଟି ସ୍ଥାନରେ ରନ୍ଧାଖାଦ୍ୟ ଜାରି ରହିଛି ବୋଲି ବିଡ଼ିଓ କହିଛନ୍ତି। ଅସ୍ତକ, ଅନଲଡିହ, ବନବାଗ, ଜେନା ସାହିରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅହରହ ବର୍ଷା ଓ ବନ୍ୟାଜଳରେ ଧାମନଗର ବ୍ଲକରେ ପାଖାପାଖି ୧୦ ହଜାର ହେକ୍ଟର ଚାଷ ଜମିରେ ପାଣି ବୁଡିରହିଛି। ସମସ୍ତ ଚାଷ କାର୍ଯ୍ୟ ସରିଥିବାବେଳେ ବନ୍ୟା ପାଣି କମୁନଥିବାରୁ ଧାନଚାଷ ନଷ୍ଟ ହେବାର ସମ୍ଭାବନା ରହିଛି।ତେବେ ଚାଷ ଜମିରୁ ବନ୍ୟାପାଣି କମିବା ପରେ କ୍ଷୟ କ୍ଷତି ଆକଳନ କରାଯିବ ବୋଲି ବ୍ଲକ କୃଷି ଅଧିକାରୀ କହିଛନ୍ତି।

## ବିଲେଇପଦାରେ ଓଭର ବ୍ରିଜ ନିର୍ମାଣ କେବେ ?

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଅନ୍ତର୍ଗତ ବିରିକଳା ଗ୍ରାମ ପଞ୍ଚାୟତର ବିଲେଇପଦା ଗ୍ରାମ ଦେଇ ରିମୁଳୀ - ରାଜାମୁଣ୍ଡା ୫୨୦ ନଂ ଜାତୀୟ ରାଜପଥ ଖଣି ଅଞ୍ଚଳକୁ ସଂଯୋଗ ହୋଇଛି। ଜାତୀୟ ରାଜପଥ ନିର୍ମାଣ ସମୟରେ ତ୍ରୁଟି ରହିଥିବା ଯୋଗୁଁ ଏହି ଛକସ୍ଥାନରେ ଯାନବାହାନ ଓ ଲୋକେ ଯାତାୟାତ ସମୟରେ ଟ୍ରାଫିକ ସମସ୍ୟା ଉପୁଜି ଦୁର୍ଘଟଣା ଘଟୁଛି। ଦୀର୍ଘ ବର୍ଷ ଧରି ଲୋକଙ୍କ ଯାତାୟାତ ସୁବିଧା ପାଇଁ ଏଠାରେ ଓଭର ବ୍ରିଜ ନିର୍ମାଣ ସହିତ ସର୍ଭିସ ରୋଡ ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଦେଉ ନ ଥିବା ଜନସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ରିମୁଳିରୁ ରାଜାମୁଣ୍ଡା ମଧ୍ୟରେ ଯୋଡାକୁ ସଂଯୋଗ ପୂର୍ବରୁ ୬ କିମି ପୂର୍ବରୁ ରହିଛି ଏହି ଛକ । ଏଠାରୁ ମୂର୍ଗା ରାସ୍ତା , ଭାଗଲପୁର ଗ୍ରାମକୁ ରାସ୍ତା ଓ ଟାଟା ଷ୍ଟିଲ କଲୋନୀକୁ ରାସ୍ତା ରହିଛି । ବିଭିନ୍ନ ଖଣି ଓ କାରଖାନା ନିକଟରେ ରହିଁଥିବାରୁ ପ୍ରତିଦିନ ଏହି ଛକ ଦେଇ ଶହ ଶହ ସଂଖ୍ୟାରେ ଖଣିଜ ବୋଝେଇ ଟ୍ରକ ଜାତୀୟ ରାଜପଥରେ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛନ୍ତି। ଏଠାରେ ଓଭର ବ୍ରିଜ ଓ ରାସ୍ତାର ଦୁଇ ପାର୍ଶ୍ୱରେ ସର୍ଭିସ ରୋଡ ନଥିବାରୁ ଲୋକେ ସବୁବେଳେ ରଙ୍ଗରୁଟରେ ରାସ୍ତା ଅତିକ୍ରମ କରୁଥିବା ଦେଖିବାକୁ ମିଳୁଛି। ଜାତୀୟ ରାଜପଥର ଏପରି ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନହାନୀ ହେଉଛି ।

## ସିଏମ୍ କିଷାନ ସହାୟତା ରାଶି ପ୍ରଦାନ




ଜଗତସିଂହପୁର (ଭାସ୍କର ନ୍ୟୁଜ): ପବିତ୍ର ନୂଆଁଖାଇ ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ରବି ୨୦୨୫-୨୬ ପାଇଁ ସି ଏମ୍ କିଷାନ ସହାୟତା ରାଶି ପ୍ରଦାନର ରାଜ୍ୟସ୍ତରୀୟ ଉତ୍ସବ ଓୟୁଏଟି ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶିକ୍ଷ ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା,ସମ୍ପଦଚନ୍ଦ୍ର ସ୍ୱାଇଁ, ସମ୍ମାନନୀୟ ଅତିଥିଭାବେ ସାଂସଦ ଜଗତସିଂହପୁର ବିଭୁପ୍ରସାଦ ତରାଇ,ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଜଗତସିଂହପୁର ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧକାରୀ ବିଶ୍ୱଜିତ୍ ପଣ୍ଡାଙ୍କ ଅଧ୍ୟକ୍ଷତା ରେ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇ କହିଲେ ଯେ, କୃଷି ଓ କୃଷକ ସଶକ୍ତ ହେଲେ ଦେଶ ତଥା ରାଜ୍ୟ ସଶକ୍ତ ହେବ। କୃଷକ ସମାଜ ର ଉନ୍ନତି ରେ ବିକଶିତ ରାଜ୍ୟ ଓ ବିକଶିତ ଜିଲ୍ଲା ଗଠନ ସମ୍ଭବ ହୋଇପାରିବ। ଏହି ଯୋଜନା ଏକ ପ୍ରଗତିଶୀଳ ତଥା କୃଷକମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ଭଳି ଯୋଜନା। ସିଏମ୍ କିଷାନ ଯୋଜନାରେ ଅଧିକରୁ ଅଧିକ ଯୋଗ୍ୟ ଚାଷୀ ଅନ୍ତର୍ଭୁକ୍ତ ହେଲେ କୃଷି ଓ କୃଷକର ଉନ୍ନତି ହୋଇପାରିବ ବୋଲି ସେ କହିଥିଲେ। ଜିଲ୍ଲା ର ୧୬୪୦୪୮ ଜଣ ହିତାଧୀକାରୀଙ୍କୁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ବ୍ଲକ କୃଷି ଅଧିକାରୀ ଓ ସମସ୍ତ କ୍ଷେତ୍ର କର୍ମଚାରୀ , ୧୫୦ ରୁ ଅଧିକ ଚାଷୀ ଭାଇଭଉଣୀ, କୃଷି ବିଭାଗର କର୍ମକର୍ତ୍ତା ତଥା ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟା ସମୟରେ ପାତର ଅନ୍ତରକୁ ନେଇ ବିଧାୟକଙ୍କ କ୍ଷୋଭ




ଭଦ୍ରକ(ଭାସ୍କର ନ୍ୟୁଜ): ଚଳିତ ବର୍ଷ ବୈତରଣୀ ଏବଂ ଏହାର ଶାଖା ନଦୀ କୋଚିଲା, ଗେଙ୍ଗୁଟିରେ ବନ୍ୟା ଆସିବାରୁ ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ, ଧାମନଗର, ତିହିଡି ଏବଂ ଚାନ୍ଦବାଲି ବ୍ଲକର ଅନେକ ପଞ୍ଚାୟତ ବନ୍ୟା ପ୍ରଭାବିତ ହୋଇଥିଲା ଓ ବିଶେଷ କରି ଜିଲ୍ଲାର ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ ଅଧିକ ପ୍ରବାହିତ ହୋଇଥିଲା ଓ ବିଶେଷ କରି ଧାମନଗର ବ୍ଲକର ଅନଲଡିହ, ଅର୍ଜୁନପୁର, ହସିନାବାଦ, ଅସ୍ତକ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ରାଜନେତାମାନଙ୍କ ସମେତ ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପୀଡିତ ମାନଙ୍କୁ ସହାୟତାର ହାତ ବଢ଼ାଇଥିବାର ଦେଖା ଯାଇଥିଲା । ପାଖାପାଖି ପାଞ୍ଚ ଦିନ ପର୍ଯ୍ୟନ୍ତ ବନ୍ୟା ବିପନ୍ନମାନେ ଜଳବନ୍ଦୀ ହୋଇ ସାଙ୍ଘାତିକ ପରିସ୍ଥିତିର ସାମ୍ନା କରୁଛନ୍ତି । ବନ୍ୟା ପୀଡିତ ମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଇଂଜିନ ଚାଳିତ ଡଙ୍ଗା, ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ, ଗୋଖାଦ୍ୟ, ଔଷଧ ଇତ୍ୟାଦି ବ୍ୟବସ୍ଥା କରାଯାଇଥିଲା ଓ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଧାମନଗର ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳର ୨୫ଟି ଓ ଭଣ୍ଡାରିପୋଖରୀ ବ୍ଲକର ୨ଟି ସ୍କୁଲକୁ ୨ଦିନ ପାଇଁ ବନ୍ଦ ଘୋଷଣା କରିଥିଲା । ବନ୍ୟା ସମୟରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ନିଜ ପୈତୃକ ଘରକୁ ଯିବା ଏବଂ ଗାଁ ଲୋକଙ୍କ ସ୍ଥିତି ସମ୍ପର୍କରେ ବୁଝିବା ପାଇଁ ପହଞ୍ଚିଥିଲେ ଗେଙ୍ଗୁଟି ନଦୀକୂଳ ଅନଲଡିହ ଗ୍ରାମ ନିକଟରେ। ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ସହ ଡ଼ଙ୍ଗା ପାଇଁ ଯୋଗାଯୋଗ କରିଥିଲେ ହେଲେ ତାଙ୍କୁ ଠିକ ସମୟରେ ମିଳି ନ ଥିଲା ଡ଼ଙ୍ଗା। ଦୀର୍ଘ ସମୟ ଅପେକ୍ଷା କରି ଫେରିବା ପରେ ପ୍ରଶାସନ କାର୍ଯ୍ୟକଳାପକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିଧାୟକ ସଞ୍ଜୀବ ମଲ୍ଲିକ । ଅନ୍ୟପଟେ ଶାସକ ଦଳର ସାଂସଦ ପହଂଚିବା ପୂର୍ବରୁ ତାଙ୍କ ପାଇଁ ଡ଼ଙ୍ଗା ପ୍ରସ୍ତୁତ ରହିବା ନେଇ ସେ ପ୍ରଶାସନର ପାତର ଅନ୍ତର କଥା ବଖାଣିଛନ୍ତି । ବିଧାୟକଙ୍କ କହିବା ଅନୁଯାୟୀ ଏକ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରିବାନେଇ ଡ଼ଙ୍ଗା ଆସିବାରେ ବିଳମ୍ବ ହେବା ଦର୍ଶାଇ ତାଙ୍କୁ ଅଣଦେଖା କରାଯାଇ ଶାସକ ଦଳର ସାଂସଦଙ୍କ ପାଇଁ ପ୍ରଶାସନ ଏତେ ଯତ୍ନବାନ ସେ ନେଇ ଜିଲ୍ଲା ପ୍ରଶାସନର କାର୍ଯ୍ୟ କଳାପକୁ ସେ ସମାଲୋଚନା କରିଛନ୍ତି । ବନ୍ୟା ସମୟରେ ଲୋକେ ଜଳବନ୍ଦୀ ରହି ଦୁଃଖରେ କାଳାତିପାତ କରୁଥିବା ବେଳେ ପ୍ରଶାସନର ଏଭଳି କାର୍ଯ୍ୟ କଳାପକୁ ସେ ନିନ୍ଦା କରିଛନ୍ତି ।

## ବୃଦ୍ଧାଶ୍ରମରେ ସେବା କାର୍ଯ୍ୟକ୍ରମ




ଫୁଲନଖରା (ଭାସ୍କର ନ୍ୟୁଜ):ସ୍ୱର୍ଗତ ପ୍ରହ୍ଲାଦ ନାୟକଙ୍କ ୧୦ତମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ପାହାଳ ଥାନା ଜଗନ୍ନାଥପୁର ସ୍ଥିତ ସଂଜୀବନୀ ବୃଦ୍ଧାଶ୍ରମରେ ସ୍ୱର୍ଗତ ନାୟକଙ୍କ ପରିବାର ପକ୍ଷରୁ ଆଶ୍ରମରେ ରହୁଥିବା ୨୨ରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ରନ୍ଧା ଖାଦ୍ୟ ଦେବାସହ ନୂତନ ବସ୍ତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କ ଦୁଇ ନାତୁଣୀ ନେହା ନିକିତା ଶାହା ନାୟକ, ପ୍ରତ୍ୟୁଷା ନାୟକ ଉପସ୍ଥିତ ରହି ଆଶ୍ରମରେ ଥିବା ସମସ୍ତ ଅନ୍ତେବାସୀଙ୍କୁ ସେବା ଯୋଗାଇ ଦେଇଥିଲେ। ଆଜିର ସ୍ୱାର୍ଥପର ଦୁନିଆରେ ନିଜର ବାପାମା'ଙ୍କୁ ପୁଅଝିଅମାନେ ପଚାରୁ ନଥିବାବେଳେ ଜେଜେଙ୍କ ଶ୍ରାଦ୍ଧବାର୍ଷିକୀରେ ଆସି ଏଭଳି ମହତ ସେବା କାର୍ଯ୍ୟକରିଥିବାରୁ ସମସ୍ତେ ସାଧୁବାଦ ଜଣାଇଥିଲେ। ଏହି ସମୟରେ ତାଙ୍କର ବଡ଼ପୁଅ ପ୍ରଭାତ କୁମାର ନାୟକ, ପ୍ରକାଶ ନାୟକ, ବୋହୁ ତନୁଜା ନାୟକ, ମଧୁସ୍ମିତା ନାୟକଙ୍କ ସହ ନାତୁଣୀ ପ୍ରିୟଙ୍କା ନାୟକ ପ୍ରମୁଖଙ୍କ ସହ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ତିନିହଜାରରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ

କଣାସ(ଭାସ୍କର ନ୍ୟୁଜ): କେନ୍ଦ୍ର ଓ ରାଜ୍ୟସରକାର ୬୦ବର୍ଷର ବୃଦ୍ଧବୃଦ୍ଧାମାନଙ୍କୁ ସରକାରୀ ସହାୟତା ସ୍ୱରୂପ ଭତ୍ତା ପ୍ରଦାନ କରୁଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ୩ହଜାରରୁ ଉର୍ଦ୍ଧ୍ୱ ୬୦ରୁ ୬୬ବର୍ଷ ବୃଦ୍ଧବୃଦ୍ଧା ଦୀର୍ଘ ଦିନ ହେଲା ଭତ୍ତା ପାଇବା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରି ପ୍ରତ୍ୟେକ ଦିନ କଣାସ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡୁଥିବା ଦେଖିବାକୁମିଳୁଛି । କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମାଜ ମଙ୍ଗଳ ଅଧିକାରୀ ମନୋଜ ମହାନ୍ତିଙ୍କୁ ଏ ସଂପର୍କରେ ପଚାରିବାରୁ ସେ କୁହନ୍ତି ୩ହଜାରରୁ ଉର୍ଦ୍ଧ୍ୱ ଭତ୍ତା ଆବେଦନ କାରୀଙ୍କ କାଗଜପତ୍ର ପୁରୀ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ପଠାଇ ଦେଇଛୁ । ଟାର୍ଗେଟ୍ ନଥିବାରୁ ସେଗୁଡିକ ମଞ୍ଜୁର ହୋଇନାହିଁ ।

## ବୁଲା ଗାଈଗୋରୁଙ୍କ କବ୍ଜାରେ ଗୋପ-କୋଣାର୍କ, ଗୋପ-ବାଲିଘାଇ ରାସ୍ତା



ଗୋପ (ଭାସ୍କର ନ୍ୟୁଜ):ଶହ ଶହ ବୁଲା ଗାଈଗୋରୁଙ୍କ କବ୍ଜାରେ ଗୋପ-କୋଣାର୍କ ଏବଂ ଗୋପ-ବାଲିଘାଇ ରାସ୍ତା। ଦିନରାତି ଏହି ଗୋରୁମାନେ ରାସ୍ତାକୁ କବ୍ଜା କରି ରଖୁଥିବାରୁ ପ୍ରତିଦିନ ଛୋଟବଡ ଦୁର୍ଘଟଣାମାନ ଘଟିବା ସହ ଅନେକ ସମୟରେ ଦୁର୍ଘଟଣାରେ ଏହି ଗାଈଗୋରୁଙ୍କ ମୃତ୍ୟୁ ହେବା ସହ ଲୋକମାନେ ମଧ୍ୟ ମୃତାହତ ହେଉଛନ୍ତି। ହେଲେ ଏଥିପ୍ରତି କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ନପଡିବା ସାଧାରଣରେ ପରିତାପର ବିଷୟ ହୋଇଛି । ଭୁବନେଶ୍ୱରରୁ ଏହି ରାସ୍ତା ସିଧାସଳଖ କୋଣାର୍କ ସଂଯୋଗ ହୋଇଥିବା ବେଳେ ଗୋପ-ବାଲିଘାଇ ରାସ୍ତା କଟକକୁ ସିଧାସଳଖ ପୁରୀକୁ ସଂଯୋଗ ହୋଇଛି। ପ୍ରତିଦିନ ଏହି ରାସ୍ତା ଦେଇ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ପୁରୀ ମହାପ୍ରଭୂ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଉଛନ୍ତି। ଶହଶହ ସଂଖ୍ୟାରେ ହାଇଓ୍ୱା ମଧ୍ୟ ଚାଲୁଛି। ହେଲେ ଏହି ବୁଲା ଗୋରୁମାନେ ପ୍ରତିବନ୍ଧକ ସାଜୁଛନ୍ତି। ଅନେକ ସମୟରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ଫଳରେ ପର୍ଯ୍ୟଟକଙ୍କ ଗାଡି ସହ ଜରୁରୀକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବାହିନୀ ଗାଡି ମଧ୍ୟ ଫସିରହୁଛି । ଏହି ରାସ୍ତା ଦେଇ ପ୍ରତିଦିନ ବଡବଡ ନେତା ମନ୍ତ୍ରୀଙ୍କ ସମେତ ଭିଆଇପି ଭିଭିଆଇପି ଯାଉଛନ୍ତି। ସେମାନେ ମଧ୍ୟ ଏହି ବୁଲା ପଶୁମାନଙ୍କ ଯୋଗୁଁ ଅନେକ ସମୟରେ ଫସି ରହୁଛନ୍ତି। ହେଲେ ଏଥିପ୍ରତି କାହାରି ଦୃଷ୍ଟି ପଡୁନି ଗୋପ ମୁଖ୍ୟ ବଜର ସମେତ ଦେବୀ ବଜାର, ଲକ୍ଷ୍ମୀ ବଜାର, ବ୍ଲକ ଛକ, କୁଶଭଦ୍ରା ସେତୁ, ଗଣେଶ୍ୱରପୁର ଛକ, ନାଗପୁର, ବେଗୁନିଆ ଆଦି ଛକ ବଜାରମାନଙ୍କରେ ଏହି ଗାଈଗୋରୁମାନଙ୍କର ପ୍ରାଦୁର୍ଭାବ ବେଶୀ ଦେଖିବାକୁ ମିଳୁଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଷଣ୍ଢ ରହିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହି ଗୋରୁମାନଙ୍କୁ ରାସ୍ତାରୁ ହଟାଇ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ସାଧାରଣରେ ଦାବି ହେଉଛି ।

# ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ




ଗୋପ (ଭାସ୍କର ନ୍ୟୁଜ): ଗୋପରେ ପ୍ରଭୁ ଗଜାନନଙ୍କ ପୂଜା ଧୂମଧାମରେ ପାଳିତ ହୋଇଯାଇଛି । ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ, ଗଣେଶ୍ୱରପୁର ହାଇସ୍କୁଲ, ଏରବଙ୍ଗ ଉଚ୍ଚ ବିଦ୍ୟାଳୟ, ସାରସ୍ୱତ ବିଦ୍ୟାପୀଠ ବୀରତୁଙ୍ଗ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାଟିଆଖାତ, କଳିଙ୍ଗ ପବ୍ଲିକ ସ୍କୁଲ ଗୋପ ସମେତ ଗୋପ ମୁଖ୍ୟ ବଜାର, ଗୋପ ପାଠାଗାର, ସେନାପତିସାହି, କୁଶୁପୁର, ବେଗୁନିଆ, ବାୟାକୁଦା, ଏରବଙ୍ଗ, ଗଣେଶ୍ୱରପୁର, ନାଗପୁର, ମଦରଙ୍ଗ ଆଦି ବିଭିନ୍ନ ସ୍ଥାନରେ ପ୍ରଭୂ ଗଜାନନଙ୍କ ପୂଜା ମହା ଆଡମ୍ବରରେ ପାଳିତ ହୋଇଯାଇଛି। ସେହିପରି ଗୋପ ବଜାରରେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ପୂଜା ପାଇ ଆସୁଥିବା ବୁଢା ଗଣେଶଙ୍କ ସମେତ ବିଭିନ୍ନ ପୂଜା ମଣ୍ଡପ ବିଭିନ୍ନ ତୋରଣରେ ସାଜସଜ୍ଜା ହୋଇ ଆଲୋକ ମାଳରେ ଝଲସୁଥିବା ଦେଖିବାକୁ ମିଳିଛି।



କାକଟପୁର(ଭାସ୍କର ନ୍ୟୁଜ୍): କାକଟପୁରର ବିଭିନ୍ନ ପୂଜାମଣ୍ଡପ ରେ ପୂଜାପାଉଛନ୍ତି ଅଗ୍ରପୂଜ୍ୟ ଶ୍ରୀ ଗଜାନନ। ପ୍ରାତଃ କାଳରୁ ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ଗଣେଶ ବଜାର , ଲକ୍ଷ୍ମୀ ବଜାର, ୟୁକୋବ୍ୟାଙ୍କ ଛକ, କଲେଜ ଛକ, ଚନ୍ଦନ ବଜାର, ମଙ୍ଗଳା ବଜାର, ବ୍ଲକ ଛକ, ମେଡିକାଲ ଛକ ଆଦି ପୂଜା ମଣ୍ଡପରେ ବିଘ୍ନରାଜ ଶ୍ରୀ ଗଜାନନଙ୍କ ପୂଜା ମହାଆଡ଼ମ୍ବରରେ ପାଳିତ ହୋଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ବିଭିନ୍ନ ଆଲୋକମାଳାରେ ସଜ୍ଜିତ ହୋଇ ପ୍ରକମ୍ପିତ ହୋଇପଡିଛି କାକଟପୁର ବଜାର ସମେତ ବିଭିନ୍ନ ପୁରପଲ୍ଲୀ । ଗଣେଶ ବଜାର କମିଟି ଚଳିତ ବର୍ଷ ୩୨ ବର୍ଷରେ ପଦାର୍ପଣ କରିଛି । ପୂଜାକୁ ସମ୍ପାଦକ ମାନସ ଦୀକ୍ଷିତ, କାର୍ଯ୍ୟକାରୀ ସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ବିଜୟ କୁମାର ସାହୁ, ଅକ୍ଷୟ କୁମାର ଦୀକ୍ଷିତ,ବସନ୍ତ କୁମାର ସ୍ୱାଇଁ, ନିରଞ୍ଜନ ଦୀକ୍ଷିତ ପ୍ରମୁଖ ପରିଚାଳନା କରିଥିଲେ।



ଟାଙ୍ଗୀ (ଭାସ୍କର ନ୍ୟୁଜ): ସ୍କୁଲ-କଲେଜ ଓ ଶିକ୍ଷା ଅନୁଷ୍ଠାନ ପରେ ମଧ ବିଭିନ୍ନ କ୍ଲବ , ଯୁବଗୋଷ୍ଠୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଟାଙ୍ଗୀ ଓ ଚାନ୍ଦପୁର ଅଞ୍ଚଳରେ ପ୍ରତିଯୋଗିତା ମୂଳକ ସାଜସଜ୍ଜା କରାଯାଇ ଅସ୍ଥାୟୀ ମଣ୍ଡପରେ ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା କରାଯାଉଛି । ଆଲୋକ ତୋରଣରେ ଦୁଲୁକୁଛି ଟାଙ୍ଗୀ-ଚାନ୍ଦପୁର ଅଞ୍ଚଳ । ଟାଙ୍ଗୀ ଅଞ୍ଚଳରେ ୩୨ ଟି ଓ ଚାନ୍ଦପୁର ଅଞ୍ଚଳରେ ୨୨ଟି ମେଢ଼ କରାଯାଇଛି । ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ସହଯୋଗ କରୁଛି । ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ପାଳନ କରାଯାଏ ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା। ଧରାପୃଷ୍ଠରେ ବିରାଜିଛନ୍ତି ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶ । ଗଜାନନଙ୍କ ଆବହନ ପାଇଁ ଗାଁଠୁ ସହର ସବୁଠି ଚଳଚଞ୍ଚଳ । ପୂଜା, ସାଜସଜ୍ଜା ଓ ଆଲୋକ ତୋରଣ ଦେଖିବା ପାଇଁ ଶ୍ରଦ୍ଧାଳୁ , ଭକ୍ତ , ଦର୍ଶକମାନଙ୍କର ପ୍ରବଳ ସମାଗମ ଦେଖିବା ପାଇଁ ମିଳିଛି । ଏପଟେ ଚାନ୍ଦପୁର ଅଞ୍ଚଳର ଅଗ୍ରଣୀ ଯୁବଗୋଷ୍ଠୀ ଓ୍ୱାଙ୍ଗ୍ ଗ୍ରୁପ୍ ପକ୍ଷରୁ ଶ୍ରଦ୍ଧାଳୁ , ଭକ୍ତ , ଦର୍ଶକମାନଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।



କଣାସ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରତ୍ୟେକ ବଜାର, ଶିକ୍ଷା ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ଗଣନାଥଙ୍କ ପୂଜା ପାଳିତ ହୋଇଯାଇଥିବା ବେଳେ ଦିନ ସାରା ଝିପିଝିପି ବର୍ଷା ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମନରେ ବ୍ୟାଘାତ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୂତନ ବସ୍ତ୍ର ପରିଧାନ କରି ପୂଜା ସାମଗ୍ରୀ ଓ ନଡିଆ ନେଇ ବିଦ୍ୟାଳୟରେ ପହଞ୍ଚିବା ପରେ ଗଜାନନଙ୍କୁ ପୂଜା ଅର୍ଚ୍ଚନା କରିବା ସହିତ ନଡିଆ ବାଡେଇଥିଲେ। କଣାସ ବଜାରରେ ଆର.ଡି.ଏକ୍ସ ୟୁନିଟ୍‌ର ଯୁବକମାନଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ତୋରଣ ଓ ଗଣେଶ ମୂର୍ତ୍ତି ସମସ୍ତଙ୍କୁ ଆକର୍ଷିତ କରିଥିଲା । ସେହିପରି କଣାସ କୁଶ୍ୱେରୀ ବ୍ୟବସାୟୀ ସଂଘ, କଣାସ ବସ୍ତ୍ରାଞ୍ଚ, କଣାସ ଗୋଲାବଜାର ବ୍ୟବସାୟୀ ସଂଘ, ଦୋକନ୍ଦା, ନୂଆଦୋକନ୍ଦା, ବାଲିପାଟଣା, ବଡାସ, ଭାଟପଡା, ରାଣୀପଡା, କଣାସ ଗ୍ରାମର ବିଭିନ୍ନ ସ୍ଥାନ, ଡିମିରି ଗ୍ରାମରେ ରଙ୍ଗବେରଙ୍ଗର ତୋରଣ ଓ ଆଲୋକ ସଜା କରାଯାଇ ଗଣେଶଙ୍କ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇଥିବାବେଳେ ଜଙ୍କିଆ ବଜାର, ବିଜିପୁର ବଜାର, କରମଳା, ଗଡିଶାଗୋଦା, ଜାଗୁଲାଇପଦର, ଅଡାଳ, ଗଡଖାରଦ, ବକୁ, ଶ୍ରୀମକୁନ୍ଦପୁର, ମନ୍ଦାରବସ୍ତ ଓ ବିଭିନ୍ନ ଗ୍ରାମରେ ଯୁବକମାନେ ଗଣେଶ ପୂଜା ପାଳନ କରିଥିଲେ। ସତ୍ୟାବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ପୂଜା ମଣ୍ଡପ ପରିଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା ।



ଭଦ୍ରକ(ଭାସ୍କର ନ୍ୟୁଜ): ଭଦ୍ରକରେ ପୂଜା ପାଇଛନ୍ତି ଐତିହାସିକ ବୁଢା ଗଣେଶ,ଟୋକା ଗଣେଶ,ପିଲା ଗଣେଶ, ବାଲ ଗଣେଶ, କାଞ୍ଚନ ଗଣେଶ ଓ ପୂଜା ପାଇଛନ୍ତି ଅଗ୍ରପୂଜ୍ୟ ପ୍ରଭୁ ବିଘ୍ନ ବିନାଶକ ଗଜାନନ। ପ୍ରତିବର୍ଷ ପରି ଏ ବର୍ଷ ମଧ ଗଣପତି ବାପାଙ୍କ ପୂଜା ପାଇଁ ସାରା ଦେଶ ଉତ୍ସବ ମୁଖର ଥିବାବେଳେ ଭଦ୍ରକର ପୁରୁଣା ବଜାର ଠାରେ ଐତିହାସିକ ବୁଢା ଗଣେଶ,ଟୋକା ଗଣେଶ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଛି । ମୋଗଲ ସାମ୍ରାଜ୍ୟ ସମୟରେ ବୁଢାଗଣେଶଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ଭାଇଚାରା ଭିତରେ ଏହା ପ୍ରତିବର୍ଷ ୫୦୦ବର୍ଷରୁ ଉର୍ଦ୍ଧ୍ୱ ସମୟରୁ ପାଳିତ ହୋଇ ଆସୁଛି ଓ ପୁରୁଣା ବଜାର ଅଞ୍ଚଳରେ ଏହି ବୁଢ଼ା ଗଣେଶ ପୂଜା ପୂର୍ବପିଢ଼ିର କାର୍ଯ୍ୟପନ୍ଥା ଦୋହରାଇ ବର୍ତ୍ତମାନ ପିଢ଼ିର କର୍ମକର୍ତ୍ତାମାନେ ପାଳନ କରିଲୁଥିବାବେଳେ କେବେଠାରୁ ଏହି ପୂଜା ଆରମ୍ଭ ହୋଇଛି ତାହା କାହାରିକୁ ଅବଗତ ନାହିଁ, ହେଲେ ସ୍ଥାନୀୟ ବୟସ୍କ ମାନଙ୍କ ଅନୁଯାୟୀ ଏହା ଭଦ୍ରକରେ ମୋଗଲ ରାଜ ଥିବା ସମୟରୁ ହୋଇ ଆସୁଥିବାର ଜଣାପଡୁଛି ଓ ଟୋକା ଗଣେଶ ୧୯୭୦ ମସିହାରୁ ଚାଲିଆସିଛି। ଟୋକା ଗଣେଶଙ୍କ ବିଶେଷତ୍ୱ ହେଉଛି ପ୍ରଭୁଙ୍କ ଦେହରେ ଲାଗିଛି ୮୫ କେଜି ର ଚାନ୍ଦି ଅଳଙ୍କାର। ଚାନ୍ଦିମେଢ଼ରେ ଦର୍ଶନ ଦେଇଛନ୍ତି ବାବା ଟୋକା ଗଣେଶ। ସେହିପରି ପିଲା ଗଣେଶ ୧୯୯୩ ମସିହାରୁ ପୂଜା ପାଇଆସୁଛନ୍ତି । ସର୍ବପୁରାତନ ବୁଢାଗଣେଶ ଚଳନ୍ତି ଡାକୁଆ ଦେବତା ବୋଲି ମଧ୍ୟ କିମ୍ବଦନ୍ତୀ ରହିଛି । ଯେ ଯାହା ମାନସିକ କରନ୍ତି ସେ ତାହା ନିଶ୍ଚୟ ପାଇଥାନ୍ତି ବୋଲି ମଧ୍ୟ ପ୍ରବାଦ ରହିଛି । ଗଣନାଥଙ୍କ ପୂଜା ଭବ୍ୟ ସମାରୋହରେ ଏକ ମାସ ଧରି ହୋଇଥାଏ ଏବଂ ଏକମାସ ପରେ ବିସର୍ଜନ ଦିଆଯାଇଥାଏ ଗଣପତିଙ୍କୁ । ପୂଜା ପାଇଁ ସାରା ଭଦ୍ରକ ସହର ଉତ୍ସବ ମୁଖର ଥିବାବେଳେ ସମସ୍ତେ ଅନେଇ ବସିଥାନ୍ତି ଭସାଣି ଦିନକୁ କାରଣ ଯେତେବେଳେ ଗଣପତି ମେଲାଣି ନିଅନ୍ତି ସେତେବେଳେ ବିଭିନ୍ନ ପାରମ୍ପରିକ ବାଜା ବାଣ ରୋଷଣୀରେ ଭଦ୍ରକ ସହର ଫାଟିପଡିଥାଏ । ଶାନ୍ତି ଶୃଂଖଳାର ଦର୍ଶନ ସହ କେମିତି ଆରାମରେ ଭକ୍ତ ଯିବେ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ମଣ୍ଡପ ରେ ପୋଲିସ ମୁତୟନ କରାଯାଇଛି । ସେହିପରି ସହର ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ପାଳିତ ହେଉଅଛି ।



ଫୁଲନଖରା (ଭାସ୍କର ନ୍ୟୁଜ): ପାହାଳ ଥାନା ଅନ୍ତର୍ଗତ ନଖରା ସ୍ଥିତ ମା' ଜାଗୁଲେଇ ଗଣେଶ ପୂଜା କମିଟି ପକ୍ଷରୁ ବିଘ୍ନ ବିନାଶକ ପ୍ରଭୁ ଗଣେଶଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି,ଚଳିତ ବର୍ଷ ଏହି ଅନୁଷ୍ଠାନର ଗଣେଶ ପୂଜା ୨୦ ବର୍ଷରେ ପଦାର୍ପଣ କରିଛି।ଏହି ପୂଜା କମିଟିର ସଭାପତି ବିଧାନ ଚନ୍ଦ୍ର ମିଶ୍ର, ସମ୍ପାଦକ ଆଲୋକ କୁମାର ଦାସଙ୍କ ସହିତ ରଞ୍ଜନ ମିଶ୍ର, ସିଦ୍ଧାନ୍ତ ଦାସ,ବିପିନ କୁମାର ଭୋଳ,ବିଶ୍ୱଜିତ ସ୍ୱାଇଁ,ବିବେକାନନ୍ଦ ସ୍ୱାଇଁ,ନିହାର ରଞ୍ଜନ ସ୍ୱାଇଁ, ବିନୋଦ ବିହାରୀ ଭୋଇ, ବାବାଜୀ ଚରଣ ସାହୁ,ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ।ସେହିପରି ପଞ୍ଚବଟି ବଜାର ସ୍ଥିତ ଗଜାନନ ୟୁଥ କ୍ଲବ ତରଫରୁ ଗଣେଶ ପୂଜା ପାଳିତ ହୋଇଯାଇଛି। ଏହି ଅନୁଷ୍ଠାନ ର ସଦସ୍ୟ ସରୋଜ ମହାକୁଡ଼, ରଂଜିତ ବାରିକ, ଶିବୁନ ବେହେରା,ପ୍ରଦେଶ ଓଝା ଏବଂ ସଦର ଥାନା ଅଞ୍ଚଳର ନୂଆଗଡ ଗ୍ରାମର ଗଣପତ ପୂଜା କମିଟିର ସଭାପତି ଦେବାଶିଷ ଦାସ,ସମ୍ପାଦକ ସନ୍ଦୀପ ପ୍ରଧାନ,ତୁଷାର ଜେନା,ପ୍ରଶାନ୍ତ ଜେନା,ସୌମ୍ୟରଞ୍ଜନ ନାୟକ,ଆକାଶ ଜେନା,ସୁଶାନ୍ତ ଜେନା,ଶିବାଶିଷ ଦାସ,ଶେଖର ଜେନା,ମିଳନ ପରିଡାଙ୍କ ସହ ଗ୍ରାମର ଅନ୍ୟ ଏକ ପୂଜାକମିଟି କିଙ୍ଗ କ୍ଲବ ପକ୍ଷରୁ ଗଣେଶ ପୂଜା ଧୂମଧାମରେ ପାଳିତ ହେଉଅଛି।ଏହି ଅନୁଷ୍ଠାନର ସଭାପତି ଯୋଗେନ୍ଦ୍ର ସାହୁ,ସମ୍ପାଦକ ଡମ୍ବୁରୁଧର ସାହୁ, ସହ ସମ୍ପାଦକ ଶୁଭମ ସାହୁ,ରଜତ ସାହୁ,କରନ ସାହୁ, ସାଇସତ୍ୟ ସାହୁ,ରଞ୍ଜନ ଦାସ,ରୁଦ୍ରନାରାୟଣ ପ୍ରଧାନ,ଆଦିତ୍ୟ ବରାଳ,ରାମକୃଷ୍ଣ ଭଟ୍ଟ,ପ୍ରଭାତ ଭଟ୍ଟ,ସାଇକୃଷ୍ଣ ସାହୁ, ଅରଡିଆପଦା ଅନ୍ତର୍ଗତ ଢ଼ିଅସାହି ଏମ.ଏନ୍ ଗଣେଶ ପୂଜା କମିଟିର ଦିବ୍ୟଦ୍ୟୁତି ବେଉରା, ଦିବ୍ୟ ଜ୍ୟୋତି ବେଉରା, ରତି ରଂଜନ ବେଉରା, ରାଜେଶ ବେଉରା, ସୌମ୍ୟକାନ୍ତ ବେଉରା, ହିମାଂଶୁ ଶେଖର ଜେନା ପ୍ରମୁଖଙ୍କ ସହ ପୂଜା କମିଟିର ସଦସ୍ୟମାନେ ମହାଆଡ଼ମ୍ବରରେ ପାଳିନ କରିଛନ୍ତି। ସମସ୍ତ ମଣ୍ଡପରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି।



ଶେରଗଡ଼(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା, ଶେରଗଡ଼ ବ୍ଲକ ସ୍ଥିତ ରାଜା ସାହି, ପାଢ଼ୀ ସାହି, ତୋଟା ସାହି ବଡ ଦାଣ୍ଡ, ପନ୍ଦ୍ରା ସାହି, ହାଟ ବନ୍ଧ, ବ୍ଲକ ଛକ, ସ୍କୁଲ, କଲେଜ ଓ ଶେରଗଡ଼ ବ୍ଲକ ଅନ୍ତର୍ଗତ ରାମଗିରି ପାଟପଲ୍ଲୀ, କୁଲାଗଡ଼ ସହ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ଗଜାନନଙ୍କ ପୂଜା ଆଡମ୍ବର ସହକାର ପାଳିତ ହେଉଅଛି। ଶେରଗଡ଼ ବ୍ଲକ ଅନ୍ତର୍ଗତ ଯୁବ ସମାଜ ତରଫରୁ ମଧ ବିଭିନ୍ନ ସ୍ଥାନର ବିଭିନ୍ନ ପ୍ରକାରର ଆଡମ୍ବର ସହ ସାଜ ସଜା ହୋଇ ଗଣେଶ ପୂଜା କରାଯାଉଅଛି।



ସାରସକଣା(ଭାସ୍କର ନ୍ୟୁଜ): ଏହି ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମହାଆଡମ୍ବରରେ ଗଣେଶ ଚତୁର୍ଥୀ ପାଳିତ ହୋଇଯାଇଛି। ପାଗ ପ୍ରତିକୂଳ ଥିବା ସତ୍ତ୍ୱେ ଛାତ୍ର ଛାତ୍ରୀ ମାନଙ୍କ ଆନନ୍ଦ କହିଲେ ନସରେ। ସମସ୍ତେ ସକାଳୁ ଉଠି ଗାଧୁଆ ସରିବାପରେ ପୂଜା ସାମଗ୍ରୀ ଧରି ନିଜ ଅନୁଷ୍ଠାନକୁ ପୂଜା କରିବା ପାଇଁ ବାହାରିବାର ପରିଲକ୍ଷିତ ହୋଇଥିଲା । ସାରସକଣା ବ୍ଲକର ବିଭିନ୍ନ ସ୍କୁଲମାନଙ୍କରେ, କ୍ଲବ୍, ଶରତପାଳ ମହାବିଦ୍ୟାଳୟ ଓ ସାରସକଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଦଭାବନା ଓ ସମ୍ମାନ ସହ ପୂର୍ବ ପରମ୍ପରାରେ ବେଦ ଉଚ୍ଚାରଣ ସହିତ ବିଘ୍ନରାଜଙ୍କ ପୂଜା ଆରମ୍ଭ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ବହୁ ଲୋକମାନେ ଦେଖିବା ପାଇଁ ଯାଇ ପ୍ରସାଦ ସେବନ କରିଥିଲେ। ଝାର ପୋଖରିଆରେ ମଧ ମହା ଆଡ଼ମ୍ବରରେ ସୀମାନ୍ତ ମହାବିଦ୍ୟାଳୟ, ସୀମାନ୍ତ ଆଇ ଟି ଆଇ , ସୀମାନ୍ତ ଫାର୍ମାସୀ କଲେଜ୍, ସୀମାନ୍ତ ଇଂଜିନିୟରିଂ କଲେଜ, ସୀମାନ୍ତ ଇଂରାଜୀ ମାଧ୍ୟମ ସ୍କୁଲ ଓ ବିଭିନ୍ନ ପ୍ଲେ ସ୍କୁଲ୍, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଠାରେ ପାଳିତ ହୋଇଯାଇଛି। ତା ଛଡା ବିଭିନ୍ନ ମେସ ଓ ଗ୍ରାମମାନଙ୍କରେ ଥିବା ଅନୁଷ୍ଠାନରେ ମଧ ପୂଜା ସୁନ୍ଦର ଢଙ୍ଗରେ ପାଳିତ ହୋଇଯାଇଛି।



ଜଗତସିଂହପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ବାଲିକୁଦା କଣିଆଂର ପାର୍ବତୀ ଡେକୋରେଟର ଆଣ୍ଡ ସପ୍ଲାୟାର ମାଲିକ ପ୍ରଭାକର ସାହୁଙ୍କର ହଠାତ ଦେହାନ୍ତ ହୋଇଯାଇଛି। ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁବରଣ କରିଛନ୍ତି। ଘରେ ବିଧବା ପତ୍ନୀ-ଉଷାରାଣି ସାହୁ ଓ ଏକମାତ୍ର ପୁଅ ମନୋଜ କୁମାର ସାହୁ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେଉଥିବା ପ୍ରଭାକର ସାହୁଙ୍କ ତିରୋଧାନରେ ଗଭୀର ଶୋକ ପ୍ରକାଶ କରିବା କରିବା ସହ ତାଙ୍କ ବାସଭବନରେ ଏକାଦଶାହ ପାଳନ ଆୟୋଜିତ ସ୍ମୃତି ସଭାରେ ସଙ୍ଘର ଜିଲ୍ଲା ସଭାପତି ମଧୁସୂଦନ ସାହୁ, ଉପେଦେଷ୍ଟା ଦିଲ୍ଲୀପ ମହାନ୍ତି କାର୍ଯ୍ୟକାରି ସଭ୍ୟ ଧୀରିଆ ନନା, ସୁକାନ୍ତ କୁମାର ପଣ୍ଡା, ମିର୍ଜା ରାଜା ବଲ୍ଲି ବେଗ, ମାୟାଧର ପରିଡ଼ା, ଦେବେନ୍ଦ୍ର କାଲୁଆ, ବୃନ୍ଦାବନ ମହାନ୍ତି, ପ୍ରତାପ ସାହୁ, ସୁକାନ୍ତ ସାହୁ, ପ୍ରତାପ ସ୍ୱାଇଁ, ସହ ସମ୍ପାଦକ ଅଲେଖ- ବିଶୋଇ, ଅଭିମନ୍ୟୁ ନାୟକ ଗଣେଶ ପାଲ ଓ ବିନୋଦ କୁମାର ଦାସ ପ୍ରମୁଖ ସଭ୍ୟ ସାମିଲ ହୋଇ ସ୍ୱର୍ଗତ ଆତ୍ମାଙ୍କ ଉଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ସଂଘ ତରଫରୁ ଟ ୨୦,୦୦୦/- ତାଙ୍କ ସହ ଧର୍ମିଣୀ ଉଷାରାଣି ସାହୁ ଓ ପୁଅ ମନୋଜ କୁମାର ସାହୁଙ୍କୁ ପ୍ରଦାନ କରିଥିଲେ। ସଂଘର ଏଭଳି ମହାନ କାର୍ଯ୍ୟକୁ ସାଧାରଣରେ ଭୂୟସି ପ୍ରଶଂଶା କରାଯାଉଛି।

### ବିନା ଟ୍ରାଞ୍ଜିଟ୍ ପାସରେ ଚାଲିଛି ବାଲି ଟ୍ରକ

# ରାଜ୍ୟ ସରକାରଙ୍କ ପୂର୍ତ୍ତବିଭାଗ ରାସ୍ତା ପାଲଟୁଛି ଗଡିଆ



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ତହସିଲ ଅଧୀନରେ ବିଭିନ୍ନ ଖଣିଜ ପଦାର୍ଥ କୁ ବିପୁଳ ପରିମାଣରେ ଚୋରାଚାଲାଣ କରାଉଥିବା ଅଭିଯୋଗ ହେଉଛି। ଓଡିଶା ଏକ ଖଣିଜ ସମ୍ପଦ ରାଜ୍ୟ ଭାବରେ ଦେଶରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି। ଯେଉଁଥିରେ କଟକ ଜିଲ୍ଲା ନିଆଳି ତହସିଲ ହେଉଛି ବାଲି ଭଣ୍ଡାରର ଅନ୍ୟତମ। ଏହିଠାରୁ ରାଜ୍ୟ ସରକାର ଦୈନିକ ଯେତିକି ପରିମାଣ ର ରାଜସ୍ୱ ପାନ୍ତି ତା'ଠାରୁ ୫୦ଗୁଣରୁ ଅଧିକ ରାଜ୍ୟ ସରକାର ହରାଇଥାନ୍ତି। ବାଲି ମାଫିଆ ମାନେ କୋଟି କୋଟି ଟଙ୍କାର ବାଲି ଲୁଟ କରୁଥିଲେ ବି ଦାୟିତ୍ୱରେ ଥିବା ଅସାଧୁ ଅଧିକାରୀ ମାନେ ମାସିକିଆ ନେଇ ଚୋରକୁ ସୁରକ୍ଷା ଦେଇଥାନ୍ତି। ଖଣି ବିଭାଗ ଓଡିଶା ସରକାର ଶଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଟେ। ଏହା ନିୟାମକ ଶକ୍ତି ଅଧୀନରେ ରାଜ୍ୟର ଖଣିଜ ସମ୍ପଦର ବିକାଶ ପାଇଁ କାର୍ଯ୍ୟକରେ। ଏହା ମଧ ରାଜ୍ୟରେ ମୂଲ୍ୟ ଯୋଗ ଖଣିଜ ପଦାର୍ଥର ଶେଷ ବ୍ୟବହାର ପାଇଁ ଉତ୍ସାହିତ ଏବଂ ସମର୍ଥନ ଯୋଗାଏ। ଏହା ଦ୍ୱାରା ରୋଜଗାର ସାମାଜିକ ଅର୍ଥନୀତିକ ବିକାଶ ଏବଂ ରାଜ୍ୟ ପାଇଁ ଅଧିକ ରାଜସ୍ୱ ପାଇବାର ଅଧିକାର ସୃଷ୍ଟି କରିଥାଏ। ହେଲେ ଖଣିବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ମାନେ ବାଲି ଚୋରା ଚାଲାଣକୁ ହେୟ ଜ୍ଞାନ ବୋଲି ମାନି ନେଉଛନ୍ତି। ଦୈନିକ ନିଆଳି ତହସିଲ ଅଧୀନରେ ଥିବା ବିଭିନ୍ନ ନଦୀରୁ ଟ୍ରକ ସହାୟତାରେ ଜିଲ୍ଲା ଓ ରାଜ୍ୟ ବାହାରକୁ ଚୋରା ଚାଲାଣ କରାଯାଉଛି। ସେ ପୁଣି ବିନା ଟ୍ରାଂଜିଟ ପାସରେ। ପ୍ରାୟତଃ ଗାଡି ଗୁଡିକ ଓଭର ଲୋଡିଂ ଓ ଟ୍ରାଂଜିଟ ପାସ ନଥିବା ସତ୍ତ୍ୱେ ଜୋରିମାନା ଆଦାୟ କରାଯାଉ ନାହିଁ। ଗାଡି ଗୁଡିକରେ ବାଲି ଲୋଡ୍ ସରିବା ପରେ ଚୋରା ରେ ବାହାରକୁ ଚାଲାଣ କରିବା ପାଇଁ ଗଳା ବାଟ ବାଛି ନେଉଛନ୍ତି ଟ୍ରକ ମାଲିକ ମାନେ। ପ୍ରଥମତଃ ୬୦ନମ୍ବର ରାଜ୍ୟ ରାଜପଥ ପନିମାଳ, ଜଲାରପୁର, ନିଆଳି, ସଳେଇ, ଅଡଶପୁର, ଇଚ୍ଛାପୁର ଓ ବାଗଲ ପୁର ଦେଇ ନିଆଳି ଅଞ୍ଚଳରୁ ବାଲି ନେଇ କଟକ ଭୁବନେଶ୍ୱର ସମେତ ଅନେକ ଜିଲ୍ଲାକୁ ବାଲି ଚୋରା ଚାଲାଣ କରୁଛନ୍ତି। ଏମିତିକି ରାଜ୍ୟ ବାହାରୁ ଜିନିଷ ନେଇ ଆସୁଥିବା ଟ୍ରକ ଗୁଡିକୁ ଖାଲି ଗାଡି ଫେରିଯିବା ବଦଳରେ ବାଲି ନେଇ ଫେରୁଥିବା ଦେଖିବାକୁ ମିଳୁଛି। ବାଲି ନେଇ ଯାଉଥିବା ଟ୍ରକ ମାଲିକ ମାନେ ନାଁ କାହାକୁ ଡର ନାଁ କାହାକୁ ଅଛି ଭୟ। ପ୍ରାୟ ଗାଡିର ମାଲିକ ମାନେ ଶାଶକ ଦଳର ହୋଇଥିବା ବେଳେ କିଛିକିଛି ମାସିକିଆ ଆରଟିଓ, ତହସିଲ, ପୋଲିସ, ସାମ୍ବାଦିକ ଏବଂ ଖଣି ବିଭାଗ କାର୍ଯ୍ୟାଳୟକୁ ଦେଇଥାନ୍ତି। ଯାହାଫଳରେ ଦୈନିକ ଶହ ଶହ ଗାଡି ରାଜ୍ୟ ରାଜପଥରେ ଯାତାୟାତ କରୁଥିଲେ ବି କୌଣସି ଗୋଟିଏ ବି ଗାଡି ଧରିବାର ନଜର ନାହିଁ। ରାତି ତମାମ ବଡ଼ ବଡ଼ ହାଇବା ସାହାଯ୍ୟ ରେ ଓଭର ଲୋଡିଂ କରି ଗାଡିଗୁଡିକ ବାଲି ବୋହୁଛନ୍ତି। ଯାହା ଫଳରେ ପୂର୍ତ୍ତ ବିଭାଗ ର ରାଜ୍ୟ ରାଜପଥ ରେ ବଡ଼ ବଡ଼ ଖାଲ ଯୋଗୁ ଗଡିଆ ସୃଷ୍ଟି ହେଲାଣି। ଜିଲ୍ଲା ପରିବହନ କାର୍ଯ୍ୟାଳୟ ଥିଲେ ବି ନିଆଳି ଅଞ୍ଚଳରେ ଦିନଟିଏ ବି ଗାଡି ମଟର ଯାଞ୍ଚ କରି ଜୋରିମାନା ଆଦାୟ କରାଯାଉ ନାହିଁ। ତୁରନ୍ତ ଏ ଦିଗରେ ଜିଲ୍ଲା ମାଇନ୍ସ ବିଭାଗ ଏବଂ ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ମତପ୍ରକାଶ ପାଇଛି।

## ୭୦ ଫୁଟ୍ ପାଣି ଟାଙ୍କି ଉପରୁ ଷଣ୍ଢ ଉଦ୍ଧାର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ତଳବନ୍ଧ ଗ୍ରାମରେ ଥିବା ଏକ ୭୦ଫୁଟ୍ ଉଚ୍ଚର ପାନୀୟଜଳ ପ୍ରକଳ୍ପ ପାଣିଟାଙ୍କି ଉପରୁ ଏକ ଷଣ୍ଢକୁ ପ୍ରଶାସନ ସହଯୋଗରେ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶ କ୍ରମେ ବିଡିଓ ନିରଂଜନ ବାରିକ, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷିକେଶ ବେହେରା, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା, ତିହିଡ଼ି ଅଗ୍ନିଶମ ବିଭାଗ ଆଗ୍ନିକ ଅନନ୍ତ ପ୍ରସାଦ ବେହେରା, ଜିଲା ଏନଡିଆରଏଫ ଟିମ୍ ମୁଖ୍ୟ ଓ ଜିଲା ଦମକଳବାହିନୀ ମୁଖ୍ୟ, ଜିଲ୍ଲା ପ୍ରାଣୀ ବଶୀକରଣ ବିଭାଗ ଅଧିକାରୀ, ସରପଞ୍ଚଙ୍କ ପ୍ରତିନିଧି ରବିନ୍ଦ୍ର ଶତପଥିଙ୍କ ମିଳିତ ସହଯୋଗରେ ଷଣ୍ଢକୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ ଗୁରୁବାର ସକାଳ ୬ଟା ସମୟରେ ପାଣିଟାଙ୍କି ଉପରେ ଷଣ୍ଢ ଚଢ଼ି ଯାଇଥିବା ଗ୍ରାମବାସୀ ଦେଖିବା ପରେ ସରପଞ୍ଚଙ୍କ ପ୍ରତିନିଧି ଶତପଥିଙ୍କୁ ଖବର ଦେଇଥିଲେ। ଶତପଥି ତୁରନ୍ତ ଅଗ୍ନିଶମ ବିଭାଗର ଆଗ୍ନିକ ବେହେରାଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଆଗ୍ନିକ ବେହେରା ଷଣ୍ଢକୁ ଉଦ୍ଧାର କରିବାକୁ ଉଦ୍ୟମ ଚଳାଇଥିବା ବେଳେ ଜିଲ୍ଲାପାଳ ରାଉତରାୟଙ୍କ ନିର୍ଦ୍ଦେଶରେ ଅନ୍ୟ ଅଧିକାରୀ ମାନେ ସେଠାରେ ପହଞ୍ଚି ୧୦ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରିବା ପରେ ଷଣ୍ଢକୁ ଉଦ୍ଧାର କରାଯାଇଥିଲା।

### ଗୋପବନ୍ଧୁ କ୍ଲବ ପାଳିଲା ନୂଆଁଖାଇ ଭେଟଘାଟ୍

ବେଲପାହାଡ, (ଭାସ୍କର ନ୍ୟୁଜ୍): ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୂଆଁଖାଇ ଉପଲକ୍ଷେ ଗୁରୁବାର ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ସମରବଗା ପଞ୍ଚାୟତ ଅନ୍ତର୍ଗତ କୁଡ଼ାବଗା ଗ୍ରାମ ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ 'ନୂଆଁଖାଇ ଭେଟଘାଟ୍' ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ସଂସ୍କୃତି ପରମ୍ପରା ଆଧାରିତ କୁନି କୁନି ପ୍ରତିଭା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ତଥା ନାଚ, ଗୀତ, ଅଭିଭାଷଣ ପ୍ରଭୃତି ପରିବେଷଣ କରାଯାଇ ଥିଲା। ଯାହା ଉପସ୍ଥିତ ଅତିଥି ଓ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପଶ୍ଚିମ ଓଡ଼ିଶାର ମୁଖ୍ୟ ବାଦ୍ୟ ଢୋଲ, ନିଶାନ, ତାସା ଓ ମୁହୁରି ଇତ୍ୟାଦି ବାଦ୍ୟଯନ୍ତ୍ରରେ ଗାଁ ଦାଣ୍ଡ ଦୁଲୁକି ଯାଇଥିଲା। ବିଗତ ୫ ବର୍ଷରୁ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଦୁଆଁନ୍ ମୁଣ୍ଡା ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରଧାନ, ଭୌରାଚକା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ମାଧବ ଚନ୍ଦ୍ର ରଣା , ସମ୍ମାନିତ ଅତିଥି ଭାବେ ମାନସ ରଂଜନ ବେହେରା, ବୃନ୍ଦାବନ ଭୋଇ, ଭାଗବତିଆ ଛତ୍ରିଆ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲାବେଳେ ଉତ୍ତମ ନେଗୀ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ। ଗୋପବନ୍ଧୁ କ୍ଲବ ସଭାପତି ସୁରେନ୍ ଛତ୍ରିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବ୍ରେନ୍ ଆଇକନିକ୍ ଚାରିଟେବଲ ଟ୍ରଷ୍ଟ ଦ୍ୱାରା ବୃକ୍ଷରୋପଣ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଗୁରୁବାର ଦିନ ନେଳୁଙ୍ଗ ଗ୍ରାମ ଶିବ ମନ୍ଦିର ପରିସରରେ ବ୍ରେନ୍ ଆଇକନିକ ଚାରିଟେବୁଲ ଟ୍ରଷ୍ଟ କେନ୍ଦୁଝର ଶାଖା ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରେରଣା ଦାୟୀ କାର୍ଯ୍ୟକ୍ରମରେ ବ୍ରେନ୍ ଆଇକନିକ ଚାରିଟେବୁଲ ଟ୍ରଷ୍ଟର ଯୁଗ୍ମ ସଚିବ ଏଲିନା ନାୟକ, ଧରଣୀଧର ବିଶ୍ୱ ବିଦ୍ୟାଳୟର କୁଳ ସଚିବ ପ୍ରତିଭା ପୃଷ୍ଟି, ଧରଣୀଧର ବିଶ୍ୱ ବିଦ୍ୟାଳୟର ନୃତ୍ୱତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼ଃ, ସରିତା ଗୌତମ, ଅଧାପିକା ସ୍ମୃତି ବାନାର୍ଜୀ, ଅଧାପିକା ନିରୁପମା ଦାସ ଓ ସ୍ନିଗ୍ଧା ଦାସ ଓ ଗ୍ରାମର ବରିଷ୍ଠ ସମାଜ ସେବୀ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ବୃକ୍ଷ ରୋପଣ କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ। ପାହାଡ଼ର ପାଦ ଦେଶରେ ଅବସ୍ଥିତ ଥିବା ଏହି ଶିବ ମନ୍ଦିର ଟିର ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ ଆକର୍ଷଣୀୟ ଓ ଆଧାତ୍ମିକ ପରିବେଶ ସୃଷ୍ଟିର ସହାୟକ ହୋଇଥିବା ହେତୁ ଏଠାରେ ବିଭିନ୍ନ ଉପାଦେୟ ଫଳ ଓ ଔଷଧୀୟ ବୃକ୍ଷ ରୋପଣ ପାଇଁ ଆଗାମୀ ଦିନରେ ଆମ ସଂସ୍ଥା ତରଫରୁ ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ଟ୍ରଷ୍ଟର ଯୁଗ୍ମ ସମ୍ପାଦିକା ନାୟକ କହିଥିଲେ। ବିଶ୍ୱ ବିଦ୍ୟାଳୟର କୁଳପତି ସୁଶ୍ରୀ ପୃଷ୍ଟି ଆଗାମୀ ଦିନରେ ପ୍ରଜାପିତା ବ୍ରହ୍ମ କୁମାରୀ ଆନୁକୁଲ୍ୟ ରେ ଏକ ତିନି ଦିନିଆ ଭଗବତ୍ ସମ୍ମିଳନୀ ଆୟୋଜନ କରି ଗ୍ରାମର ମହିଳା ଓ ଯୁବକ ମାନଙ୍କୁ ଭଗବତ୍ ମାର୍ଗରେ ପରିଚାଳିତ କରିବାକୁ ପ୍ରୟାସ କରିବେ ବୋଲି କହି ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବାରେ ନେଳୁଂଗ ଗ୍ରାମର ନାଏବ ସରପଞ୍ଚ ସୁଧାଂଶୁ ଶେଖର ପାତ୍ରୀ, ଦୁର୍ଗା ପ୍ରସାଦ ପଣ୍ଡା, ହୁଣ୍ଡଲୁ ନାୟକ ଓ ରଞ୍ଜନ ରଣା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉଦୀୟମାନ ଉଚ୍ଚ ଶିକ୍ଷିତ ଯୁବକ ତୁଷାର ଜ୍ୟୋତି ମହନ୍ତ ନିଷ୍ଠା ର ସହ ପାଳନ କରିଥିବାରୁ ଟ୍ରଷ୍ଟର କର୍ମକର୍ତ୍ତା ଆନ୍ତରିକ ଶୁଭେଚ୍ଛା ଦେଇଥିଲେ। ଗ୍ରାମବାସୀ ତଥା ମନ୍ଦିର ଟ୍ରଷ୍ଟର ବରିଷ୍ଠ ସଦସ୍ୟ ସଞ୍ଜୟ ପଣ୍ଡା ଚରିଟେବଲ ଟ୍ରଷ୍ଟର ବରିଷ୍ଠ କର୍ମକର୍ତ୍ତା, ବିଶେଷକରି ସୁଶ୍ରୀ ପୃଷ୍ଟି ଓ ଅଧାପିକାମାନଙ୍କୁ ଏହି ପ୍ରକାର କାର୍ଯ୍ୟକ୍ରମକୁ ହାତକୁ ନେଇ ସମାଜ ମଙ୍ଗଳ କାର୍ଯ୍ୟକ୍ରମରେ ବ୍ରତୀ ହୋଇ ଥିବା ଯୋଗୁ ଅନୁଷ୍ଠାନ ଉତ୍ତର ତୋର ଉନ୍ନତି ପାଇଁ ପ୍ରଭୁଙ୍କ ଚରଣରେ ନିବେଦନ କରୁଛି ବୋଲି କହିଥିଲେ।

### କଣାସରେ ସାର ଅଭାବ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ୩୦ରୁ ଉର୍ଦ୍ଧ ସାର ବିକ୍ରେତା ସରକାରୀ ସ୍ୱକୃତିପ୍ରାପ୍ତ କରିଥିବା ବେଳେ ଇୟୁରିଆ, ୨୮-୨୮ ଗୁମର ସାର ବଜାରରେ ମିଳୁନାହିଁ। ୟୁରିଆ ସାର ବସ୍ତା ୨୭୦ଟଙ୍କା ସରକାରୀ ଧାର୍ଯ୍ୟ ଥିବା ବେଳେ ବିଭିନ୍ନ ସ୍ଥାନରେ ୪୦୦ରୁ ୫୦୦ଟଙ୍କା ବିକ୍ରି କରାଯାଉଥିବା ବେଳେ ୨୮-୨୮ ଗୁମର ସାର ବସ୍ତା ପିଛା ସରକାରୀ ମୂଲ୍ୟ ୧୪୫୦ ଟଙ୍କା ଥିବା ବେଳେ ୧୮୦୦ରୁ ଉର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଥିବା ଋଷୀମାନେ ଅଭିଯୋଗ କରିଛନ୍ତି। କଣାସରେ କୃଷି ଅଧିକାରୀ ପଦବୀ ଦୀର୍ଘଦିନ ହେଲା ଖାଲି ପଡିଥିବା ବେଳେ ୮ଦିନ ତଳେ ଜଣେ କୃଷି ଅଧିକାରିଣୀ କଣାସ କୃଷି କାର୍ଯ୍ୟାଳୟରେ ଯୋଗଦେଇ ଥିଲେ ମଧ ତାଙ୍କର ଦେଖାନାହିଁ। ସାର ଅଭାବ ସମ୍ପର୍କରେ କେତେକ ସରକାରୀ ସ୍ୱକୃତିପ୍ରାପ୍ତ ଡିଲରମାନଙ୍କୁ ପଚାରିବାରୁ ସେକହୁଛନ୍ତି ଆମେ ହୋଲସେଲ୍‌ଙ୍କ ଠାରୁ ୟୁରିଆ ଓ ଗୁମର ଆଣିବା ପାଇଁ ବାରମ୍ବାର ଦୌଡି ଦୌଡି ହତାସ୍ ହେଲୁଣି। ଚାଷୀମାନେ ୟୁରିଆ ଓ ଗୁମର ସାର ପାଇଁ ସରକାରୀ ସ୍ୱକୃତିପ୍ରାପ୍ତ ବିକ୍ରେତାମାନଙ୍କ ପାଖକୁ ଯାଇ ସାର ନ ପାଇ ନିରାଶ ହୋଇ ଫେରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଜିଲ୍ଲା କୃଷି ଅଧିକାରୀ ଚାଷୀମାନଙ୍କ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଦେବାକୁ ଋଷୀମାନେ ଦାବିକରିଛନ୍ତି।

## ବ୍ୟାଣ୍ଡ ଓ ଡିଜେ ଉପରେ କେମିତି ରହିବ କଟକଣା ?

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଗଣେଶ ପୂଜାରୁ ପାର୍ବଣ ଋତୁର ଆରମ୍ଭ ହୋଇଯାଇଛି। ପଛକୁ ପଛ ଅନେକ ପୂଜା, ପର୍ବ ପର୍ବାଣୀ ଅଛି। ଏସବୁ ପୂଜା ମହୋତ୍ସବ, ଭସାଣି ଶୋଭାଯାତ୍ରାରେ ଶବ୍ଦ କଟକଣା କଡାକଡି ଭାବେ ଲାଗୁ କରାଯିବ ବୋଲି ଅସ୍ତରଙ୍ଗ ପୁଲିସ ପକ୍ଷରୁ ଚେତାବନୀ ଦିଆଯାଇଛି। କିନ୍ତୁ ଶବ୍ଦ କଟକଣା କିଭଳି ଲାଗୁ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ବ୍ୟାଣ୍ଡ ପାର୍ଟି ଓ ଡିଜେସାଉଣ୍ଡ ଅପରେଟରଙ୍କ ପାଖରେ ସାଉଣ୍ଡ ଲିମିଟର ମେସିନ ଅଛି କି ନାହିଁ ତାହା ପୁଲିସ ଯାଞ୍ଚ କରୁ ନାହିଁ। ସମସ୍ତ ସଂସ୍ଥା ସାଉଣ୍ଡ ଲିମିଟର ମେସିନ ଲଗାଇବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଯାହାକି ସେହି ସମୟରେ କିଛି ସଂସ୍ଥା ମେସିନ କିଣିଥିଲେ। ବର୍ଷବର୍ଷ ହେବ ଅସ୍ତରଙ୍ଗ ଓ ନୂଆଗଡ ପୋଲିସ ପକ୍ଷରୁ ଖୋଲତାଡ଼ ହେଉ ନଥିବାରୁ ଡିଜେ ସଂସ୍ଥା ପାଖରେ ସାଉଣ୍ଡ ଲିମିଟର ମେସିନ ଅଛି କି, ସେମାନେ ବ୍ୟବହାର କରୁଛନ୍ତି କି ନାହିଁ ପୁଲିସ ପାଖରେ ସେ ନେଇ କୌଣସି ସୂଚନା ନାହିଁ। ଭସାଣି, ବିବାହ ଶୋଭାଯାତ୍ରା ରେ ଶବ୍ଦ ପ୍ରଦୂଷଣ ନେଇ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି ହେବାରୁ ହାଇକୋର୍ଟ ନିର୍ଦ୍ଦେଶ ଅନୁସାରେ ସାଉଣ୍ଡ ଲିମିଟର ମେସିନ ଲଗାଇବା ବାଧ୍ୟତାମୂଳକ। ମେସିନ ସିରିୟଲ ନମ୍ବର ସାଉଣ୍ଡ ସଂସ୍ଥାର ବୁକିଂ ରସିଦ ରେ ଉଲ୍ଲେଖ ରହିବ। ସର୍ବାଧିକ ୬୫ ଡେସିବଲରେ ସାଉଣ୍ଡ ବାଜି ପାରିବ। ପୁଲିସ ଶୋଭାଯାତ୍ରା ଲାଇସେନ୍ସ ଦେବା ବେଳେ ଏହି ନିୟମ କଡାକଡି ଯାଞ୍ଚ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ରହିଛି। କିନ୍ତୁ ନିର୍ଦ୍ଦେଶ କିଛି ମାସ ପର୍ଯ୍ୟନ୍ତ ପୁଲିସ ସାଉଣ୍ଡ ଲିମିଟର ଯାଞ୍ଚ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା। ମାତ୍ର ଏହି ଘଟଣା ପରଠୁ ପୁଲିସ କିନ୍ତୁ ସାଉଣ୍ଡ ଲିମିଟର ମେସିନର ବାସ୍ତବ ସ୍ଥିତି ଯାଞ୍ଚ କରିନି। ସେହି ପୁରୁଣା ୬୦/୬୫ ଡେସିବେଲ ଥିବା ଲିମିଟର ମେସିନର ସିରିୟଲ ନମ୍ବର ବହୁ ଡିଜେ ସଂସ୍ଥା ରସିଦ ବହିରେ ଛପା ହୋଇଛି। ଏପରିକି ଗୋଟିଏ ସଂସ୍ଥା ଗୋଟିଏ ମେସିନ ଆଣି ତାର ୩ରୁ ୪ଟି ୟୁନିଟକୁ ସେହିଥିରେ ଚଳାଉଛନ୍ତି। ପୁଲିସ କିନ୍ତୁ ଏହାକୁ ଯାଞ୍ଚ କରୁନି। ରସିଦରେ ସିରିୟଲ ନମ୍ବର ଦେଖି ଲାଇସେନ୍ସ ଦେଇ ଦେଉଛି। ଅନ୍ୟପକ୍ଷରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ, କାକଟପୁର ଓ ନୂଆଗଡ ଥାନା ଅଞ୍ଚଳରେ ପୂର୍ବରୁ ଉଚ୍ଚ ଶବ୍ଦ ପ୍ରଦୂଷଣ ଅବା ପୋଲିସ ଠାରୁ ଅନୁମତି ନ ନେଇ ସାଉଣ୍ଡ ବଜାଉଥିବାରୁ ପୋଲିସ ତରଫରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତି ରେ ଅସ୍ତରଙ୍ଗ ଓ କାକଟପୁର ଥାନା ଅଧିକାରୀ ପରିବର୍ତ୍ତନ ହୋଇଥିବା ବେଳେ ଆଗକୁ ପାର୍ବଣ ସମେତ ବିଭିନ୍ନ ପୂଜାର ଭସାଣି ଓ ଶୋଭାଯାତ୍ରା। ହେଲେ ସେମାନେ ନୂଆ ସାଉଣ୍ଡ ଲିମିଟର ମେସିନ କିଣିଛନ୍ତି କି ନାହିଁ ତାହା ପୁଲିସ ଯାଞ୍ଚ କରୁଛି କି ନାହିଁ ଅପେକ୍ଷା, ନାଁ ହାଇକୋର୍ଟ ନିର୍ଦ୍ଦେଶକୁ ଉଲ୍ଲଘଂନ କରି ଭସାଣି ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ସାଉଣ୍ଡ ବାଜିବ ତାହା ପରବର୍ତ୍ତୀ ସମୟରେ ଜଣା ପଡିବ। ଏଭଳି ସ୍ଥିତିରେ ସାଉଣ୍ଡ ଉପରେ କଟକଣା କିଭଳି ରହିବ ତାହା ସମସ୍ତଙ୍କୁଆଶ୍ଚର୍ଯ୍ୟ କରୁଛି। ସେହିପରି ଅସ୍ତରଙ୍ଗ ଥାନା ଅଧିକାରୀ ସୂଚନା ଦେଇଛନ୍ତି ଭସାଣି ରେ ଉଚ୍ଚ ସାଉଣ୍ଡ ଭସାଣି ପାଇଁ ଉପଜିଲ୍ଲାପାଳଙ୍କ ଠାରୁ ଅନୁମତି ଆଣିବା ପାଇଁ। ଯଦି ନିୟମ ଉଲ୍ଲଘଂନ କରି ସାଉଣ୍ଡ ବାଜିବ ପୋଲିସ ଜବତ କରିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

### ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଚୌଦ୍ୱାର ପୌରପାଳିକା ୯ନମ୍ବର ଓ୍ୱାର୍ଡ଼ର ପୂର୍ବତନ କାଉନ୍‌ସିଲର ଶଶିଭୂଷଣ ଆଚାର୍ଯ୍ୟଙ୍କ ୭୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଆଚାର୍ଯ୍ୟ ୧୯୯୨ରୁ ୧୯୯୭ ପର୍ଯ୍ୟନ୍ତ ସ୍ୱାଧୀନ ପ୍ରାର୍ଥୀ ଭାବେ ପୌରପାଳିକାର କାଉନ୍‌ସିଲର ଥିଲେ। ସେ ଅଞ୍ଚଳରେ ଜଣେ ପରୋପକାରୀ, ସମାଜସେବୀ ଓ ଧର୍ମ ପରାୟଣ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ତାଙ୍କ ଶେଷ ଦର୍ଶନ ପାଇଁ ବରିଷ୍ଠ ବିଜେପି ନେତା ଜ୍ଞାନେନ୍ଦ୍ର ସ୍ୱାଇଁ, କୃଷ୍ଣଚନ୍ଦ୍ର ଦାସ, ହରିବୋଲ ଦାସ, ପ୍ରଦୀପ ଦାସ, ସୁଧୀର ଦାସ, ଜୀବନ ମାଝୀ, କପାଳେଶ୍ୱର ପୂଜା କମିଟି ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଦାସ, କେଦାରନାଥ ଜେନା ଓ ସମାଜସେବୀ ରାଜକିଶୋର ସାମନ୍ତରାୟ ତାଙ୍କ ବାସ ଭବନରେ ପହଂଚି ପରିବାର ବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ।

## ନିଖୋଜ ଶରତଙ୍କ ବାଟ ଚାହିଁ ବସିଛନ୍ତି ପତ୍ନୀ ଓ ଦୁଇ ଝିଅ



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅରେହିକଣା ପଞ୍ଚାୟତ କୁମ୍ଭାରଟଙ୍କା ଗ୍ରାମର ଶରତ କୁମାର ନାୟକଙ୍କ ଅସହାୟ ପରିବାରକୁ ଗୁରୁବାର ପଡୋଶୀ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରମାକାନ୍ତ ସ୍ୱେଚ୍ଛା ସେବୀ ସାମାଜିକ ସଂଗଠନ ସହାୟତାର ହାତ ବଢ଼ାଇଛି। ସୂଚନା ସୂତ୍ରରୁ ପ୍ରକାଶ ଆଳି ଥାନା କୁମ୍ଭାରଟଙ୍କା ଗ୍ରାମର ଶରତ କୁମାର ନାୟକ (୫୨) ଯିଏ କି ଜଣେ ବ୍ୟବସାୟୀ ଦୀର୍ଘ ୧୨ ମାସ ହେବ କେଉଁଆଡେ ଚାଲିଯାଇ ନିଖୋଜ ଅଛନ୍ତି। ଶରତ ଗାଁ'ରୁ ଗାଁ' ବୁଲିବୁଲି ପୂଜା ସାମଗ୍ରୀ ବିକ୍ରି କରନ୍ତି। ଏଥି ସହିତ ନିଆଳସ୍ଥିତ ହାଟରେ ସେ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାନ୍ତି। ସେ ଘରର ଏକମାତ୍ର ରୋଜ ଗାରିଆ ହୋଇଥିବାରୁ ସେପ୍ଟେମ୍ବର ମାସରୁ ସେ ନିଖୋଜ ହେବା ଦିନ ଠାରୁ ତାଙ୍କ ପରିବାରରେ ଥିବା ତାଙ୍କ ସ୍ତ୍ରୀ ଅନୁପମା, ବଡ଼ ଝିଅ ଶ୍ରଦ୍ଧାଞ୍ଜଳି ଓ ସାନଝିଅ ଶ୍ରାବଣୀଙ୍କ ପକ୍ଷେ ଜୀବନ ଯାପନ କରିବା କଷ୍ଟକର ହୋଇପଡିଛି। ବଡ଼ ଝିଅ ଭୁବନେଶ୍ୱର ରେ ଏକ ଘରୋଇ କଲେଜରେ ବିଟେକ ପଢୁଥିବା ବାପାଙ୍କ ନିଖୋଜ ପରେ ପାଠପଢ଼ା ଅଧାରୁ ଛାଡ଼ି ଘରେ ଅଛିକ୍ଷ ସାନଝିଅ ଚଳିତ ବର୍ଷ ମାଟ୍ରିକ ପାସ କରି ଘରେ ରହୁଥିଲା। ସାନଝିଅ ଶ୍ରାବଣୀ ତାର ପାଠ ପଢ଼ା ପାଇଁ ବହୁ ଆଶା ପ୍ରତ୍ୟାଶା ରଖିଥିବା ବେଳେ ଘରର ଏଭଳି ପରିସ୍ଥିତି ରେ ଆଗାମୀ ପାଠପଢ଼ା ପାଇଁ ଆଶା ହରାଇ ବସିଥିଲା। ସ୍ୱାମୀ ଶରତ ନାୟକ ନିଖୋଜ ହେବା ପରେ ସେ ଆଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳିନାହିଁ । ତାଙ୍କ ନିଖୋଜ ସ୍ୱାମୀଙ୍କ ସନ୍ଧାନ ଲଗାଇବା ନିମନ୍ତେ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି। ଅନ୍ୟ ପକ୍ଷରେ ରମାକାନ୍ତ ସେବା ଫାଉଣ୍ଡେସନର ପରିଚାଳକ ରତିକାନ୍ତ ପ୍ରଧାନଙ୍କ ସହ ଫାଉଣ୍ଡେସନର ଅନ୍ୟ ସଦସ୍ୟ ମାନେ ଆଜି କୁମ୍ଭାରଟଙ୍କା ଠାରେ ଶରତ ନାୟକଙ୍କ ଘରେ ପହଞ୍ଚି ତାଙ୍କୁ ଆର୍ଥିକ ସାହାଯ୍ୟ କରିବା ସହ କିଛି ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି। ତତ୍‌ସହିତ ଶରତଙ୍କ ଦୁଇ ଝିଅଙ୍କ ପାଠ ପଢିବା ପାଇଁ ସରକାର, ପ୍ରଶାସନ ଓ ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ନିବେଦନ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସତ୍ୟଭାମା ଦାସ (୭୫)ଙ୍କର ବୁଧବାର ହୃଦଘାତରେ ପରଲୋକ ହୋଇଯାଇଛି। ସେ ଗତ ୫ଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍‌ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ପରେ ଘରକୁ ଫେରିଥିଲେ। ବୁଧବାରୁ ପୁଣି ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ସୁନାମ ଅର୍ଜନ କରିଥିଲେ। ଏଥିସହିତ ସେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସମ୍ପାଦିକା ଭାବେ ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ। ସେ ଜଣେ ଧର୍ମପରାୟଣ, ଶାନ୍ତ, ସରଳ, ମେଳାପି ଓ ସାହସୀ ମହିଳା ଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁଖବର ପାଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଅଶୋକ ଦାସ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ସରପଞ୍ଚଙ୍କ ପ୍ରତିନିଧି ସୁଧାଂଶୁ ମହାଳିକ, ମଣ୍ଡଳ ସଭାପତି କେଶବ ବେହେରା, ସାଇଶରଣ ବେହେରା, କଂଗ୍ରେସ ନେତା ସୁରେଶ ମହାପାତ୍ର, ପୂର୍ବତନ ସରପଞ୍ଚ ଅଜୟ ରାଉତ, ସୁରେଶ ଦାସ, ଗଣେଶ ନାୟକ, ପ୍ରମୋଦ ଦାସ, ପି. ହୃଷିକେଶ, ଗୌରାଙ୍ଗ ଦାସ, ହୃଷିକେଶ ପାଢ଼ୀ, କିଶୋର ନାୟକ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଲକ୍ଷ୍ମୀକାନ୍ତ ଦାସ ମୁଖାଗ୍ନି ଦେଇଥିବା ବେଳେ ସାନପୁଅ ଉମାକାନ୍ତ ଦାସ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

### ବନ୍ଧୁଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଗଣେଶ ପୂଜା

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ବନ୍ଧୁଗାଁ ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ ସହିତ ବିଭିନ୍ନ କାର୍ଯ୍ୟାଳୟ ଓ ଯୁବକ ସଂଘଗୁଡ଼ିକରେ ଅତି ସୁନ୍ଦର ସାଜସଜ୍ଜା କରି ବେଶ ଧୁମଧାମରେ ପାଳିତ ହୋଇ ଯାଇଛି। ବନ୍ଧୁଗାଁ ବ୍ଲକ ସଦର ମହକୁମାରୁ ସାନସରପଲ୍ଲୀ, ନିଲାବାଡି, କୁମ୍ଭାରିପୁଟ, ଓ ଆଲମଣ୍ଡା ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡ଼ରେ ଏବଂ ସାହିର ଗଳିକନ୍ଦି ଗୁଡ଼ିକରେ ଥିବା ପୂଜା ପେଣ୍ଡାଲ ସଜ୍ଜିତ କରି ସିଦ୍ଧି ବିନାୟକଙ୍କ ପୂଜାର୍ଚ୍ଚନା କରାଯାଇଛି। ବ୍ଲକର ୧୩ ଟି ପଞ୍ଚାୟତ ରେ ମୋଟ ୨୫୮ ଟି ସ୍ଥାନରେ ସିଦ୍ଧି ବିନାୟକଙ୍କ ପୂଜାର୍ଚ୍ଚନା କରାଯାଇଛି। ଆଜି ସମସ୍ତ ପୂଜା ପେଣ୍ଡାଲ ଗୁଡ଼ିକରେ ଛାତ୍ରଛାତ୍ରୀ ଓ ଛୋଟ ପିଲା ରୁ ଯୁବକ ମାନେ ଆମ କୋରପୁଟିଆ ଗୀତ ଓ ବାଦ୍ୟ ବଜାଇ ନାଚ ନାଚୁଥିବା ଦେଖିବାକୁ ମିଳିଛି। ପୁଣି ଆନ୍ଧ୍ର ସୀମାନ୍ତ ଅଞ୍ଚଳର ଗ୍ରାମଗୁଡିକରେ ତେଲୁଗୁ ଗୀତର ତାଳେ ତାଳେ ଯୁବକ ମାନେ ନୃତ୍ୟ କରୁଛନ୍ତି। ସିଦ୍ଧି ବିନାୟକଙ୍କ ପୂଜାର୍ଚ୍ଚନା କରିବା ପାଇଁ ପ୍ରତି ଗାଁ'ଗୁଡିକରୁ ପରିବାର ସହିତ ମିଶି ଦର୍ଶନ କରିବାକୁ ଯାଉଛନ୍ତି।

## 'ସମସ୍ୟାର ସମାଧାନକାରୀ ନେତୃତ୍ୱ ହିଁ ଭଦ୍ରକବାସୀଙ୍କ ଅସ୍ଥା ଭାଜନ ହୋଇପାରିବ'

ଭଦ୍ରକ, (ଭାସ୍କର ନ୍ୟୁଜ୍): ଧିରେ ଧିରେ ଜିଲ୍ଲାର ରାଜନୈତିକ ପାଣିପାଗ ବଦଳିବାରେ ଲାଗିଛି ଭଦ୍ରକରେ। ଗୋଟିଏ ପଟେ ଶାସକ ଦଳର ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସଂଗଠନକୁ ରକ୍ଷା କରିବାରେ ପ୍ରଥମେ ନିଜ ଅନୁଗତ୍ୟ, କର୍ମୀଙ୍କୁ ସନ୍ତୁଷ୍ଟ କରିବାର ପ୍ରୟାସ ଜାରି ରଖିଥିବା ବେଳେ ଅନ୍ୟପଟେ ନୂଆ ଏବଂ ପୁରୁଣା କର୍ମୀମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦୀତା ତାଙ୍କୁ ପକାଉଛି ଅଡୁଆରେ। ଅନ୍ୟପଟେ ନିର୍ବାଚନ ହାରିବା ପରେ ପରେ ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କ ପୁଅ ତଥା ଭଦ୍ରକ ମ୍ୟୁନିସିପାଲିଟିର ପୂର୍ବତନ ଅଧକ୍ଷ ପ୍ରୟାସକାନ୍ତି ସାମଲ ବିଜୁ ଜନତା ଦଳରୁ ଇସ୍ତଫା ଦେବା ଏକ ଭିନ୍ନ ବାତାବରଣ ସୃଷ୍ଟି କରିଛି ଦଳୀୟ କର୍ମୀ ମାନଙ୍କ ମଧ୍ୟରେ। ନିର୍ବାଚନ ମଣ୍ଡଳୀର ମଙ୍ଗ ଧରିଥିଲେ ମଧ ଲୋକପ୍ରିୟତା କ୍ଷେତ୍ରରେ ପୁଅର କାର୍ଯ୍ୟକଳାପ ତାଙ୍କ ଚିନ୍ତାର କାରଣ ହୋଇଥିଲେ ମଧ ନିଜକୁ ସଂଗଠକ ଠାରୁ କେବେବି ଦୂରେଇବାକୁ ଦେଇନାହାନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ। ଅନ୍ୟପଟେ ଦଳୀୟ ଅବହେଳା ଦୃଷ୍ଟିରୁ ବିଜୁ ଜନତା ଦଳ ଛାଡି କଂଗ୍ରେସରେ ଯୋଗ ଦେଇଥିବା ଭଦ୍ରକର ଯୁବନେତା ତଥା ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ସୁପୁତ୍ର ଅସିତ ପଟ୍ଟନାୟକ ଭଦ୍ରକ ଜିଲ୍ଲାର ମଙ୍ଗ ଧରିବା ପରେ ଭଦ୍ରକରେ କଂଗ୍ରେସ ପ୍ରତି ଯଥେଷ୍ଟ ସମର୍ଥନ ବଢ଼ିଥିବର ଦେଖାଦେଇଛି। ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲ୍ଲାର କଂଗ୍ରେସ ପ୍ରେମୀ ମାନେ ଯଥେଷ୍ଟ ଉତ୍ସାହିତ ହୋଇଥିବାର ଦେଖାଦେଇଛି। ବିଶେଷ କରି ଭଦ୍ରକର ସଂଖ୍ୟାଲଘୁ ଭୋଟରମାନେ ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଭଦ୍ରକ ପ୍ରତି ପୂର୍ବର ଅବଦାନକୁ ପାଥେୟ କରି ଅସିତ ପଟ୍ଟନାୟକଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବେ ଯଥେଷ୍ଟ ମାତ୍ରାରେ ଗ୍ରହଣୀୟ ବୋଲି ଦେଖା ଦେଇଛି। ଯାହାର ଫଳସ୍ୱରୂପ ଗତ ନିର୍ବାଚନରେ କଂଗ୍ରେସର ଭୋଟ ବଢିବା ଘଟଣା। ତେବେ ବର୍ତ୍ତମାନର ସରକାର ଆଗକୁ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ କ୍ଷମତାରେ ରହିବା ଅବଧି ଥିବା ବେଳେ ଭଦ୍ରକବାସୀଙ୍କ ଆଶା କେତେଦୂର ପୂରଣ କରି ଆସନ୍ତା ୨୦୨୯ ନିର୍ବାଚନ ବୈତରଣୀ ପାରି ହେବେ ତାହା ସମୟ ହିଁ କହିବ। ଜିଲ୍ଲାର ମାନ୍ୟତା ପାଇବା ପରେ ସଦର ମହକୁମା କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଜିଲ୍ଲାରେ ଦେଖା ଦେଇଛି ସତ ହେଲେ ଦୀର୍ଘବର୍ଷ ଧରି ଜିଲ୍ଲାରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଏବଂ ଜିଲ୍ଲାରେ ମେଡିକାଲ କଲେଜ ଦାବି ହୋଇ ଆସୁଛି। ଆଜିର ଶାସକ ଯେବେ ପୂର୍ବରୁ ବିରୋଧୀରେ ଥିଲେ ସେତେବେଳେ ଏହି ଦାବି ନେଇ ଗୃହରେ ସ୍ୱର ଉଠାଇଥିଲେ। ଏହି ଦାବିରଖି ଦଳମତ ନିର୍ବିଶେଷରେ ବିଭିନ୍ନ ସମୟରେ ଭଦ୍ରକବାସୀ ଭାବେ ଅନେକ ଆନ୍ଦୋଳନ, ଭଦ୍ରକ ବନ୍ଦ ଭଳି କାର୍ଯ୍ୟକ୍ରମ ହାତକୁ ନେଇ ଏବେବି ଶାସକ ଦଳର ପ୍ରତିଶୃତିକୁ ନେଇ ଆଶାବାଦୀ ଅଛନ୍ତି, କେବେ ଭଦ୍ରକରେ ହେବ ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜ, ଏହାର ପ୍ରତିଫଳନ ସ୍ୱରୂପ ଭଦ୍ରକବାସିଙ୍କ ମନରେ ଦଳୀୟ ଦୁର୍ବଳତା ମଧ ସୃଷ୍ଟି କରିପାରେ। ବିଗତ ଦିନରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ନେଇ ଭଦ୍ରକ ବାସୀ ଜିଲ୍ଲା ପ୍ରଶାସନକୁ ସହଯୋଗ କରିଥିଲେ। ହେଲେ ଅଦ୍ୟାବଧି ଥଇଥାନ କରିବାରେ କୌଣସି ବ୍ୟବସ୍ଥା ନ ହେବାନେଇ ମଧ ଏକ ପ୍ରକାର ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ଡକ୍ଟର ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟଙ୍କ ଠାରୁ ଆରମ୍ଭ କରି ବହୁ ମହାମନୀଷୀ ମାନଙ୍କ ପାଇଁ ରାଜ୍ୟ ମାନଚିତ୍ରରେ ଭଦ୍ରକ ଏକ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ କରିଥିବା ବେଳେ ସମ୍ପୂର୍ଣ୍ଣ ସଚେତନ ଭଦ୍ରକବାସୀ ନେତାଙ୍କ କାର୍ଯ୍ୟକଳାପକୁ ନେଇ ଆଗକୁ ପ୍ରତିନିଧି ଚୟନ କରିବା ଥୟ ବୋଲି ସାଧାରଣରୁ ସୂଚନା ମିଳୁଛି।

## ଗୁମାଡେରା ମାର୍କେଟ ପାଳୁଛି ଗଣେଶ ପୂଜାର ରଜତ ଜୟନ୍ତୀ



ବେଲପାହାଡ, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗୁମାଡେରା ମାର୍କେଟ ବଏଜ୍ ଆସୋସିଏସନ ଚଳିତ ବର୍ଷ ଗଣେଶ ପୂଜାର ୨୫ ବର୍ଷ ପୂର୍ତ୍ତି ଅବସରରେ ରଜତ ଜୟନ୍ତୀ ପାଳନ କରୁଛି। ମାର୍କେଟ ବଏଜ୍ ଆସୋସିଏସନ ପକ୍ଷରୁ ଗୁମାଡେରା ମୁଖ୍ୟ ବଜାରରେ ୨୦୦୨ ମସିହାରୁ ମାତ୍ର ୮ ହଜାର ମୂଲ୍ୟ ଅଟକଳ ରାଶି ବ୍ୟୟରେ ଗଣେଶ ପୂଜା ଆରମ୍ଭ ହୋଇ ଚଳିତ ବର୍ଷ ୧୦ ଲକ୍ଷରୁ ଉର୍ଦ୍ଧ୍ୱକୁ ପହଞ୍ଚିବା ପୂଜା କମିଟି ଆକଳନ କରିଛି। ପୂଜାର ବିଭିନ୍ନ ଦାୟୀତ୍ୱରେ ସତାଧିକ ଯୁବକ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି। ଆକର୍ଷଣୀୟ ସାଜସଜ୍ଜାରେ ପୂଜା ପେଣ୍ଡାଲ ନିର୍ମାଣ କରାଯିବା ସହ ନିଆରା ଢଙ୍ଗରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ସହିତ ଶ୍ରୀ ଗଣେଶଙ୍କ ମୂର୍ତ୍ତି ବିରାଜୀତ ଅଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ନାଚ, ଗୀତ, ବାଦ୍ୟ ସହିତ ଆସନ୍ତା ୨ ତାରିଖ ଭସାଣି ଶୋଭାଯାତ୍ରାକୁ ଚିତାକର୍ଷ କରିବାପାଇଁ କମିଟିର ବିଶେଷ ପ୍ରସ୍ତୁତି ଥିବା କୁହାଯାଉଛି। ଆୟୋଜକ ଗୁମାଡେରା ମାର୍କେଟ ବଏଜ୍ ଆସୋସିଏସନରେ ଗଣେଶ ପୂଜା କମିଟିରେ ମୁଖ୍ୟ ପୃଷ୍ଟପୋଷକ ବିପ୍ଳବ ଅଗ୍ରୱାଲ, ସଭାପତି ନବୀନ ଅଗ୍ରୱାଲ, ସମ୍ପାଦକ କହ୍ନେୟା ଶା, କୋଷାଧକ୍ଷ ଶିଭମ ଦୁବେ, ଉପଦେଷ୍ଟା ବବନ ସିଂ, ସୁନୀଲ ଅଗ୍ରୱାଲ ଓ ସଦସ୍ୟ ମାନଙ୍କ ମଧ୍ୟରେ ରାଜେଶ ଜେନା, ସଞ୍ଜୀବ ବେହେରା, ଅମନ ମହାରାଜ, କିଶୋର ଗୁପ୍ତା, ଶୋନୁ ରାଏ, ହରେଶ ଅଗ୍ରୱାଲ, ଗୋବିନ୍ଦ ଗୁପ୍ତା, ଶ୍ୟାମ ରଣା, ବୀରକିଶୋର ଠାକୁର, ବଣ୍ଟି ସ୍ୱାଇଁ ପ୍ରମୁଖ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

### ଦୁଇ ଦିନିଆ କଳାହାଣ୍ଡି ଗସ୍ତରେ ବିଜେପି ରାଜ୍ୟ ସଭାପତି

## ମିଶ୍ରଣ ପର୍ବ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି

**ଭବାନୀପାଟଣା, (ଭାସ୍କର ନ୍ୟୁଜ୍):** ଭାଜପାର ଓଡିଶା ରାଜ୍ୟ ସଭାପତି ମନମୋହନ ସାମଲ କଳାହାଣ୍ଡି ଜିଲ୍ଲାକୁ ୨ ଦିନିଆ ଗସ୍ତରେ ଆସିଥିଲେ। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟାରେ ସେ ବଲାଙ୍ଗୀର ଜିଲ୍ଲା ପଟୁ ଆସି କଳାହାଣ୍ଡିର ପ୍ରବେଶପଥ ଅମାଠ ଛକଠାରେ ପହଞ୍ଚିବା ପରେ ଦଳ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆସିବା ରାସ୍ତାରେ କେସିଙ୍ଗା ମାର୍କେଟଛକ, ପାଷ୍ଟିକୁଡ଼ି ଚାରି ଛକ, ଭବାନୀପାଟଣାର କଲେଜଛକ ଓ ମାଣିକେଶ୍ୱରୀ ଛକ ଠାରେ ମହିଳା କାର୍ଯ୍ୟକର୍ତ୍ତା ମାନେ ରାଜ୍ୟ ସଭାପତିଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ ଓ ଭବାନୀପାଟଣା ସହର ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କୁ ପାଛୋଟି ଆଣି ଭବାନୀପାଟଣା ନଗର ପରିକ୍ରମା କରିଥିଲେ। ସ୍ଥାନୀୟ ଟାଉନହଲ୍ ଠାରେ ଜିଲ୍ଲା ଭାଜପା ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ଓ ମିଶ୍ରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଶ୍ରୀ ସାମଲ। କଳାହାଣ୍ଡି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ





ପାଟଯୋଶୀ, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ ନାଏକ, ହିମାଂଶୁ ଶେଖର ମେହେର, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ରମେଶ ମାଝୀ, ପୂର୍ବତନ ଜିଲ୍ଲା ଉପ ସଭାପତି ପ୍ରଶାନ୍ତ ସାହୁ, ମୁକେଶ ଅଗ୍ରୱାଲ ଜିଲ୍ଲା ସାଧାରଣ ସମ୍ପାଦକ ଓ ପୂର୍ବତନ ସଭାପତି ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସୌଭାଗିନୀ ପାତ୍ର, ବାସନ୍ତୀ ଛତ୍ରିଆ, ବାସନ୍ତୀ ବାଣୁଆ, ନିରୂପମା ସାମଲ ଓ ଜିଲ୍ଲା ମିଡିଆ ସଂଯୋଜକ ନରହରି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ଏହାଦ୍ୱାରା ସାଧାରଣ ଲୋକ କିପରି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ରାଜ୍ୟ ସଭାପତି ଶ୍ରୀ ସାମଲ ଉଦ୍‌ବୋଧନ ଦେଇଥିଲେ।

**ଧର୍ମଗଡ଼, (ଭାସ୍କର ନ୍ୟୁଜ୍):** କଳାହାଣ୍ଡି ଜିଲ୍ଲାକୁ ୨ ଦିବସ ଗସ୍ତରେ ଶ୍ରୀ ସାମଲ ଧର୍ମଗଡ଼ରେ ପହଞ୍ଚିଥିଲେ। ଧର୍ମଗଡ ଠାରେ ବିଜେପି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏକ ବିଶାଳ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ସେ ସହର ପରିକ୍ରମା କରିବା ସହ ମା' ଭଣ୍ଡାର ଘରଣୀ ଦେବୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଭାଜପା ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ଓ ମିଶ୍ରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସାମଲଙ୍କ ସମେତ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ପୂର୍ବତନ ମନ୍ତ୍ରୀ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ହିମାଂଶୁ ଶେଖର ମେହେର, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ପୂର୍ବତନ ଜିଲ୍ଲା ଦେବେନ୍ଦ୍ର ମହାନ୍ତି, ଧର୍ମଗଡ ନଗରପାଳ ଅଶୋକ କୁମାର ମହାନ୍ତି ପ୍ରମୁଖ ମଞ୍ଚସୀନ ଥିଲେ। କାର୍ଯ୍ୟକ୍ରମରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରୁ ସାଙ୍ଗଠନିକ ମଣ୍ଡଳର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଅନ୍ୟପଟେ ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ଧର୍ମଗଡ ବ୍ଲକ ଅଧ୍ୟକ୍ଷା ବବିତା ପଟଯୋଶୀ ଉପାଧ୍ୟକ୍ଷା ମିନି ମେହେର ସମିତ ୨୦ସମିତି ସଭ୍ୟ ସଭ୍ୟା ଓ ୫ସରପଞ୍ଚ ବିଜେପିରେ ସାମିଲ ହୋଇଥିଲେ। ତେବେ ଦିନକୁ ଦିନ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ଲୋକପ୍ରିୟତା ଯୋଗୁଁ ଅନେକ ବିଜେଡ଼ି ତଥା କଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଅନ୍ୟପଟେ ଏହା କିଛି ନୂଆ କଥା ନୁହଁ ଶାସକ ଦଳରେ ସୁବିଧାବାଦୀ ରାଜନୀତି ଆପଣେଇ ସାମିଲ ହୋଇଥାନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଏ।

**ଜୁନାଗଡ଼,(ଭାସ୍କର ନ୍ୟୁଜ୍):** ଓଡିଶା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଜୁନାଗଡ଼ ସଂସ୍କୃତି ଭବନ ଠାରେ ଜୁନାଗଡ଼ ବିଜେପି ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ବହୁଜନ ସଂଗ୍ରାମ ସମିତି ତରଫରୁ ଆମ୍ବେଦକର ଭବନ ନିର୍ମାଣ ସହ ବିଭିନ୍ନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଅନୁଦାନ ରାଶି ପ୍ରଦାନ ପାଇଁ ଏକ ଦାବିପତ୍ର ଦିଆଯାଇଥିଲା। ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ କୁମାର ଜାଲଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ସ୍ଥାନୀୟ ଟାଉନହଲ ଠାରେ ବିଜେପି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଜୁନାଗଡ଼ ଠାରେ ନିର୍ମାଣଧୀନ ଆମ୍ବେଦକର ଭବନକୁ ପୂର୍ଣ୍ଣାଙ୍ଗ, ନୂଆ ବସ୍‌ଷ୍ଟାଣ୍ଡ ଠାରେ ଥିବା ବାବାସାହେବଙ୍କ ଷ୍ଟାଚ୍ୟୁର ସୌନ୍ଦର୍ଯ୍ୟକରଣ, ଗନ୍ତାୟତପଡା ରାମ ମନ୍ଦିର ଅବଶିଷ୍ଟ କାର୍ଯ୍ୟ ଓ ଦଙ୍ଗାଘାଟପଡ଼ା ଜଗନ୍ନାଥ ମନ୍ଦିରବଳକା କାର୍ଯ୍ୟ ପାଇଁ ସରକାରଙ୍କ ତରଫରୁ ଅନୁଦାନ ରାଶି ଯୋଗାଇଦେବାକୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୁରନେନ୍ଦୁ ମାଝୀ, ଉଗ୍ରେସେନ କନ୍ଦ ପାନ, କୁମର ମଣି ଦୁର୍ଗା, ସୁଶାନ୍ତ ନାଏକ, ମିନୁ କନ୍ଦ ପାନ, ସୁନ୍ଦରମୋହନ ଛାତ୍ରୀଆ ପ୍ରମୁଖ ସହ ସଂଗଠନର ଅନେକ କର୍ମକର୍ତ୍ତା ଉପସ୍ଥିତ ରହି ଥିଲେ।

## ନୂଆଁଖାଇରେ ଦୁର୍ଘଟଣା ଜଣେ ମୃତ, ୪ଗୁରୁତର



**ଧର୍ମଗଡ଼ (ଭାସ୍କର ନ୍ୟୁଜ୍) :** ଆଉ କିଛି ସମୟ ପରେ ଖାଇଥାନ୍ତେ ନୂଆଁ। ଏଥିପାଇଁ ଆବଶ୍ୟକ ଜିନିଷ ପତ୍ର କ୍ରୟ ପାଇଁ ଯାଇଥିଲେ ବଜାର। ହେଲେ ଆସିବା ବାଟରେ ଯମ ଯୋଗୀ ବସିଥିଲା। ସଡ଼କ ଦୁର୍ଘଟଣାରେ ଚାଲିଗଲା ପ୍ରାଣ। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଧାମନପୁର ନିକଟରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମୃତ ହୋଇଥିବା ଜଣାପଡିଛି। ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଦଶପୁର ଫାଣ୍ଡି ଅମଠା ଗାଁ ର ଟିକଚନ ମାଝୀ (୩୫)। ଗୁରୁତର ମାନଙ୍କ ମଧ୍ୟରେ ଅମଠା ଗାଁର ଧର୍ମେନ୍ଦ୍ର ମାଝୀ (୧୬), ପ୍ରିୟା ମାଝୀ (୯) ଏବଂ ବନ୍ଧା ଗାଁର ଦୁର୍ଯ୍ୟୋଧନ ସୁନାନୀ (୨୮), ମଞ୍ଜୁ ସୁନାନୀ (୪୦)। ଟିକଚନ, ଧର୍ମେନ୍ଦ୍ର, ପ୍ରିୟା ଗୋଲାମୁଣ୍ଡାରୁ ନୂଆଁଖାଇ ପାଇଁ ବଜାର ସାରି ନିଜ ଗାଁ ଅମଠାକୁ ଯାଉଥିବା ବେଳେ ଦୁର୍ଯ୍ୟୋଧନ ଓ ମଞ୍ଜୁ ବନ୍ଧାଗାଁ ରୁ ବାଇକ ଯୋଗେ ଯାଉଥିଲେ। ଧାମନପୁର ନିକଟରେ ଦୁଇବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସମସ୍ତ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଟିକଚନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ସମସ୍ତ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି। ଆଜି ନୂଆଁଖାଇ। ଏଭଳି ଦିନରେ ଟିକଚନଙ୍କ ମୃତ୍ୟୁରେ ସାରା ଗାଁ ଶୋକାକୁଳ ଖେଳି ଯାଇଛି। ଲୋକଙ୍କ ଭିତରେ ନୂଆଁଖାଇଙ୍କୁ ନେଇ ଯେଉଁ ଉତ୍ସାହ ରହିଥିଲା ନିମିଷକେ ମଉଳି ଯାଇଛି। ତେବେ ଏଭଳି ଶୁଭାବେଳାରେ ଗାଁରେ ଶବ ପହଁଚିବା ନେଇ ଆଜି ଦିନରେ ନୂଆଁଖାଇ ବନ୍ଦ ହେବା ଆଶଙ୍କା ରହିଛି।

## ଆନନ୍ଦ ଉଲ୍ଲାସରେ ପାଳିତ ହେଲା ଶ୍ରୀ ଗଜାନନଙ୍କ ପୂଜା



**ଭବାନୀପାଟଣା, (ଭାସ୍କର ନ୍ୟୁଜ୍):** ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଚାରିଆଡେ ବିଦ୍ୟାଦାତା ଶ୍ରୀ ଗଣପତି ଦେବଙ୍କ ପବିତ୍ର ପୂଜା ଉତ୍ସବ ପାଇଁ ଚଳଚଞ୍ଚଳ। ଛୋଟ ପିଲାଠାରୁ ବଡ଼ ଯାଏଁ ସମସ୍ତେ ଭଲ ପାଠ ପଢିବା ପାଇଁ ବିଦ୍ୟାଦାତା ଶ୍ରୀ ଗଣେଶଙ୍କ ଶରଣ ନେବାକୁ ତତ୍ପର। ଚାରିଆଡ଼େ ଭକ୍ତି ଭାବର ପରିବେଶ। ନୂଆ ପୋଷାକ ପିନ୍ଧି ଭୋଗରାଗ ଧରି ଯେତେ ଶୀଘ୍ର ସ୍କୁଲ କଲେଜରେ ପହଞ୍ଚିବା କଥା। ଭବାନୀପାଟଣା ସହରର ସରକାରୀ ଓ ବେସରକାରୀ କଲେଜ, ହାଇସ୍କୁଲ, ପ୍ରାଥମିକ ସ୍କୁଲ ଓ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଦେଖିବାକୁ ମିଳିଥିଲା ରଙ୍ଗବେରଙ୍ଗ ପୋଷାକରେ ବେଶ ଚଳଚଞ୍ଚଳ ଦିଶୁଥିବା ଛାତ୍ରଛାତ୍ରୀ ମାନଙ୍କୁ। ବିଶେଷ କରି ସହରର ସରକାରୀ ମହାବିଦ୍ୟାଳୟ, ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ, ପୋଲିସ ହାଇସ୍କୁଲ, ବି ଏମ୍ ହାଇସ୍କୁଲ, ମ୍ୟୁନିସିପାଲିଟି ହାଇସ୍କୁଲ, ବାଲାଜୀ ବିହାର, ବ୍ରଜବିହାର ଓ ବୃନ୍ଦାବତୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାସ୍ତ୍ରୀ ସ୍ୱରୂପ ବିଦ୍ୟାନିକେତନ, ବୃନ୍ଦାବନ ସ୍ମାର୍ଟ ସ୍କୁଲ, ବଚପନ ସ୍କୁଲ ଆଦି ଶିକ୍ଷାଳୟ ସହ ବିଭିନ୍ନ ଅନୁଷ୍ଠାନମାନଙ୍କରେ ପ୍ରଭୁ ଗଜାନନଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା। ସମଗ୍ର ପଶ୍ଚିମ ଓଡିଶା ତଥା କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗଣେଶ ପୂଜା ପରଦିନ ଭାଦ୍ରବ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ ନବାନ୍ନ ପାଳିତ ହେଉଥିବାରୁ ଦୋକାନ ବଜାର ବିଶେଷ କରି ଲୁଗା ଦୋକାନ ମାନଙ୍କରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

### ୧୦୦୮ ଗଜାନନଙ୍କ ମୂର୍ତ୍ତୀକୁ ନେଇ ବିଶାଳ ପ୍ରଦର୍ଶନୀ

**କେସିଙ୍ଗା, (ଭାସ୍କର ନ୍ୟୁଜ୍):** କେସିଙ୍ଗା ବ୍ଲକସ୍ଥିତ ଦ୍ରୋଣାଚାର୍ଯ୍ୟ ସ୍କୁଲ, କେନ୍ଦୁପଡ଼ା ପ୍ରକୋଷ୍ଠରେ ଅଗ୍ରପୂଜ୍ୟ ଶ୍ରୀ ଶ୍ରୀ ଗଜାନନଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସପାଲ ଅର୍ଚ୍ଚନା ଅଗ୍ରୱାଲଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କ ଦ୍ୱାରା ଏକ ନିଆରା ଢଙ୍ଗରେ ଗଣେଶଙ୍କର ୧୦୦୮ ମୂର୍ତ୍ତି, ଏବଂ ଚିତ୍ରକଳା ସହ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ଆସିଥିବା ଅତିଥି ଏବଂ ଅଭିଭାବକମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ଗଣେଶଙ୍କର ବିଭିନ୍ନ ରୂପରେ ସାଜସଜ୍ଜା ଦେଖି ଉଚ୍ଚ ପ୍ରଶଂସା କରିବା ସହ ଏକ ଭକ୍ତିମୟ ପରିବେଶରେ ସାମିଲ ହୋଇ ଆନନ୍ଦ ଅନୁଭବ କରିଥିଲେ। ସୂଚନା ଥାଉ କି, ଗତବର୍ଷ ମଧ୍ୟ ଏହି ବିଦ୍ୟାଳୟରେ ୧୦୦୮ ଗଣେଶ ମୂର୍ତ୍ତିର ଏକ ବିଶାଳ ପ୍ରଦର୍ଶନୀ କରାଯାଇଥିଲା। ଏହି ପ୍ରଦର୍ଶନୀ କରିବାର ଉଦ୍ଦେଶ୍ୟ ହେଉଛି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆମ ପରମ୍ପରା ଏବଂ ସଂସ୍କୃତିକୁ ନେଇ ସଚେତନ କରାଇବା ଏବଂ ତାଙ୍କ ଭିତରେ ଏକତାର ଭାବ ଜାଗ୍ରତ କରାଇବା ଏହି ପ୍ରଦର୍ଶନ କରାଯାଉଛି। ଏହି ଅବସରରେ, ଅଗ୍ରୱାଲ ମହାସଭାର ସଭାପତି, ମାରୱାଡି ଯୁବମଞ୍ଚର ସଭାପତି, ଜେ.ସି. ଆଇ ସଭାପତି ପ୍ରମୁଖ ଅତିଥି ରୂପେ ଯୋଗଦେଇ ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ଏହି ବିଦ୍ୟାଳୟର ଭାଇସ୍ ପ୍ରିନ୍ସପାଲ ପଦ୍ମନାଭ ପାଠୀ, ବିଦ୍ୟାଳୟର ଶିକ୍ଷକ ଧର୍ମେନ୍ଦ୍ର ନାଏକ, ରଜନୀ ରାଣୀ ପାତ୍ର, ପ୍ରେମଶିଳା ସିଂହ ପ୍ରମୁଖ ଏହି କାର୍ଯ୍ୟକ୍ରମର ପରିଚାଳନା କରିବାରେ ସାହାଯ୍ୟ କରିଥିଲେ।

## କୃଷକଙ୍କ ଆୟ ଦ୍ୱିଗୁଣିତ କରିବ ସମନ୍ୱିତ କୃଷି ପଦ୍ଧତି

**ଭବାନୀପାଟଣା, (ଭାସ୍କର ନ୍ୟୁଜ୍):** ଜାମ୍ମୁ କାଶ୍ମୀରର ବାରମୂଳା ଠାରେ ଥିବା ଜାତୀୟ କୃଷି ଉନ୍ନୟନ ସମବାୟ ଲିମିଟେଡ଼ ଓ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପରିଚାଳିତ ଭବାନୀପାଟଣାର ଆର୍‌ଆର୍‌ଟିଟିଏସ୍‌ଙ୍କ ମିଳିତ ସହଯୋଗରେ 'କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସମନ୍ୱିତ କୃଷି ପଦ୍ଧତି ସମ୍ପର୍କିତ ଏକ ଜାତୀୟ ପ୍ରଶିକ୍ଷଣ ଶିବିର' ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଆୟୋଜିତ ଏହି ୨୧ ଦିନିଆ ପ୍ରଶିକ୍ଷଣ ଶିବିରରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ କୃଷି ବୈଜ୍ଞାନିକ, କୃଷି ମହାବିଦ୍ୟାଳୟର ପ୍ରାଧ୍ୟାପକ ଓ କୃଷି ସ୍ନାତକୋତ୍ତର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅଗଷ୍ଟ ମାସ ୫ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅଗଷ୍ଟ ୨୫ ତାରିଖ ଦିନ ଶେଷ ହୋଇଥିଲା। ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ୟାଟ୍ରୋନ୍ ଥିଲାବେଳେ ଉଦ୍ଯୋକ୍ତା। ଭାବେ ଡିନ୍ ଅଫ୍ ରିସର୍ଚ୍ଚ



ପ୍ରଫେସର ନିରଞ୍ଜନ ପଣ୍ଡା ଓ ଡିନ୍ ପ୍ରାଣୀ ସମ୍ପଦ ମହାବିଦ୍ୟାଳୟ, ପ୍ରଫେସର ସୁସେନ୍ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ମୋଟ ୧୩୦ ଜଣ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ। ଇଣ୍ଡିଆନ କାଉନସିଲ ଅଫ ଏଗ୍ରିକଲଚର ରିସର୍ଚ୍ଚ ଅଧୀନରେ ଥିବା ବିଭିନ୍ନ ଅନୁଷ୍ଠାନ ଓ ରାଜ୍ୟ ବାହାରର ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଫର ରିସର୍ଚ୍ଚ ଅନ୍ ଗୋଟ, ମଥୁରାର ନିର୍ଦ୍ଦେଶକ, ଏମ୍‌କେ ଚାଟଲି, ହରିୟାନା ରାଜ୍ୟ କର୍ଣ୍ଣାଲର ଏନ୍‌ଡିଆର୍ ଇନଷ୍ଟିଚ୍ୟୁଟର ପ୍ରିନସିପାଲ ସାଇଣ୍ଟିଷ୍ଟ, ପ୍ରଫେସର ଏ କେ ମିଶ୍ର, ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ, ଲୁଧିଆନାର ସ୍କୁଲ ଅଫ ଅର୍ଗାନିକ ଫାର୍ମିଙ୍ଗର ଡାଇରେକ୍ଟର ପ୍ରଫେସର ସୋହନ ସିଂ ୱାଲିଆ, ଓୟୁଏଟି ଡିନ୍ ରିସର୍ଚ୍ଚ ପ୍ରଫେସର ନିରଞ୍ଜନ ପଣ୍ଡା, ଫ୍ରୁଟ ସାଇନ୍ସ ବିଭାଗ ମୁଖ୍ୟ ପ୍ରଫେସର ସୁବାଷ ଚନ୍ଦ୍ର ସ୍ୱାଇଁ, ଡ଼ିନ, ସଂପ୍ରସାରଣ ଶିକ୍ଷା ପ୍ରଫେସର ପ୍ରସନ୍ନଜିତ ମିଶ୍ର, ଏଗ୍ରୋନୋମି ବିଭାଗ ମୁଖ୍ୟ ପ୍ରଫେସର ଆଲୋକ କୁମାର ପାତ୍ର ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟ ପକ୍ଷରେ ଭବାନୀପାଟଣା ଆର ଆର ଟି ଟି ଏସ, ଏ ଡି ଆର. ଡା.ଭବାନୀ ଶଙ୍କର ନାୟକ, ଏହି କାର୍ଯ୍ୟକ୍ରମର ଅର୍ଗାନାଇଜିଂ ନିର୍ଦ୍ଦେଶକ ଥିଲାବେଳେ ଅନ୍ୟତମ ବୈଜ୍ଞାନିକ ଡ. ପରାଗ ଆଚାର୍ଯ୍ୟ କୋର୍ସ ନିର୍ଦ୍ଦେଶକ ଭାବେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣ ଦେଶର କୃଷକମାନଙ୍କ ମଧ୍ୟରେ ସମନ୍ୱିତ କୃଷି ପଦ୍ଧତି ସମ୍ପର୍କରେ ସଚେତନତା ସୃଷ୍ଟି କରି ପାରିବା ସହ ସେମାନଙ୍କ ଆୟକୁ ଦ୍ୱିଗୁଣିତ କରି ପାରିବ। କେବଳ ଗୋଟିଏ ଚାଷରେ କୃଷକ ମାନେ ବାନ୍ଧି ନ ହୋଇ ସମନ୍ୱିତ କୃଷି ପ୍ରତି ଦୃଷ୍ଟି ଦେଇ ଜୀବନ ଜୀବିକାରେ ଉନ୍ନତି କରି ପାରିବେ ଏବଂ ଏଥିରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଧିକ ଲାଭାବାନ ହୋଇ ପାରିବେ ବୋଲି ପ୍ରଶିକ୍ଷକମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆର୍‌ଆର୍ ଟିଟିଏସ୍, ଭବାନୀପାଟଣାର ବୈଜ୍ଞାନିକ ଡ. ଶୁଭଶ୍ରୀ ଦାସ, ଡ. ବିଭୁତି ଭୂଷଣ ସାହୁ ଓ ଡ. ତାପସ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

### ନୂଆଁଖାଇ ଭେଟଘାଟ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ



**କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) :** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଉତ୍ସାହ ଉଦ୍ଦୀପନାର ସହ ରାଗରୁଷା ଭୁଲି ଧୂମଧାମରେ ଗୁରୁବାର ଏକାଠି ବସି ସମସ୍ତେ ନବାନ୍ନ ଭକ୍ଷଣ କରିଛନ୍ତି। ପ୍ରାୟ ସମସ୍ତ ଗ୍ରାମରେ ନୁଆଁଖାଇ ଜୁହାର ଭେଟଘାଟ କାର୍ଯ୍ୟକ୍ରମ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।

## ପର୍ଲାରେ ବାଗବଂଶୀୟ ନବାର୍ଣ୍ଣ ଭକ୍ଷଣ, ଜୁହାର ଭେଟଘାଟ



**ଧର୍ମଗଡ (ଭାସ୍କର ନ୍ୟୁଜ୍) :** ପଶ୍ଚିମ ଓଡିଶାର ନୂଆଁଖାଇ ଗଣପର୍ବ ନବାର୍ଣ୍ଣ ଭକ୍ଷଣ ପାଳିତ ହୋଇ ଯାଇଛି। ଲଗ୍ନ ଓ ବିଧି ଅନୁଯାୟୀ ଦେବାଦେବୀଙ୍କ ପୀଠରେ ଅର୍ପଣ କରି ପରିବାର ସହଦର ଓ ବନ୍ଧୁ ବାନ୍ଧବ ଏକତ୍ରିତ ହୋଇ ନବାର୍ଣ୍ଣ ଭକ୍ଷଣ କରିଥିଲେ। ଧର୍ମଗଡ ବ୍ଲକ ପର୍ଲା ଗ୍ରାମର ବାଗ ବଂଶୀୟ ମାନେ ବହୁ ଆଡମ୍ବର ସହ ନବାର୍ଣ୍ଣ ଭକ୍ଷଣ କରିଥିଲେ। ପ୍ରଥମେ ପିତୃ ଦେବତା ବୁଢା ରାଜା ପୀଠ ରେ ପୂଜାର୍ଚ୍ଚନା କରିବା ସହ ନିଜ ପିତୃ ଅର୍ଜିତ ଦେବତା ନିକଟରେ ନୂଆଁ ଧାନ ଭୋଗ ଲଗେଇ ଥିଲେ। ସେହି ପ୍ରସାଦ ତଥା ନବାର୍ଣ୍ଣ କୁ ଆଣି ବଂଶୀୟ ର ସମସ୍ତ ଏକତ୍ରିତ ହୋଇ ପ୍ରସାଦ ଭାବେ ସେବନ କରିଥିଲେ। ପରେ ପରିବାର ଲୋକେ ବଡ଼ ଲୋକଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ଜୁହାର ଭେଟ ଘାଟ ଉତ୍ସବ ଭିତରେ ସମ୍ପର୍କର ଭାବ ଆପେ ଉଜାଗର ହୋଇ ଉଠିଥିଲା। ପର ଦିନ ବାସୀ ତିହାର। ବାସୀ ତିହାର ଲାଗି ଏକତ୍ରିତ ଏକ ଆଲୋଚନାରେ ଏକତ୍ରିତ ହୋଇ ତିହାର ମାନିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏହି ବଂଶୀୟରେ ପୂର୍ବ ତିନି ବାପାଙ୍କ ପୁଅ ଝିଅ ବୋହୁ ନାତି ନାତୁଣୀ ମୋଟ ୬୮ଜଣ ସଦସ୍ୟ ରହିଥିବା ବେଳେ ପୂର୍ବ ଗୌରବ, ମାନ ସମ୍ମାନକୁ ବଜାଇ ରଖିବାକୁ ସଂକଳ୍ପ ନେଇଥିଲେ। ବର୍ତ୍ତମାନ ଜୀବିତ ବାପାଙ୍କ ମଧ୍ୟରେ ମେଘନାଦ ବାଗ, ପଦ୍ମନାଭ ବାଗ, ବୃନ୍ଦାବନ ବାଗ, ମକୁନ୍ଦ ବାଗ ରହି ଥିବା ବେଳେ ତାଙ୍କ ଠାରୁ ସମସ୍ତେ ଆଶୀର୍ବାଦ ନେଇଥିଲେ। ପୂଜକ ବିଜୁରାମ ବାଗ ଓ ବୃନ୍ଦାବନ ବାଗ ଦେବାଦେବୀଙ୍କ ଠାରେ ପୂଜାର୍ଚ୍ଚନା କରିଥିଲେ। ଭଗବାନ ବାଗ, ଦିଲ୍ଲୀପ ବାଗ, ସୁଧୀର ବାଗ, ରିପାନ୍ତ ବାଗ, ମିଣ୍ଟୁ ବାଗ, ରଶ୍ମି ବାଗ ପ୍ରମୁଖ ସହଯୋଗ କରିଥିଲେ।


## ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କୁ ଆବାହନ



**ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ବିଜେପୁର ଛକଠାରେ ତ୍ରିନାଥ ମନ୍ଦିର ଗଣେଶ ପୂଜା କମିଟି ଦ୍ୱାରା ଅଗ୍ରପୂଜ୍ୟ ଗଜାନନଙ୍କ ପୂଜୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦେବାଶିଷ ରଞ୍ଜନ ବିଶିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପୂଜୋତ୍ସବକୁ ଉପସଭାପତି ପ୍ରଣବ ପୁଷ୍ଟି, ସୁବାସ ନାଏକ, ସାଧାରଣ ସମ୍ପାଦକ ତାରିଣୀପ୍ରସାଦ ପଣ୍ଡା, କୋଷାଧ୍ୟକ୍ଷ ପିତାମ୍ବର ସେଠୀ, ସହ-କୋଷାଧ୍ୟକ୍ଷ ସୁକେଶ ସାହୁଙ୍କ ସହିତ କମିଟି କର୍ମକର୍ତ୍ତା ପୂଜା ପରିଚାଳନା କରିଥିଲେ। କର୍ତ୍ତା ଭାବେ ମନୋରଞ୍ଜନ ବିଶି ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ସେହିପରି ରେଞ୍ଜ ଅଫିସ ଛକରେ ଜୟ ଜଗନ୍ନାଥ ଗ୍ରୁପ ଦ୍ୱାରା ଅନୁଷ୍ଠିତ ପୂଜୋତ୍ସବର ମୁଖ୍ୟ ଆକର୍ଷଣ ବିଶାଳକାୟ ପ୍ରତିମୂର୍ତ୍ତି ହୋଇଥିବାବେଳେ ପୂଜା ଶେଷଦିନରେ ସାମୁହିକ ପ୍ରସାଦ ସେବନ ପାଇଁ କମିଟି କର୍ମକର୍ତ୍ତା ପ୍ରୟାସ ଆରମ୍ଭ କରିଛନ୍ତି।

## ରାଶିଫଳ


**ଶୁକ୍ରବାର, ୨୯ ଅଗଷ୍ଟ ୨୦୨୫**



**ମେଷ:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। ରୋମାନ୍ସ ବୃଦ୍ଧି ପାଇବ।



**ବୃଷ:** ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ। ଅଧ୍ୟୟନରେ ଅସୁବିଧା ହେବ।




**ମିଥୁନ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ।



**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।



**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ।




**କନ୍ୟା:** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।



**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ।



**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ। ଭାଗ୍ୟ ଉପରେ ନିର୍ଭର କର ନାହିଁ।



**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।



**ମକର:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ। ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଘରୋଇ ଜୀବନରେ ସମସ୍ୟା ହୋଇପାରେ। ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଭଲ ଦିନ ହେବ।



**ମୀନ:** ଖର୍ଚ୍ଚ ବୃଦ୍ଧି ପାଇବ। ଆୟ ସ୍ୱାଭାବିକ ହେବ। ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯